ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୦/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Wednesday, April 20/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୧୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ବୁଧବାର, ଏପ୍ରିଲ ୨୦/୨୦୨୨ (୮+୮=୧୬ ପୃଷ୍ଠା) Wednesday, April 20/2022 



## ଗଲ୍ଫ ଖେଳିବେ ଆସ୍‌ଲେ ବାର୍ଟି

ପୂର୍ବତନ ନମ୍ବର ୱାନ ଟେନିସ ଖେଳାଳି ଆସ୍‌ଲେ ବାର୍ଟି ଏକ ଅନ୍ତର୍ଜାତୀୟ ପ୍ରଦର୍ଶନୀ ଗଲ୍ଫ ଟୁର୍ନାମେଣ୍ଟ ଖେଳିବା ଲାଗି ଚୁକ୍ତି କରିଛନ୍ତି।

୦୬

୦୨

## ୟୁକ୍ରେନ୍ ଯୁଦ୍ଧ ଆମେରିକା ମହତ୍ତ୍ୱାକାଂକ୍ଷାର ଫଳ

ଆମେରିକା ଓ ପାଶ୍ଚାତ୍ୟ ଦେଶର ମହତ୍ତ୍ୱାକାଂକ୍ଷା ହିଁ ୟୁକ୍ରେନ୍ ଯୁଦ୍ଧର ମୂଳ କାରଣ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ କହିଛନ୍ତି।





ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ଫାୟାର ଆଣ୍ଡ ଡିଜାଷ୍ଟର ରେସ୍‌ପନ୍ସ ଏକାଡେମୀ ପକ୍ଷରୁ ୭୮ତମ ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ମଙ୍ଗଳବାର ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଉଛି।

# ପ୍ରତିରକ୍ଷା ସାଇବର ସୁରକ୍ଷାରେ ତ୍ରୁଟି



- ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ
- ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ହେଉଥିଲା ସମ୍ବେଦନଶୀଳ ତଥ୍ୟ ଲିକ୍
- ପଡ଼ୋଶୀ ଦେଶ ପାଇଁ ଗୁପ୍ତଚରଗିରିରେ ଲିପ୍ତ ସେନା ଅଧିକାରୀ

ନୂଆଦିଲ୍ଲୀ,୧୯।୪ (ଆଇଏଏନ୍‌ଏସ୍)

ସୈନ୍ୟ ବାହିନୀରେ ସାଇବର ସୁରକ୍ଷା ଉଲ୍ଲଂଘନ ହୋଇଥିବାର ଗୋଇନ୍ଦା ରିପୋର୍ଟ ମିଳିବା ପରେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ସାଇବର ସୁରକ୍ଷା ତ୍ରୁଟି ସହ କେତେଜଣ ସେନା ଅଧିକାରୀ ସମ୍ପୃକ୍ତ ଥିବା ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଛି। ସେମାନଙ୍କର ଶତ୍ରୁ ଦେଶ ସହ ଯୋଗାଯୋଗ ରହିଥିବା ସନ୍ଦେହ କରାଯାଉଛି। ସେମାନେ ପଡୋଶୀ ଦେଶ ପାଇଁ ଗୁପ୍ତଚରଗିରିରେ ସମ୍ପୃକ୍ତ ଥିବା ସାମରିକ ଓ ଗୋଇନ୍ଦା ସଂସ୍ଥା ଅନୁଧ୍ୟାନରୁ ଜାଣିବାକୁ ପାଇଛି। ସୂତ୍ର ଅନୁଯାୟୀ ନିର୍ଦ୍ଦିଷ୍ଟ ହ୍ୱାଟ୍ସଆପ୍ ଗ୍ରୁପ୍ ଜରିଆରେ ସମ୍ବେଦନଶୀଳ ତଥ୍ୟ ଲିକ୍ ହୋଇଛି। ତଦନ୍ତରେ ଦୋଷୀ ଅଫିସର ଧରାପଡ଼ିଲେ ସେମାନଙ୍କ ବିରୋଧରେ ସବୁଠୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେତେଜଣ ଅଧିକାରୀ କହିଛନ୍ତି। ପ୍ରଚଳିତ ନିର୍ଦ୍ଦେଶାବଳୀର ଉଲ୍ଲଂଘନ, ଗୋଇନ୍ଦା ବିରୋଧୀ ଘଟଣା ସହ ସମ୍ପୃକ୍ତି ଆଦି ଆଧିକାରିକ ଗୋପନୀୟତା ଆଇନ ଅନ୍ତର୍ଭୁକ୍ତ ହୋଇଥିବାରୁ ଏଭଳି ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ। ଏହା ପ୍ରତିରକ୍ଷା ବିଭାଗର ସମ୍ବେଦନଶୀଳ ଘଟଣା ହୋଇଥିବାରୁ ତଦନ୍ତ ପ୍ରଭାବିତ ହେବା ଆଶଙ୍କାରେ ଅଧିକ କିଛି କହିବାକୁ ଅଧିକାରୀମାନେ ମନା କରିଦେଇଛନ୍ତି।

ନିକଟରେ ପାକିସ୍ତାନ ଓ ଚାଇନା ଗୋଇନ୍ଦା ସଂସ୍ଥାର କେତେଜଣ ସନ୍ଦିଗ୍ଧ ଭାରତୀୟ ସୈନ୍ୟ ବାହିନୀର ସମ୍ବେଦନଶୀଳ ତଥ୍ୟ ହାସଲ କରିବା ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ସେନା ଅଧିକାରୀଙ୍କ ସହ ଯୋଗାଯୋଗ ଉଦ୍ୟମ କରିଥିଲେ। ସେମାନଙ୍କର ଅଧିକାଂଶ ଉଦ୍ୟମ ବିଫଳ ହୋଇଥିଲେ ହେଁ, କେତେଜଣ ☞ପୃଷ୍ଠା-୨

# କାବୁଲ ସ୍କୁଲରେ ବିସ୍ଫୋରଣ: ୬ ମୃତ

କାବୁଲ,୧୯।୪

ଆଫଗାନିସ୍ତାନ ରାଜଧାନୀ କାବୁଲ ନିକଟବର୍ତ୍ତୀ ଦସ୍ତ-ଇ-ବାର୍ଚ୍ଚିସ୍ଥିତ ଅବଦୁଲ ରହିମ ଶହୀଦ ହାଇସ୍କୁଲ୍ ଓ ଅନ୍ୟ ଏକ ଶିକ୍ଷାନୁଷ୍ଠାନକୁ ଟାର୍ଗେଟ କରି ମଙ୍ଗଳବାର ୩ଟି ବିସ୍ଫୋରଣ କରାଯାଇଛି। ଏଥିରେ ଛାତ୍ରଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୧୭ରୁ ଅଧିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଉକ୍ତ ସ୍କୁଲଠାରୁ କିଛି ଦୂରରେ ଥିବା ମୁମତାଜ ଏଜୁକେଶନ ସେଣ୍ଟର ନିକଟରେ ବିସ୍ଫୋରଣ ଘଟିଥିଲେ ମଧ୍ୟ ମୃତାହତଙ୍କ ସମ୍ପର୍କରେ ସୂଚନା ମିଳିନାହିଁ। ସ୍କୁଲ୍ କାନ୍ଥରେ ରକ୍ତଛିଟା ଲାଗିଥିବାବେଳେ ପିଲାମାନଙ୍କ ଦରପୋଡ଼ା ବହି ଓ ଜୋତା ପଡ଼ିରହିଥିବା ଦେଖାଯାଇଛି। ତାଲିବାନ ସୁରକ୍ଷା କର୍ମୀମାନେ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ରହିଛନ୍ତି। ପାଖାପାଖି ୧,୦୦୦ ଛାତ୍ରୀଛାତ୍ର ଥିବା ଅବଦୁଲ ରହିମ ଶହୀଦ ହାଇସ୍କୁଲ୍ କ୍ୟାମ୍ପସ୍ ଭିତରେ ଆତ୍ମଘାତୀ ବୋମାଧାରୀ ପ୍ରବେଶ କରି ନିଜକୁ ବିସ୍ଫୋରଣ କରାଇଥିବା ☞ପୃଷ୍ଠା-୨

## ବ୍ୟାଙ୍କରୁ ୧୧ କୋଟିର କଏନ୍ ଚୋରି

### ସିବିଆଇକୁ ତଦନ୍ତ ନିର୍ଦ୍ଦେଶ

**ଜୟପୁର, ୧୯।୪:** ରାଜସ୍ଥାନର ମେହନ୍ଦିପୁର ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ୧୧ କୋଟି ଟଙ୍କାର କଏନ୍ ଚୋରି ହୋଇଯାଇଛି। ମୁଦ୍ରା ଉଭାନ ହେବା ଜଣାପଡ଼ିବା ପରେ କରୌଲି ଥାନାରେ ବ୍ୟାଙ୍କ କର୍ତ୍ତୃପକ୍ଷ ଏତଲା ଦେଇଥିଲେ। ଏଥିସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଏହାର ତଦନ୍ତ ପାଇଁ ରାଜସ୍ଥାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କଏନ୍ ଗାଏବ ଘଟଣାର ତଦନ୍ତ ଆରମ୍ଭ କରିଛି ସିବିଆଇ। ଘଟଣା ଅନୁଯାୟୀ, ଏସ୍‌ବିଆଇ ମେହନ୍ଦିପୁର ଶାଖାରେ ଥିବା ୧୩ କୋଟି ୧ ଲକ୍ଷ ୭୧ ହଜାର ୨୭୫ ଟଙ୍କାର କଏନ୍ ଗଣିବା ପାଇଁ ଅର୍ପିତ ଗୁଡ୍‌ସ କ୍ୟାରିୟର ଏଜେନ୍ସିକୁ କହିଥିଲା। ଏହି ଏଜେନ୍ସି ଗତବର୍ଷ ଜୁଲାଇ ୨୨ରେ ବ୍ରାଞ୍ଚ ମ୍ୟାନେଜର ହରଗୋବିନ୍ଦ ମୀନାଙ୍କ ତତ୍ତ୍ୱାବଧାନରେ କଏନ୍ ଗଣତି ଆରମ୍ଭ କରିଥିଲା। ତେବେ ଅଗଷ୍ଟ ୧୦ ତାରିଖରେ ୧୦ରୁ ୧୫ ଜଣ ବନ୍ଧୁକଧାରୀ ଗଣତିରେ ସାମିଲ ସଦସ୍ୟଙ୍କୁ ଧମକାଇଥିବା ଏଜେନ୍ସି ପକ୍ଷରୁ ଅଭିଯୋଗ ହୋଇଥିଲା। ସେତେବେଳେ ଏହି ସଂସ୍ଥାର ସଦସ୍ୟମାନେ ବ୍ରାଞ୍ଚ ନିକଟ ଏକ ଧର୍ମଶାଳାରେ ରହୁଥିଲେ। ଏଜେନ୍ସି ଅଗଷ୍ଟ ୬ ସୁଦ୍ଧା ୨,୩୫୦ଟି ବ୍ୟାଗ୍‌ରୁ ୧ କୋଟି ୩୯ ଲକ୍ଷ ୬୦ ହଜାର ଟଙ୍କାର କଏନ୍ ଗଣିଥିଲା। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପାଣ୍ଡେଙ୍କ ସେନା

# ୧୫ ବର୍ଷ ପୁରୁଣା ଯାନକୁ ମିଳିବ ୪ ମାସିଆ ପର୍‌ମିଟ

## ୨୦୨୩ ଏପ୍ରିଲରୁ ଫିଟ୍‌ନେସ ବାଧ୍ୟତାମୂଳକ



ଭୁବନେଶ୍ୱର,୧୯।୪(ବ୍ୟୁରୋ)

୨୦୨୩ ଏପ୍ରିଲ ପହିଲାରୁ ୧୫ ବର୍ଷ ପୂରଣ କରିଥିବା ବ୍ୟବସାୟିକ ବଡ଼ ଯାନବାହନକୁ ଆଉ ନବୀକରଣ ପାଇଁ ଅନୁମତି ମିଳିବ ନାହିଁ। ସେହି ଯାନଗୁଡ଼ିକୁ ୪ ମାସ ପାଇଁ ଅସ୍ଥାୟୀ ଅନୁମତି( ଟେମ୍ପରାରି ପର୍‌ମିଟ) ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୋଟର ଯାନ ଆଇନର ସେକ୍ସନ ୮୭ର ସବ୍‌ସେକ୍ସନ (୧) ଅନୁଯାୟୀ ଏହି ପର୍‌ମିଟ ଦିଆଯିବ। ଏ ନେଇ ପରିବହନ ବିଭାଗ ପକ୍ଷରୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ଏବଂ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଲେଖାଯାଇଛି। ପୂର୍ବରୁ ପରିବହନ କର୍ତ୍ତୃପକ୍ଷ ବସ୍ ଓ ଅନ୍ୟାନ୍ୟ ଭାରିଯାନଗୁଡ଼ିକୁ ୫ ବର୍ଷିଆ ପର୍‌ମିଟ ଦେଉଥିଲେ। ବସ ମାଲିକମାନଙ୍କର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଏଠାରେ ସୂଚନାଯୋଗ୍ୟ ୨୦୨୧ ଅଗଷ୍ଟ ମାସରେ କେନ୍ଦ୍ର ସରକାର ଜାତୀୟ ଅଟୋମୋବାଇଲ ସ୍କ୍ରାପେଜ ପଲିସି ଆରମ୍ଭ କରିଛନ୍ତି। ଆସନ୍ତା ୨୦୨୩ ଏପ୍ରିଲ ପହିଲାରୁ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ। ଏଥିରେ ୧୫ ବର୍ଷ ଗାଡ଼ିଗୁଡ଼ିକର ଫିଟ୍‌ନେସ ଯାଞ୍ଚକୁ ବାଧ୍ୟତାମୂଳକ କରାଯାଇଛି। ସେହିପରି ୨୦୨୪ ଜୁନ ମାସରୁ ଅନ୍ୟାନ୍ୟ ୧୫ ବର୍ଷିଆ ଯାନବାହନଗୁଡ଼ିକର ଫିଟ୍‌ନେସ ପରୀକ୍ଷା ବାଧ୍ୟତାମୂଳକ କରାଯିବ। ସହରାଞ୍ଚଳରୁ ଯାନବାହନଜନିତ ପ୍ରଦୂଷଣ ହ୍ରାସ କରିବାକୁ ଏହି ନୀତି କାର୍ଯ୍ୟକାରୀ କରାଯାଇଛି।

# ଇ-ଯାନ ବଢ଼ାଇବ ବିଦ୍ୟୁତ୍ ଚାହିଦା

## ଅକ୍ଷୟ ଶକ୍ତିକୁ ଅଣଦେଖା ଭାରି ପଡ଼ିବ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ପେଟ୍ରୋଲ ଓ ଡିଜେଲ ଦାମ ବଢ଼ିବା ପରେ ଗ୍ରାହକ ଏବେ ଇଲେକ୍ଟ୍ରିକ ଯାନ ପ୍ରତି ଆଗ୍ରହ ଦେଖାଉଛନ୍ତି। ଏହାକୁ ଅନେକେ ପରିବେଶ ସୁରକ୍ଷା ନିମନ୍ତେ ଏକ ପଦକ୍ଷେପ ବୋଲି ମନେ କରୁଛନ୍ତି। ତାହାକୁ ପ୍ରୋତ୍ସାହିତ କରିବାକୁ ଯାଇ କେନ୍ଦ୍ର ଓ ରାଜ୍ୟ ସରକାର ଇ-ଯାନ ନୀତି ଉପରେ ଗୁରୁତ୍ୱ ଦେଉଛନ୍ତି। ତଦନୁଯାୟୀ ଦୁଇଚକିଆ, ୪ ଚକିଆ ଇ-ଯାନ କ୍ରୟ ମଧ୍ୟ ବୃଦ୍ଧି ପାଇଚାଲିଛି। ତେଣୁ ଇ-ଯାନ ଚାର୍ଜ କରିବାକୁ ଆଗାମୀ ଦିନରେ ବିଦ୍ୟୁତ୍ ଶକ୍ତି ଉପରେ ନିର୍ଭରଶୀଳତା ବହୁତ ବଢ଼ିବା ସମ୍ଭାବନା ରହିଛି। ସାଧାରଣତଃ କୋଇଲା, ବୃହତ ଜଳବିଦ୍ୟୁତ୍ ପ୍ରକଳ୍ପ ଭଳି ପାରମ୍ପରିକ ଉତ୍ସରୁ ଆମ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ ହେଉଛି। ତେଣୁ ପାରମ୍ପରିକ ଶକ୍ତି ଉତ୍ସ ଉପରେ ମଧ୍ୟ ଚାପ ବଢ଼ିଯିବ ଏବଂ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧିପାଇବ। ଏହା ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ସୃଷ୍ଟି କରିବ। ଅନ୍ୟପକ୍ଷରେ ପାରମ୍ପରିକ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ ବଢ଼ିଲେ ପରିବେଶ ପ୍ରତି ଅଧିକ ବିପଦ ଘନେଇବ। ତେଣୁ ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧି ଏକମାତ୍ର ବିକଳ୍ପ, ଯାହାକୁ ସରକାରୀ ସ୍ତରରେ ଅଣଦେଖା କରାଯାଉଛି।



ପାରମ୍ପରିକ ଶକ୍ତି ଉପରୁ ଚାପ ହ୍ରାସ କରିବା ପାଇଁ ଏହାର ବିକଳ୍ପ ଭାବେ ସୌର, ପବନ, ବାୟୋଗ୍ୟାସ ଓ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଭଳି ଅକ୍ଷୟ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ଏଭଳି ଶକ୍ତି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିଲେ ହେଁ ବିଭାଗୀୟ ଉଦାସୀନତା ବାଧକ ସାଜିଛି। କେବଳ ସେତିକି ନୁହେଁ, ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ଏବଂ ଜମି ଯୋଗାଡ଼ କରିବାରେ ଅକ୍ଷମତା ଯୋଗୁ କେନ୍ଦ୍ରୀୟ ସହାୟତା ମଧ୍ୟ ହରାଇବାକୁ ପଡ଼ିଛି। ୨ବର୍ଷ ପୂର୍ବରୁ ରାଜ୍ୟରେ ୪୫୦୦ ମେଗାୱାଟ ବିଦ୍ୟୁତ୍ ଚାହିଦା ଥିବାବେଳେ ଏବେ ଏହା ୫ ହଜାର ☞ପୃଷ୍ଠା-୨


# ଏଲଆଇସି ଆଇପିଓ

## ପଲିସୀଧାରକଙ୍କ ପାଇଁ ଆରକ୍ଷଣ

**ଏଥିରେ ଅଂଶଗ୍ରହଣ କରିବା ପାଇଁ, ପଲିସୀଧାରକଙ୍କୁ ନିମ୍ନଲିଖିତ ମାନଦଣ୍ଡ ପୂରା କରିବା ଦରକାର:**

- ନିଗମର ସ୍ଥାନୀୟ ବ୍ୟକ୍ତିଗତ ପଲିସୀଧାରକ, ଯାହା ପାଖରେ 13 ଫେବୃୟାରୀ, 2022 ଏବଂ ବିଡ କିମ୍ବା ଅଫର ଖୋଲିବାର ତାରିଖ ପର୍ଯ୍ୟନ୍ତ ଏକ କିମ୍ବା ଏକାଧିକ ପଲିସୀ ଅଛି, ସେମାନେ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ ।*
- **ପଲିସୀଧାରକଙ୍କର PAN ର ସୂଚନା, 28 ଫେବୃୟାରୀ, 2022 ଦିନ କିମ୍ବା ତା' ପୂର୍ବରୁ, ନିଗମରେ ଅପଡେଟ ହୋଇଥିବା ଆବଶ୍ୟକ ।**

*ଦୟାକରି 13 ଫେବୃୟାରୀ, 2022 ର ଡ୍ରାଫ୍ଟ ରେଡ ହିଅରିଙ୍ଗ ପ୍ରସପେକ୍ଟସ୍ ମଧ୍ୟ ଦେଖନ୍ତୁ ।

### DEMAT ଖାତା ଖୋଲିବାର ପ୍ରକ୍ରିୟା

- ନିକଟସ୍ଥ କମନ୍ ସର୍ଭିସ ସେଣ୍ଟର (ସିଏସସି) ଯାଇ DEMAT ଖାତା ଖୋଲନ୍ତୁ ।

**କିମ୍ବା**

- DEMAT ଖାତା ଖୋଲିବା ପାଇଁ, ପଞ୍ଜୀକୃତ ଡିପୋଜିଟୋରୀ ପାର୍ଟିସିପେଣ୍ଟସ (ଡିପି) ର ତାଲିକା ଆପଣ ନିମ୍ନରେ ପ୍ରଦତ୍ତ ଯେ କୌଣସି ୱେବସାଇଟରୁ ପ୍ରାପ୍ତ କରିପାରିବେ:

NSDL: https://nsdl.co.in/Open_NSDL_Demat_Account.php
CDSL: https://www.cdslindia.com/DP/dplist.aspx

**LIFE INSURANCE CORPORATION OF INDIA** is proposing, subject to applicable statutory and regulatory requirements, receipt of requisite approvals, market conditions and other considerations, to undertake an initial public offer of its Equity Shares and has filed the draft red herring prospectus dated February 13, 2022 ("DRHP") read with the corrigendum dated February 15, 2022. The DRHP is available on the websites of SEBI at www.sebi.gov.in, websites of the Stock Exchanges i.e., BSE at www.bseindia.com and NSE at www.nseindia.com, respectively and is also available on the websites of the BRLMs, i.e. Kotak Mahindra Capital Company Limited at https://investmentbank.kotak.com, Axis Capital Limited at www.axiscapital.co.in, BofA Securities India Limited at www.ml-india.com, Citigroup Global Markets India Private Limited at www.online.citibank.co.in/rhtm/citigroupglobalscreen1.htm, Goldman Sachs (India) Securities Private Limited at www.goldmansachs.com, ICICI Securities Limited at www.icicisecurities.com, JM Financial Limited at www.jmfl.com, J.P. Morgan India Private Limited at www.jpmipl.com, Nomura Financial Advisory and Securities (India) Private Limited at www.nomuraholdings.com/company/group/asia/india/index.html and SBI Capital Markets Limited at www.sbicaps.com. Potential investors should note that investment in equity shares involves a high degree of risk and for details relating to such risk, please see the section titled 'Risk Factors' of the RHP, when filed. Potential investors should not rely on the DRHP filed with SEBI for making any investment decision. Specific attention of the investors is invited to "Risk Factors" beginning on page 23 of the DRHP.

This announcement does not constitute an offer of securities for sale in any jurisdiction, including the United States, and any securities described in this announcement may not be offered or sold in the United States absent registration under the U.S. Securities Act of 1933, as amended, or an exemption from such registration. No public offering or sale of securities in the United States is contemplated.

ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA

LIC/R1/2022-23/01/ORI

ଆମକୁ ଏଥିରେ ଫଲୋ କରନ୍ତୁ: YouTube LIC India Forever | IRDAI Regn No.: 512

ପ୍ରତି କ୍ଷଣ ଆପଣଙ୍କ ସାଥିରେ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଙ୍ଗୁଠି ଗେଂଜିଲି ସାପ ଗାତରେ, ଚୋଟ ବାଜିଗଲା ଅଜାଣତରେ।**

ସାପ ଗାତରେ ଆଙ୍ଗୁଠି ପୂରେଇଲେ ସାପ ଚୋଟ ମାରିଦେବାର ସମ୍ଭାବନା ରହିଥାଏ। ସାପର ବିଷ ଥିବାରୁ ଏପରି କରିବା ବିପଜ୍ଜନକ ହୋଇଥାଏ। ଏପରିସ୍ଥଳେ ନିଜେ ବିପଦକୁ ଡାକିଆଣି ନିଜର କ୍ଷତି ସାଧିତ ହେଲା ନ କହି କାରଣ ଅଜ୍ଞାତ ବୋଲି କହିବା ବୋକାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ରସିକ ! କଖାରୁ ଫୁଲକୁ ପାରୁଡ଼ା ପୋକ।**

କଖାରୁ ଫୁଲ ହଳଦିଆ, ତା'ର ବାସନା ନାହିଁ। ଏହି ଫୁଲକୁ କେହି ଫୁଲ ବୋଲି ଗ୍ରହଣ କରନ୍ତି ନାହିଁ। ପାରୁଡ଼ା ପୋକ ଅସୁନ୍ଦର ଓ ଦୁର୍ଗନ୍ଧଯୁକ୍ତ। ହାତରେ ମଳି ହୋଇଗଲେ ହାତ ଗନ୍ଧାଏ। ସେ କଖାରୁ ଫୁଲରେ ବସି ରସ ସଂଗ୍ରହ କରେ। ପରୋକ୍ଷରେ ଅପରିଷ୍କାର ତଥା ଯାହାକୁ କେହି ଅନେଇ ନଥାନ୍ତି, ତା'ପଛରେ ଧାଇଁ ରସିକପଣିଆ ଦେଖେଇ ହେଉଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୟୁକ୍ରେନ୍ ଯୁଦ୍ଧ ଆମେରିକା ମହତ୍ତ୍ୱାକାଂକ୍ଷାର ଫଳ: ଲାଭ୍ରୋଭ୍



**ମସ୍କୋ, ୧୯।୪:** ବିଶ୍ୱକୁ ଶାସନ କରିବା ଏବଂ ନିଜ ଅଧୀନରେ ରଖିବାକୁ ଆମେରିକା ଓ ପାଶ୍ଚାତ୍ୟ ଦେଶର ମହତ୍ତ୍ୱାକାଂକ୍ଷା ହିଁ ୟୁକ୍ରେନ୍ ଯୁଦ୍ଧର ମୂଳ କାରଣ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ଏକ ସାକ୍ଷାତକାରରେ କହିଛନ୍ତି। ସାମ୍ପ୍ରତିକ ଘଟଣାବଳୀ ପଛରେ ଆମେରିକା ଏବଂ ପାଶ୍ଚାତ୍ୟ ଦେଶ ରହିଛନ୍ତି। ସେମାନେ ବିଶ୍ୱକୁ ଜଣାଇବାକୁ ଚାହାନ୍ତି ଯେ କ୍ଷମତା କେନ୍ଦ୍ର ବହୁରାଷ୍ଟ୍ରକୈନ୍ଦ୍ରିକ ନ ହୋଇ ଗୋଟିଏ ଦେଶ ହାତରେ ରହୁ। ତେଣୁ ସେମାନେ ସୀମାରେ ୟୁକ୍ରେନ୍‌କୁ ଆମ ବିରୋଧରେ ଛିଡ଼ା କରାଇଲେ। ଏଥିପାଇଁ ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ମଧ୍ୟ ଯୋଗାଇଲେ ବୋଲି ଲାଭ୍ରୋଭ୍ କହିଛନ୍ତି। ଏହାବାଦ ସୋଭିଏତ୍ ସଂଘ ଅଲଗା ହେବା ପରେ ଅଧିକାଂଶ ଦେଶ ରୁଷିଆକୁ ଦେଇଥିବା କଥାର ଉଲ୍ଲଂଘନ କରି ନାଟୋ ଆଡ଼କୁ ଢଳିବା ମଧ୍ୟ ଯୁଦ୍ଧର ଅନ୍ୟତମ ପ୍ରମୁଖ କାରଣ। ଏହା ଏକ ପ୍ରତିରକ୍ଷା ମେଣ୍ଟ ଏବଂ ରୁଷିଆର ନିରାପତ୍ତା ପ୍ରତି କୌଣସି ବିପଦ ନୁହେଁ କହିବା ଆଳରେ ସମସ୍ୟା ସୃଷ୍ଟି କରିଚାଲିଥିବା ଲାଭ୍ରୋଭ୍ ଅଭିଯୋଗ ଆଣିଛନ୍ତି। ସେହିପରି ଆମେରିକା ଓ ପାଶ୍ଚାତ୍ୟ ଦେଶ ମସ୍କୋର ମିଲିଟାରୀ ଅପରେଶନକୁ ଅଧିକ ଦିନ ଟାଣିବା ପାଇଁ ଉଦ୍ୟମ କରୁଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେରଗି ଶୋଇଗୁ କହିଛନ୍ତି।

# ଓଡ଼ିଆ, ଇଂଲିଶରେ ୨୦ରୁ କମ୍ ନମ୍ବର ରଖିଛନ୍ତି ୪୦% ପିଲା

**ଭୁବନେଶ୍ୱର, ୧୯।୪(ବ୍ୟୁରୋ):** କୋଭିଡ୍ ଯୋଗୁ ଶିକ୍ଷା କ୍ଷେତ୍ରରେ ବହୁଳ ମାତ୍ରାରେ ପ୍ରଭାବ ପଡ଼ିଥିଲା। ସ୍କୁଲ ଖୋଲିବା ପରେ ପିଲାଙ୍କ ଶିକ୍ଷଣୀୟସ୍ତର ଜାଣିବା ପାଇଁ ୩ଟି ବିଷୟରେ ପରୀକ୍ଷା କରିବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲା। ଯାହାକୁ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପରିଚାଳନା କରିଥିଲା। ୨୦୨୧ ଅକ୍ଟୋବର ୨୭ରୁ ଚଳିତବର୍ଷ ମାର୍ଚ୍ଚ ୧୧ ଭିତରେ ତିନୋଟି ପର୍ଯ୍ୟାୟରେ ପରୀକ୍ଷା ହୋଇଥିଲା। ଏଥିରେ ପିଲାଙ୍କ ମଧ୍ୟରେ ଭାଷା ବିଷୟରେ ଅସୁବିଧା ଥିବା ଜଣାପଡ଼ିଛି। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ପ୍ରାୟ ୪୦ପ୍ରତିଶତ ପିଲା ଓଡ଼ିଆ ଓ ଇଂଲିଶରେ ୨୦ରୁ କମ୍ ନମ୍ବର ରଖିଥିବା ଜଣାପଡ଼ିଛି। ଓସେପାରୁ ମିଳିଥିବା ତଥ୍ୟ ଅନୁସାରେ ଜଣାପଡ଼ିଛି ଯେ, ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଇଂଲିଶ, ଓଡ଼ିଆ ଓ ଗଣିତ ଆଦି ତିନୋଟି ବିଷୟରେ ପରୀକ୍ଷା ହୋଇଥିଲା। ସବୁ ଜିଲାରୁ ଆସିଥିବା ରିପୋର୍ଟରେ ପିଲାମାନେ ଏହି ୩ଟି ବିଷୟରେ ଦୁର୍ବଳ ଥିବା ଜଣାପଡ଼ିଛି। ଏଥିରେ ଅଷ୍ଟମ ଶ୍ରେଣୀରେ ପ୍ରାୟ ୩୫ପ୍ରତିଶତ ପିଲା ଓଡ଼ିଆରେ ଏବଂ ପ୍ରାୟ ୪୨.୫ପ୍ରତିଶତ ପିଲା ଇଂଲିଶରେ ୨୦ରୁ କମ୍ ନମ୍ବର ରଖିଛନ୍ତି। ସେହିପରି ପ୍ରାୟ ୪୦ପ୍ରତିଶତ ଅଷ୍ଟମ ଶ୍ରେଣୀ ପିଲା ଗଣିତରେ ୨୦ରୁ କମ୍ ନମ୍ବର ରଖିଛନ୍ତି। ସପ୍ତମ ଶ୍ରେଣୀରେ ଓଡ଼ିଆରେ ୪୩.୯୯ପ୍ରତିଶତ, ଇଂଲିଶରେ ୪୧.୯୮ ପ୍ରତିଶତ ଏବଂ ଗଣିତରେ ୪୩ ପ୍ରତିଶତ ପିଲା ୨୦ରୁ କମ୍ ମାର୍କ ରଖିଛନ୍ତି। ସେହିଭଳି ଷଷ୍ଠ ଶ୍ରେଣୀରେ ୪୦ପ୍ରତିଶତରୁ ଊର୍ଦ୍ଧ୍ୱ ପିଲା ଏହି ତିନୋଟି ବିଷୟରେ ୨୦ରୁ କମ୍ ନମ୍ବର ରଖିଥିଲେ। ସେହିଭଳି ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନେ ମଧ୍ୟ ଏହି ତିନୋଟି ବିଷୟରେ ଦୁର୍ବଳ ଥିବା ଦେଖାଯାଇଛି। ସେହିପରି ପ୍ରଥମ ଶ୍ରେଣୀରେ ପ୍ରାୟ ୩୪ ପ୍ରତିଶତ ପିଲା ଓଡ଼ିଆରେ ୫୦ରୁ କମ୍ ମାର୍କ ରଖିଥିଲେ। ଦ୍ୱିତୀୟ ଶ୍ରେଣୀରେ ୩୨ପ୍ରତିଶତ, ତୃତୀୟ ଶ୍ରେଣୀରେ ୨୮, ଚତୁର୍ଥ ଶ୍ରେଣୀରେ ୨୯ ଏବଂ ପଞ୍ଚମ ଶ୍ରେଣୀରେ ୨୬ପ୍ରତିଶତ ପିଲା ଓଡ଼ିଆରେ ୩୩ରୁ କମ୍ ମାର୍କ ରଖିଛନ୍ତି। ପାଖାପାଖି ୨୯ପ୍ରତିଶତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲା ଗଣିତରେ ୩୩ରୁ କମ୍ ନମ୍ବର ରଖିଥିଲେ। ସେହିଭଳି ପ୍ରାୟ ୨୭ପ୍ରତିଶତ ପଞ୍ଚମ ଶ୍ରେଣୀ ପିଲା ଇଂଲିଶରେ ୨୦ରୁ କମ୍ ନମ୍ବର ରଖିଛନ୍ତି।

## ପ୍ରତିରକ୍ଷା ସାଇବର...

ପ୍ରଥମ ପୃଷ୍ଠାରୁ...

ଅଧିକାରୀଙ୍କୁ ସେମାନେ ଫାଶରେ ପକାଇପାରିଛନ୍ତି। ଉକ୍ତ ଅଧିକାରୀଙ୍କଠାରୁ ସେମାନେ କେତେକ ତଥ୍ୟ ହାସଲ କରିବାରେ ସମର୍ଥ ହୋଇଥିବା କୁହାଯାଉଛି। ସାଇବର ସୁରକ୍ଷା ଯେପରି ଉଲ୍ଲଂଘନ ନ ହୁଏ, ସେଥିପାଇଁ ସୋସିଆଲ ମିଡିଆ ବ୍ୟବହାର କଲାବେଳେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ଏବଂ ଗାଇଡ୍‌ଲାଇନ ପାଳନ କରିବା ଲାଗି ଅଧିକାରୀମାନଙ୍କୁ ବାରମ୍ବାର କୁହାଯାଇଆସୁଛି। ସୂଚନାଯୋଗ୍ୟ, ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାଇଁ ଭାରତୀୟ ସେନା ଅଧିକାରୀ ଗୁପ୍ତଚରଗିରି କରିବା ନୂଆ ନୁହେଁ। ଅତୀତରେ ଅନେକ ଥର ଏଭଳି ଘଟଣା ଧରାପଡ଼ିଛି ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହୋଇଛି। ଗତବର୍ଷ ଅକ୍ଟୋବରରେ ପଞ୍ଜାବର ସ୍ପେଶାଲ ଅପରେଶନ ସେଲ୍ ଜଣେ ଭାରତୀୟ ସେନା ଅଧିକାରୀଙ୍କୁ ଗିରଫ କରିଥିଲା। କୁନାଲ କୁମାର ନାମକ ଗୁଜରାଟର ଏହି ଅଫିସର ଫିରୋଜପୁରରେ ଅବସ୍ଥାପିତ ଥିଲେ ଓ ଭାରତୀୟ ସେନାର ଆଇଟି ସେଲ୍ ପାଇଁ କାର୍ଯ୍ୟ କରୁଥିଲେ। ସେ ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗ ହୋଇଥିଲା। ସୋସିଆଲ ମିଡିଆ ଆକାଉଣ୍ଟ ଜରିଆରେ ସେ ଆଇଏସ୍‌ଆଇ ସଦସ୍ୟଙ୍କ ସହ ଯୋଗାଯୋଗରେ ଥିଲେ। ଦେଶର ସ୍ୱାର୍ଥ ଓ ସୁରକ୍ଷା ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସେ ଲିକ୍ କରିଥିବା ଜଣାପଡ଼ିଥିଲା।

## କାବୁଲ ସ୍କୁଲରେ...

ଅନୁମାନ କରାଯାଉଛି। ତେବେ ବିସ୍ଫୋରଣ ବେଳେ ସେଠାରେ କେତେ ପିଲା ଥିଲେ ଜଣାପଡ଼ି ନାହିଁ। ସେହିପରି ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ପୂର୍ବରୁ ଏହି ଅଞ୍ଚଳକୁ ଇସଲାମିକ ଷ୍ଟେଟ୍ ସ୍ୱୀକୃତିପ୍ରାପ୍ତ ସଂଗଠନର ଆତଙ୍କବାଦୀମାନେ ଏକାଧିକ ଥର ଟାର୍ଗେଟ କରିଥିଲେ।

## ବ୍ୟାଙ୍କରୁ ୧୧ କୋଟିର...

ଗତ ଅଗଷ୍ଟ ୧୬ରେ ଥାନାରେ ଏତଲା ଦିଆଯିବା ସମୟରେ ୬୦୦ରୁ ୭୦୦ ବ୍ୟାଗ୍‌ରେ ମାତ୍ର ୬୦ ଲକ୍ଷ ଟଙ୍କାର ମୁଦ୍ରା ରହିଥିବା ଆକଳନ କରାଯାଇଥିଲା। ଏ ନେଇ ବ୍ୟାଙ୍କ କମିଟି ପକ୍ଷରୁ ଉକ୍ତ ଶାଖାରେ ଯାଞ୍ଚ କରାଯାଇଥିଲା। ପ୍ରାୟ ୧୧ କୋଟି ଟଙ୍କାର କଏନ୍ ନ ଥିବା ଜଣାପଡ଼ିବା ପରେ ଥାନାରେ ବ୍ୟାଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଇଣ୍ଡିଆନ୍ ପେନାଲ କୋଡ୍ (ଆଇପିସି) ଦଫା ୪୨୦, ୪୦୯ ଏବଂ ୧୨୦-ବି ବଳରେ ମାମଲା ରୁଜୁ ହୋଇଥିଲା। ପରେ ଏତେ ମାତ୍ରାରେ କଏନ ଗାଏବର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯିବା ପାଇଁ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ରାଜସ୍ଥାନ ହାଇକୋର୍ଟରେ ଆବେଦନ କରାଯାଇଥିଲା। ନିକଟରେ ଜଷ୍ଟିସ୍ ନରେନ୍ଦ୍ର ସିଂ ଧାଢ଼ଧା ଗତ ମାର୍ଚ୍ଚ ୪ ତାରିଖର ରାୟ ପ୍ରକାଶ କରି ମାମଲା ତଦନ୍ତ ଭାର ସିବିଆଇକୁ ଦେଇଛନ୍ତି। ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ମାମଲାକୁ ସିବିଆଇର ଦୁର୍ନୀତି ବିରୋଧୀ ଶାଖା (ଏସିବି) ଯାଞ୍ଚ କରିପାରିବ। ତେଣୁ ଏହି ମାମଲା ମଧ୍ୟ ସିବିଆଇ ତଦନ୍ତ ପରିସରଭୁକ୍ତ ବୋଲି ହାଇକୋର୍ଟ କହିଛନ୍ତି। ଗତ ୧୩ ତାରିଖରେ ସିବିଆଇ ଆପରାଧିକ ଷଡ଼ଯନ୍ତ୍ର, ଠକେଇ ଏବଂ ବିଶ୍ୱାସଭଙ୍ଗ ଅପରାଧ ଅଭିଯୋଗରେ ମାମଲା କରିଥିଲା।

## ଇ-ଯାନ ବଢ଼ାଇବ...

ମେଗାୱାଟରେ ପହଞ୍ଚିଲାଣି। ଆଗାମୀ ଦିନରେ ଏହି ଚାହିଦା ଆହୁରି ବଢ଼ିବା ସମ୍ଭାବନା ରହିଛି। ରାଜ୍ୟରେ ଅକ୍ଷୟ ଶକ୍ତି ବିକାଶ ପାଇଁ ରାଜ୍ୟ ସରକାର ଅକ୍ଷୟ ଶକ୍ତି ନୀତି-୨୦୧୬ କାର୍ଯ୍ୟକାରୀ କରିଥିଲେ। କେନ୍ଦ୍ର ସରକାରଙ୍କ ଆକଳନ ଅନୁଯାୟୀ ସମଗ୍ର ଦେଶରେ ୮,୯୧,୬୦୧ ମେଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ସମ୍ଭାବନା ରହିଛି। ଓଡ଼ିଶାରେ ୨୭ ହଜାର ୭୨୭ ମେଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ହୋଇପାରିବ। ସେଥିରୁ ରାଜ୍ୟରେ ସୌର ଶକ୍ତି ୨୫,୭୮୦ ମେଗାୱାଟ୍, ପବନ ଶକ୍ତିରୁ ୧୩୮୪ ମେଗାୱାଟ୍, କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ (ଏସ୍‌ଏଚ୍‌ଇପି)ରୁ ୨୯୫ ମେଗାୱାଟ୍, ବାୟୋମାସ୍‌ରୁ ୨୪୬ ମେଗାୱାଟ୍ ଏବଂ ବର୍ଜ୍ୟବସ୍ତୁରୁ ଶକ୍ତି (ଡବ୍ଲ୍ୟୁଟିଇ)୨୨ ମେଗାୱାଟ ଉତ୍ପାଦନ ଆକଳନ କରାଯାଇଛି। ଅକ୍ଷୟ ଶକ୍ତି ନୀତି ଅନୁଯାୟୀ ୨୦୨୨ ସୁଦ୍ଧା ୨୭୫୦ ମେଗାୱାଟ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ୨୦୨୧ ଶେଷ ସୁଦ୍ଧା ମାତ୍ର ୨୫୦ ମେଗାୱାଟ ଉତ୍ପାଦନ ହୋଇଛି।

ଅନ୍ୟପକ୍ଷରେ ୨୦୧୪ରେ ଦେଶରେ ସୌରଶକ୍ତି ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାର ସୋଲାର ପାର୍କ ଓ ଅଲଟ୍ରା ସୋଲାର ପାୱାର ପ୍ରକଳ୍ପ ଆରମ୍ଭ କରିଥିଲେ। ଓଡ଼ିଶାରେ ଏହି ପ୍ରକଳ୍ପ ସ୍ଥାପନ କରି ରାଜ୍ୟ ସରକାର ଘରୋଇ ସଂସ୍ଥା ଜରିଆରେ ୫୦୦ ମେଗାୱାଟ ସୌରଶକ୍ତି ଉତ୍ପାଦନ କରିଥାଆନ୍ତେ। କେନ୍ଦ୍ର ସରକାର ଏଥିପାଇଁ ପ୍ରତି ମେଗାୱାଟକୁ ୨୦ ଲକ୍ଷ ଅର୍ଥାତ୍ ପ୍ରକଳ୍ପ ପାଇଁ ୩୦ ପ୍ରତିଶତ ଟଙ୍କା ପ୍ରଦାନ କରିଥାଆନ୍ତେ। ପ୍ରକଳ୍ପ ଅନୁମୋଦନ ହେବାର ୧୮ ମାସ ମଧ୍ୟରେ ଏହା ଆରମ୍ଭ କରିବା କଥା। କେନ୍ଦ୍ର ସରକାର ୨୦୧୫ରେ ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ୨୦୧୮ରେ ସବୁଜ ଶକ୍ତି ଉନ୍ନୟନ ନିଗମ (ଜେଡ୍‌କଲ) ୨୭୫ ମେଗାୱାଟ ସୌରଶକ୍ତି ପ୍ରକଳ୍ପ ପାଇଁ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ସେତେଟା ଅଗ୍ରଗତି କରିନାହିଁ।

ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ(ଓପିଟିସିଏଲ୍) ଏବଂ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ(ଓଏଚ୍‌ପିସି)ର ୭ଟି ଗ୍ରୀଡ୍ ସବ୍‌ଷ୍ଟେଶନ ଓ ଶକ୍ତି ଉତ୍ପାଦନ ସ୍ଥାନରେ ୧୬.୪ ମେଗାୱାଟ କ୍ଷମତା ବିଶିଷ୍ଟ ସୋଲାର ପ୍ଲାଣ୍ଟ ସ୍ଥାପନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରକଳ୍ପର ଟେଣ୍ଡର କାର୍ଯ୍ୟ ଜେଡ୍‌କଲ ଉପରେ ନ୍ୟସ୍ତ କରାଯାଇଥିଲା। ତେବେ ଜେଡ୍‌କଲ ସୌର ପ୍ରକଳ୍ପ ସ୍ଥାପନ ପାଇଁ କୌଣସି ପଦକ୍ଷେପ ନ ନେବାରୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। କେବଳ ସୌରଶକ୍ତି ନୁହେଁ, ପବନ, କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ବାୟୋମାସ ପ୍ରକଳ୍ପ ମଧ୍ୟ ଅନ୍ଧକାର ଭିତରକୁ ଚାଲିଯାଇଛି। ୨୦୨୨ ସୁଦ୍ଧା ରାଜ୍ୟରେ ପବନ ଶକ୍ତିରୁ ୨୦୦ ମେଗାୱାଟ, କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପରୁ ୧୫୦ ଏବଂ ବାୟୋମାସ୍‌ରୁ ୧୬୦ ମେଗାୱାଟ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଶକ୍ତି ବିଭାଗର ଉଦାସୀନତା ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନାହିଁ।

ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି, ସୌର ଶକ୍ତିକୁ ପ୍ରୋତ୍ସାହିତ କରିବା ସକାଶେ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଅକ୍ଷୟ ଶକ୍ତି ନୀତିର ନବୀକରଣ କରାଯିବ। ଗ୍ରୀଡ୍‌କୋକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ(ଓଇଆର୍‌ସି) ଆୟୋଗ ଯାହା ଟାର୍ଗେଟ ଦେଉଛନ୍ତି ସେଥିରୁ ୯୮% କରାଯାଉଛି। ୨୦୨୦-୨୧ ତୁଳନାରେ ୨୦୨୧-୨୨ରେ ଗ୍ରୀଡ୍‌କୋ ୭୭% ଅଧିକ ଅଣପାରମ୍ପରିକ ଶକ୍ତି କିଣିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆପଣ ଆଜି ଯାହା ପାଇବାକୁ ଆଶା କରିଛନ୍ତି ତାହା ସହଜ ଓ ସୁବିଧାରେ ପାଇଯିବେ । ବ୍ୟବସାୟ ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ ସାଧାରଣ ବାଧାପ୍ରାପ୍ତ ହୋଇପାରେ। କଠିନ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି । କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ସହ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହୋଇପାରେ।

**ବୃଷ**
ପରିସ୍ଥିତି ଯାହା ହେଉନା କାହିଁକି, ଅନ୍ୟମାନଙ୍କ ପ୍ରେରଣାରେ ଆଗକୁ ମାଡ଼ି ଚାଲିବେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବାକୁ ଚାହିଁବେ। ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଅତୀତ ଘଟଣାକୁ କେନ୍ଦ୍ରକରି ପଡ଼ୋଶୀଙ୍କ ସହ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ**
ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି। ଆର୍ଥିକ ପରିସ୍ଥିତି ମନ୍ଦ ନ ଥିବାରୁ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। ଯୁକ୍ତିଯୁକ୍ତ କଥା କହି ପ୍ରତ୍ୟେକ କ୍ଷେତ୍ରକୁ ସାଧାରଣ ଅବସ୍ଥାକୁ ଆଣିବାରେ ସମର୍ଥ ହେବେ। ପ୍ରଶାସନ, ପ୍ରକାଶନ, ରାଜନୀତି ଓ ଆନୁଷ୍ଠାନିକ କାମ ଉନ୍ନତମାନର ରହିବ।

**କର୍କଟ**
କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ, ଉଚ୍ଚ ସମ୍ମାନ ଓ ପ୍ରଶଂସା ପାଇବେ। ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି । ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ। ନୂତନ କର୍ମାରମ୍ଭ ପୂର୍ବରୁ ଗୁରୁଜନମାନଙ୍କ ପରାମର୍ଶ ଗ୍ରହଣ କରିବା ଭଲ ହେବ।

**ସିଂହ**
ସାମାଜିକ ସ୍ତରରେ ବିରୋଧୀମାନେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରନ୍ତି। କିନ୍ତୁ ଉଚ୍ଚ ସ୍ତରରେ ସାହାଯ୍ୟ ଓ ସହଯୋଗର ଅବାରିତ ଧାରା ଛୁଟି ଆସିବ। ଜମିଜମା, ନିର୍ମାଣ, ଆଇନ, ଅଦାଲତ କ୍ଷେତ୍ର ପାଇଁ ମଧ୍ୟମ ପ୍ରକାରର ସ୍ଥିତି ରହିପାରେ। କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ହେବେ।

**କନ୍ୟା**
ଦୀର୍ଘ ଦିନର ଅପୂରଣୀୟ ଆଶା ମନକୁ ଆନ୍ଦୋଳିତ କରିବ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଆଜି ଯାନବାହନ, ବିବାଦୀୟ ସ୍ଥାନକୁ ଏକାକୀ ଯାତ୍ରା କରିବାଠିକ୍ ହେବନାହିଁ। କଳା, କାରିଗରୀ, ସାହିତ୍ୟ, ସଙ୍ଗୀତ, ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା**
ଆଜି ପୂର୍ବ ସ୍ଥିରୀକୃତ ଯୋଜନାନୁଯାୟୀ କାର୍ଯ୍ୟ କଲେ ସଫଳ ହେବେ। ଖର୍ଚ୍ଚଭାର ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକୀୟ ଅର୍ଥ ବିଭିନ୍ନ ସୂତ୍ରରୁ ପାଇବାରେ ଅସୁବିଧା ହେବ ନାହିଁ। ପ୍ରତ୍ୟୁଷଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, କଳା, ସାହିତ୍ୟରେ ସମସ୍ୟା ସମାଧାନ ସକାଶେ ବିଳମ୍ବ ଘଟିପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକ ସ୍ତରରେ ସୁଫଳ ପାଇବେ।

**ବିଛା**
ଆର୍ଥିକ ସ୍ଥିତିର ଦୁରବସ୍ଥା ପ୍ରତିଟି କ୍ଷେତ୍ରରେ ଅଗ୍ରଗତିର ପଥରୋଧ କରିପାରେ। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ପାରିପାର୍ଶ୍ୱିକ ପରିସ୍ଥିତି ଶାନ୍ତ ରହି ନ ପାରେ । କ୍ରୀଡ଼ା, କଳା,ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ । ପରିବହନରେ ଉନ୍ନତି କରିବେ ଓ ସଭାସମିତିରେ ପ୍ରଶଂସିତ ହେବେ।

**ଧନୁ**
ପାରିବାରିକ ସମସ୍ୟା କ୍ରମଶଃ ଜଟିଳ ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ନିକଟସ୍ଥ ପଡୋଶୀମାନଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପୂର୍ବରୁ ପରଖି ନେବା ଭଲ ହେବ । ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**ମକର**
ଆଜିର ପ୍ରତ୍ୟୁଷରେ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ପାଇବେ । କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ରପ୍ତାନି କାରବାର, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଜମିଜମା, ଯାନବାହନ, ନିର୍ମାଣ, ପରିବହନ ପ୍ରଭୃତି ମଧ୍ୟମ ପ୍ରକାରର ରହିବ।

**କୁମ୍ଭ**
ଆଜି ଯେତେ ଭଲ କାମ କଲେ ମଧ୍ୟ ସମାଲୋଚିତ ହୋଇପାରନ୍ତି। ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। ମାଲିମକଦ୍ଦମା, ଜମିଜମା ବିବାଦ, ଅର୍ଥନୈତିକ କାର୍ଯ୍ୟ, ଯୋଗାଯୋଗ, ଭ୍ରମଣ ପ୍ରଭୃତି କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ କିଛି ବ୍ୟାଙ୍କ ଜମା ମଧ୍ୟ କରିବାର ସମ୍ଭାବନା ରହିଛି।

**ମୀନ**
କୌଣସି ଆନୁଷ୍ଠାନିକ କର୍ମଭିତ୍ତିରେ ଗୁରୁ ଦାୟିତ୍ୱ ବହନ କରିବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ଆଲୋଚନା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।


# classifieds Everyday
0674-2580101, 2549302



## BRIDE WANTED

Age-35 unmarried private job ପୁଅ ପାଇଁ ଯେକୌଣସି ଜାତିର ଝିଅ ଦରକାର। Widow & Divorced) accepted ଘରଜ୍ୱାଇଁ ପ୍ରଯୁଜ୍ୟ। 9437732582. D-160

**Bengali bride for 34/5'8"/Engg. Bhilai, C.G. settled groom, origin-Balasore. Cont No.- 8770629854.** D-23488



## SALE

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

ହଂସପାଳ, Syphoney Mall ଅଳ୍ପ ଦୂରତାରେ 2ଟି plot gharabari, yellowzone. 7008492511. D-171

**Duplex sale at Bhubaneswar @45lakhs and apartment@42lakhs. 9439206202.** D-73235

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 8681007737. D-73227

**Gharabari plot for sale near Pahala, Bhingarpur, Kesura (Bankual). Contact: 6371268258 / 8144128238.** D-71976

Residential plot at Olatpur (near SVNIRTAR) with electricity, road and other facilities (for details visit website for Lavanya Olatpur Phase 3) for resale by owner. Contact: 7978168941. D-179

ବରମୁଣ୍ଡାରୁ ୧୫ କି.ମି. ଦୂରରେ Gharabari Plot- 19,00,000/-, investment plot- 8,00,000/- (Loan available). 9853150290. D-73233

**ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862.** D-73231

2500sqft. residential plot back side of Utkal Hights.7848983289. D-154

**5000sqft. (50ftX100ft.) premium commercial yellowzone, gharabari, sthitiban single patta owner plot for sale with boundary & filling completed at Dhauli Square. Price Rs.- 1,45,00000/- contact direct owner. 9040026465 (Babu Babu).** D-135

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

**ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856.** D-73215

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

## GENERAL SALE

**Automatic stone crusher plant for sale at Chatrama, Khurdha. 9937427861, 9337767967.** D-045



**Wanted Big Shed for Water Packaging at Bhubaneswar surrounding, 8820512365.** D-156

Four BHK flat full furnishing company guest house purpose. 7848983289. D-153

## HEALTH CARE

Newly open full body massage ladies and gents. 8327740003. D-71890

Ayurvedic full body massage by experienced male/ female therapist. 7381172169. D-71493

All types body massage with high profile smart Lady room service available. 9142145769. D-71345

**Relax, Refresh your body, mind at Saikrupa Spa with best therapies. 8984068077.** D-129

Newly open SPA positively health benefits expert therapist, Kalpana. 7846814019. D-71489

Herbal full body relax massage by trend lady therapist. 7008773793. D-71485

## BUSINESS

Cold Drink Business in your Area having vehicle for supply. 9827701330. D-157

## AFFIDAVIT

By the virtue of an affidavit before Notary Public, Bhubaneswar, That I Sidhhaant Das, S/o:Snehasis Das, R/o: AL-26, VSS nagar, Bhubaneswar have changed my name to Sidhhaant Das for all purposes. Earlier I was known by Sidhant Das. D-182

By virtue of affidavit before Notary, Cuttack I Bidyadhar Swain states that Debabrata Swain is my son D-186

Affidavit No.-W9949 dt. 19.04.2022 before Notary Public, Bhubaneswar, my name has changed from "Punnu" to "Puneet Pradhan". Henceforth I shall be known as Puneet Pradhan, S/o- Sh. Nakul Pradhan, At- Duplex-II, Fortune Elite, Raghunathpur, Bhubaneswar (751024) for all purposes. D-178

By virtue of an affidavit sworn before the Executive Magistrate-cum- Tahasildar, Junagarh, I Binesh Kumar Meher, Vill./ PO- Chichaiguda, PS- Junagarh, Dist.- Kalahandi declare that my actual name is Binesh Kumar Meher, S/o- Banamali Meher. But some of my relevant documents my name has been wrongly mentioned as Dinesh Kumar Meher. That Binesh Kumar Meher and Dinesh Kumar Meher is one and same person. D-184

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୫୪,୩୧,୮୫୨ | ୬୨,୨୫,୬୧୪ | ୪୫,୭୩,୪୪,୩୬୨ |
| ଭାରତ | ୪,୩୦,୪୫,୫୨୫ | ୫,୨୧,୯୯୬ | ୪,୨୫,୧୧,୭୦୧ |
| ଓଡ଼ିଶା | ୧୨,୮୭,୯୫୧ | ୯୧୨୩(+୫୩) | ୧୨,୭୮,୬୭୨ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଗଳା କାଟି ମା'ଙ୍କୁ ହତ୍ୟା, ପୁଅ ଗିରଫ

**ବରପାଲି ,୧୯।୪(ଡି.ଏନ.ଏ):** ବରଗଡ଼ ଜିଲା ବରପାଲି ଥାନା କୁମ୍ଭାରୀ ଗ୍ରାମରେ ମଙ୍ଗଳବାର ଜଣେ ଯୁବକ ବ୍ଲେଡରେ ତାଙ୍କ ମା'ଙ୍କ ଗଳା କାଟି ହତ୍ୟା କରିଛନ୍ତି। ମୃତକ ହେଲେ କୋଶଳା ସାହୁ(୬୦)। ହତ୍ୟା ପରେ ଅଭିଯୁକ୍ତ ଜଣକ ଏକ ଅଖାରେ ମୃତଦେହକୁ ଭର୍ତ୍ତି କରିଦେଇଥିଲେ। ବରପାଲି ପୋଲିସ ପହଞ୍ଚି ବିଦ୍ୟାଧର ସାହୁ(୩୨)ଙ୍କୁ ଗିରଫ କରିଛି। ଏ ନେଇ ବରପାଲି ଥାନାରେ ଏକ ହତ୍ୟା ମାମଲା (ନଂ.୧୨୩/୨୨) ରୁଜୁ ହୋଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଚଳାଇଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ପ୍ରକାଶ ଯେ, ବନ୍ଧପଡ଼ା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ କୁମ୍ଭାରୀ ଗ୍ରାମର ବିଧବା ମହିଳା କୋଶଳା ପୁତ୍ର ବିଦ୍ୟାଧରଙ୍କ ସହିତ ରହୁଥିଲେ। ବିଦ୍ୟାଧର ବିବାହିତ ଥିବାବେଳେ ତାଙ୍କ ସ୍ତ୍ରୀ ବାପଘରେ ରହୁଛନ୍ତି। ସ୍ତ୍ରୀଙ୍କୁ ଘରକୁ ଆଣିବା ପାଇଁ ମା' ଓ ପୁଅଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ଲାଗୁଥିଲା। ମଙ୍ଗଳବାର ମଧ୍ୟ କଳିଗୋଳ ହୋଇଥିଲା ଏବଂ ଉତ୍‌କ୍ଷିପ୍ତ ହୋଇ ବିଦ୍ୟାଧର ମା' କୋଶଳାଙ୍କ ଗଳାକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ କୋଶଳାଙ୍କ ମୃତ୍ୟୁ ହୋଇଥିଲା।

# ପଡ଼ିଆର ନବୀକରଣ କାର୍ଯ୍ୟ ଆରମ୍ଭ

**ଭୁବନେଶ୍ୱର, ୧୯।୪ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ହେବାକୁ ଯାଉଛି ହକି ବିଶ୍ୱକପ। ୨୦୧୮ ମସିହାରେ ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମରେ ଏହି ମେଗା ପ୍ରତିଯୋଗିତାକୁ ଆୟୋଜନ କରି ପ୍ରଶଂସା ସାଉଁଟିଥିଲେ ଓଡ଼ିଶା ସରକାର। ଇତିହାସରେ ପ୍ରଥମଥର ପାଇଁ ୨୦୧୮ ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ ଆଖି ଝଲସାଇଦେବା ଭଳି ହୋଇଥିଲା। ଦେଶ ବିଦେଶର ଅନେକ ଖେଳାଳି ଓ ଦର୍ଶକ ଏକାଠି ହୋଇଥିଲେ ଭୁବନେଶ୍ୱରରେ। ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଦେଖିବାକୁ ମିଳିଥିଲା ଉତ୍ସବର ମାହୋଲ। କଳିଙ୍ଗ ଷ୍ଟାଡିୟମ ପରିବେଶ ହୋଇ ଉଠିଥିଲା ଚଳଚଞ୍ଚଳ। ସେହି ଅନୁଭୂତିକୁ ପାଥେୟ କରି ଓଡ଼ିଶା ସରକାର ଦ୍ୱିତୀୟ ଥରପାଇଁ ଆୟୋଜନ କରିବାକୁ ଯାଉଛନ୍ତି ଏହି ହକି ମହାକୁମ୍ଭ। ୨୦୨୩ ହକି ବିଶ୍ୱକପ ଓଡ଼ିଶାରେ ଅନୁଷ୍ଠିତ ହେବ। ତେବେ ଏଥର ରାଜ୍ୟ ସରକାର ଆଉ ଗୋଟିଏ ପାଦ ଆଗକୁ ବଢ଼ି ଏଥର ପ୍ରତିଯୋଗିତାକୁ କେବଳ ଭୁବନେଶ୍ୱର ମଧ୍ୟରେ ସୀମିତ ନ ରଖି ରାଉରକେଲାକୁ ସାମିଲ କରିଛନ୍ତି। ଏଥିପାଇଁ ରାଉରକେଲାରେ ନିର୍ମାଣାଧୀନ ଅଛି ଭାରତର ସର୍ବବୃହତ୍ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ। ଏହା ୨୦ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ହେବ।

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ନିୟମ ଅନୁସାରେ ପ୍ରତି ବିଶ୍ୱକପ ପୂର୍ବରୁ ଆୟୋଜନ ଭେନ୍ୟୁର ନବୀକରଣ ହୋଇଥାଏ। ଏହାର ଅଂଶବିଶେଷଭାବେ କଳିଙ୍ଗ ଷ୍ଟାଡିୟମର ନବୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ସିନ୍ଥେଟିକ୍ ଟର୍ଫକୁ କାଢ଼ିବା କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ସମ୍ପୂର୍ଣ୍ଣ କଢ଼ାଯିବା ପରେ ନୂଆ ଟର୍ଫ ବିଛାଯିବ। ଏଫ୍‌ଆଇଏଚ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସଂସ୍ଥା ନୂଆ ଟର୍ଫ ବିଛାଇବା କାର୍ଯ୍ୟ କରିବ। ନୂଆ ଟର୍ଫ ସାଧାରଣତଃ ଜର୍ମାନୀରୁ ଆସିଥାଏ। ପୁରୁଣା ଟର୍ଫକୁ କଢ଼ାଯିବା ପରେ ମେ' ମାସରେ ନୂଆ ଟର୍ଫ ବିଛାଯିବା କାର୍ଯ୍ୟ ଆରମ୍ଭ ହେବ ବୋଲି ରାଜ୍ୟ କ୍ରୀଡ଼ା ବିଭାଗର ଉପ ସଚିବ ରଞ୍ଜିତ ପରିଡ଼ା ପ୍ରକାଶ କରିଛନ୍ତି। ସେହିପରି ରାଉରକେଲାରେ ନବନିର୍ମିତ ଷ୍ଟାଡିୟମ ଆସନ୍ତା ସେପ୍ଟେମ୍ବର ମାସସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

**ହକି ବିଶ୍ୱକପ ପାଇଁ ପ୍ରସ୍ତୁତି**






ହକି ବିଶ୍ୱକପ୍ ପାଇଁ ପ୍ରସ୍ତୁତି ପଥେ କଳିଙ୍ଗ ଷ୍ଟାଡିୟମ୍।

କଳିଙ୍ଗ ଷ୍ଟାଡିୟମରେ ଇତିମଧ୍ୟରେ ହକି ଚାମ୍ପିୟନ୍ସ ଟ୍ରଫି (୨୦୧୪), ଏଫ୍‌ଆଇଏଚ୍ ପୁରୁଷ ହକି ୱାର୍ଲ୍ଡ ଲିଗ୍ (୨୦୧୬-୧୭), ପୁରୁଷ ହକି ବିଶ୍ୱକପ (୨୦୧୮), ଏଫ୍‌ଆଇଏଚ୍ ହକି ସିରିଜ ଫାଇନାଲ୍ସ (୨୦୧୮-୧୯), ମହିଳା ଓ ପୁରୁଷ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ (୨୦୧୯), ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (୨୦୨୦-୨୧, ୨୦୨୧-୨୨) ଓ ଜୁନିୟର ପୁରୁଷ ହକି ବିଶ୍ୱକପ (୨୦୨୧) ଅନୁଷ୍ଠିତ ହୋଇଯାଇଛି। ତେବେ କେବଳ ୨୦୧୮ ପୁରୁଷ ହକି ବିଶ୍ୱକପ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ପୁରୁଣା ଟର୍ଫ କଢ଼ାଯାଇ ନୂଆ ଟର୍ଫ ବିଛା ଯାଇଥିଲା। ୩ ବର୍ଷ ବ୍ୟବଧାନରେ ପୁଣିଥରେ ଷ୍ଟାଡିୟମରେ ନୂଆ ଟର୍ଫ ବିଛାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ପ୍ରକାଶଯୋଗ୍ୟ ଯେ, ଆଗାମୀ ବିଶ୍ୱକପକୁ ପୂର୍ବାପେକ୍ଷା ଅଧିକ ଉଦ୍ଦୀପକ ଏବଂ ଅବିସ୍ମରଣୀୟ କରିବାକୁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ନିକଟରେ ବିଶ୍ୱକପ ପାଇଁ ଲୋଗୋ ଉନ୍ମୋଚନ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ସୂଚନା ଦେଇ ସାରିଛନ୍ତି। "ହକି ବିଶ୍ୱକପର ଲୋଗୋ ଉନ୍ମୋଚନ କରି ମୁଁ ବହୁତ ଖୁସି। ଏଥର ଭୁବନେଶ୍ୱର ଓ ରାଉରକେଲା ଭାବେ ୨ଟି ଭେନ୍ୟୁ ହୋଇଥିବାରୁ ଆମେ ଖୁବ୍ ଆନନ୍ଦିତ। ୨୦୧୮ ହକି ବିଶ୍ୱକପର ଅନେକ ସ୍ମରଣୀୟ ସ୍ମୃତି ରହିଛି। ୨୦୨୩ ବିଶ୍ୱକପ ଅଧିକ ଉଦ୍ଦୀପକ ଏବଂ ଅବିସ୍ମରଣୀୟ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାକୁ ବିଶ୍ୱର ହକି ପ୍ରଶଂସକ ଏବଂ ଭାଗ ନେବାକୁ ଯାଉଥିବା ଶ୍ରେଷ୍ଠ ଦଳଗୁଡ଼ିକୁ ସ୍ୱାଗତ କରିବାକୁ ଓଡ଼ିଶା ପ୍ରସ୍ତୁତ" ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ୨୦୨୩ ହକି ବିଶ୍ୱକପରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଆୟୋଜକ ଭାରତ ସମେତ ବେଲଜିୟମ, ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡ୍ସ, ସ୍ପେନ୍, ଫ୍ରାନ୍ସ, ୱେଲ୍ସ, ଦକ୍ଷିଣ ଆଫ୍ରିକା, ଆର୍ଜେଣ୍ଟିନା, ଚିଲି, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଏଥିପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ୨୦୨୨ ମେ' ୨୩ରୁ ଜୁନ୍ ୧ ପର୍ଯ୍ୟନ୍ତ ଇଣ୍ଡୋନେସିଆର ଜାକର୍ତ୍ତାଠାରେ ହେବାକୁଥିବା ଏସିଆ କପ୍‌ରୁ ଅବଶିଷ୍ଟ ୩ଟି ଦଳ ଯୋଗ୍ୟତା ଭିତ୍ତିରେ ଏଥିରେ ସାମିଲ ହେବେ।

## ପୋଷ୍ଟମର୍ଟମ ରିପୋର୍ଟରେ ପ୍ରତିବାଦର ସୁରାକ ମିଳିଲା

**ମାହାଙ୍ଗା ଗଣହତ୍ୟା ଘଟଣା**
- ମୃତକଙ୍କ ଶରୀରରେ ଏକାଧିକ କ୍ଷତ
- ବିଷକ୍ରିୟା ସମ୍ପର୍କରେ ନାହିଁ ତଥ୍ୟ

**ନିଶ୍ଚିନ୍ତକୋଇଲି(ସ୍ୱ.ପ୍ର.)/ ମାହାଙ୍ଗା(ଡି.ଏନ୍.ଏ),୧୯।୪**

କଟକ ଜିଲା ମାହାଙ୍ଗା ଥାନା କୁସୁପୁର ଗ୍ରାମରେ ସମ୍ପତ୍ତିକୁ କେନ୍ଦ୍ର କରି ବଡ଼ ଭାଇଙ୍କ ପରିବାରର ୫ଜଣଙ୍କୁ ହତ୍ୟା କରିବା ଘଟଣାର ୮ଦିନ ପରେ ମଙ୍ଗଳବାର ବ୍ୟବଚ୍ଛେଦ(ପୋଷ୍ଟମର୍ଟମ) ରିପୋର୍ଟ ଆସିଛି। ହତ୍ୟାକାଣ୍ଡ ସମୟରେ ମୃତକମାନେ ପ୍ରତିବାଦ କରିଥିଲେ। ସେମାନଙ୍କ ଶରୀରରେ ଏକାଧିକ କ୍ଷତ ଚିହ୍ନ ରହିଛି। କୌଣସି ଧାରୁଆ ଅସ୍ତ୍ରରେ ସେମାନଙ୍କୁ ଆକ୍ରମଣ ହୋଇଥିବା ରିପୋର୍ଟରେ ସ୍ପଷ୍ଟ ହୋଇଛି। ତେବେ ବିଷକ୍ରିୟା ସମ୍ପର୍କରେ ପୋଷ୍ଟମର୍ଟମରେ ରିପୋର୍ଟରେ କୌଣସି ସୂଚନା ମିଳିନାହିଁ। ପୋଲିସ ଏବେ ଭିସେରା ରିପୋର୍ଟକୁ ଅପେକ୍ଷା କରିଛି।

ଗତ ୧୧ତାରିଖ କୁସୁପୁର ଗ୍ରାମରେ ୫ଜଣଙ୍କୁ ହତ୍ୟା କରିବା ପାଇଁ ଅଭିଯୁକ୍ତ ଶିବ ପ୍ରସାଦ ସାହୁ ୪ଦିନ ପୂର୍ବରୁ ପ୍ରାକ୍ ପ୍ରସ୍ତୁତି କରିଥିଲେ ବୋଲି ପୋଲିସ ପୂର୍ବରୁ ସୂଚନା ଦେଇଛି। ତେବେ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ହତ୍ୟାକାଣ୍ଡର ରହସ୍ୟ ଅଧିକ ରୋଚକ ହୋଇଯାଇଛି। ପୋଷ୍ଟମର୍ଟମ ରିପୋର୍ଟରେ ମୃତକମାନେ ଆକ୍ରମଣ ସମୟରେ ଜୋର୍‌ଦାର ପ୍ରତିବାଦ କରିଥିବା ଉଲ୍ଲେଖ ରହିଛି। ଏହାକୁ ନେଇ ଏବେ ବିଭିନ୍ନ ପ୍ରଶ୍ନ ଉଠୁଛି। ଅଭିଯୁକ୍ତ ଶିବ ଯଦି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସମୟରେ ମୃତ ୫ ଜଣ ପ୍ରତିବାଦ କରିଥିଲେ, ତେବେ ଆକ୍ରମଣକାରୀଙ୍କ ଶରୀରରେ କିପରି କୌଣସି କ୍ଷତି ହୋଇନାହିଁ। ତେଣୁ ଏହି ଘଟଣାରେ ଏକାଧିକ ଆକ୍ରମଣକାରୀଙ୍କ ସମ୍ପୃକ୍ତି ରହିଥିବା ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ଏହାଛଡ଼ା ପ୍ରତିବାଦ ସମୟରେ ନିଶ୍ଚିତ ଚିତ୍କାର ଶବ୍ଦ ଶୁଭିଥିବ, ଏହାକୁ କିପରି ପାଖ ଘର ଲୋକେ ଜାଣିପାରିଲେ ନାହିଁ। ଏଭଳି ବହୁ ଅସମାହିତ ପ୍ରଶ୍ନକୁ ନେଇ ପୋଲିସ ଛାନଭିନ୍ ଆରମ୍ଭ କରିଛି। ଫୋରେନ୍ସିକ୍ ରିପୋର୍ଟ, ଭିସେରା ରିପୋର୍ଟ ଓ ଅନ୍ୟାନ୍ୟ ଦିଗ ଉପରେ ପୋଲିସ ତଦନ୍ତ କରୁଥିବା ଏସ୍‌ଡିପିଓ ବିମଳ କୁମାର ବାରିକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ସମ୍ପତ୍ତି ବିବାଦକୁ ନେଇ ଗତ ୧୧ ତାରିଖ ବିଳମ୍ବିତ ରାତିରେ କୁସୁପୁର ଗ୍ରାମର ଶିବ ପ୍ରସାଦ ସାହୁ ତାଙ୍କ ବଡ ଭାଇ ଅଲେଖ ସାହୁ, ଭାଉଜ ରଶ୍ମିତା, ଝିଆରୀ ସ୍ମୃତିସନ୍ଧ୍ୟା ଓ ୨ ପୁତୁରା ସ୍ମୃତିସ୍ୱରୂପ, ସ୍ମୃତିସାଇଙ୍କ ସମେତ ୫ ଜଣଙ୍କୁ ବୀଭତ୍ସ ଭାବେ କଟୁରିରେ ହାଣି ହତ୍ୟା କରିଥିଲେ। ପରେ ମଙ୍ଗଳବାର ଘଟଣା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରିବାପରେ ବାଲିଚନ୍ଦ୍ରପୁର ଥାନାରେ ଆତ୍ମସମର୍ପଣ କରିଥିଲେ।

## ଡିଜେଲ ଦୁର୍ନୀତି: ୩ କନଷ୍ଟେବଲ ନିଲମ୍ବିତ

**ସମ୍ବଲପୁର,୧୯।୪(ବ୍ୟୁରୋ):** ସମ୍ବଲପୁର ଜିଲାରେ ପଞ୍ଚାୟତ ନିର୍ବାଚନ ସମୟରେ ଡିଜେଲ ଦୁର୍ନୀତି କରିବା ଅଭିଯୋଗରେ ରିଜର୍ଭ ପୋଲିସ (ମୋଟରଯାନ ଦାୟିତ୍ୱ ବୁଝୁଥିବା)ରେ କାର୍ଯ୍ୟରତ ୩ କନ୍‌ଷ୍ଟେବଲଙ୍କୁ ଏସ୍‌ପି ବାତୁଲା ଗଙ୍ଗାଧର ମଙ୍ଗଳବାର ନିଲମ୍ବନ କରିଛନ୍ତି। ସେମାନେ ହେଲେ ସୀମାଞ୍ଚଳ ସେଠୀ, ଅଜିତ ଧଳ ଓ ରଞ୍ଜିତ ସ୍ୱାଇଁ। ଏ ନେଇ ଏସ୍‌ପି ଗଙ୍ଗାଧର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ପଞ୍ଚାୟତ ନିର୍ବାଚନରେ ପୋଲିସ ବିଭାଗ ପକ୍ଷରୁ ନିର୍ବାଚନ ଡ୍ୟୁଟି ପାଇଁ ଗାଡ଼ି ବ୍ୟବହାର ହୋଇଥିଲା। ନିୟୋଜିତ ଗାଡ଼ିରେ ଡିଜେଲ ଭର୍ତ୍ତିର ଓଭର ବିଲିଂ ହୋଇଥିବା ନେଇ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ସମ୍ବଲପୁର ପୋଲିସ ତରଫରୁ ତଦନ୍ତ କରାଯିବା ପରେ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି ଥିବା ନେଇ ପ୍ରମାଣ ମିଳିଥିଲା।

## ପେଟ୍ରୋଲ ପମ୍ପ୍ ମାଲିକଙ୍କ ସମେତ ୬ ଗିରଫ

**ପାଇପ୍ ଲାଇନ୍‌ରୁ ତେଲ ଚୋରି ଘଟଣାର ପର୍ଦ୍ଦାଫାଶ**

**ସମ୍ବଲପୁର,୧୯।୪(ବ୍ୟୁରୋ)**

ପାରାଦୀପରୁ ସମ୍ବଲପୁର ଦେଇ ରାଞ୍ଚିକୁ ପାଇପ୍ ଲାଇନ୍ ଯୋଗେ ଯାଉଥିବା ଆଇଓସିଏଲ୍ କମ୍ପାନୀର ତେଲ ଚୋରି ଘଟଣାର ସମ୍ବଲପୁର ପୋଲିସ ପର୍ଦ୍ଦାଫାଶ କରିଛି। ଘଟଣାରେ ସମ୍ବଲପୁର ଗୋଶାଳାସ୍ଥିତ ପେଟ୍ରୋଲ ପମ୍ପ ମାଲିକ ସୁବାସ ଅଗ୍ରୱାଲ ଓ ଅନ୍ୟ ୫ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଦୁଷ୍ମନ୍ତ ନାଏକ, ସିପୁନ ବେହେରା, ମଳୟ କର୍ଣ୍ଣ, ବିନୟ ନାଗ ଓ ଦୀପକ କୁମାର ଗୋଏଲ। ଅଭିଯୁକ୍ତଙ୍କଠାରୁ ଜେନେରେଟର, ପାଇପ୍ ଲାଇନ୍ କଟର ମେଶିନ, ତାର, ପାଣି ପମ୍ପ, ଜାର୍, ବୋତଲ ଓ ଅନ୍ୟାନ୍ୟ ଯନ୍ତ୍ର ଜବତ ହୋଇଥିବା ନେଇ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି। ସେ କହିଥିଲେ, ଜାନୁଆରୀ ୨୦ରେ କତରବଗା ଥାନା ଅଞ୍ଚଳରୁ ପାଇପ୍‌ଲାଇନ୍ କଟାଯାଇ ତେଲ ଚୋରି ହୋଇଥିଲା। ଏହି ସମୟରେ ପୋଲିସ ୪ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏଥିସହ ଘଟଣାରେ ବ୍ୟବହୃତ ୩ଟି ଟ୍ୟାଙ୍କର ଜବତ କରିଥିଲା। ପରେ ରେଢ଼ାଖୋଲ ଥାନା ଅଞ୍ଚଳରୁ ମଧ୍ୟ ଚୋରି ଉଦ୍ୟମ ହୋଇଥିଲା। କିନ୍ତୁ ପୋଲିସ ପାଟ୍ରୋଲିଂ ଯୋଗୁ ଅଭିଯୁକ୍ତମାନେ ଯନ୍ତ୍ରପାତି ଛାଡି ଫେରାର ହୋଇଯାଇଥିଲେ। ଏହି ଘଟଣାର ମାଷ୍ଟର ମାଇଣ୍ଡ ସୋନୁ ଜେନାଙ୍କ ସମେତ ଅନ୍ୟ ୬ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୨୩ରୁ ଅଧିକ ମାମଲା ରହିଛି। ପାଇପ୍ ଲାଇନ୍‌ରୁ ତେଲ ଚୋରି କରି ଅଭିଯୁକ୍ତମାନେ ହଜାର ହଜାର ଲିଟର ତେଲ ଚୋରି କରି ଟ୍ୟାଙ୍କର ଯୋଗେ ନେଇ ପେଟ୍ରୋଲ ପମ୍ପରେ ବିକ୍ରି କରୁଥିଲେ।



> ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ- ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି- ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ। **-ଶ୍ରୀଅରବିନ୍ଦ**



# ପାଣ୍ଡେଙ୍କ ସେନା

ସ୍ଥଳସେନାର ଉପମୁଖ୍ୟ ଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ମନୋଜ ପାଣ୍ଡେଙ୍କୁ ୧୮ ଏପ୍ରିଲ ୨୦୨୨ରେ ଭାରତୀୟ ସେନାର ପରବର୍ତ୍ତୀ ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେନା ମୁଖ୍ୟ ଥିବା ମନୋଜ ମୁକୁନ୍ଦ ନରଓ୍ୱଣେ ଏପ୍ରିଲ ୩୦ରେ ଅବସର ନେବା ପରେ ପାଣ୍ଡେ ସେହି ପଦବୀରେ ଅବସ୍ଥାପିତ ହେବେ। ପାଣ୍ଡେଙ୍କ ବିଶେଷତ୍ୱ ହେଉଛି ଇଞ୍ଜିନିୟରିଂ କର୍‌ର ସଦସ୍ୟ ହୋଇଥିବା ସତ୍ତ୍ୱେ ତାଙ୍କୁ ସେନା ମୁଖ୍ୟ ହେବାର ସୁଯୋଗ ମିଳିଛି। ଅଦ୍ୟାବଧି ଇନ୍‌ଫାଣ୍ଟ୍ରି ବା ପଦାତିକ ବାହିନୀ, ଆର୍ଟିଲେରି ବା କମାଣ ବାହିନୀ ଏବଂ ଆର୍ମୋଡ ବା ସାଞ୍ଜୁ ବାହିନୀରୁ ଭାରତର ଆର୍ମି ଚିଫ୍‌ମାନେ ଆସିଛନ୍ତି। କର୍ ଅଫ୍ ଇଞ୍ଜିନିୟର୍ସରୁ ପାଣ୍ଡେଙ୍କୁ ଅଣାଯିବା ଆଧୁନିକ ଯୁଦ୍ଧ ପାଇଁ ଫଳପ୍ରଦ ହେବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, କର୍ ଅଫ୍ ଇଞ୍ଜିନିୟର୍ସ ହେଉଛି ଯୁଦ୍ଧକୁ ସମର୍ଥନ କରୁଥିବା ଏକ ଅଙ୍ଗ। ୨୦୦୧ ଡିସେମ୍ବରରେ ପାର୍ଲାମେଣ୍ଟ ଭବନ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ସେନାର 'ଅପରେଶନ ପରାକ୍ରମ'ରେ ପାଣ୍ଡେ ଇଞ୍ଜିନିୟର ରେଜିମେଣ୍ଟର ନେତୃତ୍ୱ ନେଇଥିଲେ। ପୂର୍ବାଞ୍ଚଳ କମାଣ୍ଡ୍ ଦାୟିତ୍ୱ ନେବା ପୂର୍ବରୁ ପାଣ୍ଡେ ଆଣ୍ଡାମାନ ନିକୋବର କମାଣ୍ଡ୍‌ର କମାଣ୍ଡର-ଇନ୍-ଚିଫ୍ ଥିଲେ।

> **ଭାରତର ଯୁଦ୍ଧ ଶକ୍ତିକୁ କେବଳ ମାତ୍ର ସେନାର ଦକ୍ଷତା ଓ ଯୁଦ୍ଧାସ୍ତ୍ରକୁ ନେଇ ଆକଳନ କରାଯାଉଛି। କିନ୍ତୁ ଆଧୁନିକ ଯୁଦ୍ଧରେ ୟୁକ୍ରେନ୍‌ବାସୀ ପ୍ରମାଣ କରିଦେଇଛନ୍ତି ଯେ, ପ୍ରତ୍ୟେକ ନାଗରିକ ଯୁଦ୍ଧରେ ଭାଗ ନେଇପାରିବେ।**

ଆଜିର ଯୁଦ୍ଧରେ ପ୍ରଯୁକ୍ତି ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ କରାଯାଇ ଶତ୍ରୁପକ୍ଷକୁ ପରାସ୍ତ କରିବାର ରଣକୌଶଳ ଅଧିକ ଗୁରୁତ୍ୱ ଧାରଣ କରୁଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏହା ଦେଖାଇ ଦେଇସାରିଲାଣି। ଅର୍ଥାତ୍ ପୂର୍ବଭଳି ଅସଂଖ୍ୟ ଗୋଳାବାରୁଦ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବାରମ୍ବାର ବୋହିବାକୁ ପଡୁନାହିଁ। ଯେଉଁ ଅଞ୍ଚଳ କିମ୍ବା ନିର୍ଦ୍ଦିଷ୍ଟ ବିନ୍ଦୁରେ କ୍ଷତି କରିବାର ଅଛି ତାହାକୁ ନିଶାଣ ବା ଟାର୍ଗେଟ କରାଯାଇ ସେହି ଅନୁଯାୟୀ ପ୍ରଯୁକ୍ତିକୁ ଉପଯୋଗ କରାଯାଇପାରୁଛି। ହେଲେ ଭାରତ ସେଭଳି ସ୍ତରରେ ପହଞ୍ଚିପାରି ନ ଥିବାରୁ ଅତ୍ୟାଧୁନିକ ଯୁଦ୍ଧ କରିବା ତା' ପାଇଁ କଷ୍ଟକର ହୋଇପଡ଼ିବ। ଏମିତି ଦେଖିଲେ ପୂର୍ବରୁ ପ୍ରକାଶିତ କମ୍ପଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ରିପୋର୍ଟ ଅନୁଯାୟୀ ଭାରତ ଯଦି କୌଣସି ମୁହୂର୍ତ୍ତରେ କାହା ସହ ଯୁଦ୍ଧ କରେ ତେବେ ଲଢ଼େଇ ମାତ୍ର ୧୦ ଦିନ ଯାଏ ଯାଇପାରିବ। ଏହାର ଅର୍ଥ ହେଉଛି ଭାରତର ଯୁଦ୍ଧ ଶକ୍ତିକୁ କେବଳ ମାତ୍ର ସେନାର ଦକ୍ଷତା ଓ ଯୁଦ୍ଧାସ୍ତ୍ରକୁ ନେଇ ଆକଳନ କରାଯାଉଛି। କିନ୍ତୁ ଆଧୁନିକ ଯୁଦ୍ଧରେ ୟୁକ୍ରେନ୍‌ବାସୀ ପ୍ରମାଣ କରିଦେଇଛନ୍ତି ଯେ, ପ୍ରତ୍ୟେକ ନାଗରିକ ଯୁଦ୍ଧରେ ଭାଗ ନେଇପାରିବେ। ଏପରି ସ୍ଥଳେ ଭାରତକୁ ଟେକ୍ନୋଲୋଜି ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବ୍ୟବହାର କରି ପ୍ରସ୍ତୁତ ହେବାକୁ ପଡ଼ିବ। ଲ୍ୟୁଟ୍‌ନାଣ୍ଟ ଜେନେରାଲ ପାଣ୍ଡେ ଇଞ୍ଜିନିୟରିଂ କ୍ଷେତ୍ରରୁ ଆସିଥିବାରୁ ସେ ତାଙ୍କ ୧୩ ଲକ୍ଷ ବିଶିଷ୍ଟ ଭାରତୀୟ ସେନାକୁ କେଉଁଭଳି ଭାବେ ମାର୍ଗଦର୍ଶନ କରିବେ ତାହା ଦେଖିବାକୁ ବାକି ଅଛି। ବାସ୍ତବରେ ଯେଉଁମାନେ ପଦାତିକ, କମାଣ କିମ୍ବା ସାଞ୍ଜୁ ବାହିନୀରୁ ଆସିଥାଆନ୍ତି ସେମାନେ ସିଧାସଳଖ ଯୁଦ୍ଧରେ ଉତ୍ତମ ପ୍ରଦର୍ଶନ କରିପାରନ୍ତି ବୋଲି ସାଧାରଣରେ ଧାରଣା ରହିଛି। କର୍ ଅଫ୍ ଇଞ୍ଜିନିୟର୍ସରୁ ଆସିଥିବା ବ୍ୟକ୍ତି ବ୍ରିଜ୍ ନିର୍ମାଣ ସହ ଅନ୍ୟାନ୍ୟ ଭିତ୍ତିଭୂମି ଉନ୍ନତିରେ ସହାୟକ ହେବା ସହିତ ସୀମାନ୍ତରେ ଯୋଗାଯୋଗକୁ ସୁଦୃଢ଼ କରିଥାଆନ୍ତି। କିନ୍ତୁ ସିଧାସଳଖ ଲଢ଼େଇରେ ସେମାନଙ୍କ ଯୋଗଦାନ ନ ଥିବାରୁ ତନ୍ମଧ୍ୟରୁ ବାହାରୁଥିବା ବରିଷ୍ଠ ଅଫିସର କେତେ ଦକ୍ଷତାର ସହିତ ଯୁଦ୍ଧ ପରିଚାଳନାର ଯୋଜନା କରି ତାହାକୁ କାର୍ଯ୍ୟକାରୀ କରାଇପାରିବେ, ଏବେ କହିବା ହୁଏତ କାହାରି ପାଇଁ ସମ୍ଭବପର ହେବ ନାହିଁ।

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ୫୬ ଦିନରେ ପହଞ୍ଚିଲାଣି। ଯେବେ ଯୁଦ୍ଧ ଆରମ୍ଭ ହୋଇଥିଲା ବିଶ୍ୱବାସୀ ଧରି ନେଇଥିଲେ ଯେ ଶକ୍ତିଶାଳୀ ରୁଷିଆ ଆଗରେ ତିଷ୍ଠି ନ ପାରି ୟୁକ୍ରେନ୍ ୭ ଦିନରେ ଆତ୍ମସମର୍ପଣ କରିଦେବ। କିନ୍ତୁ ସେହି ଅନୁମାନ ଭୁଲ ପ୍ରମାଣିତ ହେଲା। ପ୍ରଯୁକ୍ତି କ୍ଷେତ୍ରରେ ରୁଷିଆ ଓ ୟୁକ୍ରେନ୍ ଉଭୟ ଶକ୍ତିଶାଳୀ ଥିବାରୁ କେହି ପଛକୁ ଘୁଞ୍ଚୁ ନାହାନ୍ତି। ଅବଶ୍ୟ ଇତିମଧ୍ୟରେ ଆମେରିକା ସମେତ କେତେକ ପାଶ୍ଚାତ୍ୟ ରାଷ୍ଟ୍ର ୟୁକ୍ରେନ୍‌କୁ ସହଯୋଗ କରୁଥିବାରୁ ମସ୍କୋ ଭିତରେ ମଧ୍ୟ ଛନକା ପଶିଛି। ତେଣୁ ଭାରତୀୟ ସଶସ୍ତ୍ର ବାହିନୀକୁ ଶକ୍ତିଶାଳୀ କରିବା ସହିତ ପ୍ରତ୍ୟେକଙ୍କୁ ପ୍ରଯୁକ୍ତିଅନୁକୂଳ ହେବାକୁ ପଡ଼ିବ। ପାଣ୍ଡେ କର୍ ଅଫ୍ ଇଞ୍ଜିନିୟର୍ସରୁ ଆସିବା ସହିତ ଦୁଇଟି କମାଣ୍ଡ୍‌ର ନେତୃତ୍ୱ ନେଇଥିବାରୁ ଯୁଦ୍ଧକ୍ଷେତ୍ରରେ ଉତ୍ତମ ମିଶ୍ରଣ ଆଣିପାରିଲେ ହୁଏତ ଭାରତୀୟ ସେନା ଆଗକୁ ଭଲ ପ୍ରଦର୍ଶନ କରିପାରେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | | 2 | |
| | | 1 | | | 2 | | 3 | |
| | | | 5 | | | 7 | | |
| | | 8 | 7 | 5 | | 2 | | |
| | | 9 | | | | | 4 | |
| 5 | | 2 | | 6 | | | | 3 |
| | 1 | | | | 4 | | 8 | 6 |
| | | | | | | | | |
| | 3 | | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 7 | 4 | 1 | 6 | 2 | 8 | 5 |
| 4 | 2 | 5 | 8 | 3 | 9 | 6 | 1 | 7 |
| 1 | 6 | 8 | 5 | 2 | 7 | 3 | 9 | 4 |
| 3 | 4 | 1 | 6 | 9 | 8 | 7 | 5 | 2 |
| 5 | 8 | 2 | 3 | 7 | 1 | 4 | 6 | 9 |
| 7 | 9 | 6 | 2 | 4 | 5 | 8 | 3 | 1 |
| 6 | 7 | 3 | 1 | 5 | 4 | 9 | 2 | 8 |
| 2 | 1 | 4 | 9 | 8 | 3 | 5 | 7 | 6 |
| 8 | 5 | 9 | 7 | 6 | 2 | 1 | 4 | 3 |

ଗତକାଲିର ଉତ୍ତର

# ଶ୍ରୀମନ୍ଦିର ସୁରକ୍ଷା ସର୍ବୋପରି



ଅନିଲ କୁମାର ବିଶ୍ୱାଳ

ଶ୍ରୀମନ୍ଦିରକୁ ନେଇ ଏବେ ଯେଉଁ ଦୁଇଟି ଘଟଣା ସମସ୍ତ ଜଗନ୍ନାଥପ୍ରେମୀଙ୍କ ପାଇଁ ଚିନ୍ତାର କାରଣ, ତାହା ହେଉଛି ଯେଉଁଭଳି ଭାବରେ ପ୍ରଶାସନିକ ସ୍ତରରେ ଶ୍ରୀମନ୍ଦିର ଚାରିପାଖ ଉନ୍ନତୀକରଣ ପ୍ରକଳ୍ପରେ ବଡ଼ ବଡ଼ ଗାତ କରାଯାଇ ଶ୍ରୀମନ୍ଦିରର ସ୍ଥାୟିତ୍ୱ ଉପରେ ବିପଦ ସୃଷ୍ଟି କରାଯାଉଛି ତାହା ଏବଂ ଆଉ ଗୋଟିଏ ହେଉଛି ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ଘଟଣା। ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପକୁ ଓଡ଼ିଶାରେ ଲୋକେ ପ୍ରଥମେ ସ୍ୱାଗତ କରିଥିଲେ। ଏପରିକି ଯେତେବେଳେ ବହୁ ପୁରାତନ ମଠ, ଆଶ୍ରମକୁ ଭଙ୍ଗାଗଲା ସେତେବେଳେ ବି ଯଦିଓ ଲୋକଙ୍କ ଭାବାବେଗକୁ ଏହା ଆଘାତ ଦେଇଥିଲା ; ତଥାପି ଲୋକମାନେ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟକରଣ, କିଛି ଆବଶ୍ୟକୀୟ ସୁବିଧା, ସର୍ବୋପରି ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିରୁ ଲୋକମାନେ ଚୁପ୍ ରହିଥିଲେ। ହେଲେ ଯେତେବେଳେ ସରକାର ଏହାର ସୁଯୋଗ ନେଇ ବିନା କୌଣସି ବିଶେଷଜ୍ଞ କମିଟିର ପରାମର୍ଶ ଏବଂ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ବିନାନୁମତିରେ ଶ୍ରୀମନ୍ଦିର ଚାରିପଟେ ଯେଉଁଭଳି ଭାବରେ ବଡ଼ ବଡ଼ ମେସିନ ଲଗାଇ ଗାତ ଖୋଳିଲେ, ଏହା ଶ୍ରୀମନ୍ଦିର ଉପରେ ବଡ଼ ବିପଦ ଠିଆ କରିସାରିଛି। ଅବଶ୍ୟ ଏବେ ଜନସାଧାରଣଙ୍କ ଚାପରେ ସରକାର କିଛି କିଛି ଗାତକୁ ବାଲି ପକେଇ ବନ୍ଦ କରୁଛନ୍ତି, ହେଲେ ଥରେ ମାଟି ଭିତରର ଯେଉଁ ଭୂତାତ୍ତ୍ୱିକ ଗଠନ ଥିଲା, ତାକୁ ନଷ୍ଟ କରିଦେଲେ ଏହା ଆଉ ପୂର୍ବାବସ୍ଥାକୁ ନ ଆସିପାରେ। ଏବେ ଆମେ ଏକ ବଡ଼ ବିପଦକୁ ଆଣି ଅଣ୍ଟିରେ ପୂରାଇ ସାରିଛୁ ଏକଥା ସ୍ପଷ୍ଟ। ବାସ୍ତବରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ଅନୁମତି ସମ୍ବନ୍ଧରେ ଯେଉଁ ବିବାଦ ଘୂରି ବୁଲୁଛି ଯେ ଅନୁମତି ମିଳିଛି କି ମିଳିନାହିଁ, ତାହାର ସ୍ପଷ୍ଟତା ହେଉଛି ପୂରା ପ୍ରକଳ୍ପକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ଅନୁମତି ମିଳିଛି, କିନ୍ତୁ ଶ୍ରୀମନ୍ଦିରର ପାଚେରି ଚାରିପଟେ ୧୦୦ ମିଟର ପରିଧି ଭିତରେ କୌଣସି ପ୍ରକାର ଖୋଳାଖୋଳି ହୋଇପାରିବ ନାହିଁ ଏହାର ସର୍ତ୍ତ ରହିଛି। ଏବେ ମାମଲା ହାଇକୋର୍ଟକୁ ଯାଇଥିବାରୁ ତରବରିଆ ଭାବରେ ଗାତ ପୋତିବା ହୁଏତ ସରକାରଙ୍କୁ ବଞ୍ଚାଇ ଦେଇପାରେ, କିନ୍ତୁ ଏବେ ଛୋଟକାଟିଆ ଭୂକମ୍ପ ହେଲେ ଆମ ଶ୍ରୀମନ୍ଦିରକୁ ବଞ୍ଚାଇ ପାରିବ କି ନାହିଁ ତାହା ସନ୍ଦେହ। ସଂସଦରେ ମଧ୍ୟ ଜଣେ ସାଂସଦ ଯେଉଁଭଳି ଭାବରେ ପ୍ରଥମେ କହିଲେ, ମାତ୍ର ୪ଟି ମୂତ୍ରାଗାର ହେଉଛି ଓ ପରେ ପୁଣି ମତ ବଦଳାଇଲେ ; ଏହା ମଧ୍ୟ ଓଡ଼ିଶାର ରାଜନୈତିକ ନେତୃତ୍ୱମାନଙ୍କର ଶ୍ରୀମନ୍ଦିର ପ୍ରତି ସେମାନଙ୍କର ଆନ୍ତରିକତା, ଆତ୍ମୀୟତାକୁ ପଦାରେ ପକାଇଛି।



ପୁରାଣରେ ବର୍ଣ୍ଣିତ ହୋଇଛି, ଶ୍ରୀମନ୍ଦିରର ନିର୍ମାଣ ଏକ ପର୍ବତ ଉପରେ ହୋଇଛି ବୋଲି ଏହାକୁ ନୀଳକନ୍ଦର ବୋଲି କୁହାଯାଉଛି। ଆମେ ପୁରୀ ସହରରୁ ଶ୍ରୀମନ୍ଦିର ଆଡ଼କୁ ଯେଉଁପଟୁ ପ୍ରବେଶ କଲେ ବି ଅତି ସହଜରେ ଜାଣିହେବ ଯେ, ଶ୍ରୀମନ୍ଦିର ଥିବା ସ୍ଥାନଟି ଏକ କୁଦ ବୋଲି। ପୁରୀ ସହର ହେଉଛି ବାଲିର ସହର। ଏହାରି ଉପରେ ଠିଆ ହୋଇଛି ଖଣ୍ଡାଲାଇଟ ପଥରରେ ନିର୍ମିତ ଏହି ବିଶାଳକାୟ କାରୁକାର୍ଯ୍ୟମୟ ମନ୍ଦିର। ସମୁଦ୍ର ମାତ୍ର କେଇ ହାତ ଦୂରରେ। ସାଧାରଣତଃ ସମୁଦ୍ର ଥିବା ସ୍ଥାନରେ ମୃତ୍ତିକାରେ ଜଳୀୟ ଅଂଶ ସର୍ବାଧିକ। ଯେଉଁଭଳି ବିଶାଳ ଓଜନକାୟ ପଥରରେ ଶ୍ରୀମନ୍ଦିର ନିର୍ମାଣ କରାଯାଇଛି ଓ ଶହ ଶହ ବର୍ଷ ହେଲାଣି ମାଟି ଉପରେ ଏହାର ଚାପ ପଡ଼ିଆସୁଛି ସେହି ସ୍ଥିତିରେ ଯଦି ଶ୍ରୀମନ୍ଦିରକୁ ଧରିରଖିଥିବା ମୃତ୍ତିକାର ସ୍ତରରେ ଟିକିଏ ବି ଏପଟସେପଟ ହୋଇଯାଏ, ତାହେଲେ ଏହାର ପ୍ରଭାବ ତତ୍‌କ୍ଷଣାତ ମନ୍ଦିର ଉପରେ ପଡ଼ିବ। ସେତେବେଳେ ଆମେ କିଛି କରିପାରିବା ଭଳି ସ୍ଥିତିରେ ନଥିବା। ଯେଉଁ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ବା ସରକାରଙ୍କୁ କେବଳ ଦଧିନଉତି ମରାମତି କରିବାକୁ, ମନ୍ଦିର ଭିତର ଫାଟ ରୋକିବାକୁ ବର୍ଷ ବର୍ଷ ଲାଗୁଛି, ସେମାନେ ଶ୍ରୀମନ୍ଦିରରେ କିଛି ବଡ଼ କ୍ଷତି ହୋଇଗଲେ କେମିତି ସଜାଡ଼ିବେ?

ଭାରତୀୟ ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ସୁରକ୍ଷା ଆଇନ-୧୯୫୮ର ବିଭାଗ ୨୦(କ) ଅନୁସାରେ, ଶ୍ରୀମନ୍ଦିର ଚାରିପଟେ ୧୦୦ ମିଟର ପରିସରରେ କୌଣସି ଖନନ କାମ କରାଯାଇପାରିବ ନାହିଁ। ଶ୍ରୀମନ୍ଦିର ପ୍ରଶାସନକୁ ୯ ମାସ ତଳେ କେନ୍ଦ୍ରୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଚିଠି ଲେଖିଥିଲେ ଶ୍ରୀମନ୍ଦିରର ୧୦୦ ମିଟର ଭିତରେ ଖନନ କାମ ନ କରିବାକୁ। ରାଜ୍ୟ ସରକାର ସବୁ ଜାଣିଶୁଣି କିପରି ଏଭଳି ଖନନ କାମ କରାଇଲେ, ତାହା ଏକ ବଡ଼ ଭୟଙ୍କର ପ୍ରସଙ୍ଗ। ବଡ଼ ବଡ଼ ଡ୍ରିଲ୍ ମେସିନ ଲଗାଯାଇ ଯେଉଁଭଳି ଭାବରେ ଖୋଳା ଚାଲିଥିଲା ଓ ସେତେବେଳେ ଏଏସ୍‌ଆଇ କାହିଁକି ଏହାର ବିରୋଧ କଲା ନାହିଁ ତାହା ବି ଏକ ବଡ଼ ପ୍ରଶ୍ନ। କେବଳ ଚିଠି ଲେଖିବା ପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ତିଆରି ହୋଇଥିଲା କି? ୧୦୦ ମିଟର ଭିତରେ ଖନନ କଲେ ମାଟିର ଶୃଙ୍ଖଳ ବିଗିଡ଼ି ଶ୍ରୀମନ୍ଦିରରେ ଫାଟ ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି କେନ୍ଦ୍ରୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ସତର୍କ କରିଥିଲା ତାହା ସତ, ହେଲେ ଯଦି ରାଜ୍ୟ ସରକାର ଏହାକୁ ନ ମାନିଲେ ସେତେବେଳେ ଏଏସ୍‌ଆଇ କାହିଁକି ଏହା ବିରୋଧରେ ଅଦାଲତ ବା ଉପରିସ୍ଥ ସ୍ତରରେ ଠୋସ ପ୍ରୟାସ କଲା ନାହିଁ ? ଯଦି ଶ୍ରୀମନ୍ଦିରର ଭିତ୍ତିଭୂମି ଉପରେ ଅବା ମୁଖ୍ୟ ମନ୍ଦିର ଉପରେ କିଛି ବଡ଼ ପ୍ରଭାବ ପଡ଼େ, ତାହେଲେ ଦାୟୀ କିଏ ହେବ ? ଆମେ ମନ୍ଦିର ଚାରିପଟେ ଖୋଳି ଭବିଷ୍ୟତ ପାଇଁ ଏକ ବଡ଼ ବିପଦକୁ ଠିଆ କରିବାକୁ ଯାଉଛେ। ଶ୍ରୀମନ୍ଦିର ସୁରକ୍ଷା ଆଗ ନା ତା' ଚାରିପାଖରେ ଟୟଲେଟ୍, ସୌନ୍ଦର୍ଯ୍ୟକରଣ ଆଗ ଏକଥା ଆମକୁ ସ୍ଥିର କରିବାକୁ ପଡ଼ିବ।

ଏବେ ବିଦ୍ୟମାନ ମନ୍ଦିରକୁ ଅନଙ୍ଗଭୀମ ଦେବ ଓ ଚୋଡ଼ଗଙ୍ଗଙ୍କ ସମୟରେ ନିର୍ମାଣ କରାଯାଇଥିଲା। ଶ୍ରୀମନ୍ଦିରର କ୍ଷେତ୍ରଫଳ ହେଉଛି ୩୭ ହଜାର ବର୍ଗ ମିଟର। ଶ୍ରୀମନ୍ଦିର ବେଢ଼ାରେ ଥିବା ମୁଖ୍ୟ ମନ୍ଦିରକୁ ଛାଡ଼ିଦେଲେ ପାଖାପାଖି ଆହୁରି ୧୨୦ଟି ଛୋଟ ବଡ଼ ମନ୍ଦିର ଅଛି। ସବୁଗୁଡ଼ିକ ପଥରରେ ତିଆରି। ମୋଟାମୋଟି ଭାବରେ ସେଠାରେ ଓଜନିଆ ପଥରର ଚାପ ହଜାର ବର୍ଷରୁ ଅଧିକ ସମୟ ହେଲାଣି ରହିଆସିଛି। ଏବେ ବଡ଼ ବଡ଼ ମେସିନ ଲଗାଯାଇ ଖୋଳିବା ସମୟରେ ସେଥିରେ ଯେଉଁ କମ୍ପନ ସୃଷ୍ଟି ହେଲା ତାହା ବିପଜ୍ଜନକ। ଖବର କାଗଜରେ ଶ୍ରୀମନ୍ଦିରରେ ଫାଟ ସୃଷ୍ଟି ହେଉଥିବାର ଖବର ଆମେ ଦେଖୁଥିଲେ। ହେଲେ ସେହି ଖବରକୁ ସରକାରୀ ସ୍ତରରେ ଏହା ପୁରୁଣା ଫାଟ ବୋଲି କହି ହେୟଜ୍ଞାନ କରାଗଲା। ଏହି ନୂଆ ଫାଟ, ପୁରୁଣା ଫାଟ ଭିତରେ ଏତେବଡ଼ ସମ୍ବେଦନଶୀଳ ଖବର ଆଉ ଆଗକୁ ଯାଇପାରିଲାନି। ଏହି ଫାଟ କାହିଁକି ହେଲା, କେମିତି ଫାଟ ମରାମତି ହେବ ଏସବୁ ପ୍ରଶ୍ନର ଉତ୍ତର ଆଜି କାହା ପାଖରେ ନାହିଁ। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ରୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ନିଷ୍ପତ୍ତି ସର୍ବମାନ୍ୟ।

ଶ୍ରୀମନ୍ଦିର ବିପଦମୁକ୍ତ ନୁହେଁ ଏହା ସତ। ତାକୁ ଆହୁରି ବିପଦକୁ କାହିଁକି ଠେଲି ଦିଆଯାଉଛି ? ସେହିଭଳି ଯେଉଁ ଭଳି ଭାବରେ ରୋଷଘରର ଚୁଲିକୁ ରାତିଅଧରେ ଭଙ୍ଗାଗଲା, ଯାହା କେବେ ଶ୍ରୀମନ୍ଦିରର ଇତିହାସରେ ହୋଇନଥିଲା। ଘଟଣାରେ ଶ୍ରୀମନ୍ଦିରର ସୁରକ୍ଷା ନେଇ ସରକାର କେତେ ଯତ୍ନବାନ୍ ତାହା ମଧ୍ୟ ପଦାରେ ପଡ଼ିଛି।

**ହରିରାଜପୁର, ପୁରୀ**

## ଏଇ ଭାରତରେ

ଭାରତୀୟ ସମରକଳାକୁ ବଞ୍ଚାଇ ରଖିବା ଲାଗି କେରଳର ଜଣେ ଅବସରପ୍ରାପ୍ତ ପୋଲିସଙ୍କ ତ୍ୟାଗ ପ୍ରଶଂସନୀୟ। କେ.ଭି. ମହମ୍ମଦ ଗୁରୁକ୍କଲ କେରଳ ପୋଲିସରେ ୩୨ ବର୍ଷ ଚାକିରି କରି ଅବସର ନେବା ପରେ ପାଖାପାଖି ୨୦୦୦ ଛାତ୍ରୀଛାତ୍ରଙ୍କୁ ମାଗଣାରେ ୩ ହଜାର ବର୍ଷ ପୁରୁଣା କଲାରିପାୟାଟ୍ଟୁ ସମରକଳା ଶିକ୍ଷା ଦେଇ ସାରଲେଣି। କୋଝିକୋଡ୍ ଜିଲା ନିବାସୀ ଗୁରୁକ୍କଲ ଏଥିପାଇଁ ପୋଲିସ ବିଭାଗ ପକ୍ଷରୁ ସମ୍ମାନିତ ହେବା ସହ ରାଷ୍ଟ୍ରପତି ପୁରସ୍କାର ସକାଶେ ଦୁଇ ଥର ନୋମିନେଟ ହୋଇଛନ୍ତି। ଏବେ ତାଙ୍କ ପାଖରେ ୭ରୁ ଆରମ୍ଭ କରି ୪୦ ବର୍ଷ ବୟସ ପର୍ଯ୍ୟନ୍ତ ୩୦ ଜଣ ଶିକ୍ଷା କରୁଛନ୍ତି। ଏହି କାର୍ଯ୍ୟ ବ୍ୟତୀତ ଗୁରୁକ୍କଲ ଆୟୁର୍ବେଦିକ ମସାଜ କଲାରିକୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହିତ କରୁଛନ୍ତି। ବିଭିନ୍ନ ପର୍ବପର୍ବାଣି, ସାମାଜିକ ସମାବେଶଠାରୁ ଆରମ୍ଭ କରି ନୃତ୍ୟ କାର୍ଯ୍ୟକ୍ରମଗୁଡ଼ିକରେ ସେ ସାମରିକ କଳା ପ୍ରଦର୍ଶନ କରୁଛନ୍ତି। ୱାଘା ବର୍ଡରରେ ମଧ୍ୟ ସେ ଏହାକୁ ପ୍ରଦର୍ଶିତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଏପ୍ରିଲ ୧୯୯୭

- ଇଣ୍ଡୋନେସିଆର ଦକ୍ଷିଣ ସୁମାତ୍ରା ପ୍ରଦେଶରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୮ ଜଣଙ୍କ ପ୍ରାଣହାନି।
- ସନ୍ତ୍ରାସବାଦ ସହ ଜଡ଼ିତ ଥିବା ଜଣାପଡ଼ିବା ପରେ ଆଫଗାନିସ୍ତାନ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ସରିଫ୍ କରିମଜାଦାଙ୍କୁ କାନାଡା କର୍ତ୍ତୃପକ୍ଷ ଶରଣାର୍ଥୀ ମର୍ଯ୍ୟାଦା ପ୍ରତ୍ୟାହାର କରିନେଇଛନ୍ତି।
- ସର୍ବସମ୍ମତି କ୍ରମେ ମିଳିତ ସାମ୍ମୁଖ୍ୟର ନୂଆ ନେତା ଭାବେ ବରିଷ୍ଠ କୂଟନୀତିଜ୍ଞ ତଥା ବହିର୍ବ୍ୟାପାର ମନ୍ତ୍ରୀ ଇନ୍ଦର କୁମାର ଗୁଜରାଲ ନିର୍ବାଚିତ।

# ଗୋଲାମିର ଅଦୃଶ୍ୟ ପରିଚୟ



ଡ.ସତ୍ୟ ନାରାୟଣ ମିଶ୍ର

ଆଧୁନିକ ସମାଜରେ ଗୋଲାମିର ପରିଭାଷା କେତେକଙ୍କୁ ଅଭିଶାପବୋଧ ହେଉଥିବା ବେଳେ ଅନ୍ୟ କେତେକଙ୍କୁ ଏହା ଏକ ଆଶୀର୍ବାଦ ଓ ଆନନ୍ଦଦାୟକ ଭଳି ମନେହୁଏ, କାରଣ ପରିବର୍ତ୍ତିତ ପରିସ୍ଥିତିରେ ଗୋଲାମିର ଶୈଳୀ ବର୍ତ୍ତମାନ ସ୍ୱାର୍ଥ ହାସଲ ନିମନ୍ତେ ଚାଟୁକାର ରୂପରେଖରେ ବିଦ୍ୟମାନ। ସାଧାରଣତଃ ପୂର୍ବେ ଗୋଲାମିର ଶିକାର ହେଉଥିବା ବ୍ୟକ୍ତି ପରିସ୍ଥିତିର ବାଧ୍ୟବାଧକତାରେ, ପାରିବାରିକ, ଅର୍ଥନୈତିକ ଆବଶ୍ୟକତାରେ ଗ୍ରହଣ କରୁଥିଲେ ଓ ସ୍ୱାଭିମାନ ତଥା ବିବେକର ଧ୍ୱନିକୁ ପ୍ରତିହତ କରି ଜୀବନ ନିର୍ବାହ କରିବା ନିମନ୍ତେ ଗୋଲାମି ବା ଦାସତ୍ୱକୁ ଆଦରି ନେଉଥିଲେ। ମାତ୍ର ବର୍ତ୍ତମାନ ଅନେକେ ଇଚ୍ଛାକୃତଭାବେ ସ୍ୱାର୍ଥ ହାସଲ ନିମନ୍ତେ ଗୋଲାମି ବା ଦାସତ୍ୱ ସ୍ୱୀକାର କରି ସ୍ୱାର୍ଥ ସିଦ୍ଧି କରୁଛନ୍ତି। ଅଧୁନା ଗୋଲାମିର ଚାଟୁକାର କରିବା ପାଇଁ ପ୍ରତିଯୋଗିତା ହେଉଛି। କିଏ କେତେ ଉପାୟ କରି କ୍ଷମତାର ପଦାଧିକାରୀମାନଙ୍କ ନିକଟତର ହୋଇପାରିବ ସେଥିପାଇଁ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ। ଗୋଲାମି ହେଉଛି ଏକ ଘୃଣ୍ୟ ଚିନ୍ତାଧାରା, ଯେଉଁଥିରେ ବ୍ୟକ୍ତିର ନିଜସ୍ୱ ଜୀବନଶୈଳୀ ତଥା ଚିନ୍ତାଧାରା ପରାଧୀନତାର ଶୃଙ୍ଖଳ ମଧ୍ୟରେ ଆବଦ୍ଧ ହୋଇଥାଏ ଓ ମୁନିବର ସମସ୍ତ ଯାତନାକୁ ମୁଣ୍ଡପାତି ଗ୍ରହଣ କରିବା ସହିତ ଦାସତ୍ୱର ବଶ୍ୟତା ସ୍ୱୀକାର କରିବାକୁ ପଡିଥାଏ ନିଃସଙ୍କୋଚରେ। ଏଥିରେ ବ୍ୟକ୍ତିତ୍ୱ, ସ୍ୱାଭିମାନ, ବିବେକ, ଚିନ୍ତାଧାରା ଆଦି ଧ୍ୱଂସ ହୋଇ କେବଳ ମୁନିବର ଜୟଗାନ ହୋଇଥାଏ। ପୂର୍ବେ ଗୋଲାମିର ରୂପରେଖ ଯେଉଁ ଢଙ୍ଗରେ ଥିଲା ତାହା ହୁଏତ ବ୍ୟକ୍ତିକୁ କ୍ଷତି ପହଞ୍ଚାଉଥିଲା, ମାତ୍ର ସମାଜ ଶଠତାର ଶିକାର ହେଉ ନ ଥିଲା। ହେଲେ ବର୍ତ୍ତମାନ ମଣିଷ ସ୍ୱଇଚ୍ଛାରେ ସ୍ୱାର୍ଥ ସିଦ୍ଧି ନିମନ୍ତେ ଗୋଲାମିର ଦାସତ୍ୱ ପନ୍ଥା ଅବଲମ୍ବନ କରୁଅଛି, ଯାହା ସମାଜର ସମୂହ କ୍ଷତି ପାଇଁ ଉଦ୍ଦିଷ୍ଟ। ଆତ୍ମକେନ୍ଦ୍ରିକ ଦୁର୍ନୀତିଗ୍ରସ୍ତ ରାଜନେତାମାନଙ୍କ ନିକଟରେ ଚାଟୁକାରମାନଙ୍କର ଗୋଲାମି, ଦୁର୍ନୀତିଗ୍ରସ୍ତ ଉଚ୍ଚପଦସ୍ଥ ସରକାରୀ ବାବୁମାନଙ୍କ ନିକଟରେ ଚାଟୁକାରର ଗୋଲାମି, ନୀତିହୀନ ଶିକ୍ଷକଙ୍କ ନିକଟରେ ପାଠ ନ ପଢ଼ି ଉଚ୍ଚ ମାନର ପ୍ରମାଣପତ୍ର ହାସଲ ନିମନ୍ତେ ଅଧମ ଛାତ୍ରୀଛାତ୍ରମାନଙ୍କର ଗୋଲାମି, ସରକାରୀ ଚାକିରି, ପଦୋନ୍ନତି ବା ଅଧିକ ସ୍ୱାର୍ଥ ସିଦ୍ଧି ନିମନ୍ତେ ଚାଟୁକାରର ଗୋଲାମି ଇତ୍ୟାଦି ଏକ ବ୍ୟାଧିଗ୍ରସ୍ତ ଚିନ୍ତାଧାରା ହୋଇ ସମାଜକୁ ଆକ୍ରାନ୍ତ କରିସାରିଲାଣି। ସ୍ୱାର୍ଥ ସିଦ୍ଧି ପାଇଁ ମଣିଷ ଯେଉଁଠି ଜୀବନର ବହୁମୂଲ୍ୟ ସମୟକୁ ଚାଟୁକାର କରି ଗର୍ବ ଅନୁଭବ କରୁଛି, ସେହି ସମାଜରେ ମଣିଷର ବାସ୍ତବ ସ୍ଥିତି କେତେ ଉଚ୍ଚରେ ତାହା ଚାଟୁକାରର ଗୋଲାମି ପନ୍ଥା ଅନୁସରଣ କରୁଥିବା ବ୍ୟକ୍ତିମାନେ ତରାଜୁର ମାପଦଣ୍ଡରେ ନିଜକୁ ନିର୍ଣ୍ଣୟ କରିବା ଆବଶ୍ୟକ।

ପୂର୍ବେ ଗୋଲାମି ଜୀବନର ଅବଧି ସମ୍ପୂର୍ଣ୍ଣ ଜୀବନ ପାଇଁ, କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟ ଲାଗି ହେଉଥିବା ବେଳେ ପରେ ଗୋଲାମିରୁ ମୁକ୍ତକରି ସ୍ୱାଧୀନତା ଦିଆଯାଉଥିଲା ଯାହା ଥିଲା ଜୀବନ ନିର୍ବାହର ଜଟିଳ ପନ୍ଥା, ମାତ୍ର ତାହା ଥିଲା ପରିସ୍ଥିତିର ଗୋଲାମି, ଯାହା ବ୍ୟକ୍ତିର ନୈତିକ ମୂଲ୍ୟବୋଧ, ଆଦର୍ଶ, ନିଷ୍ଠା ଆଦିକୁ କ୍ଷତି କରୁ ନ ଥିଲା ବା ସମାଜକୁ ଶୋଷଣ କରୁ ନ ଥିଲା। ମାନବ ଇତିହାସରେ ଦାସତ୍ୱ ସଭ୍ୟତାର ଏକ ଭିନ୍ନ ବୈଶିଷ୍ଟ୍ୟ ଥିଲା। ବ୍ୟକ୍ତିଗତ ଗୋଲାମି ହେଉଛି ବ୍ୟକ୍ତିଗତ ଲାଭ ପାଇଁ ଅନ୍ୟ ବ୍ୟକ୍ତିଠାରେ ସ୍ୱାର୍ଥ ସିଦ୍ଧି ଲାଗି ନିମଜ୍ଜିତ ହେବା। ମାତ୍ର ଆଧୁନିକ ଗୋଲାମି ଆମ ଚତୁର୍ଦ୍ଦିଗରେ ବିଦ୍ୟମାନ। ଉକ୍ତ ଗୋଲାମିର ଷଡ଼ଯନ୍ତ୍ରରେ ସମାଜର ପ୍ରତ୍ୟେକ ସାଧାରଣ ବ୍ୟକ୍ତି କ୍ଷତବିକ୍ଷତ ହୋଇଥାନ୍ତି। ଉକ୍ତ ଗୋଲମିରେ ବ୍ୟକ୍ତି ଚିରଦିନ ପାଇଁ ଅନ୍ୟର ବଶ୍ୟତା ସ୍ୱୀକାର କରିବା ପାଇଁ ଅନୌପଚାରିକ ନିର୍ଦ୍ଦେଶରେ ଔପଚାରିକ ଭାବରେ ବାଧ୍ୟ ହୋଇଥାଏ। ବର୍ତ୍ତମାନର ଗୋଲାମି ବୃତ୍ତିରେ ସଫଳତା ଯଥାଶୀଘ୍ର ପ୍ରାପ୍ତି ହୋଇଥାଏ, କାରଣ ମଣିଷ ନିଜ ବିଷୟରେ ଆତ୍ମକେନ୍ଦ୍ରିକ। ସେଥିପାଇଁ ଚାଟୁକାରମାନେ ଏହି ଦୁନିଆରେ ସର୍ବଦା ସଫଳତା ପାଇଥାନ୍ତି। ଆକାଂକ୍ଷା ଓ ବିଶ୍ୱାସର ଉପଲବ୍ଧିରେ ଯେପର୍ଯ୍ୟନ୍ତ ଜଣେ ନିଜର ବ୍ୟକ୍ତିଗତ ମତକୁ ବିବେକର ନ୍ୟାୟାଳୟରେ ପରାସ୍ତ ନ କରିପାରିଛି, ସେପର୍ଯ୍ୟନ୍ତ ସେ ଅନ୍ୟମାନଙ୍କୁ ପ୍ରଶଂସା କରିପାରିବ ନାହିଁ ଓ ସେ ଯଦିବା ପ୍ରଶଂସା କରନ୍ତି ତେବେ ତାହା ବିବେକକୁ ହତ୍ୟା କରି ସକ୍ଷମ ହେବାର ପ୍ରୟାସ। ଜଣେ ବ୍ୟକ୍ତି ଯିଏ ନିଜକୁ ସମର୍ଥିତ କରେ, ସେ ଅନ୍ୟମାନଙ୍କ ମହାନତା ବିଷୟରେ ଚିନ୍ତା କରିପାରନ୍ତି। ଅନ୍ୟ ପଟେ, ଯେଉଁ ବ୍ୟକ୍ତି ଗୁଣଗୁଡ଼ିକ ପାଇଁ ଆନ୍ତରିକ ପ୍ରଶଂସା କରନ୍ତି, ସେମାନଙ୍କୁ ଆନ୍ତରିକତାର ସହିତ ପ୍ରକାଶ କରିବାର ନିର୍ଭୟ ଚିନ୍ତାଧାରାର ସନ୍ଧାନ ମିଳିଥାଏ, ଯେଉଁଥିରେ ନ ଥାଏ କାହାଠାରୁ କିଛି ପ୍ରାପ୍ତିର ଆଶା। ଚାଟୁକାର ଏକ କଳା, କାରଣ ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତିର କୃତ୍ରିମ ମିଠା ଜିଭ ନ ଥାଏ, ସେ ପର୍ଯ୍ୟନ୍ତ ଅନ୍ୟକୁ ଚାଟୁ କରିପାରିବ ନାହିଁ। ଜଣେ ବ୍ୟକ୍ତି ଅନ୍ୟ ଜଣକୁ ବିରୋଧ କରୁଥିବା କ୍ଷଣରେ କ୍ରୋଧ ଅନୁଭବ କରେ ଓ ଚାଟୁ ଏକ କଳା କାରଣ ଅନ୍ୟ ଜଣକୁ ପ୍ରଶଂସା କରିବା ପାଇଁ ଜଣକୁ ସବୁଠାରୁ ବିଡ଼ମ୍ବନାପୂର୍ଣ୍ଣ ଭାଷା ବ୍ୟବହାର କରିବାକୁ ପଡ଼େ। ଗୋଲାମିର ବଶ୍ୟତା ଓ ଚାଟୁକାରର ଦାସତ୍ୱକୁ ପ୍ରତିହତ କରି ସକ୍ରେଟିସ ମୃତ୍ୟୁ ପର୍ଯ୍ୟନ୍ତ ବିଷାକ୍ତ ହୋଇଥିଲେ। ଖ୍ରୀଷ୍ଟଙ୍କୁ ମଧ୍ୟ କ୍ରୁଶରେ ଚଢ଼ାଇ ଦିଆଯାଇଥିଲା।

ଆଜି ବିଶ୍ୱ ଗୋଲାମିର ସର୍ବସାଧାରଣ ପ୍ରଦର୍ଶନରୁ ଏକ ଆଧୁନିକ ଗୋଲାମିକୁ ସ୍ଥାନାନ୍ତରିତ ହୋଇଛି। ଗୋଲାମିର ଏହି ଆଧୁନିକ ରୂପ ପୁରାତନ ରୂପଠାରୁ ଭିନ୍ନ। ସ୍ୱାର୍ଥ ସିଦ୍ଧିର ଅହେତୁକ ଶିଖରରେ ଦଣ୍ଡାୟମାନ ହୋଇ ମଣିଷ ନିଜକୁ ପ୍ରଶ୍ନ ପଚାରିବାରେ ଅସମର୍ଥ, କାରଣ ସେ ଗୋଲାମିର ପରିଚୟରେ ଜୀବିତ। ଜୀବନଧାରଣର ମାର୍ମିକ ଚିନ୍ତାଧାରାରୁ ବିଚ୍ୟୁତ ହୋଇ ମଣିଷ ପରସ୍ପର ପ୍ରତି ଲୁଚକାଳି ଖେଳ ଖେଳି ଖେଳର ପରିସମାପ୍ତି କରିବା ପାଇଁ ବ୍ୟସ୍ତ ହୋଇଥାଏ, ମାତ୍ର ଗୋଲାମିର ପରିଶେଷର ପୂର୍ଣ୍ଣାହୁତି ହୋଇଥାଏ ସମୟର ବ୍ୟବସ୍ଥିତ ନିର୍ଦ୍ଦେଶରେ, ଯେତେବେଳେ ମଣିଷ ସବୁକିଛି ହଜେଇ ଦେଇଥାଏ। ଜୀବନର ଅନ୍ତିମ ସୋପାନରେ ମଣିଷ ନିଜର ଉତ୍କର୍ଷର ସମୟକୁ ଗୋଲାମିରେ ନଷ୍ଟ କରି ସ୍ୱାର୍ଥ ହାସଲ କରିଥିବାରୁ ନିଜକୁ ଧିକ୍କାରି ଥାଏ, କାରଣ ଶଠତାର ଅର୍ଥ ଜୀବନ ନିର୍ବାହ କରିବାରେ ଅସମର୍ଥ ହୋଇଥାଏ । ତେଣୁ ଗୋଲାମିର ଅଦୃଶ୍ୟ ପରିଚୟରେ ଲୁକ୍କାୟିତ ଜୀବନ ନିର୍ବାହ ନ କରି ସ୍ୱାଭିମାନ, ଆଦର୍ଶ ଓ ନିଷ୍ଠାର ସ୍ୱାଧୀନ ନିଷ୍କଳଙ୍କ ଜୀବନ ନିର୍ବାହ କଲେ ଜୀବନ ହୋଇଯାଏ ଜୀବାତ୍ମାର ପୂର୍ଣ୍ଣରୂପ ।

**ଅଭିଲେଖାଧିକାରୀ, ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମୋ -୯୯୩୭୩୪୫୯୦୦**

## ଚିରନ୍ତନୀ

କୈଶୋରେ ମୋର ସ୍ୱପନର ସାଥୀ
ପ୍ରୌଢ଼େ ହୃଦୟ ରାଣୀ
ଜରା-ଅଙ୍ଗେ ମୋ' ଢାଳିବ ନବୀନ
କ୍ଲାନ୍ତି-ହର ତା' ବାଣୀ।
ମୃତ୍ୟୁ ଅଙ୍କେ ତେଜି ଭୟ ଲଜ୍ଜା
ପାତିବ ସେ ମୋର ଚିର ମଧୁ ସଜ୍ଜା
ଅନ୍ଧାର ସେ ମୋ କକ୍ଷେ ଜାଳିବ ପୀରତି ପ୍ରଦୀପ ଆଣି
କୈଶୋରେ ମୋର ସ୍ୱପନର ସାଥୀ ପ୍ରୌଢ଼େ ହୃଦୟରାଣୀ।

-(ମଧୁ-ବିବାହ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ପାଠକ ଶ୍ରେଷ୍ଠ ବିଚାରକ

## ସବୁ ଯୋଗ୍ୟ ବ୍ୟକ୍ତିଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ମିଳୁ

ମହାଶୟ,

କିଛି ଦିନ ପୂର୍ବେ ରାଜ୍ୟର ରାଶନ କାର୍ଡ ପାଇଥିବା ପରିବାରଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଏହି ବ୍ୟବସ୍ଥାରେ ଅନେକ ତ୍ରୁଟି ବିଚ୍ୟୁତ ଥିଲା। କେତେକ ଯୋଗ୍ୟ ପରିବାରଙ୍କୁ କାର୍ଡ ମିଳି ନ ଥିଲା। ଅନେକ ଲୋକଙ୍କୁ ଦିଆଯାଇଥିବା କାର୍ଡରେ କ୍ରମିକ ନମ୍ବର, ହିତାଧିକାରୀଙ୍କ ନାମ ଓ ଠିକଣା ଭୁଲ୍ ଥିଲା। ସେହିସବୁ କାର୍ଡଗୁଡ଼ିକ ଅଙ୍ଗନୱାଡି କେନ୍ଦ୍ରରେ ସଂଶୋଧନ ପାଇଁ ଦାଖଲ କରାଯାଇଥିଲା। ଏହା ମଧ୍ୟରେ ତିନିମାସ ବିତିଗଲାଣି। ଜଣେ ହେଲେ କେହି ସଂଶୋଧିତ କାର୍ଡ ପାଇ ପାରିନାହାନ୍ତି। କୁହାଯାଉଛି, ଏହି ଯୋଜନା ବନ୍ଦ ହୋଇଯାଇଛି, ଆଉ କାହାରିକୁ ସ୍ମାର୍ଟ କାର୍ଡ ଦିଆଯାଉ ନାହିଁ। ଏଣୁ ରାଜ୍ୟ ସରକାର ସବୁ ଯୋଗ୍ୟ ପରିବାରଙ୍କୁ ସଂଶୋଧିତ ଓ ତ୍ରୁଟିଶୂନ୍ୟ କାର୍ଡ ଦେବାର ବ୍ୟବସ୍ଥା କରନ୍ତୁ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର , ଜଗତ୍‌ସିଂହପୁର**

## ଅନାଥ ପିଲାଙ୍କ ପ୍ରତି ଅବିଚାର

କୋଭିଡ୍ ମହାମାରୀ ଯୋଗୁ ଅନାଥ ହୋଇଥିବା ପିଲାଙ୍କୁ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାର ଆଶୀର୍ବାଦ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ଅନୁସାରେ ବାପା ଓ ମା' ଉଭୟଙ୍କୁ ହରାଇଥିବା ପିଲା ଓ ସିଙ୍ଗଲ ପ୍ୟାରେଣ୍ଟଙ୍କୁ ହରାଇଥିବା ପିଲାଙ୍କ ଭରଣ ପୋଷଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ମାସିକ ୨୫୦୦ ଟଙ୍କା ଦିଆଯିବ। ଏହି ପିଲାମାନଙ୍କ ଦାୟିତ୍ୱ ନେଇଥିବା ଆତ୍ମୀୟଙ୍କ ବ୍ୟାଙ୍କ ଖାତାରେ ଏହି ଟଙ୍କା ଜମା କରାଯିବ। ପିଲାଟିକୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ଏହି ସହାୟତା ଯୋଗାଇ ଦିଆଯିବ। ଅନୁସନ୍ଧାନରୁ ଜଣାଯାଏ, ୨୦୧୯ରେ ଓଡ଼ିଶା ସରକାର ଏକ ସର୍ଭେ କରିଥିଲେ। ଏହି ସର୍ଭେରେ ଏକାକୀ ପିତାମାତା ଓ ସମ୍ପୂର୍ଣ୍ଣ ଅନାଥ ହୋଇଥିବା ୨ ଲକ୍ଷ ୩୦ ହଜାର ପିଲାଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟ ଏକ ସୂତ୍ରରୁ ଜଣାପଡ଼େ ଜାତୀୟ ଶିଶୁ ସୁରକ୍ଷା ଆୟୋଗ ପକ୍ଷରୁ ଓଡ଼ିଶାରେ ୨୪ ହଜାର ୪୦୫ ଜଣ ଶିଶୁ (୨୦୨୦ ଏପ୍ରିଲରୁ) କୋଭିଡ୍ ଯୋଗୁ ବାପା ଅଥବା ମା' ଏବଂ କେହି କେହି ଉଭୟଙ୍କୁ ହରାଇଛନ୍ତି ବୋଲି ଏକ ରିପୋର୍ଟରେ ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କରୋନା ପରିସ୍ଥିତି ଏବେ ବି ଅନେକ ପିଲାଙ୍କୁ ଅସହାୟ କରିଛି। କିନ୍ତୁ ସରକାର କୌଣସି ପରିସ୍ଥିତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାକୁ ବନ୍ଦ କରିବା ଉଚିତ ନୁହେଁ। ଯୋଜନା ବନ୍ଦ ହେଲେ ଅନାଥ ପିଲାଙ୍କ ପ୍ରତି ଏହା ନିଶ୍ଚିତ ଭାବେ ଅବିଚାର ହେବ। ଆଶୀର୍ବାଦ ଯୋଜନା ଈଶ୍ୱରଙ୍କ ବରଦାନ ସଦୃଶ ଥିଲା। ସରକାର ଏହି ଯୋଜନାକୁ କାର୍ଯ୍ୟକ୍ଷମ କରିବା ଉଚିତ।

**-ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଦକ୍ଷିଣ ଆଫ୍ରିକା ବନ୍ୟା ଜାତୀୟ ବିପର୍ଯ୍ୟୟ ଘୋଷିତ**

ଦକ୍ଷିଣ ଆଫ୍ରିକାର ଉପକୂଳ ରାଜ୍ୟ କ୍ୱାଜୁଲୁ-ନାଟାଲରେ ପ୍ରଳୟଙ୍କରୀ ବନ୍ୟାରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହେବା ସହ ୪୦ ହଜାରରୁ ଅଧିକ ବାସହରା ହୋଇଛନ୍ତି। ବନ୍ୟାପାଣିରେ ଭାସିଯାଇ ଅନେକେ ନିଖୋଜ ଅଛନ୍ତି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମଫୋସା ଦେଶରେ ଜାତୀୟ ବିପର୍ଯ୍ୟୟ ସ୍ଥିତି ଘୋଷଣା କରିଛନ୍ତି। ଏହି ବନ୍ୟାକୁ ଗତ ସପ୍ତାହରେ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରାଯାଇଥିଲା। ତେବେ ବନ୍ୟା ଯୋଗୁ ମୁଖ୍ୟ ବନ୍ଦର ଡର୍ବାନ୍‌ରୁ ସାରା ଦେଶକୁ ଇନ୍ଧନ ଓ ଖାଦ୍ୟ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଏହାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରାଯାଇଛି।

## ସଂକ୍ଷେପରେ

### ହାରିସ୍‌ଙ୍କ ପ୍ରତିରକ୍ଷା ଉପଦେଷ୍ଟା ହେଲେ ଭାରତୀୟ ବଂଶୋଦ୍ଭବ



ଶାନ୍ତି ସେଠୀ

**ୱାଶିଂଟନ,୧୯।୪ (ପି.ଟି.):** ଭାରତୀୟ ବଂଶୋଦ୍ଭବ ନୌସେନା ଅଧିକାରୀ ଶାନ୍ତି ସେଠୀ ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ କାର୍ଯ୍ୟନିର୍ବାହୀ ସଚିବ ତଥା ପ୍ରତିରକ୍ଷା ଉପଦେଷ୍ଟା ଭାବେ ଯୋଗ ଦେଇଛନ୍ତି। ସେ ଆମେରିକା ନୌସେନା ଯୁଦ୍ଧଜାହାଜର ପ୍ରଥମ ଭାରତୀୟ-ଆମେରିକୀୟ କମାଣ୍ଡର ଥିଲେ। ୨୦୧୦ ଡିସେମ୍ବରରୁ ୨୦୧୨ ମେ' ପର୍ଯ୍ୟନ୍ତ ସେ ଗାଇଡେଡ୍ ମିଶାଇଲ ଡେଷ୍ଟ୍ରୟର ୟୁଏସ୍ଏସ୍ ଡେକାଟୁର୍‌ର କମାଣ୍ଡର ରହିଥିଲେ। ଶାନ୍ତିଙ୍କ ଜନ୍ମ ଆମେରିକାର ନେଭାଡା ଅନ୍ତର୍ଗତ ରିନୋରେ। ତାଙ୍କ ବାପା ଭାରତୀୟ ହୋଇଥିବାବେଳେ ମାଆ କାନାଡା ଜନ୍ମିତ।

### ଟ୍ରାକ୍ଟର-ଜିପ୍ ଧକ୍କା: ୧୦ ମୃତ

**ଜୟପୁର,୧୯।୪ :** ରାଜସ୍ଥାନର ଝୁନଝୁନୁ ଜିଲାରେ ମଙ୍ଗଳବାର ଯାତ୍ରୀବାହୀ ଜିପ୍ ସହ ଏକ ଟ୍ରାକ୍ଟର ଧକ୍କା ହେବା ଫଳରେ ଗୋଟିଏ ପରିବାରର ୧୦ ଜଣ ପ୍ରାଣ ହରାଇଛନ୍ତି। ଦୁର୍ଘଟଣାରେ ୮ ଜଣ ଆହତ ହୋଇଛନ୍ତି। ମନ୍ଦିରରୁ ପ୍ରାର୍ଥନା ସାରି ଫେରିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

### ଦିଲ୍ଲୀ ଦଙ୍ଗା : ୫ ଅଭିଯୁକ୍ତଙ୍କ ବିରୋଧରେ ଏନ୍ଏସ୍ଏ

**ନୂଆଦିଲ୍ଲୀ,୧୯।୪ :** ଜାହାଙ୍ଗୀରପୁରୀ ସାମ୍ପ୍ରଦାୟିକ ଦଙ୍ଗା ଘଟଣାରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଜାତୀୟ ସୁରକ୍ଷା ଆଇନ (ଏନ୍ଏସ୍ଏ)ରେ ମାମଲା ରୁଜୁ କରିଛି। ଏହି ଆଇନ ବଳରେ ମୁଖ୍ୟ ଅଭିଯୁକ୍ତ ଅନ୍ସାରଙ୍କ ସମେତ ସଲିମ୍, ଇମାମ ଶେଖ୍ ଓରଫ ସୋନୁ, ଦିଲସାଦ ଏବଂ ଅହିରଙ୍କୁ ଗୋଟିଏ ବର୍ଷ ପର୍ଯ୍ୟନ୍ତ ଅଟକ ରଖାଯାଇପାରିବ। ଜାହାଙ୍ଗୀରପୁରୀ ହିଂସାକାଣ୍ଡ ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦିଲ୍ଲୀ ପୋଲିସ କମିଶନର ରାକେଶ ଅସ୍ଥାନାଙ୍କୁ ଫୋନ୍ କରି ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ସାମ୍ପ୍ରଦାୟିକ ହିଂସା ଘଟିଥିଲା। ଅଦ୍ୟାବଧି ୨୪ ଜଣଙ୍କୁ ପୋଲିସ ଗିରଫ କରି ୨ ନାବାଳକ ଅଭିଯୁକ୍ତଙ୍କୁ ଅଟକ ରଖିଛି।

### ବଳାତ୍କାର ଅଭିଯୋଗରେ ଟିଆର୍ଏସ୍ ନେତାଙ୍କ ପୁଅ ଗିରଫ



**ହାଇଦ୍ରାବାଦ,୧୯।୪:** ବଳାତ୍କାର ଅଭିଯୋଗରେ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍) ନେତା ମହମ୍ମଦ ଖାଜାଙ୍କ ପୁଅ ଶେଖ୍ ଘୋଷ ପାଶାଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ରାତିରେ ପାଶା ଓ ତାଙ୍କର ଜଣେ ସହଯୋଗୀ ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ଅଟୋରୁ ଅପହରଣ କରି ଦୁଇଦିନ ଧରି ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି।

# ଇୟୁର ଚିନ୍ତା ବଢ଼ାଉଛି ଚାଇନା

**ନୂଆଦିଲ୍ଲୀ,୧୯।୪**

ରୁଷିଆର ୟୁକ୍ରେନ୍ ଆକ୍ରମଣ ଉପରେ ସାରା ବିଶ୍ୱର ନଜର କେନ୍ଦ୍ରୀଭୂତ ହୋଇଥିବାବେଳେ ୟୁରୋପରେ ଚାଇନା ନିଜ ସାମରିକ ଶକ୍ତି ବଢ଼ାଇବାରେ ଲାଗିଛି। ଚାଇନା ସେନାର ବିମାନଗୁଡ଼ିକରେ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ଏଫ୍‌କେ-୩ କ୍ଷେପଣାସ୍ତ୍ର ସର୍ବିଆକୁ ପରିବହନ କରାଯିବା ୟୁରୋପରେ ନୂଆ ବିବାଦକୁ ଜନ୍ମ ଦେଇଛି। ସର୍ବିଆର ପଡ଼ୋଶୀ ମୋଣ୍ଟେନେଗ୍ରୋ ବେଜିଂର ଏହି ପଦକ୍ଷେପ ଯୋଗୁ ନିଜ ନିରାପତ୍ତା ବିପନ୍ନ ହୋଇଥିବା ସମାଲୋଚନା କରିଛି। ମୋଣ୍ଟେନେଗ୍ରୋ ରାଷ୍ଟ୍ରପତି ମିଲୋ ଜୁକାନୋଭିକ୍ କହିଛନ୍ତି, ୟୁରୋପ ଓ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ର ଶତ୍ରୁରାଷ୍ଟ୍ରଠାରୁ ସର୍ବିଆ ଅସ୍ତ୍ରଶସ୍ତ୍ର କିଣୁଛି। ସର୍ବିଆର ସାମରିକ ଅସ୍ତ୍ରାଗାରରେ ଚାଇନାର ଉପସ୍ଥିତି ବହୁଗୁଣିତ ହୋଇଛି, ଯାହାକି ସମଗ୍ର ୟୁରୋପ ପାଇଁ ବିପଜ୍ଜନକ ବୋଲି ସେ ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ସର୍ବିଆ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଭୁସିକ୍ ଏହି ମିଶାଇଲ ବିକ୍ରିକୁ ଯଥାର୍ଥ ଦର୍ଶାଇଛନ୍ତି। ଭୁସିକ୍ କହିଛନ୍ତି, ଚାଇନାଠାରୁ ସଶସ୍ତ୍ର ଡ୍ରୋନ୍ କିଣିବା ପାଇଁ ୨୦୧୯ରେ ସ୍ୱାକ୍ଷରିତ ଏକ ଚୁକ୍ତି ଅନୁସାରେ ଏହା ହେଉଛି ବୈଧ, ସମ୍ପୂର୍ଣ୍ଣ ନିୟମିତ ଓ ସ୍ୱଚ୍ଛ କାରବାର। ସର୍ବିଆ ବାୟୁସୀମାକୁ କୌଣସି କ୍ରୁଜ୍ ମିଶାଇଲ ବା ଯୁଦ୍ଧବିମାନ ଅନୁପ୍ରବେଶ କଲେ ଏଫ୍‌କେ-୩ କ୍ଷେପଣାସ୍ତ୍ର ଦେଶକୁ ସୁରକ୍ଷା ଦେବାରେ ସହାୟକ ହେବ। ୨୦୨୦ରେ ବେଲ୍‌ଗ୍ରେଡ୍ ପ୍ରଥମ ୟୁରୋପୀୟ ରାଷ୍ଟ୍ର ରୂପେ ଆନୁଷ୍ଠାନିକ ଭାବେ ଚାଇନାର ୬ଟି ସିଏଚ୍-୯୨ଏ ଡ୍ରୋନ୍ କିଣିଥିଲା। ୟୁରୋପୀୟ ସଂଘରେ ସାମିଲ ହେବା ପାଇଁ ସର୍ବିଆର ଆବେଦନ ସତ୍ତ୍ୱେ ରୁଷିଆ ଓ ଚାଇନା ସହ ଏହାର ଘନିଷ୍ଠତା ସମଗ୍ର ମହାଦେଶରେ ଚିନ୍ତାବୃଦ୍ଧିର କାରଣ ପାଲଟିଛି। ଏଥିସହ ୟୁଗୋସ୍ଲାଭିଆର ବିଭାଜନରେ ବିଳମ୍ବଜନିତ ଉତ୍ତେଜନା ବଲ୍‌କାନ୍ ଉପଦ୍ୱୀପକୁ ପ୍ରଭାବିତ କରିଛି। ଚଳିତ ସପ୍ତାହରେ ଜର୍ମାନୀ କହିଛି ଯେ, ଯଦି ସର୍ବିଆ ଇୟୁରେ ସାମିଲ ହେବାକୁ ଚାହେଁ, ତେବେ ଏହାକୁ ୟୁରୋପୀୟ ସଂଘର ବହିର୍ବ୍ୟାପାର ଏବଂ ସୁରକ୍ଷା ନୀତିକୁ ମାନିଚଳିବାକୁ ପଡ଼ିବ। ଆମେରିକାସ୍ଥିତ ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ସିକ୍ୟୁରିଟି ଷ୍ଟଡିଜ୍ ପ୍ରୋଗ୍ରାମ୍ ନିର୍ଦ୍ଦେଶକ ଟେଲର ଫ୍ରାଭେଲଙ୍କ ମତରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ଏହି ଅସ୍ତ୍ର ଯୋଗାଣ ଦୃଷ୍ଟି ଆକର୍ଷଣ କରିଛି। ରୁଷିଆ-ୟୁକ୍ରେନ୍ ସଂଘର୍ଷ



ଏଫ୍‌କେ-୩ ମିଶାଇଲ୍ ସିଷ୍ଟମ୍।

### ସର୍ବିଆ ଦେଇ ରୁଷିଆକୁ ଯୁଦ୍ଧାସ୍ତ୍ର ଯୋଗାଣ ମସୁଧା

ଚାଇନାର ସାମରିକ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସର୍ବିଆକୁ ବେଜିଂ ଦେଇଥିବା ଅସ୍ତ୍ରଶସ୍ତ୍ର ପରିଶେଷରେ ରୁଷିଆକୁ ପ୍ରେରଣ କରାଯାଇପାରେ ବୋଲି ଫ୍ରାଭେଲ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ୨୦୦୮ ଫେବୃୟାରୀ ୧୭ରେ କୋସୋଭୋ ନିଜକୁ ସର୍ବିଆଠାରୁ ସ୍ୱାଧୀନ ଘୋଷଣା କରିଥିଲା। ଏଠାରେ ପାଶ୍ଚାତ୍ୟର ଚିନ୍ତା ହେଉଛି, ସର୍ବିଆକୁ ଚାଇନା ଓ ରୁଷିଆର ଅସ୍ତ୍ରଶସ୍ତ୍ର ଯୋଗାଣ ବଲ୍‌କାନ୍ ରାଷ୍ଟ୍ରକୁ ଆଉ ଏକ ଯୁଦ୍ଧ ପାଇଁ ଉସୁକାଇବ। ସର୍ବିଆ ନିଜର ପୂର୍ବତନ ପ୍ରଦେଶ ବିରୋଧରେ ଏହି ଅସ୍ତ୍ରଶସ୍ତ୍ରକୁ ବ୍ୟବହାର କରିପାରେ। ଉଲ୍ଲେଖଯୋଗ୍ୟ, ଆମେରିକା ସମେତ ଅଧିକାଂଶ ରାଷ୍ଟ୍ର କୋସୋଭୋକୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ମାନ୍ୟତା ଦେଉଥିଲେ ହେଁ ସର୍ବିଆ, ରୁଷିଆ ଓ ଚାଇନା ଏହାକୁ ଗ୍ରହଣ କରନ୍ତି ନାହିଁ।

### ୱାଇ-୨୦ର ଶକ୍ତି ପ୍ରଦର୍ଶନ

ସର୍ବିଆକୁ ଚାଇନା ଦେଇଥିବା ମିଶାଇଲ ଡିଫେନ୍ସ ସିଷ୍ଟମ୍ ଉପରେ ସମସ୍ତଙ୍କ ନଜର ରହିଥିବାବେଳେ ବେଜିଂ ଆଉ ପାଦେ ଆଗକୁ ଯାଇ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୱାଇ-୨୦ କାର୍ଗୋ ପ୍ଲେନ୍‌ର ଅପରେଶନାଲ ସାମର୍ଥ୍ୟ ପ୍ରଦର୍ଶନ କରିଛି। ଚାଇନାର ସରକାରୀ ଗଣମାଧ୍ୟମ 'ଗ୍ଲୋବାଲ ଟାଇମ୍ସ' ୱାଇ-୨୦ ଜରିଆରେ କ୍ଷେପଣାସ୍ତ୍ର ଯୋଗାଣକୁ ଅଦ୍ୟାବଧି ସର୍ବବୃହତ୍ ଦରିଆପାରି ମିଶନ ଭାବେ ଅଭିହିତ କରିଛି। ମିଶନରେ ସାମିଲ ଥିବା ୱାଇ-୨୦ଗୁଡ଼ିକ ଚାଇନାରୁ ଉଡ଼ାଣ କରି ୮,୦୦୦ କି.ମି. ଦୂର ସର୍ବିଆରେ ପହଞ୍ଚିଛି। ଉଡ଼ାଣ ବେଳେ ସେଗୁଡ଼ିକ କେତେକ କ୍ଷେତ୍ରରେ ଆଞ୍ଚଳିକ ବିବାଦ ସତ୍ତ୍ୱେ ଅନେକ ନାଟୋ ରାଷ୍ଟ୍ରର ବାୟୁସୀମା ଅତିକ୍ରମ କରିଛି। ଅର୍ଥାତ୍ ୪,୫୦୦ କି.ମି. ଲକ୍ଷ୍ୟଭେଦୀ ଏହି ଏୟାରକ୍ରାଫ୍ଟ ଚାଇନାର ସାମରିକ ବଳକୁ ପ୍ରମାଣିତ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି ବୋଲି 'ଗ୍ଲୋବାଲ ଟାଇମ୍ସ' ଉଲ୍ଲେଖ କରିଛି। ସୂଚନାଯୋଗ୍ୟ, ୧୯୬୦ ଦଶକରୁ ଚାଇନା ମିଶାଇଲ ସିଷ୍ଟମ୍‌ଗୁଡ଼ିକୁ ରପ୍ତାନି କରିଆସୁଛି। ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅନୁସାରେ ଚାଇନା ପ୍ରାୟ ୫୦ ରାଷ୍ଟ୍ରକୁ କ୍ଷେପଣାସ୍ତ୍ର ବ୍ୟବସ୍ଥା ରପ୍ତାନି କରିଥାଏ।



ଚାଇନା ବାୟୁସେନାର ୱାଇ-୨୦ ଯୁଦ୍ଧବିମାନ

# ସୋଲୋମନ୍ ଆଇଲାଣ୍ଡ୍‌ସ ଯିବେ ପିଏଲ୍ଏ ସୈନ୍ୟ




**ବେଜିଂ/ହୋନିଆରା,୧୯।୪**

ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ସୋଲୋମନ୍ ଆଇଲାଣ୍ଡ୍‌ସ ସହ ଚାଇନା ଏକ ସୁରକ୍ଷା ଚୁକ୍ତିରେ ସ୍ୱାକ୍ଷର କରିଛି। ଉଭୟ ରାଷ୍ଟ୍ରର ବହିର୍ବ୍ୟାପାର ମନ୍ତ୍ରୀ ନିକଟରେ ସୁରକ୍ଷା ସହଭାଗିତା ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ନେଇ ଚାଇନା ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ ସୂଚନା ଦେଇଛନ୍ତି। ଡିଲ୍ ଅନୁସାରେ ସଙ୍କଟ ଦେଇ ଗତି କରୁଥିବା ଦ୍ୱୀପରାଷ୍ଟ୍ର ସୋଲୋମନ୍‌ରେ ଚାଇନା ନିଜ କ୍ଷେପଣାସ୍ତ୍ର ଓ ଯୁଦ୍ଧଜାହାଜ ମୁତୟନ କରିପାରିବ। ଏପରି କି ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ସୈନ୍ୟ ଓ ସଶସ୍ତ୍ର ପୋଲିସ ମଧ୍ୟ ନିଜ ଜାହାଜକୁ ସୁରକ୍ଷା ଦେବା ପାଇଁ ସେଠାରେ ଥିବା ଚାଇନାର ସେନାଘାଟିଗୁଡ଼ିକୁ ଯିବେ।

### ଚୁକ୍ତି ସ୍ୱାକ୍ଷର କଲା ଚାଇନା

ଏହି ବିଷୟ ଚୁକ୍ତିନାମାର ଚିଠାରେ ଉଲ୍ଲେଖ ଥିବା ନେଇ ଗତମାସରେ ପ୍ରଘଟ ହୋଇଥିଲା, ଯାହାକି ପାଶ୍ଚାତ୍ୟ ପାଇଁ ଚିନ୍ତା ବୃଦ୍ଧିର କାରଣ ସାଜିଛି। ସୋଲୋମନ୍ ଆଇଲାଣ୍ଡ୍‌ସ ସହ ଚାଇନାର ଚୁକ୍ତିନାମା ପରେ ଚୁକ୍ତିନାମା ପରେ ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବେଜିଂର ସାମରିକ ବଳ ବୃଦ୍ଧି ଘଟିପାରେ। ଇଣ୍ଡୋ-ପାସିଫିକ୍ ମେଣ୍ଟ ଅକସ୍‌ର ଶକ୍ତି ଓ ପ୍ରଭାବକୁ ଅଣଦେଖା କରି ସୋଲୋମନ୍ ପ୍ରଧାନମନ୍ତ୍ରୀ ମାନାସେହ ସୋଗାଭରେ ନେଇଥିବା ଏହି ନିଷ୍ପତ୍ତି ଉପରେ ବିଶେଷକରି ଆମେରିକା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଆପତ୍ତି ଉଠାଇଛନ୍ତି।

# ୪ ଦଶନ୍ଧି ପରେ ୬୩ ହିନ୍ଦୁ ପରିବାରକୁ ମିଳିଲା ଜମି

**ଲକ୍ଷ୍ନୌ,୧୯।୪**

### ପୂର୍ବ ପାକିସ୍ତାନରୁ ବିସ୍ଥାପିତ ହୋଇଥିଲେ

ପୂର୍ବ ପାକିସ୍ତାନ(ବର୍ତ୍ତମାନର ବାଂଲାଦେଶ) ରୁ ବିସ୍ଥାପନ ହେବାର ୪ ଦଶନ୍ଧୀ ପ୍ରତୀକ୍ଷା ପରେ ୬୩ ହିନ୍ଦୁ ପରିବାରକୁ ଉତ୍ତରପ୍ରଦେଶ ସରକାର ମଙ୍ଗଳବାର ଜମି ଓ ଘର ଯୋଗାଇ ଦେଇଛନ୍ତି। ପ୍ରତ୍ୟେକ ପରିବାର କାନପୁର ଦେହାତ୍ ଜିଲାରେ ୨ ଏକର ଚାଷଜମି, ୨୦୦ ବର୍ଗମିଟରର ବାସୋପଯୋଗୀ ପ୍ଲଟ୍ ଓ ଏକ ଘର ପାଇଛନ୍ତି। ବିସ୍ଥାପିତ ପରିବାରଗୁଡ଼ିକର ଦୁର୍ଦ୍ଦଶା ପାଇଁ ପୂର୍ବ ସରକାର ଦାୟୀ ବୋଲି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି। ୭୦ ଦଶକରେ ଏହି ପରିବାର ବାଂଲାଦେଶରୁ ଭାରତ ଚାଲିଆସିଥିଲେ। ସେମାନଙ୍କୁ ମିରଟ ଜିଲାର ହସ୍ତିନାପୁରରେ ଏକ ସୂତାକଳରେ ଚାକିରି ଦିଆଯାଇଥିଲା। ୧୯୮୪ରେ ଉକ୍ତ କାରଖାନା ବନ୍ଦ ହୋଇଯାଇଥିଲା। କେତେକ ପରିବାରକୁ ଥଇଥାନ କରାଯାଇଥିବାବେଳେ ୬୫ ପରିବାର ଏପର୍ଯ୍ୟନ୍ତ ଥଇଥାନ ଅପେକ୍ଷାରେ ରହିଥିଲେ।

# ଦଳିତ ନାବାଳକଙ୍କୁ ପାଦ ଚଟାଇଲେ

### ୟୁପିରେ ଅମାନବୀୟ କାଣ୍ଡ: ୮ ଗିରଫ

**ଲକ୍ଷ୍ନୌ,୧୯।୪**

ଉତ୍ତର ପ୍ରଦେଶ ରାଏବରେଲିରେ ଏକ ଅମାନବୀୟ କାଣ୍ଡ ଘଟିଯାଇଛି । କେତେଜଣ ଯୁବକ ଜଣେ ଦଳିତ ନାବାଳକଙ୍କୁ ନିର୍ଯାତନା ଦେଉଥିବାର ଭିଡିଓ ସାମ୍ନାକୁ ଆସିଛି। ନାବାଳକ ଜଣଙ୍କ ଜଣେ ଯୁବକଙ୍କ ପାଦ ଚାଟୁଥିବା ଭାଇରାଲ ହୋଇଥିବା ଭିଡିଓରେ ଦେଖାଯାଇଛି। ଏଥିରେ ସମ୍ପୃକ୍ତ ଥିବା ୮ ଜଣଙ୍କୁ ପୋଲିସ ଗିରଫ କରିଛି। ଘଟଣାଟି ଗତ ୧୦ ତାରିଖର ହୋଇଥିବାବେଳେ ପୀଡ଼ିତ ନାବାଳକଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ସେମାନଙ୍କୁ ଗିରଫ କରିଛି। ୟୁପିର ଜଗତପୁର ଟାଉନ୍‌ରେ ପୀଡ଼ିତଙ୍କ ଘର। ୧୦ ତାରିଖରେ ସେ ତାଙ୍କର କିଛି ବନ୍ଧୁଙ୍କ ସହ ମୋଟରସାଇକେଲରେ ରାମଲିଲା ମଇଦାନକୁ ଆସିଥିଲେ। ସେଠାରୁ ସେମାନେ ସାଲୋନ ରୋଡ୍ ଯାଇଥିବାବେଳେ ଆଉ କେତେଜଣ ଯୁବକ ତାଙ୍କୁ ଏକ ବଗିଚାକୁ ନେଇଯାଇ ମାଡ଼ ମାରିଥିବା ପୋଲିସ କହିଛି। ନାବାଳକ ଜଣକ ତାଙ୍କ ବିଧବା ମା' ଓ ଦୁଇ ଭଉଣୀଙ୍କ ସହ ରୁହନ୍ତି। ତେବେ ନାବାଳକଙ୍କୁ ମାଡ଼ ମାରିବା ସହ ତାଙ୍କୁ ପାଦ ଚଟାଇବା ପଛର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦେବା ସହ ପୀଡ଼ିତଙ୍କୁ ନ୍ୟାୟ ଦିଆଯିବା ନେଇ ପରିବାର ଦାବି କରିଛି।



# ୟୁପିରେ ଧର୍ମୀୟ ଶୋଭାଯାତ୍ରା ପାଇଁ ସତ୍ୟପାଠ ଦାଖଲ ଜରୁରୀ

**ଲକ୍ଷ୍ନୌ,୧୯।୪**

ଉତ୍ତରପ୍ରଦେଶରେ କୌଣସି ଧର୍ମୀୟ ଶୋଭାଯାତ୍ରା କରିବା ପୂର୍ବରୁ ଆୟୋଜକ ସତ୍ୟପାଠ ଦାଖଲ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଗତ ସପ୍ତାହରେ ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଧର୍ମୀୟ ଶୋଭାଯାତ୍ରା ବେଳେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟିବାରୁ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଇଦ୍ ଓ ଅକ୍ଷୟ ତୃତୀୟା ଗୋଟିଏ ଦିନରେ ପଡୁଥିବାରୁ ଅଧିକ ସତର୍କ ରହିବା ପାଇଁ ସୋମବାର ବିଳମ୍ବିତ ରାତିରେ ଏକ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗୀ ସମସ୍ତ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଶୋଭାଯାତ୍ରାକୁ ଅନୁମତି ଦେବା ପୂର୍ବରୁ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବା ଲାଗି ଆୟୋଜକମାନେ ସତ୍ୟପାଠ ଦାଖଲ କରିବାକୁ କୁହାଯାଇଛି। ଅନୁମତି ଦେବାର ପରବର୍ତ୍ତୀ ୨୪ ଘଣ୍ଟାରେ ପୋଲିସ ଅଧିକାରୀମାନେ ଧର୍ମୀୟ ନେତା ଓ ଉକ୍ତ ଅଞ୍ଚଳର ପ୍ରମୁଖ ନାଗରିକଙ୍କ ସହ ଶାନ୍ତି ବଜାୟ ରଖିବା ନେଇ ଆଲୋଚନା କରିବାକୁ କୁହାଯାଇଛି।

# ଡୋନ୍‌ବାସ୍ ମିଶନରେ ରୁଷିଆ

### କବ୍‌ଜାରେ କ୍ରେମିନ୍ନା ସହର

**କିଭ୍, ୧୯।୪**

ପୂର୍ବ ୟୁକ୍ରେନ୍ ଉପରେ ରୁଷିଆ ଧ୍ୟାନ କେନ୍ଦ୍ରୀଭୂତ କରିଥିବାବେଳେ ମଙ୍ଗଳବାର 'ବ୍ୟାଟେଲ ଅଫ୍ ଡୋନ୍‌ବାସ୍' (ଡୋନ୍‌ବାସ୍ ଯୁଦ୍ଧ) ଅଭିଯାନ ଆରମ୍ଭ କରିଛି। ଡୋନ୍‌ବାସ୍ ଅଞ୍ଚଳର ଲୁହାନ୍‌ସ୍କ ଓ ଡୋନେସ୍କକୁ ଅକ୍ତିଆର ସହ ଯୁଦ୍ଧକ୍ଷେତ୍ରରେ ବିଜୟ ସୁନିଶ୍ଚିତ କରିବା ପାଇଁ ରୁଷିଆ ସେଠାକୁ ହଜାର ହଜାର ସଂଖ୍ୟାରେ ସୈନ୍ୟ ପଠାଇଛି। ତେବେ ରୁଷିଆ ଆକ୍ରମଣ ନୂଆ ଅଭିଯାନକୁ ସାମ୍ନା କରିବାକୁ ୟୁକ୍ରେନ୍ ପ୍ରସ୍ତୁତ ବୋଲି କିଭ୍ ପକ୍ଷରୁ କୁହାଯାଇଛି। ରାତିସାରା ପୂର୍ବ ୟୁକ୍ରେନ୍‌ର ଏହି ଅଞ୍ଚଳରେ ରୁଷିଆ ଘନଘନ ରକେଟ, ବୋମା, ମିଶାଇଲ ମାଡ଼ କରି ଆଗକୁ ବଢ଼ିବାରେ ଲାଗିଛି। ଡୋନ୍‌ବାସ ରଣନୀତିରେ ରୁଷିଆ ୟୁକ୍ରେନ୍‌ର କ୍ରେମିନ୍ନା (୧୮ ହଜାର ଜନସଂଖ୍ୟା ବିଶିଷ୍ଟ ଲୁହାନ୍‌ସ୍କର ଏକ ସହର)କୁ ମସ୍କୋ କବ୍‌ଜା କରିନେଇଛି।

ସେହିପରି ଡୋନ୍‌ବାସ୍ ଆକ୍ରମଣ ପରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ କହିଛନ୍ତି, ଅପରେଶନର ଆଉ ଏକ ପର୍ଯ୍ୟାୟରେ ପହଞ୍ଚିଛି। ଡୋନେସ୍କ ଏବଂ ଲୁହାନ୍‌ସ୍କକୁ ସ୍ୱାଧୀନ କରିବା ରୁଷିଆର ଲକ୍ଷ୍ୟ ବୋଲି ଏହାର ପ୍ରତିରକ୍ଷା ମନ୍ତ୍ରୀ ସେରେଗି ଶୋଇଗୁ କହିଛନ୍ତି। ଅନ୍ୟପକ୍ଷରେ ବନ୍ଦରସହର ମାରିଉପୋଲକୁ ରୁଷିଆ ସମ୍ପୂର୍ଣ୍ଣ ଧ୍ୱଂସ କରିସାରିଥିବାବେଳେ ୟୁକ୍ରେନ୍ ସୈନ୍ୟଙ୍କୁ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରିବା ନିମନ୍ତେ ମସ୍କୋ ପୁଣି ସମୟ ଦେଇଛି। ଏଥିସହ ଖର୍କିଭ, ମାଇକୋଲେଭ୍, ଜାପୋରିଜିଆରେ ମସ୍କୋ ବିସ୍ଫୋରଣ ଘଟାଇ ଚାଲିଛି। ରୁଷିଆ ଯେତେ ଅଭିଯାନ ଆରମ୍ଭ କଲେ ବି ଶେଷ ପର୍ଯ୍ୟନ୍ତ ଲଢ଼ିବୁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି।



ମାରିଉପୋଲରେ ଥିବା ଲିଚ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ପ୍ଲାଣ୍ଟ ରୁଷିଆ ଆକ୍ରମଣରେ ନଷ୍ଟ ହୋଇଯାଇଛି।

### ଭାରତକୁ ମାଗିଲା ମେଡିକାଲ ସହାୟତା

ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷିଆ ଉପରେ ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ କଠୋର କଟକଣା ଲଗାଇଥିବାବେଳେ ମସ୍କୋରେ ମେଡିକାଲ ଉପକରଣ, ଔଷଧ ଆଦିର ଅଭାବ ଦେଖାଦେଇଛି। ୟୁରୋପ ସମେତ ଚାଇନାରୁ ମଧ୍ୟ ଆମଦାନୀ କମିବା ପରେ ରୁଷିଆ ଏଥିପାଇଁ ଭାରତର ସହାୟତା ଉପରେ ଆଶା ରଖିଛି। ଏ ନେଇ ଆସନ୍ତା ୨୨ ତାରିଖରେ ଏକ ଭର୍ଚୁଆଲ ବୈଠକରେ ନୂଆଦିଲ୍ଲୀ-ମସ୍କୋ ମଧ୍ୟରେ ଆଲୋଚନା ହେବ ବୋଲି ଭାରତୀୟ ମେଡିକାଲ ଉପକରଣ ଶିଳ୍ପ ସଂଘର ଫୋରମ୍ ସଂଯୋଜକ ରାଜୀବ ନାଥ କହିଛନ୍ତି। 'ବିଜ୍‌ନେସ୍ ରୁଷିଆ' ପକ୍ଷରୁ ଏହି ବୈଠକ ନିଶ୍ଚିତ କରାଯାଇଛି।

# ୩୬ ଇୟୁ କୂଟନୀତିଜ୍ଞ ରୁଷିଆରୁ ବହିଷ୍କୃତ

**ମସ୍କୋ, ୧୯।୪**

ୟୁକ୍ରେନ୍ ପ୍ରସଙ୍ଗରେ ମସ୍କୋ ବିରୋଧୀ କାର୍ଯ୍ୟ ପାଇଁ ରୁଷିଆ ୟୁରୋପୀୟ ସଂଘର ୩୬ କୂଟନୀତିଜ୍ଞଙ୍କୁ ବହିଷ୍କୃତ କରିଛି। ସେମାନଙ୍କ ମଧ୍ୟରେ ବେଲଜିୟମର ୨୧ ଏବଂ ନେଦରଲାଣ୍ଡ୍‌ସର ୧୫ ଜଣ ଡିପ୍ଲୋମାଟ୍ ରହିଛନ୍ତି। ୨ ସପ୍ତାହ ମଧ୍ୟରେ ରୁଷିଆ ଛାଡ଼ିବାକୁ ସେମାନଙ୍କୁ ସମୟ ଦିଆଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିସହ ଲକ୍ସମବର୍ଗର କୂଟନୀତିଜ୍ଞଙ୍କ ବିରୋଧରେ ମଧ୍ୟ ସମାନ ପଦକ୍ଷେପ ନିଆଯିବା ନେଇ ରୁଷିଆ ଚେତାବନୀ ଦେଇ ତାଙ୍କୁ ସମନ ଜାରି କରିଛି। ୟୁକ୍ରେନ୍ ଯୁଦ୍ଧ ପରଠାରୁ ରୁଷିଆ ଏବଂ ୟୁରୋପୀୟ ସଂଘ ପରସ୍ପରର ଡିପ୍ଲୋମାଟ୍‌ଙ୍କୁ ବହିଷ୍କାର ଜାରି ରଖିଛନ୍ତି। ଏହା ଦ୍ୱାରା ରୁଷିଆ ଏବଂ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ଖରାପ ହେବାରେ ଲାଗିଛି।

### 'ଜୟଶଙ୍କର ପ୍ରକୃତ ଦେଶପ୍ରେମୀ'

ମସ୍କୋରୁ ଆମଦାନୀ ହ୍ରାସ ପାଇଁ ଚାପ ପଡୁଥିଲେ ହେଁ ନୂଆଦିଲ୍ଲୀ ନିଜସ୍ୱ ବୈଦେଶିକ ନୀତି ଆପଣାଇବ ବୋଲି ଭାରତ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ। ଏହାକୁ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରେଗି ଲାଭ୍ରୋଭ୍ ତାଙ୍କ ଭାରତ ପ୍ରତିପକ୍ଷଙ୍କୁ ପ୍ରଶଂସା କରିବା ସହ ଜୟଶଙ୍କର ଜଣେ ପ୍ରକୃତ ଦେଶପ୍ରେମୀ ବୋଲି କହିଛନ୍ତି।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱ ଶରତ କୁମାର ସାହୁ**
ଗାଡ଼କଣ, ଉପରସାହି, ଭୁବନେଶ୍ୱର
ଆବିର୍ଭାବ - ୨୦.୦୮.୧୯୫୬
ତିରୋଧାନ - ୩୦.୦୪.୨୦୨୧
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା ଆଜିବି ଆପଣଙ୍କ ଉପସ୍ଥିତ ଅନୁଭବ କରୁ ମନର ମାନସପଟରେ, ହୃଦୟର ପ୍ରତିଟି ସ୍ପନ୍ଦନରେ । ଆମକୁ ଶୋକ ସାଗରରେ ଭସାଇ ଦେଇ ପ୍ରଭୁଙ୍କ କୋଳକୁ ବାହୁଡିଗଲେ, ଆପଣଙ୍କ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଆମ ପାଇଁ ପ୍ରେରଣାର ଉତ୍ସ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ - ତୁମର ପତ୍ନୀ- ପୁଷ୍ପଲତା, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ।
ଧ-୭୧୪୯୨

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଜିଲ୍ଲା ଏବଂ ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଏବଂ ପଞ୍ଚାୟତରେ ନିଯୁକ୍ତି ପାଇଁ Odishaର ପ୍ରତ୍ୟେକ ଜିଲ୍ଲା ରୁ candidate ଆବଶ୍ୟକ ।
ଦରମା - ୮000/- ରୁ ୪8000/-
8895029591

**Urgently Required**
XEROX OPERATOR
Minimum Experience 3 to 5 years
CHELSHHA
Ravitalkies Road, Bhubaneswar
Mob:- 9040821015

**URGENTLY REQUIRED**
ଆୟୁର୍ବେଦ କ୍ଲିନିକ ପାଇଁ ମହିଳା ଓ ଝିଅ Staff ଆବଶ୍ୟକ । (ବୟସ : ୧୮-୩୫), ଦରମା ୫000/- ରୁ ୭000/- ଏବଂ ରହିବା ଓ ଖାଇବା ସମ୍ପୂର୍ଣ୍ଣ ମାଗଣା । ଯୋଗାଯୋଗ କରନ୍ତୁ ।
9861193818

**REQUIRED**
TEACHERS (MATH & SCIENCE)
RDM PUBLIC SCHOOL
PATIA, BHUBANESWAR
9337325035, 9668484511

**REQUIRED**
DMLT LAB TECHNICIAN
Min. Exp. 3 Yrs. Job includes marketing approach.
Salary : 15,000/-
Job Location: Jaleswar
7377738490 | 6009355940
Contact Person: Dr. P.R. Das

**ଆବଶ୍ୟକ**
ଘରୋଇ ରୋଷେୟା ଆବଶ୍ୟକ
ଯୋଗାଯୋଗ କରନ୍ତୁ:
ମୋ: 7978791487
ହଂସପାଳ, ଭୁବନେଶ୍ୱର

**GENERAL ENERGY MANAGEMENT SYSTEMS (GEMs)**
is hiring Field Service Engineers (FSE) for Jeypore, Berhampur, Sambalpur and Sundargarh town with Min. 2 years of experience having Diploma in Electrical/Electronics. Visit: www.gemsl.com for more information and send your resume to hr@gemsl.com & kamaljit.panda@gemsl.com. Freshers may also apply.
Contact No. 9040205086

**CLASSIFIED DISPLAY**
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**ସରକାରୀ ସୁବିଧାର ଉଠାନ୍ତୁ ଲାଭ**
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଉଡାନ ଏକାଡେମୀରେ ଅଲ୍ ଓଡ଼ିଶା ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୧୯।୪ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଏବଂ ଉଡାନ ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୨ରୁ କେ.ସି. ମେମୋରିଆଲ ଅଲ୍ ଓଡ଼ିଶା ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଆରମ୍ଭ ହେବାକୁ ଯାଉଛି। ୨୪ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୯, ୧୧ ଏବଂ ୧୩ବର୍ଷରୁ କମ ବୟସ ବର୍ଗରେ ଉଭୟ ବାଳିକା ଓ ବାଳକ ବିଭାଗରେ ପ୍ରତିଯୋଗିତା ହେବ। ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଆଦି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା ହେବ। 'ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପାଖାପାଖି ୧୫୦ ଖେଳାଳି ଭାଗ ନେବେ। ସଫଳ ପ୍ରତିଯୋଗୀଙ୍କୁ ଟ୍ରଫି ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଉଡାନ ସ୍ପୋର୍ଟ୍ସ ଏକାଡେମୀ କର୍ମକର୍ତ୍ତା ଅଶୋକ ମିଶ୍ର ପ୍ରକାଶ କରିଛନ୍ତି।

# ପଞ୍ଜାବ-ଦିଲ୍ଲୀ ମ୍ୟାଚ ମୁମ୍ବାଇ ସ୍ଥାନାନ୍ତରିତ

**ମୁମ୍ବାଇ, ୧୯।୪ (ପି.ଟି.)**

ଦିଲ୍ଲୀ କ୍ୟାପିଟାଲ୍ସ ଦଳର ୫ଜଣ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିବା ପରେ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଏହି ଦଳ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଖେଳାଯିବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚକୁ ପୁଣେରୁ ମୁମ୍ବାଇ ସ୍ଥାନାନ୍ତର କରାଯାଇଛି। ଏହି ମ୍ୟାଚ ବୁଧବାର ବ୍ରାବୋର୍ନ ଷ୍ଟାଡିୟମରେ ଖେଳାଯିବ। କାର୍ଯ୍ୟସୂଚୀ ଅନୁସାରେ ଏହି ମ୍ୟାଚ ପୁଣେର ଏମ୍‌ସିଏ ଷ୍ଟାଡିୟମରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା।

ବାୟୋ-ବବଲରେ ଅନ୍ୟ କେହି ସଦସ୍ୟ କୋଭିଡ୍ ପଜିଟିଭ ଚିହ୍ନଟ ହୋଇ ନ ଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚେଲ ମାର୍ଶଙ୍କ ସମେତ ଦିଲ୍ଲୀ କ୍ୟାପିଟାଲ୍ସର




୫ ସଦସ୍ୟ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅନ୍ୟମାନେ ହେଲେ ଫିଜିଓ ପ୍ୟାଟ୍ରିକ୍ ଫାରହାର୍ଟ, ସ୍ପୋର୍ଟ୍ସ ମାସେଜ ଥେରାପିଷ୍ଟ ଚେତନ କୁମାର, ଟିମ୍ ଡାକ୍ତର ଅଭିଜିତ୍ ସାଲ୍‌ଭି ଓ ସୋସିଆଲ ମିଡିଆ ଟିମ୍ ସଦସ୍ୟ ଆକାଶ ମାନେ। ବୁଧବାର ସକାଳେ ଆରଟିପିସିଆର୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହେବା ପରେ ଯାଇ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ ଖେଳିପାରିବ। ମଙ୍ଗଳବାର ହୋଇଥିବା ଟେଷ୍ଟରେ ଅନ୍ୟ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ଫଳାଫଳ ନେଗେଟିଭ ଆସିଛି। ଯେଉଁମାନେ କୋଭିଡ୍ ପିଜିଟିଭ୍ ସେମାନେ ଆଇସୋଲେଶନରେ ରହିବେ। ସେମାନଙ୍କ ୬ଷ୍ଠ ଓ ୭ମ ଦିବସରେ କୋଭିଡ୍ ଟେଷ୍ଟ ହେବ। ଉଭୟ ଥର ନେଗେଟିଭ ଆସିଲେ ସେମାନେ ଦିଲ୍ଲୀ କ୍ୟାପିଟାଲ୍ସର ବାୟୋ-ବବଲରେ ପ୍ରବେଶ କରିବେ। ଏପ୍ରିଲ ୧୬ଠାରୁ ସମଗ୍ର ଦିଲ୍ଲୀ କ୍ୟାପିଟାଲ୍ସ ଦଳ ସମସ୍ତ ସଦସ୍ୟଙ୍କ ଦୈନିକ ଆର୍‌ଟି-ପିସିଆର୍ ଟେଷ୍ଟ ହେଉଛି। ଏପ୍ରିଲ ୧୯ରେ ୪ର୍ଥ ରାଉଣ୍ଡ ଆର୍‌ଟି-ପିସିଆର ଟେଷ୍ଟ ହୋଇଥିଲା। ସମସ୍ତ ଫଳାଫଳ ନେଗେଟିଭ୍ ଆସିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଆଉ ଏକ ରାଉଣ୍ଡ ଆର୍‌ଟି-ପିସିଆର୍ ଟେଷ୍ଟ ବୁଧବାର ସକାଳେ ହେବ ବୋଲି ବିସିସିଆଇ କହିଛି। ଦିଲ୍ଲୀ କ୍ୟାପିଟାଲ୍ସର ବିପକ୍ଷ ଦଳ ପଞ୍ଜାବ କିଙ୍ଗ୍ସ ମଙ୍ଗଳବାର ପୁଣେ ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ସେମାନଙ୍କୁ ମୁମ୍ବାଇରେ ରହିବାକୁ କୁହାଯାଇଛି। ସୋମବାର ମାର୍ଶ କୋଭିଡ୍ ଟେଷ୍ଟରେ ପିଜିଟିଭ ଜଣାପଡ଼ିବା ପରେ ଆଇପିଏଲ୍ ଚାଲୁ ରଖିବା ନେଇ ଆଶଙ୍କା ଦେଖାଦେଇଥିଲା। ଖବର ଅନୁସାରେ ଦିଲ୍ଲୀ କ୍ୟାପିଟାଲ୍ସର ଏହି ଅଷ୍ଟ୍ରେଲୀୟ ଖେଳାଳି ତାଙ୍କ ତଣ୍ଟିରେ ଦରଜ ଓ ସାମାନ୍ୟ ଜ୍ୱର ଅନୁଭବ କରିଥିଲେ। ପ୍ରଥମେ ତାଙ୍କର ରାପିଡ୍ ଆଣ୍ଟିଜେନ ଟେଷ୍ଟ ହୋଇଥିଲା। ସେଥିରେ ପଜିଟିଭ ଆସିଥିଲା। ପରେ ତାଙ୍କର ଦୁଇଥର ଆରଟି-ପିସିଆର ଟେଷ୍ଟ ହୋଇଥିଲା। ତାଙ୍କର ପ୍ରଥମ ଥର ନେଗେଟିଭ ଓ ଦ୍ୱିତୀୟ ଥର ପଜିଟିଭ ଆସିଥିଲା।

# ଗଲ୍ଫ ଖେଳିବେ ବାର୍ଟି

**ବ୍ରିସ୍‌ବେନ୍, ୧୯।୪**

ଏକ ଅନ୍ତର୍ଜାତୀୟ ପ୍ରଦର୍ଶନୀ ଗଲ୍ଫ ଟୁର୍ନାମେଣ୍ଟ ଖେଳିବା ଲାଗି ଚୁକ୍ତି କରିଛନ୍ତି ପୂର୍ବତନ ନମ୍ବର ୱାନ ଟେନିସ ଖେଳାଳି ଆସ୍‌ଲେ ବାର୍ଟି। ଗତ ମାର୍ଚ୍ଚରେ ଟେନିସ୍‌ରୁ ତାଙ୍କ ଅବସର ଘୋଷଣା କରିଥିବା ୨୫ବର୍ଷୀୟା ଅଷ୍ଟ୍ରେଲୀୟ ଜୁଲାଇରେ ଆଇକନ୍ସ ସିରିଜ ଖେଳିବେ। ଏଥିରେ ଭାଗ ନେଉଥିବା ଅନ୍ୟ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ମଧ୍ୟରେ ରହିଛନ୍ତି ମାଞ୍ଚେଷ୍ଟର ସିଟି ମୁଖ୍ୟ ପେପ୍ ଗୁଆର୍ଡିଓଲା ଏବଂ ୨୩ ଥର ଅଲିମ୍ପିକ ଚାମ୍ପିୟନ ମାଇକେଲ ଫେଲ୍‌ପ୍ସ। ବାର୍ଟି କହିଛନ୍ତି ତାଙ୍କ ପାଇଁ ଏହା ଏକ ଅପୂର୍ବ ସୁଯୋଗ। ଗଲ୍‌ଫରେ ନିଜର ଦକ୍ଷତାକୁ ସେ ପରଖିପାରିବେ। ଏଥିରୁ ସେ ମଜା ଉଠାଇପାରିବେ ବୋଲି ଆଶା। ସେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଦ୍ୱାରା ବିଶ୍ୱବ୍ୟାପୀ ମହିଳା ଓ ବାଳିକାମାନେ ଗଲ୍ଫ ଖେଳିବା ଲାଗି ଉତ୍ସାହିତ ହେବେ। ଗତ ଗ୍ରୀଷ୍ମଋତୁରେ ୱିମ୍ବେଲଡନ ଟାଇଟଲ ସହ ବାର୍ଟି ୩ ଗ୍ରାଣ୍ଡସ୍ଲାମ ଜିତିପାରିଛନ୍ତି। ସେ ଜଣେ ଆମେଚର ଗଲ୍ଫର ହେବାକୁ ଆଗ୍ରହୀ। ବାର୍ଟିଙ୍କ ପିତା ରବର୍ଟ ଅଷ୍ଟ୍ରେଲିଆରୁ ଜଣେ ଆମେଚର ଭାବେ ପ୍ରତିନିଧିତ୍ୱ କରିଥାନ୍ତି। ପରେ ସେ ପ୍ରଫେସନାଲ ହୋଇଥିଲେ। ସୂଚନାଯୋଗ୍ୟ, ଟେନିସରୁ ଛୁଟି ବେଳେ ସେ ୨୦୧୫ରେ କୁଇନ୍ସଲାଣ୍ଡ ଓ ବ୍ରିସ୍‌ବେନ ହିଟ୍ ପାଇଁ ପ୍ରଫେସନାଲ କ୍ରିକେଟ ଖେଳିଛନ୍ତି।

## ପ୍ରଥମ ଦିବସରେ ଭାରତୀୟ ରେସ୍‌ଲରଙ୍କୁ ୩ ପଦକ

**ଉଲାନବାଟାର (ମଙ୍ଗୋଲିଆ), ୧୯।୪ (ପି.ଟି.):** ଏସିଆନ ରେସଲିଂ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଭାରତ ପାଇଁ ଶୁଭଦିନ ଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା ୫ ଗ୍ରୀକୋ ରୋମାନ ରେସ୍‌ଲରଙ୍କ ମଧ୍ୟରୁ ସୁନୀଲ କୁମାରଙ୍କ ସମେତ ୩ଜଣ ପ୍ରଥମ ଦିବସରେ ବ୍ରୋଞ୍ଜ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏସିଆନ ଚାମ୍ପିୟନଶିପ୍‌ରେ ସୁନୀଲ ଦ୍ୱିତୀୟ ଥର ପାଇଁ ପୋଡିୟମ ଫିନିଶ କରିପାରିଛନ୍ତି। ୨୦୨୦ ସଂସ୍କରଣରେ ସେ ୮୭ କେଜି ଶ୍ରେଣୀରେ ଟାଇଟଲ ଜିତିଥିଲେ। ଏହି ୨୩ ବର୍ଷୀୟ ରେସ୍‌ଲର ମଙ୍ଗୋଲିଆର ବାଟବାୟର ଲୁଟ୍‌ବାୟରଙ୍କ ବିପକ୍ଷ ତାଙ୍କ ବ୍ରୋଞ୍ଜ ପଦକ ବାଉଟ୍‌ରେ ୫-୦ରେ ବିପୁଳ ଅଗ୍ରଣୀ ଲାଭ କରିଥିଲେ।

# ସୋଭନଦେବଙ୍କୁ ୬ ଉଇକେଟ

**ଭୁବନେଶ୍ୱର, ୧୯।୪(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ ଆନ୍ତଃ ଜିଲା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ବୌଦ୍ଧ, ବରଗଡ଼, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ ଓ କୋରାପୁଟ ବିଜୟୀ ହୋଇଛନ୍ତି।

ସନ୍‌ସାଇନ ଗ୍ରାଉଣ୍ଡରେ ବୌଦ୍ଧ ୪ ଉଇକେଟରେ ଅନୁଗୋଳକୁ ହରାଇ ଦେଇଛି। ସୋଭନଦେବ ବେହେରାଙ୍କ ୬ ଉଇକେଟ ସଫଳତା ଯୋଗୁ ଅନୁଗୋଳ ୧୭୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ କିଟ୍ ୧୮୬ ରନ୍ କରିଥିବା ବେଳେ ବରଗଡ଼ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଛି। ସେହିଭଳି ସିଭି ରମଣ ଗ୍ରାଉଣ୍ଡରେ ଭଦ୍ରକ ୯ ଉଇକେଟରେ ୨୫୮ ରନ୍ କରିଥିଲା। ଜବାବରେ ଗଞ୍ଜାମ ୯ ଉଇକେଟ ହରାଇ ୧୪୮ ରନ୍ କରିଥିଲା । ଖୋର୍ଦ୍ଧା ଗ୍ରାଉଣ୍ଡରେ ବାଲେଶ୍ୱର ୯୨ ରନ୍‌ରେ କେନ୍ଦୁଝରକୁ ହରାଇ ଦେଇଛି। ରେଭେନଶା ଦ୍ୱିତୀୟ ଗ୍ରାଉଣ୍ଡରେ ଢେଙ୍କାନାଳ ୭ ଉଇକେଟରେ ନୟାଗଡ଼କୁ ପରାସ୍ତ କରିଛି। ରେଭେନଶାର ପ୍ରଥମ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଜଗତ୍‌ସିଂହପୁର ୯ ଉଇକେଟ ହରାଇ ୨୪୯ ରନ୍ କରିଥିଲା। ଜବାବରେ କୋରାପୁଟ ୪୮.୪ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

(ପୃଷ୍ଠା–୮+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୦/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Wednesday, April 20/2022 | Page 16 | ₹ 7.00 | ପୃଷ୍ଠା-୧



## ଡୁ’ପ୍ଲେସିଙ୍କ ଆକର୍ଷଣୀୟ ବ୍ୟାଟିଂ

ଲକ୍ଷ୍ନୌ ସୁପର ଜିଆଣ୍ଟ ବିପକ୍ଷ ଆଇପିଏଲ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ଫାଫ୍ ଡୁ’ପ୍ଲେସି ଆକର୍ଷଣୀୟ ୯୬ରନ କରିଛନ୍ତି।

୦୮

୦୨

## ମା’ ହେଲେ କାଜଲ

ସାଉଥ୍ ସୁପରଷ୍ଟାର କାଜଲ ଅଗ୍ରୱାଲ ମଙ୍ଗଳବାର ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି।






# ପୋଲିସକୁ ଦୋଷ ଦେଲା ଗୋଇନ୍ଦା

### ରାଜଧାନୀରେ ଡ୍ରାଇଭର ମହାସଂଘର ଆନ୍ଦୋଳନ ଘଟଣା

**ଭୁବନେଶ୍ୱର,୧୯।୪(ବ୍ୟୁରୋ)**

୧୧ଦଫା ଦାବି ନେଇ ରାଜ୍ୟ ଡ୍ରାଇଭର ମହାସଂଘ ପକ୍ଷରୁ ୪୦ହଜାରରୁ ଊର୍ଦ୍ଧ୍ୱ ଡ୍ରାଇଭର ସୋମବାର ରାଜଧାନୀ ଭିତରେ ପଶି ସ୍ଥିତି ଅଣାୟତ୍ତ କରିବା ଘଟଣା ରାଜ୍ୟ ଗୃହ ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ହଜାର ହଜାର ସଂଖ୍ୟାରେ ଡ୍ରାଇଭର ରାଜଧାନୀ ଭିତରେ ଠେଙ୍ଗା, ବାଡ଼ି ସହ ପଶି ଯେଉଁଭଳି ସାଧାରଣ ଲୋକଙ୍କୁ ହଇରାଣ କଲେ ଏବଂ ଏସବୁ ଦେଖି କମିଶନରେଟ ପୋଲିସ ନିଷ୍କ୍ରିୟ ହୋଇପଡ଼ିବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ରାଜ୍ୟ ସରକାରଙ୍କ ଗୋଇନ୍ଦା ବିଭାଗ ଏତେବଡ ଘଟଣାରେ ଫେଲ୍ ମାରିଥିବା ନେଇ ସାଧାରଣରେ ପ୍ରଶ୍ନ ଉଠିବାପରେ ଘଟଣାର ଦିନକ ପରେ ଗୋଇନ୍ଦା ବିଭାଗ ନିଜ ମୁଣ୍ଡରୁ ଦୋଷ ଖସାଇବା ସହିତ କମିଶନରେଟ ପୋଲିସ ଉପରେ ଦୋଷ ଲଦିଛି। ହଜାର ହଜାର ସଂଖ୍ୟାରେ ଡ୍ରାଇଭର ରାଜଧାନୀ ଭିତରେ ପଶି ଆନ୍ଦୋଳନ, ପ୍ରତିବାଦ, ଧାରଣା ଆଦି କରିବେ ବୋଲି ଗତ ୧୬ ତାରିଖରେ କମିଶନରେଟ ପୋଲିସକୁ ଗୋଇନ୍ଦା ସୂଚନା ଦିଆଯାଇଥିଲା ବୋଲି କୁହାଯାଉଛି। କମିଶନରେଟ ପୋଲିସର ବିଫଳତାକୁ ସାମ୍ନାକୁ ଆଣିବା ପାଇଁ ଗୋଇନ୍ଦା ନିଜ ପୂର୍ବ ରିପୋର୍ଟକୁ ବାହାରକୁ ଛାଡ଼ି ଦେଇଥିବା କୁହାଯାଉଛି। ଅନ୍ୟପଟେ ଡ୍ରାଇଭରଙ୍କ ଆନ୍ଦୋଳନ ରାଜ୍ୟ ସରକାରଙ୍କ ଉପରେ କେତେ ମାତ୍ରାରେ ଚାପ ସୃଷ୍ଟି କରିଛି, ତାହା ଗୋଇନ୍ଦା ରିପୋର୍ଟ ସାର୍ବଜନୀନ କଥାରୁ ମଧ୍ୟ ଏକ ପ୍ରକାର ବାରି ହୋଇପଡୁଛି। ଗୋଇନ୍ଦା ତା’ର ରିପୋର୍ଟ ଦେବାପରେ ଯଦି ଏଭଳି ଘଟଣା ଘଟିଲା ତେବେ ଏଥିଲାଗି କିଏ ଦାୟୀ ସେକଥାକୁ ନେଇ ସାଧାରଣ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସରକାର ଏହି ଘଟଣାରେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଏହାକୁ ନେଇ ବିରୋଧୀ ରାଜନୈତିକ ଦଳଗୁଡ଼ିକ ସରକାରଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

ରାଜ୍ୟ ଗୋଇନ୍ଦା ବିଭାଗ ଦେଇଥିବା ରିପୋର୍ଟରେ ଦର୍ଶାଯାଇଥିଲା ଯେ, ରାଜ୍ୟ ଡ୍ରାଇଭର ମହାସଂଘ ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲି ଏବଂ ରାଜ୍ୟ ସମ୍ପାଦକ ଚୈତନ୍ୟ ପ୍ରଧାନଙ୍କ ନେତୃତ୍ୱରେ ଏକ ବଡ଼ ଆନ୍ଦୋଳନର ପ୍ରସ୍ତୁତି ଚାଲିଛି। ସେମାନେ ୧୧ ଦଫା ଦାବି ନେଇ ବାଣୀବିହାର ଦେଇ ଲୋୟର ପିଏମ୍‌ଜିଠାରେ ପହଞ୍ଚି ଆନ୍ଦୋଳନ କରିବେ। ଏହାସହ କେଉଁ ଜିଲା ସଭାପତିଙ୍କ ନେତୃତ୍ୱରେ କେତେଜଣ ଲେଖାଏ ଡ୍ରାଇଭର ଆସି ଏହି ଆନ୍ଦୋଳନରେ ସାମିଲ ହେବେ ସେକଥା ମଧ୍ୟ ରିପୋର୍ଟରେ ଦର୍ଶାଯାଇଥିଲା। ଡ୍ରାଇଭରମାନେ ୧୭ତାରିଖରେ ଭୁବନେଶ୍ୱରଠାରେ ବସ୍, ଟ୍ରେନ୍ ଏବଂ ଅନ୍ୟାନ୍ୟ ଯାନରେ ଆସି ପହଞ୍ଚିବା ପରେ ନିଜ ସୁବିଧାରେ ରହିବେ। ଏହାପରେ ସୋମବାର ସେମାନେ ଆନ୍ଦୋଳନକୁ ଓହ୍ଲାଇବେ। ପୂର୍ବରୁ ୨୦୨୧ ଅକ୍ଟୋବର ୨୯ରେ ଡ୍ରାଇଭରମାନେ ସେମାନଙ୍କ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଦାବି ପୂରଣ କରାଯାଇ ନାହିଁ। ସେମାନଙ୍କ ଦାବି ପୂରଣ ନ ହେଲେ ସେମାନେ ଛୋଟ ଛୋଟ ଗ୍ରୁପ୍‌ରେ ବିଭକ୍ତ ହୋଇ ନବୀନ ନିବାସ, ପରିବହନ ମନ୍ତ୍ରୀଙ୍କ ବାସଭବନ, ☞ପୃଷ୍ଠା–୬



Info Addl Chief Secy. Home, BBSR / C.P. (BBSR-Cuttack), BBSR/ Addl. D.G. of Police (L/O), Odisha, Cuttack Addl DGP Railway, Odisha, BBSR. All Range IsGP/DIsGP, Odisha .

No.I X-13-T/B ____ /Misc/ SB Dated. 16.04.2021

Intelligence input indicates that, **on 18.04.2022** members of **"Odisha Driver Mahasangha"** led by Sri Prasant Menduli (State President) ,Chaitan Pradhan (State Secy) have proposed to organize a State level agitation in shape of rally from VaniVihar to Lower PMG Crossing, BBSR and will stage demonstration there for fulfillment of their 11 point charter of demands like provision of accidental insurance of Rs 20 lakhs, special law for protection from assault by public, construction of rest shed/parking after every 100 KMs, provision of pension on completion of 55 years, sanction of Rs 5 lakh for accidental benefit and Rs 5 lakh to build house under Awas Yojana, assistance for higher education to their children, Covid Warrior status to them, special law for their safety & security, etc. **Bhubaneswar**- From BBSR and Khordha about 4000 drivers led by Prakas Moharana (President, Khordha Dist) may join with them. Similarly **Cuttack**- (2000 to 3000) led by Jagannath Dixit (Dist. President), **Jajpur**- (800 to 1000) led by Manas Ranjan Debta (Dist.President), **Kendrapara** (200) led by Ashok Kumar Lenka (Secy.) **Jagatsinghpur** (200) led by Dillip Mohanty President) **Mayurbhanj**- (2000) led by Bijaya Kumar Das (Dist. President), **Dhenkanal**- (1000) led by Narottam Behera (Dist. President), **Angul**- (2000) led by Laxmi Kabi (Dist. President), **Deogarh**- (500) led by Aditya Prasad Behera (Dist. President), **Kalahandi**- (400) led by Kartik Punji (Vice-President.),Biswaranjan Mahar (secy.), **Nuapada Dist.**-(50) led by Ijhar Tandi (Khariar Block President) and Kamraj Patel (Dist. President), **Balasore- (2000 )** led by Ramkrushna Das (Dist. President), **Bhadrak**-(5000) led by Dillip Kumar Sahu (Dist. President), Pravas Kumar Das (Secy.), **Bolangir**-(800) led by Achuyt Seth (President), **Bargarh**-(400) led by Nilamber Saha, **Sonepur-** (300) led by

ଗୋଇନ୍ଦା ବିଭାଗ ପକ୍ଷରୁ ଡ୍ରାଇଭରଙ୍କ ଆନ୍ଦୋଳନ ସମ୍ପର୍କରେ ଗତ ୧୬ ତାରିଖରେ ପୋଲିସକୁ ଦିଆଯାଇଥିବା ଚିଠିର ନକଲ।

# କେନ୍ଦୁପତ୍ର ସଂଗ୍ରହ ମୂଲ୍ୟ ବଢ଼ିଲା

- **୨୪୦ କୋଟି ଟଙ୍କାର ଅଧିକ ରୋଜଗାର ମିଳିବ**
- **ଉପକୃତ ହେବେ ୭.୫୦ ଲକ୍ଷ କେନ୍ଦୁପତ୍ର ତୋଳାଳି**
- **ବୋନସ, ଅନ୍ୟାନ୍ୟ ଭତ୍ତା ପାଇଁ ୧୨୦ କୋଟି ମଞ୍ଜୁର**

**ଭୁବନେଶ୍ୱର,୧୯।୪(ବ୍ୟୁରୋ)**

ରାଜ୍ୟର କେନ୍ଦୁପତ୍ର ତୋଳାଳିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କେନ୍ଦୁପତ୍ର ସଂଗ୍ରହ ମୂଲ୍ୟ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ୨୦୨୨ ବର୍ଷ ପାଇଁ ଉଭୟ ପ୍ରୋସେସ ଅଞ୍ଚଳ ଓ ଫାଲ ଅଞ୍ଚଳରେ କେନ୍ଦୁପତ୍ର ସଂଗ୍ରହ ମୂଲ୍ୟରେ ବୃଦ୍ଧି କରାଯାଇଛି। ଏହାଦ୍ୱାରା ରାଜ୍ୟରେ ୭.୫୦ ଲକ୍ଷ ଗରିବ କେନ୍ଦୁପତ୍ର ତୋଳାଳି ୨୪୦ କୋଟି ଟଙ୍କାର ଅଧିକ ରୋଜଗାର ପାଇପାରିବେ। ଏଥିସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ବୋନସ ଓ ବିଭିନ୍ନ ଭତ୍ତା ବାବଦରେ ମଧ୍ୟ ୧୨୦ କୋଟି ଟଙ୍କା ମଞ୍ଜୁର ☞ପୃଷ୍ଠା–୬

# ଶ୍ରେଣୀଗୃହରେ ପଢ଼ିଲେ ସିଏମ୍‌ସି ଡେପୁଟି ମେୟର

**କଟକ ଅଫିସ,୧୯।୪**



ଶ୍ରେଣୀ ଗୃହରେ ସହପାଠୀଙ୍କ ସହ କଟକ ଡେପୁଟି ମେୟର ଦମୟନ୍ତୀ ମାଝି (ମଝି)।

କଟକ ମହାନଗର ନିଗମ(ସିଏମ୍‌ସି) ଡେପୁଟି ମେୟର ଦମୟନ୍ତୀ ମାଝି ମଙ୍ଗଳବାର ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବସି ପାଠ ପଢିଛନ୍ତି। ବ୍ୟସ୍ତତା ମଧ୍ୟରେ ପାଠ ପଢା ପାଇଁ ସେ ସଂକଳ୍ପବଦ୍ଧ। ଏଥିପାଇଁ ସେ ସମୟ ବାହାର କରି ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲେ। ପ୍ରଥମେ ବିଭାଗୀୟ ମୁଖ୍ୟ ତୁଷାରକାନ୍ତ ପାଣିଙ୍କୁ ଭେଟିବା ପରେ ସହପାଠୀଙ୍କ ସହ ମିଶି ଶ୍ରେଣୀଗୃହକୁ ଯାଇଥିଲେ। ତେବେ ଡେପୁଟି ମେୟର ହେବା ପୂର୍ବରୁ ସେ ଲୋକଙ୍କ ସେବା କରିବା ସହ ଅଧ୍ୟୟନ ଜାରି ରଖିବେ ବୋଲି କହିଥିଲେ। ତଦନୁଯାୟୀ ସେ ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲେ। ପୂର୍ବରୁ ଖରାବର୍ଷାରେ ଚାଲି ଚାଲି ବିଶ୍ୱବିଦ୍ୟାଳୟକୁ ଆସୁଥିବାବେଳେ ମଙ୍ଗଳବାର ଡେପୁଟି ମେୟର ଗାଡିରେ ଆସିଥିଲେ। ପାଠପଢା ସହ ଲୋକଙ୍କୁ ସାହାଯ୍ୟ କରିପାରିଲେ ଖୁସି ଲାଗିବ ବୋଲି ଦମୟନ୍ତୀ କହିଛନ୍ତି। ସେହିଭଳି ବିଭାଗୀୟ ମୁଖ୍ୟ ତୁଷାରକାନ୍ତ ପାଣି କହିଛନ୍ତି, ଅନେକ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କ ସହ ମହାନ୍ ବ୍ୟକ୍ତିତ୍ୱ ଏହି ରେଭେନ୍ସାରୁ ବାହାରିଛନ୍ତି। ଦମୟନ୍ତୀ ମଧ୍ୟ ଭବିଷ୍ୟତରେ ସେଭଳି କିଛି କରିଲେ, ଗର୍ବ ଅନୁଭବ କରିବି ବୋଲି କହିଛନ୍ତି। ଦମୟନ୍ତୀ ବିଜେଡିରୁ ଟିକେଟ ପାଇ ୪୯ ନଂ. ୱାର୍ଡର କର୍ପୋରେଟର ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଗତ ୭ ତାରିଖରେ ଡେପୁଟି ମେୟର ହୋଇଥିଲେ। ଏବେ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଏମ.କମ ଦ୍ୱିତୀୟ ବର୍ଷର ଛାତ୍ରୀ। ସାଧାରଣ ଯୁବତୀରୁ ଡେପୁଟି ମେୟର ହେବା ପରେ ତାଙ୍କ ଜୀବନଶୈଳୀ ବଦଳିଯିବା ସହ ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ।

# ଦୁର୍ଘଟଣା ପରେ ପିଟି ମାରିଦେଲେ

- **ସ୍କର୍ପିଓ ଧକ୍କାରେ ସ୍କୁଟି ଚାଳକ ମୃତ**
- **ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଜଣେ ମୃତ, ଜଣେ ଗୁରୁତର**

**ବାରିପଦା ଅଫିସ/ବାଙ୍ଗିରିପୋଷି, ୧୯।୪(ଡି.ଏନ.ଏ.)**



ସ୍କର୍ପିଓ ଧକ୍କାରେ ଭାଙ୍ଗିରୁଜିଯାଇଥିବା ସ୍କୁଟି।

ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁକୁ କେନ୍ଦ୍ରକରି ମଙ୍ଗଳବାର ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଘଟିଛି ତୁମୁଳକାଣ୍ଡ। ଦୁର୍ଘଟଣା ଘଟାଇ ସ୍କର୍ପିଓ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ସେଥିରେ ବସିଥିବା କେନ୍ଦୁଝରସ୍ଥିତ ଏକ ମେଗା ଜଳସେଚନ ପ୍ରକଳ୍ପର ଜଣେ କର୍ମଚାରୀଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟିପିଟି ମାରି ଦେଇଛନ୍ତି। ଅନ୍ୟ ଜଣେ କର୍ମଚାରୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ଓ ହତ୍ୟା ଘଟଣାକୁ ନେଇ ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ୪୯ନଂ. ଜାତୀୟ ରାଜପଥର କାତରା ନଦୀ ପୋଲ ଛକରେ ମେଗା ଜଳସେଚନ ପ୍ରକଳ୍ପ କାମରେ ନିୟୋଜିତ ଏକ ଦ୍ରୁତଗାମୀ ସ୍କର୍ପିଓ ଧକ୍କାରେ ସ୍ଥାନୀୟ ଗୋଷାଣୀପାଳ ଗ୍ରାମର ସ୍କୁଟି ଚାଳକ ହରିହର ସେଠୀ(୫୫)ଙ୍କ ମୃତ୍ୟୁ ହୋଇଥିଲା। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ସ୍କର୍ପିଓରେ ବସିଥିବା ଦୁଇ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମାରି ଆହତ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଜଣେ କର୍ମଚାରୀ କେନ୍ଦୁଝର ଜିଲା ☞ପୃଷ୍ଠା–୬

# ସୋନପୁର ୪୪.୪ ଡିଗ୍ରୀ ସେଲସିୟସ

**ଭୁବନେଶ୍ୱର,୧୯।୪(ବ୍ୟୁରୋ)**

ରାଜ୍ୟରେ ବେଳକୁ ବେଳ ତାତିର ପ୍ରକୋପ ବଢିବାରେ ଚାଲିଛି । ଅସହ୍ୟ ଗରମ ସାଙ୍ଗକୁ ଟାଣ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ପ୍ରତିଦିନ ତାତି ନୂଆ ନୂଆ ରେକର୍ଡ ଭାଙ୍ଗୁଛି । ଆସନ୍ତା ଦୁଇ ତିନି ଦିନ ଯାଏ ରାଜ୍ୟର ତାପମାତ୍ରା ଆହୁରି ବଢିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ସୋନପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୪.୪ ଡ଼ିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ରାଜ୍ୟର ୯ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଥିବା ବେଳେ ୨୧ ସହରର ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୪.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ☞ପୃଷ୍ଠା–୬

# ସୋଢ଼ା, ରଙ୍ଗରେ ପ୍ରସ୍ତୁତ ହେଉଥିଲା ନକଲି ସର୍ଫ

- **କାରଖାନା, ପ୍ୟାକିଂ ସେଣ୍ଟରରେ ଚଢ଼ାଉ**
- **୧୮୦୦ କେଜି କଞ୍ଚାମାଲ, ମେଶିନ, ଅଟୋ ଜବତ**
- **ଜଣେ ଗିରଫ**

**କଟକ ଅଫିସ,୧୯।୪**



ଜବତ ହୋଇଥିବା ନକଲି ସାମଗ୍ରୀ।



ନକଲି ସର୍ଫ ପ୍ୟାକେଟ୍‌ଗୁଡ଼ିକୁ ଯାଞ୍ଚ କରାଯାଉଛି।

କଟକ ନକଲି ସାମଗ୍ରୀ ପ୍ରସ୍ତୁତିର ପେଣ୍ଠସ୍ଥଳ ପାଲଟିଛି। କିଛି ବର୍ଷ ମଧ୍ୟରେ ସହରର ବିଭିନ୍ନ ସ୍ଥାନରୁ ନକଲି ଜର୍ଦ୍ଦା, ସସ୍, ଘିଅ, ଗୁଟ୍‌ଖା, ଚା, ମସଲାଗୁଣ୍ଡ, ସିମେଣ୍ଟ ଜବତ କରାଯାଇଥିବାବେଳେ ମଙ୍ଗଳବାର କଟକ ମାଲଗୋଦାମ ପୋଲିସ ଟାଙ୍ଗୀ ବ୍ରାହ୍ମଣପଡା ଗ୍ରାମରେ ଥିବା ନକଲି ସର୍ଫ ଏକ୍ସେଲ କାରଖାନାରେ ଚଢାଉ କରିଛି। ସେଠାରୁ ୧୫୪୦ କିଲୋଗ୍ରାମ ଓଜନର ନକଲି ସର୍ଫ ଏକ୍ସେଲ ପାଉଡର, ପ୍ରସ୍ତୁତି ପାଇଁ ୧୮୦୦ କେଜି କଞ୍ଚାମାଲ, ପ୍ୟାକିଂ, ଓଜନ ଓ ଷ୍ଟିଚିଂ ମେଶିନ, ୨ଟି ଅଟୋ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ ଜଗତ୍‌ପୁର ନାରାୟଣ ବିହାର ଅଞ୍ଚଳର ଅଭିଜିତ୍ ବେହେରା(୪୭)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୬୬/୨୨) ରୁଜୁ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ରବିବାର ମାଲଗୋଦାମ ଥାନା ଅଞ୍ଚଳରେ ଏକ ଅଟୋରେ ବହୁ ପରିମାଣର ସର୍ଫ ଏକ୍ସେଲ ଜରି ଓ ନକଲି ସର୍ଫ ଏକ୍ସେଲ ପାଉଡର ନିଆଯାଉଥିବା ମାଲଗୋଦାମ ପୋଲିସ ଖବର ପାଇଥିଲା। ତୁରନ୍ତ ଚଢ଼ାଉ କରି ଉକ୍ତ ଅଟୋକୁ ଜବତ କରିଥିଲା। ସେଥିରେ ୨୪ଟି ବ୍ୟାଗରେ ସର୍ଫ ଏକ୍ସେଲ ପ୍ୟାକିଂ ପାଇଁ ଜରି ରୋଲ, ୨ ବସ୍ତାରେ ୧୫୦ଟି ସର୍ଫ ଏକ୍ସେଲ ପାଉଚ ଥିବା ଦେଖିବାକୁ ମିଳିଥିଲା। ଉକ୍ତ ସାମଗ୍ରୀକୁ ଅଭିଜିତ୍ ଟାଙ୍ଗୀ ବ୍ରାହ୍ମଣପଡା ଗ୍ରାମରେ ଥିବା ତାଙ୍କ କାରଖାନାକୁ ପଠାଉଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ବ୍ରାହ୍ମଣପଡା ଗ୍ରାମର ଉକ୍ତ କାରଖାନାରେ ଚଢ଼ାଉ କରିଥିଲା। ଏଠାରେ ଅଭିଜିତ୍ ଓ ତାଙ୍କ ୨ ସହଯୋଗୀ ଏହି ବେଆଇନ କାରବାର ଚଳାଉଥିଲେ। ସେମାନେ ଏଠାରେ ନକଲି ସର୍ଫ ଏକ୍ସେଲ ପ୍ରସ୍ତୁତ କରି କଟକ ସଦର ଥାନା ଅନ୍ତର୍ଗତ ଖଣ୍ଡିୟତା ଓ ମାହାଙ୍ଗା ଅଞ୍ଚଳର ଓମର ☞ପୃଷ୍ଠା–୬

**ଶେୟାର ବଜାରରେ ହ୍ରାସ**

ନୂଆଦିଲ୍ଲୀ: ଗତ ସପ୍ତାହ ଏବଂ ଚଳିତ ସପ୍ତାହର କାରବାର ଦିବସକୁ ଦେଖିଲେ ଲଗାତର ଭାବେ ୫ମ ଦିନ ପାଇଁ ଶେୟାରବଜାରରେ ହ୍ରାସ ଦେଖିବାକୁ ମିଳିଛି। ପୂର୍ବଦିନ ଭଳି ଚଳିତ ସପ୍ତାହର ୨ୟ କାରବାର ଦିବସ ଅର୍ଥାତ୍ ମଙ୍ଗଳବାରରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ଭାରିମାତ୍ରାରେ ହ୍ରାସ ଦେଖିବାକୁ ମିଳିଛି। କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୭୦୩.୫୯ ପଏଣ୍ଟ (୧.୨୩%) ଏବଂ ନିଫ୍ଟିରେ ୨୧୫ ଅଙ୍କ (୧.୨୫%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଦିନରେ ଟ୍ରେଡିଂ ସମୟ ଶେଷ ସୁଦ୍ଧା ସେନ୍‌ସେକ୍ସ ୫୬,୪୬୩.୧୫ ଏବଂ ନିଫ୍ଟି ୧୬,୯୫୮.୬୫ ଇଣ୍ଡେକ୍ସରେ ବନ୍ଦ ରହିଛି। ଦିନରେ ଆପୋଲୋ ହସ୍ପିଟାଲର ଶେୟାର ଟପ୍ ଗେନର ଥିବା ବେଳେ ଏଚ୍‌ଡିଏଫ୍‌ସି ଟପ୍ ଲୁଜର୍ସ ତାଲିକାର ଶୀର୍ଷରେ ରହିଛି।

## ସଂକ୍ଷେପରେ

### ଦୁଗ୍ଧ ଉତ୍ପାଦନରେ ଭାରତ ଅଗ୍ରଣୀ

**ନୂଆଦିଲ୍ଲୀ,୧୯।୪:** ଭାରତ ବାର୍ଷିକ ୮.୫ ଲକ୍ଷ କୋଟି ଟଙ୍କାର ଦୁଗ୍ଧ ଉତ୍ପାଦନ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୂଚନା ଦେଇଛନ୍ତି। ଦେଶର ଦୁଗ୍ଧ ଉତ୍ପାଦନ ପରିମାଣ ଗହମ ଏବଂ ଚାଉଳ ଉତ୍ପାଦନଠାରୁ ମଧ ଅଧିକ ରହିଛି। ଗୁଜରାଟର ବନସକଣ୍ଠା ଜିଲାରେ ଏକ ନୂଆ ଡେଏରି ପରିସର ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ବର୍ତ୍ତମାନ ଭାରତ ବିଶ୍ୱରେ ସର୍ବବୃହତ୍ କ୍ଷୀର ଉତ୍ପାଦକ। ଏଥିପ୍ରତି କୌଣସି ଅର୍ଥଶାସ୍ତ୍ରୀଙ୍କର ଧାନ ନାହିଁ। ତେବେ ଗ୍ରାମାଞ୍ଚଳଗୁଡ଼ିକର ବିକେନ୍ଦ୍ରୀକୃତ ଅର୍ଥବ୍ୟବସ୍ଥା ପ୍ରଣାଳୀ ଏହାର ଏକ ଉଦାହରଣ। ଦେଶର କ୍ଷୁଦ୍ରଚାଷୀମାନେ ଏହି ଫାର୍ମରୁ ଅଧିକ ଲାଭ ପାଉଥିବା ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

### ଔଷଧର ଖୁଚୁରା ମୂଲ୍ୟ ନିର୍ଦ୍ଧାରିତ

**ନୂଆଦିଲ୍ଲୀ,୧୯।୪ :** ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ(ଏନ୍‌ପିପିଏ) ମଧୁମେହ ସମେତ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆବଶ୍ୟକ ଅତି ଜରୁରୀ ୧୫ ପ୍ରକାର ଔଷଧର ଖୁଚୁରା ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ଏନ୍‌ପିପିଏ ମଙ୍ଗଳବାର ଏ ନେଇ ସୂଚନା ଦେଇଥିବା ବେଳେ ଏଥିଲାଗି ମାର୍ଚ୍ଚ ଶେଷ ସପ୍ତାହରେ ଅନୁଷ୍ଠିତ ବୈଠକରେ ଦର ନିର୍ଦ୍ଧାରିତ ହୋଇଥିବା କହିଛନ୍ତି। ଯେଉଁ କମ୍ପାନୀଗୁଡ଼ିକ ଏହି ଔଷଧ ସବୁ ପ୍ରସ୍ତୁତ କରୁଛନ୍ତି ଏବେ ଏନ୍‌ପିପିଏଙ୍କ ସୁପାରିସ ଅନୁସାରେ ନୂଆ ଖୁଚୁରା ମୂଲ୍ୟ ଧାର୍ଯ୍ୟ କରିବେ ବୋଲି କହିଛନ୍ତି। ଗତ ମାସରେ ଅନୁଷ୍ଠିତ ଏନ୍‌ପିପିଏଙ୍କ ୯୬ତମ ବୈଠକରେ ଔଷଧ ମୂଲ୍ୟ ନିୟନ୍ତ୍ରଣ ଆଦେଶ ୨୦୧୩ ଅନୁସାରେ ୧୫ପ୍ରକାର ଔଷଧର ଖୁଚୁରା ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ନିର୍ଦ୍ଧାରିତ ମୂଲ୍ୟ ଅନୁସାରେ ଆସୋସିଏଟେଡ୍ ବାୟୋଟେକ୍, ଡେଲସ୍ ଲାବରେଟୋରିଜ ଦ୍ୱାରା ପ୍ରସ୍ତୁତ ଓ ବିତରିତ ମେଟାଫର୍ମିନ ସମେତ ଟେନେଲିଗ୍ଲିପ୍ଟିନ ପ୍ରତି ଟାବଲେଟର ମୂଲ୍ୟ ୭.୧୪ ଟଙ୍କା ନିର୍ଦ୍ଧାରିତ ହୋଇଛି। ସେହିପରି ଡେପାଗ୍ଲିଫ୍ଲୋଜିନ୍ ସହିତ ମେଟାଫର୍ମିନ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଟାବଲେଟ୍ ମୂଲ୍ୟ ୧୦.୭ ଟଙ୍କା ଧାର୍ଯ୍ୟ ହୋଇଛି।

# ଜିଡିପି ହ୍ରାସ ନେଇ ଆଇଏମ୍‌ଏଫ୍‌ର ଆକଳନ

ନୂଆଦିଲ୍ଲୀ,୧୯।୪




■୯%ରୁ ୮.୨%କୁ ହ୍ରାସ
■ଆର୍‌ବିଆଇର ୭.୨% ଅଭିବୃଦ୍ଧି ଅନୁମାନଠାରୁ ଅଧିକ

ଆନ୍ତର୍ଜାତୀକ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ ପ୍ରକାଶିତ ୱାର୍ଲଡ ଇକୋନୋମିକ୍ ଆଉଟ୍‌ଲୁକ୍ ରିପୋର୍ଟରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଭାରତର ଆନୁମାନିକ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିରେ ହ୍ରାସ ଆକଳନ କରାଯାଇଛି। ପୂର୍ବରୁ ଆଇଏମ୍‌ଏଫ୍ ପକ୍ଷରୁ ଜାନୁୟାରୀରେ ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ବୃଦ୍ଧି ଅନୁମାନ ୯% ରଖାଯାଇଥିବା ବେଳେ ବର୍ତ୍ତମାନ ତାହାକୁ ୮.୨%କୁ ହ୍ରାସ କରିଦିଆଯାଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନଜରରେ ରଖି ଆଇଏମ୍‌ଏଫ୍ ପକ୍ଷରୁ ଏହି ଗ୍ରୋଥ୍ ଅନୁମାନରେ ହ୍ରାସ କରାଯାଇଛି। ଆଇଏମ୍‌ଏଫ୍‌ର ସୂଚନା ଅନୁସାରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଦ୍ୱାରା ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ଏହା ଘରୋଇ ବ୍ୟବହାର ଏବଂ ପ୍ରାଇଭେଟ୍ ଇନ୍‌ଭେଷ୍ଟମେଣ୍ଟ ଉପରେ ଖରାପ ପ୍ରଭାବ ପକାଇବ ବୋଲି ଆଇଏମ୍‌ଏଫ୍ ପକ୍ଷରୁ ଅନୁମାନ କରାଯାଇଛି।

ତେବେ ଆଇଏମ୍‌ଏଫ୍ ଦେଶର ଜିଡିପି ବୃଦ୍ଧିଅନୁମାନରେ ହ୍ରାସ କରିଥିବା ସତ୍ତ୍ୱେ ଏହା ଆର୍‌ବିଆଇର ଆନୁମାନିକ ଜିଡିପି ଅଭିବୃଦ୍ଧି ହାରଠାରୁ ଅଧିକ ରହିଛି। ସୂଚନାଯୋଗ୍ୟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଆନୁମାନିକ ଜିଡିପି ଅଭିବୃଦ୍ଧି ୭.୨% ଧାର୍ଯ୍ୟ କରାଯାଇଛି। ଏହାଛଡ଼ା ପରିସଂଖ୍ୟାନ ମନ୍ତ୍ରଣାଳୟର ଅନୁମାନ ଅନୁସାରେ ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୮.୯% ରହିବା ସମ୍ଭାବନା ରହିଛି।

ଏହାଛଡ଼ା ଆଗାମୀ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୩-୨୪ ପାଇଁ ଆଇଏମ୍‌ଏଫ୍ ଏବଂ ଆର୍‌ବିଆଇର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନରେ ଅନେକ ଅନ୍ତର ରହିଛି। ଆସନ୍ତା ବର୍ଷ ପାଇଁ ଆଇଏମ୍‌ଏଫ୍ ଅନୁସାରେ ୬.୯% ଏବଂ ଆର୍‌ବିଆଇ ଅନୁଯାୟୀ ୬.୩% ଜିଡିପି ଅଭିବୃଦ୍ଧି ହେବା ସମ୍ପର୍କରେ ଅନୁମାନ କରାଯାଇଛି। ଗତ ଜାନୁୟାରୀରେ ପ୍ରକାଶିତ ଆଇଏମ୍‌ଏଫ୍ ରିପୋର୍ଟରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ଅନୁମାନ ୭.୧% ରଖାଯାଇଥିଲା।

ଚଳିତ ଆର୍ଥିକ ବର୍ଷରେ ବିଶ୍ୱ ଅର୍ଥବ୍ୟବସ୍ଥାରେ ୩.୬% ଅଭିବୃଦ୍ଧି ହେବ ବୋଲି ଆଇଏମ୍‌ଏଫ୍ ରିପୋର୍ଟରେ ଦର୍ଶାଯାଇଛି। ପୂର୍ବ ପ୍ରକାଶିତ ଆଇଏମ୍‌ଏଫ୍ ରିପୋର୍ଟରେ ରୁଷିଆର ଅଭିବୃଦ୍ଧି ଅନୁମାନ ୨.୮% ରଖାଯାଇଥିବା ବେଳେ ସଦ୍ୟ ପ୍ରକାଶିତ ରିପୋର୍ଟରେ ସେଥିରେ ହ୍ରାସ କରାଯାଇ -୮.୫% କରିଦିଆଯାଇଛି।

# ଜେଏଫ୍‌ର ମନୋରଞ୍ଜନ ବୋନାଞ୍ଜା

ମୁମ୍ବାଇ,୧୯।୪

ଦେଶର ପ୍ରମୁଖ ଟେଲିକମ୍ ଓ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ସଂସ୍ଥା ଜିଓ ପକ୍ଷରୁ ଜିଓ ଫାଇବର (ଜେଏଫ୍) ପୋଷ୍ଟପେଡ୍ ବର୍ଗରେ ଆଉ ଏକ ବୈପ୍ଳବିକ ଉତ୍ପାଦର ଶୁଭାରମ୍ଭ କରାଯାଇଛି। ଏହା ନୂଆ ପୋଷ୍ଟପେଡ୍ ବ୍ୟବହାରକାରୀମାନଙ୍କୁ ଶୂନ ପ୍ରବେଶ ଖର୍ଚ୍ଚ ସୁବିଧା ପ୍ରଦାନ କରୁଛି। ଯେତେବେଳେ ବ୍ୟବହାରକାରୀମାନେ ଜିଓଫାଇବରର ପୋଷ୍ଟପେଡ୍ ସଂଯୋଗ ବିକଳ୍ପ ଚୟନ କରିବେ। ତାଙ୍କୁ ବିନା ଖର୍ଚ୍ଚରେ ୧୦,୦୦୦ ଟଙ୍କା ମୂଲ୍ୟର ଇଣ୍ଟରନେଟ୍ ବକ୍ସ (ଗେଟ୍‌ୱେ ରାଉଟର), ସେଟ୍ ଟପ୍ ବକ୍ସ ଓ ଇନ୍‌ଷ୍ଟଲେଶନ ସୁବିଧା ମିଳିବ। ମାତ୍ର ଅତିରିକ୍ତ ୧୦୦ଟଙ୍କାରେ ଅସୀମିତ ମନୋରଞ୍ଜନ ସୁବିଧା ଆରମ୍ଭ କରାଯାଇଛି।

ସେହିଭଳି ମାସିକ ୩୯୯ଟଙ୍କାରୁ ଆରମ୍ଭ ହୋଇଥିବା ପ୍ଲାନ୍‌ରେ ବ୍ୟବହାରକାରୀମାନେ ଅସୀମିତ ହାଇ-ସ୍ପିଡ୍ ଇଣ୍ଟରନେଟ୍ ପାଇପାରିବେ। ପୁନଶ୍ଚ ମାସିକ ଅତିରିକ୍ତ ୧୦୦ କିମ୍ବା ୨୦୦ ଟଙ୍କା ଦେଇ ସେମାନେ ପ୍ରାୟ ୧୪ଟି ଓଟିଟି ଆପ୍‌ର ସମ୍ଭାରରୁ ନିଜ ପସନ୍ଦର କନ୍‌ଟେଣ୍ଟ (ବିଷୟବସ୍ତୁ) ହାସଲ କରିପାରିବେ। ଏପରିକି ଅସୀମିତ ମନୋରଞ୍ଜନରେ ସାମିଲ ରହିଛି ୧୪ପେଡ୍ ମନୋରଞ୍ଜନ ଆପ୍, ଯାହାକୁ ଉଭୟ ବଡ଼ ସ୍କ୍ରିନ୍ ଓ ଛୋଟ ସ୍କ୍ରିନ୍‌ରେ ହାସଲ କରିହେବ। ଫଳରେ ଏହାର ବ୍ୟବହାରକାରୀମାନେ ସେମାନଙ୍କ ମନ ପସନ୍ଦର ସିନେମା, ଟିଭି ଚ୍ୟାନେଲ, ଅରିଜିନାଲ, ଖବର, ଶୋ', କ୍ରୀଡ଼ା ଏବଂ ଆହୁରି ବହୁତ କିଛି ଦେଖିପାରିବେ। ଏହି ନୂଆ ପ୍ଲାନ୍ ୨୦୨୨ ଏପ୍ରିଲ ୨୨ରୁ ସମସ୍ତ ବ୍ୟବହାରକାରୀମାନଙ୍କ ଲାଗି ଉପଲବ୍ଧ ହେବ।

ନୂଆ ଜିଓଫାଇବର ମନୋରଞ୍ଜନ ବୋନାଞ୍ଜା ପ୍ଲାନ୍‌ର ଲାଭ ପାଇବା ଲାଗି ପୁରୁଣା ଜିଓଫାଇବର ପୋଷ୍ଟପେଡ୍ ଗ୍ରାହକମାନଙ୍କୁ ମାଇଁ ଜିଓ ଆପ୍‌ରେ ମନୋରଞ୍ଜନ ପ୍ଲାନ୍ ଚୟନ କରିବାକୁ ହେବ।

# ହୋଣ୍ଡା ଗୋଲ୍ଡ ୱିଙ୍ଗ୍ ଟୁର୍‌ର ବଜାର ପ୍ରବେଶ

ନୂଆଦିଲ୍ଲୀ,୧୯।୪

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୨୦୨୨-ଗୋଲ୍ଡ ୱିଙ୍ଗ୍ ଟୁର୍ (ଜିଡବ୍ଲ୍ୟୁଟି)କୁ ଭାରତରେ ଉନ୍ମୋଚନ କରାଯାଇଛି। କମ୍ପାନୀର ଏହି ମଡେଲ ଜାପାନରୁ ସିବିୟୁ ରୁଟ୍ ଜରିଆରେ ଭାରତ ବଜାରକୁ ଆସିବ। ଏପରିକି ୨୦୨୨-ଜିଡବ୍ଲ୍ୟୁଟି ଡୁଆଲ୍ କ୍ଲଚ୍ ଟ୍ରାନ୍ସମିସନ୍ (ଡିସିଟି) ସହ ଏୟାରବ୍ୟାଗ୍‌ରେ ମଧ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, କିଛି ବର୍ଷ ମଧରେ ହୋଣ୍ଡାର ପ୍ରମୁଖ ପ୍ରଯୁକ୍ତିଭିତ୍ତିକ ଗାଡ଼ି ଭାବେ ଗୋଲ୍ଡ ୱିଙ୍ଗ୍ ଏହାର ଲୋକପ୍ରିୟତାକୁ ଦୃଢ଼ କରିପାରିଛି। ସେହିଭଳି କମ୍ପାନୀର ନିର୍ଦ୍ଦେଶକ, ବିକ୍ରି ଓ ମାର୍କେଟିଂ ଯଦ୍‌ବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ଗତ ଦଶନ୍ଧି ଭିତରେ ହୋଣ୍ଡା ଗୋଲ୍ଡ ୱିଙ୍ଗ୍ ଶ୍ରେଷ୍ଠ ଭାବେ ଆବିର୍ଭୂତ ହୋଇଥିବା ବେଳେ ବିଳାସ, ଆରାମ ଓ ସୁରକ୍ଷାକୁ ପୁନର୍ମାଜିତ କରିଛି। ଭାରତ ବଜାରରେ ଏହାର ବଜାର ପ୍ରବେଶ ସହ ବୁକିଂ ମଧ ଆରମ୍ଭ ହୋଇଯାଇଥିବା ଗୁଲେରିଆ ମତବ୍ୟକ୍ତ କରିଛନ୍ତି। ବିଶେଷକରି ଏଥିରେ ଡବଲ ୱିସ୍ ବୋନ୍ ସାମ୍ନା ସସ୍‌ପେନ୍‌ସନ, ବର୍ଦ୍ଧିତ ଇଲେକ୍ଟ୍ରିକ୍ ସ୍କ୍ରିନ୍, ସମ୍ପୂର୍ଣ୍ଣ ଏଲ୍‌ଇଡି ଲାଇଟ୍ ବ୍ୟବସ୍ଥା ସହ ଡୁଆଲ୍ ଏଲ୍‌ଇଡି ଫଗ୍ ଲ୍ୟାମ୍ପ୍, ସ୍ୱୟଂକ୍ରିୟ ଭାବେ ବାତିଲ ହେଉଥିବା ଇଣ୍ଡିକେଟର, କ୍ରୁଜ୍ କଣ୍ଟ୍ରୋଲ ସ୍ୱିଚ୍, ଥ୍ରଟଲ୍ ବାଏ ୱାୟାର, ୮ ବ୍ରାଇଟ୍‌ନେସ୍ ସ୍ତର, ସ୍ମାର୍ଟ କି, ୨୧ଲିଟର କ୍ଷମତାର ଇନ୍ଧନ ଟାଙ୍କି, ଆପଲ୍ କାର୍ ପ୍ଲେ ଓ ଆଣ୍ଡ୍ରଏଡ୍ ଅଟୋ, ୟୁଏସ୍‌ବି ଟାଇପ୍-ସି ପୋର୍ଟ, ହାଲୁକା ସ୍ପିକର, ଯାତ୍ରୀ ଅଡିଓ ନିୟନ୍ତ୍ରଣ ଓ ନାଭିଗେଶନ ବ୍ୟବସ୍ଥା ଆଦି ରହିଛି। ସେହିପରି ଶକ୍ତିଶାଳୀ ୧୮୩୩ ସିସିର ଲିକ୍ୱିଡ୍ କୁଲ୍‌ଡ୍ ୪-ଷ୍ଟ୍ରୋକ୍,୨୪-ଭାଲ୍‌ଭ ଏସ୍‌ଓଏଚ୍‌ସି ଫ୍ଲାଟ୍-୬ ଇଞ୍ଜିନ୍ ଯାହା ୫,୫୦୦ ଆର୍‌ପିଏମ୍‌ରେ ୯୩ କିଲୋୱାଟ୍‌ର ଶକ୍ତି ଓ ୪,୫୦୦ ଆର୍‌ପିଏମ୍‌ରେ ୧୭୦ ଏନ୍‌ଏମ୍‌ର ଟର୍କ ଉତ୍ପନ୍ନ କରୁଛି।



# ମିଶ୍ରଣ ପାଇଁ ମଞ୍ଜୁରୀ

ନୂଆଦିଲ୍ଲୀ,୧୯।୪

ଆକ୍ସିସ୍ ବ୍ୟାଙ୍କ ନିକଟରେ ସିଟି ବ୍ୟାଙ୍କର ଉପଭୋକ୍ତା ବ୍ୟବସାୟର ଅଧିଗ୍ରହଣକୁ ଉଭୟ ଆକ୍ସିସ ଓ ସିଟି ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୋର୍ଡ ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଛି। ନିୟାମକ ମଞ୍ଜୁରୀ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ପାଳନ ଉପରେ ଏହି ଅଧିଗ୍ରହଣର ସଫଳତା ନିର୍ଭର କରୁଛି। ଏହି ଅଧିଗ୍ରହଣରେ ଜଡ଼ିତ ରହିଛି ସିଟି ବ୍ୟାଙ୍କ ଇଣ୍ଡିଆର କ୍ରେଡିଟ୍ କାର୍ଡ, ରିଟେଲ ବ୍ୟାଙ୍କିଙ୍ଗ୍, ସମ୍ପତ୍ତି ପରିଚାଳନା ଓ ଗ୍ରାହକ ଋଣ। ସିଟିବ୍ୟାଙ୍କ୍‌ର ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥା ସିଟିକର୍ପ ଫାଇନାନ୍ସ (ଇଣ୍ଡିଆ) ଲିମିଟେଡ୍ ମଧ ଏଥିରେ ସାମିଲ ରହିଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କ୍‌ର ଏମ୍‌ଡି ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି, ଜିପିଏସ୍ ରଣନୀତି ଫ୍ରେମ୍‌ୱର୍କ ଅନୁସାରେ ଏକ ପ୍ରିମିୟର ଆର୍ଥିକ ସେବା ବ୍ରାଣ୍ଡ ଭାବେ ଉଭାହେବାରେ ଆମ ଯାତ୍ରାକୁ ଜାରି ରଖି ଏକ ଉନ୍ନତ ରିଟେଲ ଫ୍ରାଞ୍ଚାଇଜି ଓ ଉଚ୍ଚ ମାନର ପ୍ରତିଭା ଯୋଡ଼ି ହେଉଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ।

# ସୌରଶକ୍ତି କ୍ରୟ ପାଇଁ ଚୁକ୍ତିନାମା

ଭୁବନେଶ୍ୱର,୧୯।୪

ସୁଲଭ ମୂଲ୍ୟରେ ଗ୍ରୀଡ୍‌କୋ ୨୦୦ମେଗାୱାଟ୍ ସୌରଶକ୍ତି କ୍ରୟ ପାଇଁ ନିକଟରେ ଜାତୀୟ ତାପଜ ଶକ୍ତି ନିଗମ (ଏନ୍‌ଟିପିସି) ଲିମିଟେଡ୍ ସହ ଏକ ଶକ୍ତି ବିକ୍ରୟ ଚୁକ୍ତିନାମା (ପିଏସ୍‌ଏ) ସ୍ୱାକ୍ଷରିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ଧଳଙ୍କ ଉପସ୍ଥିତିରେ ଗ୍ରୀଡ୍‌କୋର ଉମାକାନ୍ତ ସାହୁ, ଡାଇରେକ୍ଟର (ଟ୍ରେଡିଂ) ଓ ଏନ୍‌ଟିପିସିର ଅତିରିକ୍ତ ମହାପ୍ରବନ୍ଧକ ସୁବୋଧ ପ୍ରଧାନ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିନାମା ଅନୁଯାୟୀ, ୨୦୨୪-୨୫ ଆର୍ଥିକବର୍ଷଠାରୁ ପରବର୍ତ୍ତୀ ୨୫ବର୍ଷ ପର୍ଯ୍ୟନ୍ତ ଗ୍ରୀଡ୍‌କୋ ଆନ୍ତଃ ରାଜ୍ୟ ବିଦ୍ୟୁତ୍ ପ୍ରସାରଣ ବ୍ୟବସ୍ଥା (ଆଇଏସ୍‌ଟିଏସ୍) ମାଧ୍ୟମରେ ପ୍ରତି ୟୁନିଟ୍ ପିଛା ୨.୫୦ ଟଙ୍କା ହାରରେ ୨୦୦ ମେଗାୱାଟ ଶସ୍ତା ଦରରେ ସୌରଶକ୍ତି ଏନ୍‌ଟିପିସି ଠାରୁ କ୍ରୟ କରିବ। ରାଜ୍ୟର ବ୍ୟବହାର ପାଇଁ କ୍ରୟ କରାଯାଉଥିବା ଏହା ସବୁଠାରୁ ଶସ୍ତା ମୂଲ୍ୟରେ ଚୁକ୍ତିବଦ୍ଧ ସୌରଶକ୍ତି ଏବଂ ଏହି ସୌରଶକ୍ତି ବ୍ୟବହାର ଦ୍ୱାରା ଗ୍ରୀଡ୍‌କୋ ନିଜର ଅକ୍ଷୟ ଶକ୍ତି କ୍ରୟ ବାଧ୍ୟତା (ଆର୍‌ପିଓ)କୁ ପରିପାଳନ କରିବା ଦିଗରେ ଭବିଷ୍ୟତରେ ସକ୍ଷମ ହେବ ବୋଲି ଗ୍ରୀଡ୍‌କୋ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ଅର୍ଥ ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଏନ୍‌ଟିପିସିର ମୁଖ୍ୟ ମହାପ୍ରବନ୍ଧକ ଏମ୍.କେ. ସିଂ, ଅତିରିକ୍ତ ମହାପ୍ରବନ୍ଧକ ଜି.ସି. ମହାପାତ୍ର ଓ ଶକ୍ତି ବିଭାଗର ଅତିରିକ୍ତ ସଚିବ ଲିସା ଦାସ, ଅର୍ଥ ପରାମର୍ଶଦାତା ସମ୍ପିତ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

## ଫୁରସତ୍

# ଅର୍ଥନୀତି ସ୍ନାତକଙ୍କ ଭେରାଇଟି ଚା'

**ପାଟନା:** ବହୁ ଉଚ୍ଚଶିକ୍ଷିତ ଛାତ୍ରୀଛାତ୍ର ସରକାରୀ ଚାକିରି ନ ପାଇବାରୁ ଏବେ ବ୍ୟବସାୟକୁ ଆପଣାଇବାରେ ଲାଗିଛନ୍ତି। ସେମିତି ଜଣେ ଉଚ୍ଚଶିକ୍ଷିତା ହେଲେ ବିହାର ରାଜଧାନୀ ପାଟନାର ପ୍ରିୟଙ୍କା ଗୁପ୍ତା। ସରକାରୀ ଚାକିରି ନ ମିଳିବାରୁ ସେ ନିଜର ଏକ ଚା ବ୍ୟବସାୟ ଆରମ୍ଭ କରିଛନ୍ତି। ପିୟଙ୍କାଙ୍କ ଭେରାଇଟି ଚା ଏବେ ଲୋକଙ୍କ ମନପସନ୍ଦର ଚା ପାଟଲିଛି। ୨୦୧୯ରେ ଇକୋନୋମିକ୍ସରେ ଯୁକ୍ତ ୩ ଡିଗ୍ରୀ ହାସଲ କରିବା ପରେ ଦୁଇବର୍ଷ ପର୍ଯ୍ୟନ୍ତ ସରକାରୀ ଚାକିରି ପାଇଁ ପ୍ରସ୍ତୁତ ହୋଇଥିଲେ। କିନ୍ତୁ ଗଭର୍ନମେଣ୍ଟ ଚାକିରି ନ ମିଳିବାରୁ ପ୍ରିୟଙ୍କା ଏକ ଚା ଦୋକାନ ଖୋଲିଛନ୍ତି। ଯେଉଁଠାରେ ସେ ବିଭିନ୍ନ ଭେରାଇଟିର ଚା ବିକୁଛନ୍ତି। ତେବେ ପ୍ରିୟଙ୍କାଙ୍କ ଭେରାଇଟି ଚା ଲୋକଙ୍କୁ ଆକୃଷ୍ଟ କରିବା ସହ ପ୍ରିୟଙ୍କା ଏଥିରୁ ଭଲ ରୋଜଗାର କରୁଥିବା କହିଛନ୍ତି। ତନ୍ଦୁରି ଚା, ପାନ ଆଦି ଫ୍ଲେଭରର ଚା ବିକ୍ରି କରୁଛନ୍ତି ପ୍ରିୟଙ୍କା। ଭେରାଇଟି ଚା'ର ମୂଲ୍ୟ ୧୫ରୁ ୨୦ ଟଙ୍କା ଭିତରେ ରହିଛି। ପାଟନାର ମହିଳା କଲେଜ ସମ୍ନାରେ ପ୍ରିୟଙ୍କା ନିଜର ଏହି ଚା ଦୋକାନଟି ଖୋଲିଛନ୍ତି। ସରକାରୀ ଚାକିରି ନ ମିଳିବାରୁ ପ୍ରିୟଙ୍କା ଛୋଟ ବ୍ୟବସାୟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ କେଉଁ ବ୍ୟବସାୟ ଆରମ୍ଭ କରିବେ ତାହା ତାଙ୍କୁ ଜଣା ନ ଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଅହମଦାବାଦର ଏମ୍‌ବିଏ ଚା' ବାଲାଙ୍କଠାରୁ ପ୍ରେରଣା ପାଇ ସେ ଚା ଦୋକାନ କରିବାର ନିଷ୍ପତ୍ତି ନେଇଥିବା କହିଛନ୍ତି। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପିଇବାକୁ ପଡ଼ିବ, ଭାବ ନାହିଁ...ଆରମ୍ଭ ହେଇଯାଅ ବାସ୍, ଭଳି ପଞ୍ଚ୍ ଲାଇନ୍ ପ୍ରିୟଙ୍କା ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ତେବେ ଚା ବ୍ୟବସାୟରୁ ଭଲ ରୋଜଗାର ହେଉଥିବା ସେ କହିଛନ୍ତି।




# ମା' ହେଲେ କାଜଲ

**ନୂଆଦିଲ୍ଲୀ:** ବଲିଉଡ୍ ତଥା ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ନାୟିକା କାଜଲ ଅଗ୍ରୱାଲ ମା' ହୋଇଛନ୍ତି। ମଙ୍ଗଳବାର ସେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ଗର୍ଭବତୀ ଥିବା ନେଇ କାଜଲ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଜରିଆରେ ଫ୍ୟାନ୍ସମାନଙ୍କୁ ଜଣାଇଥିଲେ। ଗର୍ଭବତୀ ଥିବା ସମୟରେ ଫିଟ୍‌ନେସ୍ ଉପରେ କାଜଲ ବେଶି ଗୁରୁତ୍ୱ ଦେଉଥିଲେ। ନିତିଦିନ ସେ ବ୍ୟାୟାମ କରୁଥିବାର ଓ ହେଲ୍‌ଦି ଫୁଡ୍ ଖାଉଥିବାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରୁଥିଲେ। ଖାଲି ସେତିକି ନୁହେଁ ଏ ସମୟରେ କାଜଲ ସ୍ୱାମୀ ଗୌତମଙ୍କ ସହ କ୍ୱାଲିଟି ଟାଇମ୍ ବିତାଉଥିବାର ମଧ ଦେଖିବାକୁ ମିଳିଥିଲା। ୨୦୨୦ ମସିହା ଅକ୍ଟୋବର ୩୦ରେ କାଜଲ ଗୌତମ କିଚଲୁଙ୍କ ସହ ଗୋପନୀୟ ବିବାହ କରିଥିଲେ। କାଜଲଙ୍କ ମ୍ୟାରେଜ୍ ନେଇ ମିଡିଆ ପାଖରେ କୌଣସି ଖବର ନ ଥିବାବେଳେ କେତେଜଣ ନିକଟତର ବନ୍ଧୁ ଓ ସମ୍ପର୍କୀୟଙ୍କୁ ନେଇ ଏହି ବିବାହ ଅନୁଷ୍ଠିତ ହୋଇଥିଲା। କାଜଲ ଓ ଗୌତମ ପ୍ରଥମେ ଜଣେ କମନ୍ ଫ୍ରେଣ୍ଡଙ୍କ ଜରିଆରେ ପରସ୍ପରକୁ ଭେଟିଥିଲେ। ଦୁହେଁ ପ୍ରେମରେ ପଡ଼ିବା ପରେ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। କାଜଲ ଅଗ୍ରୱାଲ ଉଭୟ ହିନ୍ଦୀ ଓ ଦକ୍ଷିଣ ଭାରତ ଫିଲ୍ମରେ କାମ କରୁଛନ୍ତି। ନିଜ ଅଭିନୟ ଜରିଆରେ ଫିଲ୍ମ ଜଗତରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।



# ଲଙ୍ଗର ଦେଲେ ରାମ ଚରଣ



ନୂଆଦିଲ୍ଲୀ

ଆର୍‌ଆର୍‌ଆର୍ (ରାଇଜ୍ ରୋର୍ ରିଭୋଲ୍ଟ)ର ଅପାର ସଫଳତା ପରେ ସାଉଥ୍ ସୁପରଷ୍ଟାର ରାମ ଚରଣ ଅମୃତସରର ଗୋଲ୍ଡେନ ଟେମ୍ପୁଲରେ ଲଙ୍ଗର ପ୍ରଦାନ କରିଛନ୍ତି। ରାମ ଚରଣ ନିଜ ଆଗାମୀ ଫିଲ୍ମର ଶୁଟିଂରେ ବ୍ୟସ୍ତ ଥିବାବେଳେ ସ୍ତ୍ରୀ ଉପାସନା କାମିନେନି କୋନିଡେଲା ଲଙ୍ଗର ଆୟୋଜନରେ ସାମିଲ ହୋଇଥିଲେ। ଏ ନେଇ ଉପାସନା ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିବା ସହ ଫିଲ୍ମର ସଫଳତା ପାଇଁ ଦର୍ଶକଙ୍କୁ ଏବଂ ଲଙ୍ଗର ପାଇଁ ସାହାଯ୍ୟ କରିଥିବା ଗୋଲ୍ଡେନ ଟେମ୍ପୁଲ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗୋଲ୍ଡେନ ଟେମ୍ପୁଲର ଏକ ଛବି ମନ୍ଦିର କାର୍ଯ୍ୟକାରୀ କମିଟି ଉପାସନାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଟ୍ରିପଲ୍ ଆର୍ ଏକ ଦେଶାତ୍ମୋବୋଧକ ଫିଲ୍ମ, ଯାହା ମାର୍ଚ୍ଚ ୨୫ରେ ରିଲିଜ୍ ହୋଇଥିଲା। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଏସ୍‌ଏସ୍ ରାଜାମୌଳି। ଏଥିରେ ରାମ ଚରଣ, ଏନ୍‌ଟିଆର୍, ଆଲିଆ ଭଟ୍ଟ, ଅଜୟ ଦେବଗନଙ୍କ ଭଳି ପ୍ରମୁଖ କଳାକାର ଅଭିନୟ କରିଥିଲେ। ଫିଲ୍ମଟି ସିନେପ୍ରେମୀଙ୍କୁ ପସନ୍ଦ ଆସିଥିବାବେଳେ ୫୦୦ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ଏହି ଫିଲ୍ମ ବକ୍ସ ଅଫିସରେ ହଜାର କୋଟିର ବ୍ୟବସାୟ କରିଛି।

# ବରଙ୍କୁ ଲେମ୍ବୁ ଗିଫ୍ଟ



**ଗାନ୍ଧୀନଗର:** ଦରବୃଦ୍ଧି ସୂଚୀରେ ବର୍ତ୍ତମାନ ଲେମ୍ବୁ ଲେମ୍ବୁ ନାଁ ସାମିଲ ହୋଇଯାଇଛି। ଗୁଜରାଟ ରାଜକୋଟର ଧୋରାଜିରେ ବରଙ୍କୁ ତାଙ୍କ ସାଙ୍ଗମାନେ ଉପହାରରେ ଲେମ୍ବୁ ଦେଇଛନ୍ତି। ଏହି ନିଆରା ଉପହାରର ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଥିବାବେଳେ ୟୁଜର୍ସଙ୍କ ଦୃଷ୍ଟି ଆକର୍ଷଣ କରିଛି । ଲେମ୍ବୁ କିଲୋଗ୍ରାମ ପ୍ରତି କେଉଁଠାରେ ୨୦୦ ତ ଆଉ କେଉଁଠାରେ ୩୦୦ ଟଙ୍କାରେ ବିକ୍ରି ହେଉଛି। ଖରା ଦିନେ ଲେମ୍ବୁର ବହୁଳ ବ୍ୟବହାର ହେଉଥିବାବେଳେ ବରଙ୍କୁ ଉପହାର ସ୍ୱରୂପ ଲେମ୍ବୁ ଦେବା ପାଇଁ ଚିନ୍ତା କରିଥିବା ବରଙ୍କ ବନ୍ଧୁ ଦିନେଶ କହିଛନ୍ତି।

# ଜେଲ କୋଠରିରେ ଭବିଷ୍ୟତ ଗଢ଼ା

**ଇନ୍ଦୋର:** ଜେଲର ଚାରିକାନ୍ଥ ଭିତରେ ବନ୍ଦୀ ଜୀବନ କାଟୁଥିବା କଏଦୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଅନ୍ଧାର କୋଠରି ଭିତରେ ଗଢ଼ା ହେଉଛି। ଇନ୍ଦୋର ସେଣ୍ଟ୍ରାଲ ଜେଲରେ କଏଦୀଙ୍କୁ ସେମାନଙ୍କ ଆଗ୍ରହ ଅନୁସାରେ ପାଠପଢ଼ାଯାଉଛି, ଯାହାଦ୍ୱାରା ସେମାନେ ଜେଲରୁ ବାହାରିବା ପରେ ଆପରାଧିକ କାର୍ଯ୍ୟରେ ଲିପ୍ତ ନ ରହି ରୋଜଗାରକ୍ଷମ ହୋଇ ପାରିବେ। ଚଳିତବର୍ଷ ପାଖାପାଖି ୮୩ କଏଦୀ ୧୦ମ ଏବଂ ଦ୍ୱାଦଶ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ୨୫୩ ଜଣ ଗ୍ରାଜୁଏଟ୍ ଏବଂ ପୋଷ୍ଟ ଗ୍ରାଜୁଏଟ୍ ପାଇଁ ପାଠପଢ଼ା ଜାରି ରଖିଛନ୍ତି।

୨୦୧୯ରେ ୬୦ କଏଦୀ ଏହି ଜେଲରେ ରହି ସ୍ନାତକ ଡିଗ୍ରୀ ହାସଲ କରିଥିବାବେଳେ ୨୦୨୧ରେ ୬୭ ଜଣ ଯୁକ୍ତ୩ ପାସ୍ କରିଛନ୍ତି। କଏଦୀଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ନିଆରା ପ୍ରୟାସ ବହୁ କଏଦୀଙ୍କୁ ଶିକ୍ଷିତ କରିପାରିଛି। ପାଖାପାଖି ୫୦ ଜଣ ନିରକ୍ଷର କଏଦୀ ଜେଲରେ ରହି ଡିଗ୍ରୀ ହାସଲ କରିସାରିଥିବା ଜେଲ ସୁପରିଟେଣ୍ଡେଣ୍ଟ ଅଲକା ସୋନକାର କହିଛନ୍ତି। ଇନ୍ଦିରାଗାନ୍ଧୀ ନ୍ୟାଶନାଲ ଓପନ ୟୁନିଭର୍ସିଟି ଅଧୀନରେ ୬୩ ବିଷୟ ଜେଲରେ ପଢ଼ାହେଉଛି। ସେଠାରେ ଥିବା କଏଦୀ ଅନ୍ୟ କଏଦୀମାନଙ୍କୁ ମଧ ପାଠ ପଢ଼ାଉଛନ୍ତି। ଜେଲରୁ ବାହାରିବା ପରେ ସେମାନେ ବିଭିନ୍ନ ମ୍ୟାନେଜ୍‌ମେଣ୍ଟ ଡିଗ୍ରୀ ଏମ୍‌ବିଏ, ଏମ୍.କମ୍ ଏବଂ ଏଲ୍‌ଏଲ୍‌ବି କରି ବିଭିନ୍ନ କମ୍ପାନୀରେ ଚାକିରି କରୁଥିବା ଜେଲ କର୍ତ୍ତୃପକ୍ଷ କହିଛନ୍ତି।



## ସଂକ୍ଷେପରେ

### ଶ୍ମଶାନରେ ଶବଦାହ ପାଣି ଉଠେଇବାକୁ ନେଇ ହଣାକଟା

ପାରାଦୀପ,୧୯।୪(ସ୍ୱ.ପ୍ର.): ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଗଡ଼ଗ୍ରାମ ଶ୍ମଶାନରେ ମଙ୍ଗଳବାର ଶବ ସତ୍କାରକୁ ନେଇ ହଣାକଟା ହୋଇଛି। ଏଥିରେ ଦୁଇ ପକ୍ଷରୁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବୁଟୁ ଗୋଚ୍ଛାୟତ, ଆଦିକନ୍ଦ ଗୋଚ୍ଛାୟତ, ଦୁଷ୍ମନ୍ତ ସାମଲ। ସ୍ଥାନୀୟ ଜନପ୍ରତିନିଧି ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରିଛନ୍ତି। ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ମାମଲା (ନଂ.୮୭/୨୨ ଓ ୮୮/୨୨)ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ରାତିରେ ଗଡ ଲୋକନାଥ ମନ୍ଦିର ଗଡାଠାରେ ଦୁର୍ଘଟଣା ଘଟିଥିଲା। ଏଥିରେ ଗଡ ଗ୍ରାମର ବନମାଳୀ ଗୋଚ୍ଛାୟତଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ମୃତକଙ୍କ ଆତ୍ମୀୟସ୍ୱଜନ ଶବ ବ୍ୟବଚ୍ଛେଦ କରି ଆଣିବା ପରେ ଅପରାହ୍ଣରେ ନିକଟସ୍ଥ ଇଣ୍ଡଷ୍ଟ୍ରିଆଲ ପାଖ ୧୫ ବାଣୀ ନାମକ ଜାଗାରେ ଦାହ କରିବାକୁ ନେଇଥିଲେ। ମୃତଦେହ ସହ ବୁଟୁ ଓ ଆଦିକନ୍ଦ ମଧ ଆସିଥିଲେ। ଉକ୍ତ ଜାଗାରେ ଦୁଷ୍ମନ୍ତଙ୍କ ଏକ ବ୍ୟକ୍ତିଗତ ପୋଖରୀ ରହିଛି। ମୃତକଙ୍କ ପରିବାର ଲୋକେ ସେଠାରୁ ପାଣି ଉଠାଇବାବେଳେ ଦୁଷ୍ମନ୍ତ ଓ ତାଙ୍କ ପରିବାର ଲୋକେ ବିରୋଧ କରିଥିଲେ। ଏନେଇ ଉଭୟ ପକ୍ଷ ପ୍ରଥମେ କଥା କଟାକଟି ହେବା ପରେ ହଣାକଟା ହୋଇଥିଲା। ଏପରି ଗଣ୍ଡଗୋଳ ଯୋଗୁ ସେଠାରେ ମୃତଦେହ ୩ ଘଣ୍ଟା ପଡି ରହିଥିଲା। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣାଧୀନ କରିଛି।

# ଭୁଶୁଡ଼ି ପଡ଼ିଛି କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟସେବା

କେନ୍ଦ୍ରାପଡ଼ା ଅଫିସ, ୧୯।୪

କେନ୍ଦ୍ରାପଡ଼ା ଜିଲାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବାରେ ସ୍ୱାସ୍ଥ୍ୟ ବିଭାଗ ବିଫଳ ହୋଇଛି। ଜିଲାରେ ରୋଗୀଙ୍କ ରୋଗ ନିରୂପଣ କରିବାକୁ ଆବଶ୍ୟକ ଥିବା ୨୨୪ ଡାକ୍ତରଙ୍କ ମଧ୍ୟରୁ ୧୩୪ ପଦବୀ ଫାଙ୍କା ପଡିଛି। ଜିଲାରେ ୯୦ ଜଣ ଡାକ୍ତର ରୋଗୀମାନଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇ ପାରୁ ନ ଥିବାରୁ ସେମାନେ ଖର୍ଚ୍ଚାନ୍ତ ହୋଇ କଟକ ଓ ଭୁବନେଶ୍ୱରକୁ ଯାଉଛନ୍ତି। ଏହାର ଉଦାହରଣ ଭାବେ ନିଆଗଲେ ସୋମବାର ଜିଲାର ବିଭିନ୍ନ ବ୍ଲକରେ ପଲ୍ଲୀରେ ପ୍ରଶାସନ ସହ ମେଗା ସ୍ୱାସ୍ଥ୍ୟ ସେବା ଶିବିର ହୋଇଥିଲା। ଏଠାରେ ଯେଭଳି ଭିଡ ଜମି ଥିଲା ଓ ବିଭିନ୍ନ ବିଭାଗର ଯେତେ ରୋଗୀ ଆସି ଚିକିତ୍ସିତ ହୋଇ ଔଷଧ ନେଲେ ସେଥିରୁ ଅନୁମେୟ ଜିଲାରେ ସ୍ୱାସ୍ଥ୍ୟସେବା ଭୁଶୁଡି ପଡିଛି। 'ଯେତେ ଡେରି ହେବ ସେତେ ଲାଭ' ନ୍ୟାୟରେ ଏଠାରେ ସବୁକାମ ଚାଲିଛି। କାରଣ ଡେରି ହେଲେ ପ୍ରକଳ୍ପର ଅବଧି ସମୟ ବଢିବା ସହ ଖର୍ଚ୍ଚ ପରିମାଣ ବି ଅଧିକ ହେବ। ଫଳରେ ପ୍ରଶାସନିକ ଅଧିକାରୀ ଓ ଠିକାଦାରଙ୍କ ହାତ ଚିକ୍କଣ ହେବ। ଏହି ନ୍ୟାୟରେ ୨୦୧୮ ଡିସେମ୍ବରରୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୪ କିଲୋମିଟର ଦୂର ଶାମଗୁଡିଆଠାରେ ନିର୍ମାଣାଧୀନ ମାତୃ ଓ ଶିଶୁମଙ୍ଗଳ ହସ୍ପିଟାଲ ପ୍ରକଳ୍ପ ଶେଷ ହୋଇପାରୁନି। ଏପରି କି ଗତ ୨୦୧୯ରେ



କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ।

■ ୨୨୪ ଜାଗାରେ ୯୦ ଡାକ୍ତରରେ ଚାଲିଛି ରୋଗୀ ଚିକିତ୍ସା
■ ୬ବର୍ଷ ହେଲା ମାତୃ ଓ ଶିଶୁମଙ୍ଗଳ ହସ୍ପିଟାଲ ନିର୍ମାଣ ଶେଷ ହେଉନି
■ କାମ ଦେଉନାହିଁ ୫-ଟି ସଚିବଙ୍କ ତାଗିଦ୍
■ ଜିଲା ପ୍ରଶାସନର ଏ ନେଇ ସମୀକ୍ଷା ନ ଥିବା ଅଭିଯୋଗ

୫-ଟି ସଚିବ ଭି.କେ. ପାଣ୍ଡିଆନ କେନ୍ଦ୍ରାପଡ଼ା ଗସ୍ତ କରି ୪ ମାସ ମଧ୍ୟରେ ପ୍ରକଳ୍ପ ନିର୍ମାଣ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲା ପ୍ରଶାସନ ତାଙ୍କ ନିର୍ଦ୍ଦେଶକୁ ଫୁ କରି ଉଡାଇ ଦେଇଛି। ପ୍ରକଳ୍ପ କାମ ଅଦ୍ୟାବଧି ଶେଷ ହୋଇପାରୁନି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ସମୀକ୍ଷା ହେଉ ନ ଥିବାବେଳେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ରଶ୍ମିରଞ୍ଜନ ମହାପାତ୍ର କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ମାତୃ ଓ ଶିଶୁମଙ୍ଗଳ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ନାହିଁ। ଏଠାରେ ବିପଦପୂର୍ଣ୍ଣ ଭାବେ ମାଆ ଓ ଶିଶୁଙ୍କ ଚିକିତ୍ସା ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଶାମଗୁଡିଆଠାରେ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ହେଉଛି। ଏହି ପ୍ରକଳ୍ପ ୨୦୧୬ ଡିସେମ୍ବରରୁ ଆରମ୍ଭ ହୋଇଥିବା ବେଳେ ନିର୍ମାଣ ଅବଧି ମାତ୍ର ୨ ବର୍ଷ ଥିଲା। ନିର୍ମାଣ ଆରମ୍ଭକୁ ୬ ବର୍ଷ ବିତିଥିଲେ ମଧ ସମ୍ପୂର୍ଣ୍ଣ ନ ହେବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରକୃତ ଲକ୍ଷ୍ୟରେ ବିଚ୍ୟୁତି ହୋଇଛି। ବୁଦ୍ଧିଜୀବୀ ତଥା ମହାକାଳପଡ଼ା ୟୁଥ କ୍ଲବର କର୍ମକର୍ତ୍ତା ବିଭୂତି ଭୂଷଣ ରାଉତ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ଓ ନବଜାତକଙ୍କୁ ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ବାଧ୍ୟ ହୋଇ ଦଲାଲଙ୍କ ପ୍ରରୋଚନାରେ ଘରୋଇ ଚିକିତ୍ସାଳୟ ଆଡକୁ ରୋଗୀମାନେ ମୁହାଁଉଛନ୍ତି। ସମ୍ପୃକ୍ତ ଘରୋଇ ଚିକିତ୍ସାଳୟ କର୍ତ୍ତୃପକ୍ଷ ଚିକିତ୍ସା ବଦଳରେ ଆର୍ଥିକ ଶୋଷଣ କରୁଛନ୍ତି। ଏପରି କି ଏହି ଘରୋଇ ଚିକିତ୍ସାଳୟରେ କେତେକ ସମୟରେ ପ୍ରସୂତି ଓ ଶିଶୁଙ୍କ ମୃତ୍ୟୁ ହେଉଥିବା ଗଣମାଧ୍ୟମରେ ଜାଣିବାକୁ ମିଳୁଛି। ଜିଲା ପ୍ରଶାସନ ପକ୍ଷରୁ ଶାମଗୁଡିଆ ଚିକିତ୍ସାଳୟ ନିର୍ମାଣକୁ ନେଇ କୌଣସି ସମୀକ୍ଷା ହେଉ ନ ଥିବାରୁ ପ୍ରକଳ୍ପ ଶେଷ ହେଉ ନାହିଁ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ଅମରବର ବିଶ୍ୱାଳ କହିଛନ୍ତି, ପ୍ରକଳ୍ପ ନିର୍ମାଣ ବିଳମ୍ବର କାରଣ ଶ୍ରମିକ ଅଶାନ୍ତି। ଏଥିସହ ଏହାର ଠିକାଦାର ଏବେ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟେକ ନିର୍ମାଣ କାର୍ଯ୍ୟକୁ ଠିକାରେ ନେଉଛନ୍ତି। ଏକ ସଙ୍ଗରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ଶ୍ରମିକଙ୍କ ଅଭାବ ଥିବାରୁ ସବ୍‌ଲିଜ୍‌ରେ ଠିକା କାର୍ଯ୍ୟ ହେଉଛି। ଜଣେ ଠିକାଦାରଙ୍କୁ ଏତେ ଅନୁକମ୍ପା କ'ଣ ପାଇଁ ତାହା ମଧ ବୁଝାପଡୁନି। ଜିଲାରେ ଯେମିତି ଆଉ କେହି ଠିକାଦାର ନାହାନ୍ତି। ଏଥିରେ କିଛି ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। ଏଥିସହ ଶ୍ରମିକଙ୍କୁ ଉପଯୁକ୍ତ ସମୟରେ ପ୍ରାପ୍ୟ ମିଳୁ ନ ଥିବାରୁ କାର୍ଯ୍ୟ ବିଳମ୍ବ ହେଉଥିବା ଲକ୍ଷ୍ୟ କରାଯାଉଛି। ସାମାଜିକ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ଆର୍ଥିକ ବିକାଶ ଦିଗରେ ଅନୁନ୍ନତ। ଆର୍ଥିକ ସ୍ୱାବଲମ୍ବୀ ନ ଥିବା ପ୍ରସୂତିଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବା ପାଇଁ ଜିଲାବାସୀ ବାରମ୍ବାର ପୂର୍ବରୁ ଆନ୍ଦୋଳନ କରିଛନ୍ତି। ଏହାସତ୍ତ୍ୱେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବା କ୍ଷୋଭର ବିଷୟ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଶ୍ରମିକ ଅଶାନ୍ତି ସହ କରୋନା ସଂକ୍ରମଣ ପ୍ରକଳ୍ପ ନିର୍ମାଣରେ ବାଧା ସୃଷ୍ଟି କରିଥିଲା। ତେବେ ଠିକା ସଂସ୍ଥାକୁ ତାଗିଦ୍ ପରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ମେ ୧ରେ ଶାମଗୁଡିଆ ମାତୃ ଓ ଶିଶୁ ମଙ୍ଗଳ କେନ୍ଦ୍ର ଆରମ୍ଭ ପାଇଁ ପ୍ରସ୍ତୁତି ଚାଲିଛି ବୋଲି ସେ କହିଛନ୍ତି।

## ନବଜାତ ଶିଶୁକନ୍ୟାର ମୃତଦେହ ଜବତ

ଧର୍ମଶାଳା/ଜେନାପୁର,୧୯।୪ (ଡି.ଏନ.ଏ.)

ଯାଜପୁର ଜିଲା ଜେନାପୁର ଥାନା ରାଇଛନ୍ଦା ପଞ୍ଚାୟତ ଅଧୀନ ବାରକଣା ଖେଳପଡ଼ିଆ ନିକଟସ୍ଥ କୁଣ୍ଡିପୋଲ ନାଳରୁ ମଙ୍ଗଳବାର ସକାଳେ ଏକ ନବଜାତ ଶିଶୁକନ୍ୟାର ମୃତଦେହ ଜବତ କରାଯାଇଛି। ନାଳ ପାଣିରେ ଶିଶୁ କନ୍ୟାର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ମୃତଦେହ ନିକଟରେ ଏକ ବ୍ୟାଗ ଓ ଗ୍ଲୋଭ୍ସ ମଧ ପଡ଼ିଥିଲା। ଶିଶୁ କନ୍ୟାଟିର ନାଡ଼ ଓ ଫୁଲ ଲାଗିଥିବା ଦେଖିବାକୁ ମିଳିଛି। ପୋଲିସ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ମେଡିକାଲକୁ ପଠାଇ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ.୫/୨୨ ରୁଜୁ ହୋଇଛି। ତେବେ ଶିଶୁକନ୍ୟା ମୃତଦେହ ଏଠାକୁ କିପରି ଆସିଲା ଏବଂ କେମିତି ତା'ର ମୃତ୍ୟୁ ହେଲା ସେ ଦିଗରେ ପୋଲିସ ତଦନ୍ତ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ କୌଣସି ମହିଳା କିମ୍ବା ଯୁବତୀଙ୍କ ଗର୍ଭପାତ ହେବାରୁ ସେ ଏଠାରେ ଶିଶୁ କନ୍ୟାକୁ ଫିଙ୍ଗି ଦେଇଥିବା ସାଧାରଣରେ ଆଲୋଚନା ହେଉଛି।

### ଟାଟା ଷ୍ଟିଲ୍ ପକ୍ଷରୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

କାଳିଆପାଣି,୧୯।୪(ଡି.ଏନ.ଏ.): ଟାଟା ଷ୍ଟିଲ ମାଇନିଂ ପକ୍ଷରୁ କଅଁସ ପଞ୍ଚାୟତରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ନିଟ୍ ଫାଉଣ୍ଡେଶନ ସହଯୋଗରେ କଅଁସ ଟାଟାଷ୍ଟିଲ ମାଇନିଂ କାର୍ଯ୍ୟାଳୟଠାରେ କରାଯାଇଥିଲା। ଖଣି ନିକଟବର୍ତ୍ତୀ ଗ୍ରାମଗୁଡିକରୁ ୩୬ଜଣ ପିଲାଙ୍କୁ ୩ ମାସ ଧରି ପ୍ରଶିକ୍ଷଣ ପଦାନ କରାଯାଇଥିଲା। ମଙ୍ଗଳବାର ପ୍ରଶିକ୍ଷଣ ଶେଷ ହୋଇଥିବା ବେଳେ ଏକ କାର୍ଯ୍ୟକ୍ରମ ମାଧମରେ କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଟାଟା ଷ୍ଟିଲ୍ ସରୁଆବିଲ ଓ କମର୍ଦା ମାଇନ୍ସର ବରିଷ୍ଠ ପ୍ରବନ୍ଧକ ନବୀନ ଶ୍ରୀବାସ୍ତବ, ପ୍ରଶାସନିକ ସହ ମୁଖ୍ୟ ସଞ୍ଜୀବ ସାହୁ, ଟାଟାଷ୍ଟିଲ ଫାଉଣ୍ଡେସନ ୟୁନିଟ୍ ମୁଖ୍ୟ ଦେବେଞ୍ଜନ ମୁଖାର୍ଜୀ ଓ ରାଜେଶ ଏକ୍କା ପ୍ରମୁଖ ସାମିଲ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ଉତ୍କଳ ସାମ୍ବାଦିକ ସଂଘ ସାଙ୍ଗଠନିକ ବୈଠକ



ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଶାଖାର ସାଙ୍ଗଠନିକ ବୈଠକରେ ଯୋଗ ଦେଇଥିବା ଖବରଦାତାମାନେ।

ଯାଜପୁର ଟାଉନ, ୧୯।୪ (ଡି.ଏନ.ଏ.)

ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଶାଖା ପକ୍ଷରୁ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଶାଖା ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସଂଯୋଜକ ମଦନ ପାଣି, ଭଦ୍ରକ ଶାଖା ସଭାପତି ରବି ନାରାୟଣ ଖିଲାର ଯୋଗ ଦେଇଥିଲେ। ସେମାନେ ଖବରଦାତା ସୁରକ୍ଷା ପେନ୍‌ସନ୍ ଆଦି ବିଭିନ୍ନ ଦାବି ଉପରେ ମନ୍ତବ୍ୟ ପ୍ରଦାନ କରି ସଙ୍ଗଠନକୁ କ୍ରିୟାଶୀଳ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଘର ବରିଷ୍ଠ ସଭ୍ୟ ପ୍ରିୟରଞ୍ଜନ କର, ଉପସଭାପତି ବାଞ୍ଛାନିଧି ସାହୁ, ପୀତବାସ ଭୂୟାଁ, ଅଭିମନ୍ୟୁ ମିଶ୍ର, ଜୟନ୍ତ ଗୋସ୍ୱାମୀ ପ୍ରମୁଖ ଖବରଦାତା ସୁରକ୍ଷା ଉପରେ ଆଲୋଚନା କରି କହିଥିଲେ। ଶେଷରେ ପ୍ରଭୁଦତ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ମେସ୍କୋ ଷ୍ଟିଲ୍ କାରଖାନା ଫାଟକ ବନ୍ଦ ଘୋଷଣା

କଳିଙ୍ଗନଗର,୧୯।୪(ଡି.ଏନ.ଏ.)

### ଆଲୋଚନାରେ ବାହାରିଲାନି ନିଷ୍କର୍ଷ

କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ୨୬ ମାସ ହେଲା ମେସ୍କୋ ଷ୍ଟିଲ୍ କାରଖାନା ବନ୍ଦ ରହିଛି। ତେବେ ଏହାକୁ ଖୋଲିବାକୁ ନେଇ କାରଖାନା ପରିସରରେ ହୋଇଥିବା ଆଲୋଚନା ବିଫଳ ହୋଇଛି। କାରଖାନା ଚଳାଇବା ନେଇ କୌଣସି ନିଷ୍କର୍ଷ ନ ବାହାରିବାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାରଖାନାର ଦୁଇଟି ଯାକ ଫାଟକକୁ କର୍ମଚାରୀ ବନ୍ଦ ରଖିବାକୁ ଘୋଷଣା କରିଛନ୍ତି।

ସୂଚନା ମୁତାବକ, କାରଖାନା କର୍ତ୍ତୃପକ୍ଷ 'କାମ ନାହିଁ ତ ଦରମା ନାହିଁ' ନୀତି ପ୍ରଣୟନ କରିଥିବାରୁ ଦରମା ନ ପାଇ ପ୍ରାୟ ୩୦୦ ସ୍ଥାୟୀ କର୍ମଚାରୀଙ୍କ ପରିବାର ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। କାରଖାନାରେ ଚାଲିଥିବା ଆନ୍ଦୋଳନକୁ ବନ୍ଦ କରିବାକୁ ମେସ୍କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶିକା ରୀତା ସିଂ ଓ କାରଖାନା ମୁଖ୍ୟ ବି. କେ. ଭରଦ୍ୱାଜ ଆନ୍ଦୋଳନରତ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଦରମା ଲାଗୁ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ହଟିବ ନାହିଁ କିମ୍ବା କେବଳ ସୁରକ୍ଷା କର୍ମୀଙ୍କୁ ଛାଡି ଦେଲେ କୌଣସି ଅଧିକାରୀଙ୍କୁ ମୁଖ୍ୟ ଫାଟକ ଭିତରକୁ ପୁରାଇ ଦିଆଯିବ ନାହିଁ ବୋଲି କର୍ମଚାରୀ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ କାରଖାନା ରେଳ ସାଇଡିଂରେ ବାହାର କମ୍ପାନୀକୁ କାମ କରିବାକୁ ସୁଯୋଗ ଦେଇ ମୁନାଫା ନେଉଥିବା କାରଖାନା ମାଲିକଙ୍କ ଲାଭଦାୟକ କାମକୁ ମଧ୍ୟ ଆଉ ସୁଯୋଗ ଦିଆଯିବ ନାହିଁ ବୋଲି ବୈଠକରେ କର୍ମଚାରୀମାନେ ଘୋଷଣା କରିଥିଲେ। କାରଖାନାର ଦୁଇଟି ଫାଟକ ସମ୍ମୁଖରେ ଧାରଣା ଜାରି ରହିବ ବୋଲି କର୍ମଚାରୀମାନେ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଏଥିସହିତ ଆନ୍ଦୋଳନକାରୀ କର୍ମଚାରୀମାନେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ଚାଷୀ ପେନ୍‌ସନ ନେଇ ହେବ ନିର୍ଣ୍ଣାୟକ ଲଢ଼େଇ

ଜଗତ୍‌ସିଂହପୁର ଅଫିସ, ୧୯।୪

■ ନବନିର୍ମାଣ କୃଷକ ସଙ୍ଗଠନ ଚେତାବନୀ
■ ଦିଲ୍ଲୀ ପରେ ଏଣିକି ପଲ୍ଲୀ

ଚାଷୀ ଟୋକନ ଲାପସ୍ କାରଣରୁ ଧାନ ବିକ୍ରି କରି ନ ପାରି କ୍ଷତିରେ ପଡଛନ୍ତି। ଚାଷୀ ସୁରକ୍ଷା ଓ ପେନସନ୍ ଦାବି ଉପରେ ଏପର୍ଯ୍ୟନ୍ତ ସରକାର କୌଣସି ଚିନ୍ତା କଲେ ନାହିଁ। ସରକାରଙ୍କ ଏହି ଚାଷୀ ବିରୋଧୀ ମାନସିକତାର ଉପଯୁକ୍ତ ଜବାବ ଦିଆଯିବ। ଆସନ୍ତା ଅକ୍ଟୋବରରେ ନିର୍ଣ୍ଣାୟକ ଲଢେଇ ଆରମ୍ଭ ହେବ। ମଙ୍ଗଳବାର ସ୍ଥାନୀୟ ଚାଟରା କୃଷକ ବଜାର ପରିସରରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆୟୋଜିତ ସାଙ୍ଗଠନିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଥିଲା, ସଙ୍ଗଠନ ସାରା ରାଜ୍ୟରେ ଚାଷୀଙ୍କ ଆର୍ଥିକ ସ୍ଥିତି ସୁଧାର ଓ ପେନସନ୍ ଲାଗୁ ଦାବିରେ ସକ୍ରିୟ ହେଉଛି। ପ୍ରଥମେ ଯାଜପୁର ଓ ପରେ ଜଗତ୍‌ସିଂହପୁର ଜିଲାରେ ସଙ୍ଗଠନ ତା'ର ଦବଦବା ଦେଖାଇବ। ସମ୍ମିଳନୀରେ ସଙ୍ଗଠନ ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ସଙ୍ଗଠନର କେନ୍ଦ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ, ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ। ସ୍ୱାଧୀନତା ପରେ ଯଦି କିଏ ଦେଶରେ ସବୁଠାରୁ ଅବହେଳିତ ସେମାନେ ହେଉଛନ୍ତି ଚାଷୀ। ଆଙ୍ଗୁଠି ଗଣତି ଶିଳ୍ପପତି ଓ କର୍ମଚାରୀଙ୍କ ପାଇଁ ଦେଶର ବଜେଟରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଦେଶର ଅନ୍ନଦାତା ତଥା ୮୦ ଭାଗ ଜନତାଙ୍କ ପାଇଁ ସରକାର ଉଦାସୀନ। ଚାଷୀମାନେ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ଓ ସୁରକ୍ଷା ଭତ୍ତା ନ ପାଇବା କାରଣରୁ ଚାଷ ଛାଡୁଛନ୍ତି। ଯେଉଁମାନେ ଚାଷ କରୁଛନ୍ତି ସେମାନେ କ୍ରମାଗତ କ୍ଷତି ସହି ତଳିତଳାନ୍ତ ହୋଇଗଲେଣି। ଏଭଳି ସମସ୍ୟାର ସମାଧାନ ପାଇଁ କେବଳ ସଶକ୍ତ ଚାଷୀ ସଙ୍ଗଠନ ଦରକାର। ଯାହା ସରକାରଙ୍କୁ ଚାପଗ୍ରସ୍ତ କରି ସେମାନଙ୍କ ଅଧିକାର ଛଡେଇ ଆଣିପାରିବ ବୋଲି କହିଥିଲେ। ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ, ଦେଶର ସମସ୍ତ ସମ୍ପତ୍ତି ଚାଷୀଙ୍କର। ଚାଷୀ ଲୋକସଭା ଓ ବିଧାନସଭା ଗଠନ କରି ଦେଶ ଚଳାଇଛନ୍ତି। ଏ ବିଚାର ନ ଆସିବା ଯାଏ ନେତା, ଅମଲାଙ୍କ ହୁକୁମ କମିବ ନାହିଁ। କାର୍ଯ୍ୟକ୍ରମରେ ଜିଲା ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ତତ୍କାଳୀନ ଚାଷୀ ନେତା ସାରଙ୍ଗଧର ଦାସ ଓ ସୁରେନ୍ଦ୍ରନାଥ ଦ୍ୱିବେଦୀ ପ୍ରମୁଖ ପ୍ରଗତି ପାଇଁ ସଂଗ୍ରାମୀ ପଥରେ ଚାଷୀ ଆନ୍ଦୋଳନକୁ ନିର୍ଣ୍ଣାୟକ ପଥରେ ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସହ ସଂଯୋଜକ ନିମାଇଁ ରାୟ କହିଥିଲେ, ଚାଷୀମାନେ ଦିଲ୍ଲୀରେ ଜିତିବା ପରେ ଏଣିକି ପଲ୍ଲୀରେ ଲଢେଇ କରିବେ। ସବୁ ବର୍ଗକୁ ସରକାର ସୁରକ୍ଷା ଦେଇ ଚାଷୀଙ୍କୁ ଉପେକ୍ଷା କରିବା ଚଳିବ ନାହିଁ। ପ୍ରାରମ୍ଭରେ ସଙ୍ଗଠନ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା ବୈପ୍ଳବିକ ସଙ୍ଗୀତ ଗାନ ସହ ବକ୍ତବ୍ୟ ରଖିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ଉପଦେଷ୍ଟା ବଂଶୀଧର ପଟ୍ଟନାୟକ, ନିତ୍ୟାନନ୍ଦ ପଣ୍ଡା, ଦୁର୍ଗାପ୍ରସାଦ ଯୋଗଦେଇ ଥିବାବେଳେ ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, ରଘୁନାଥପୁରରୁ ଅଟଳ ବିହାରୀ ରାଉତ, ବାଲିକୁଦା ରଘୁନାଥ ନାଏକ, ବିରିଡ଼ି ଆଲୋକ ସ୍ୱାଇଁ, କୁଜଙ୍ଗ ବିଭୂତି ଜେନା, ଗୁଣନିଧି ସ୍ୱାଇଁ, ବିଧାନ ଜେନା, ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ କାନୁନ୍‌ଗୋ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ଲଢ଼େଇ ସଫଳ ପାଇଁ କର୍ମୀମାନେ ସେମାନଙ୍କର ନାମ ପ୍ରଦାନ କରିଥିଲେ।



ଜଗତ୍‌ସିଂହପୁର ଚାଟରାସ୍ଥିତ କୃଷକ ବଜାରରେ ନବନିର୍ମାଣ ସଙ୍ଗଠନର ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଚାଷୀମାନେ।



## ମଙ୍ଗଳା ପୀଠରେ ଝାମୁଯାତ୍ରା

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ମଧୁବନସ୍ଥିତ ମଙ୍ଗଳା ପୀଠରେ ମଙ୍ଗଳବାର ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୀଠରେ ନାମଯଜ୍ଞ ସହ ଘଣ୍ଟୁଆ କାର୍ଯ୍ୟକ୍ରମ ହୋଇଥିଲା। ଶାରଳା ପୀଠରୁ ଘଣ୍ଟୁଆମାନେ ଏଥିରେ ଯୋଗ ଦେଇଥିଲେ। ପରେ ଅଗ୍ନି ପଟୁଆରରେ ଚାଲିଥିଲେ। ମଙ୍ଗଳାପିଠର ଟ୍ରଷ୍ଟି ନକୁଳଚନ୍ଦ୍ର ବିଶ୍ୱାଳ ସଞ୍ଜୟ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ସଂକ୍ଷେପରେ

### ମାଛଧରା ଟ୍ରଲରରୁ ତେଲ ଚୋରି ଅଭିଯୋଗରେ ଜଣେ ଗିରଫ

ପାରାଦୀପ,୧୯।୪(ସ୍ୱ.ପ୍ର.): ପାରାଦୀପ ମେରାଇନ ଥାନା ଅନ୍ତର୍ଗତ ମାଛ ଧରା ବନ୍ଦର ପରିସରରେ ଥିବା ଏକ ଟ୍ରଲରରୁ ତେଲ ଓ ବ୍ୟାଟେରି ଚୋରି ହୋଇଯାଇଛି। ଏହି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଅସିତ୍ ମଣ୍ଡଳ। ତାଙ୍କ ପାଖରୁ ୪୦ ଲିଟର ଡିଜେଲ ଜବତ ହୋଇଛି। ଏନେଇ ମାମଲା (ନଂ. ୧୧/୨୨) ରୁଜୁ ହୋଇଛି। ଅସିତ୍ ବୋଟ ଜଗୁଆଳି ଭାବେ ରହିଥିଲେ। ବେଣୁଧର ନାୟକଙ୍କ ଟ୍ରଲରରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

### ଗଣ୍ଡଗୋଳ ଅଭିଯୋଗରେ ଖବରଦାତା ଗିରଫ

ପାରାଦୀପ,୧୯।୪(ସ୍ୱ.ପ୍ର.): ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଗଡ଼ବଜାରରେ ସୋମବାର ରାତିରେ ମଦ ପିଇବାକୁ କେନ୍ଦ୍ର କରି ଗଣ୍ଡଗୋଳ ଅଭିଯୋଗରେ ଜଣେ ୱେବ ପୋର୍ଟାଲର ଖବରଦାତାଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ସନ୍ତୋଷ ଡୋରା। ଏ ନେଇ ମାମଲା (ନଂ. ୮୬/୨୨) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ବାଲିଡିଆ ଗ୍ରାମର ତୁଷାର ସ୍ୱାଇଁଙ୍କୁ ସନ୍ତୋଷ ଓ ଅନ୍ୟ ୩ ଜଣ ଅଟକାଇ ମଦ ମାଗିଥିଲେ। ସେ ମଦ ନ ଦେବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି।

### ରାଜପଥରେ ଟ୍ରକ୍ ଜଳିଗଲା



ପାରାଦୀପ,୧୯।୪(ସ୍ୱ.ପ୍ର.): ପାରାଦୀପ ଚଣ୍ଡିଖୋଲ ୫୩.ନଂ ଜାତୀୟ ରାଜପଥର ଭୂତମୁଣ୍ଡାଇ ହାତୀକଣ୍ଡା ପାଖରେ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଏକ ଟ୍ରକ୍‌ରେ କୌଣସି କାରଣରୁ ନିଆଁ ଲାଗିଯାଇଛି। ଖବରପାଇ କୁଜଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

### ଆଳି ଗାନ୍ଧୀ ସହଦେବଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହେବ

ଆଳି,୧୯।୪(ଡି.ଏନ.ଏ.): ଆଳିର ପୂର୍ବତନ ବିଧାୟକ ଓ ଆଳି ଗାନ୍ଧୀ ଭାବେ ପରିଚିତ ସହଦେବ ଦାସଙ୍କର ଏକ ପ୍ରତିମୂର୍ତ୍ତି ତାଙ୍କ ଶ୍ରାଦ୍ଧ ଦିବସରେ ପ୍ରତିଷ୍ଠା କରାଯିବାକୁ ଏକ ପ୍ରସ୍ତୁତି ବୈଠକ ସହଦେବ ଦାସ ସ୍ମୃତି କମିଟିର ସଭାପତି ଗୋବିନ୍ଦ ଚନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିମୂର୍ତ୍ତି ପ୍ରତିଷ୍ଠା ଆଗାମୀ ରଜସଂକ୍ରାନ୍ତି ଦିନ କରାଯିବ ବୋଲି ସମ୍ପାଦକ ବୀରେନ୍ଦ୍ର ପଣ୍ଡା ପ୍ରକାଶ କରିଥିଲେ। ଏହାସହ ସ୍ୱର୍ଗତ ଦାସଙ୍କ ଉପରେ ଏକ ସ୍ମରଣିକା ପ୍ରକାଶ କରିବାକୁ ମଧ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ୫ ଲକ୍ଷ ଟଙ୍କାର ଏକ ବଜେଟ ମଧ ବୈଠକରେ ଅନୁମୋଦନ ଲାଭ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପ୍ରଫୁଲ୍ଲ ପରିଡା, ଅମ୍ବୁଜ ଦାଶ, ବିଷ୍ଣୁ ଚରଣ ଦାଶ, ମଧୁସୂଦନ ଦାସ, ନରହରି ପାତ୍ର, ସହଦେବ ସିଂ, ବୃନ୍ଦାବନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୩.୧୭ଏକର ଜାଗାରେ ହେବ ବହୁତଳ ମାର୍କେଟ କମ୍ପ୍ଲେକ୍ସ

- ପାରାଦୀପ ବନ୍ଦର ଅଧ୍ୟକ୍ଷ, ବଣିକସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା
- ୪୨ ବର୍ଷର ପୁରୁଣା ଘର, ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ସହମତି

ପାରାଦୀପ,୧୯।୪(ସ୍ୱ.ପ୍ର.)



ବନ୍ଦର ଅଧ୍ୟକ୍ଷଙ୍କ ସହ ପୋର୍ଟ ବଣିକ ସଂଘର କର୍ମକର୍ତ୍ତାମାନେ।

ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧଙ୍କୁ ମଙ୍ଗଳବାର ପୋର୍ଟ ବଣିକ ସଂଘର କର୍ମକର୍ତ୍ତାମାନେ ଭେଟି ଆଲୋଚନା କରିଛନ୍ତି। ଯେଉଁଥିରେ ୪୨ ବର୍ଷ ଧରି ପ୍ରଚଳିତ ଥିବା କିଛି ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଦାବି କରାଯାଇଛି। ଏନେଇ ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅନାଦି ପରିଡା, ବିଭୂତି ଭୂଷଣ ମହାନ୍ତି, ମାନସ ରଞ୍ଜନ ବିଶ୍ୱାଳ,ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ପ୍ରଥମେ ସମ୍ପଦ ଅଧିକାରୀ ବିଶ୍ୱଜିତ୍ ମିଶ୍ର ଓ ପରେ ଅଧ୍ୟକ୍ଷ ହାରାନ୍ଧଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ବଡ଼ ପଡ଼ିଆ ବଜାରର ଜୁବିଲି ମାର୍କେଟ, ମାର୍କେଟ ବିଲ୍ଡିଂ, ଆଦର୍ଶ ମାର୍କେଟ ଆଦିର ଛାତ ମରାମତି କରିବା ପାଇଁ ଦାବି କରାଯାଇଥିଲା। ସେହିପରି ବିପଦପୂର୍ଣ୍ଣ ବିଜୁଳି ସଂଯୋଗକୁ ନବୀକରଣ କରିବା, ଗ୍ୟାରେଜ ଲାଇନ, ପରିବା ଓ ମାଛ ବଜାରକୁ ବିଦ୍ୟୁତ୍ ସଂଯୋଗ କରିବା, ବ୍ୟବସାୟୀମାନଙ୍କ ପାଇଁ କ୍ୱାର୍ଟର ଯୋଗାଇ ଦେବା ଓ ଡ୍ରେନେଜ ନିର୍ମାଣ କରିବା ପାଇଁ ଦାବି କରାଯାଇଥିଲା। ଏହାକୁ ଅଧ୍ୟକ୍ଷ ହାରାନ୍ଧ ସକାରାତ୍ମକ ଭାବେ ଗ୍ରହଣ କରି ସହମତି ପ୍ରକାଶ କରିଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସବୁଠାରୁ ବଡ଼ ସମସ୍ୟା ହେଲା ୪୨ ବର୍ଷ ତଳେ ଯେଉଁମାନଙ୍କୁ ଦୋକାନ ଘର ଆବଣ୍ଟନ କରାଯାଇଥିଲା ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ନାହାନ୍ତି। ଏହାକୁ ପରିବର୍ତ୍ତନ କରାଯାଇ ଏବେ ଯେଉଁ ମାଲିକମାନେ ଉକ୍ତ ଦୋକାନରେ ରହିଛନ୍ତି,ସେମାନଙ୍କ ନାମରେ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହାକୁ ଆଇନଗତ ଭାବେ କରିବା ପାଇଁ ଉଭୟ ପକ୍ଷ ରାଜି ହୋଇଛନ୍ତି। ଏତଦ୍‌ବ୍ୟତୀତ ପାରାଦୀପ ବନ୍ଦର ସମ୍ପ୍ରତି ଦେଶର ଦ୍ୱିତୀୟ ବୃହତ୍ ବନ୍ଦର ଭାବେ ପ୍ରସିଦ୍ଧି ଲାଭ କରିଛି। କିନ୍ତୁ ସେଭଳି ବଜାର ବିକଶିତ ହୋଇନାହିଁ। ପରିବର୍ତ୍ତିତ ସମୟାନୁସାରେ ଏକ ବହୁତଳ ବିଶିଷ୍ଟ ବହୁମୁଖୀ ମାର୍କେଟ ନୂଆବଜାରସ୍ଥିତ ହୋଟେଲ ପଛରେ କରିବା ପାଇଁ ବନ୍ଦର ପ୍ରଶାସନ ନିଷ୍ପତ୍ତି ହୋଇଛି। ୩.୧୭ ଏକର ଜାଗାରେ ଏହା ନିର୍ମାଣ ହେବ। ବନ୍ଦର ଅଧ୍ୟକ୍ଷଙ୍କ ସହ ଆଲୋଚନା ସଫଳ ରହିଛି ବୋଲି ବଣିକ ସଂଘ ପକ୍ଷରୁ କୁହାଯାଇଛି।

## ଅଗ୍ନି ସୁରକ୍ଷା ସପ୍ତାହ ପାଳିତ

ମାର୍ଶାଘାଇ, ୧୯।୪ (ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ଲୁଣା ଟାଟା ପାୱାର ବିଦ୍ୟୁତ କାର୍ଯ୍ୟାଳୟ ପରିସରରେ ସୋମବାର ଜାତୀୟ ଅଗ୍ନି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଟାଟା ପାୱାର ଓ ଡୋରା ଫେବସର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମାର୍ଶାଘାଇ ଅଗ୍ନିଶମ ଅଧିକାରୀ ଅଜୟ କୁମାର ମୁଦୁଲି ଯୋଗଦେଇଥିଲେ। ସେ କହିଲେ ଗୁଣବତ୍ତାକୁ ନେଇ ନିଆଁକୁ ଚାରି ଶ୍ରେଣୀରେ ବିଭକ୍ତ କରାଯାଇଛି, ସେଗୁଡିକ ହେଲା ଅଙ୍ଗାର ଜାତୀୟ, ତୈଳ, ଗ୍ୟାସ ଓ ଧାତୁ ଜାତୀୟ। ଉତ୍ତାପ, ଜାଳେଣି ଓ ଅମ୍ଳଜାନ ୩ଟି ପଦାର୍ଥକୁ ନେଇ ନିଆଁର ସୃଷ୍ଟି ହୋଇଛି। ମୁଖତଃ ଘୋଡେଇ ପକାଇବା, ପାଣି, ଫୋମ ପକାଇ ନିଆଁ ଲିଭାଯାଏ ବୋଲି ମତପ୍ରକାଶ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ନିଆଁକୁ କିଭଳି ଆୟତ୍ତ କରାଯାଇ ପାରିବ ଉପସ୍ଥିତ କର୍ମଚାରୀମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବିଦ୍ୟୁତ୍ ବିଭାଗର ଆଡମିନି ଅନନ୍ତ ଶ୍ରୀବାସ୍ତାବ, ଲୁଣା କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ବଳ, ଟାଟା ପାୱାରର ନିରାପତ୍ତା ଅଧିକାରୀ କାର୍ତ୍ତିକ ସାହୁ ଓ ଡୋରା ଫେବସର ନିରାପତ୍ତା ଅଧିକାରୀ ଶୁଭ୍ରଜିତ ଦାସ ଯୋଗ ଦେଇଥିଲେ। ଅଗ୍ନି ନିରାପତ୍ତା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୩ ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମେ’ ୩ରେ ଗୋରେଖନାଥ ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ରଘୁନାଥପୁର,୧୯।୪ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଆସନ୍ତା ମେ ୩ ଅକ୍ଷୟ ତୃତୀୟାଠାରୁ ୮ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ଏଥିରେ ପୌରୋହିତ୍ୟ କରିଥିଲେ। ଏଥିରେ ଦେବୋତ୍ତର ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିବା ଯଜ୍ଞ କମିଟିର ସଦସ୍ୟ ରଘୁନାଥପୁର ତହସିଲଦାର ରୂପାଲିକା ଦାଶ, ପ୍ରମୋଦ ମହାନ୍ତି, ଶରତ ଚନ୍ଦ୍ର ଦାସ, ଗନ୍ଧର୍ବ ସ୍ୱାଇଁ, ଗୌରାଙ୍ଗ ମହାନ୍ତି, ଜୀବନ ବଲ୍ଲଭ ମହାନ୍ତି, କ୍ଷୀରୋଦ ମହାନ୍ତି ଓ ପ୍ରଦୀପ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ। ଏହାଛଡା ସେବାୟତଙ୍କ ପକ୍ଷରୁ ଦିଲୀପ କୁମାର ପଣ୍ଡା, ନିରଞ୍ଜନ ଦାଶ, ଜ୍ଞାନରଞ୍ଜନ ପଣ୍ଡା, ଉପଦେଷ୍ଟା ପ୍ରଶାନ୍ତ ଭୂୟାଁ, ସୁଶାନ୍ତ ଦାଶ ଓ ସୁରେନ୍ଦ୍ରନାଥ ସ୍ୱାଇଁ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳାର ସହ କିପରି ଯଜ୍ଞ ଉତ୍ସବ ସମ୍ପର୍ଣ୍ଣ ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଲକ୍ଷାଧିକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟଜଳ, ଆଲୋକୀକରଣ, ପ୍ରାଥମିକ ଚିକିତ୍ସା, ଶୌଚାଳୟ, ଆଇନଶୃଙ୍ଖଳା ରକ୍ଷା ସହ ସମସ୍ତ ଆବଶ୍ୟକ ସୁବିଧା ଯୋଗାଇଦେବା ସମ୍ପର୍କରେ ସ୍ଥିର ହୋଇଥିଲା। ଏହାଛଡା ମିନା ବଜାର ଓ ଅପେରା ପାର୍ଟି ପରିଚାଳନା ଦାୟିତ୍ୱ ସ୍ଥାନୀୟ ଯୁବକ ସଂଘକୁ ପ୍ରଦାନ କରାଯାଇଥିଲା। କମିଟିର ସଦସ୍ୟମାନଙ୍କୁ ମଧ ବିଭିନ୍ନ ଦାୟୀତ୍ୱ ହସ୍ତାନ୍ତର କରାଯାଇଥିଲା। ଯଜ୍ଞ ଉତ୍ସବ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଇବାକୁ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯିବ ବୋଲି ଟ୍ରଷ୍ଟ ଅଧିକାରୀ ପରିଜା ପ୍ରକାଶ କରିଥିଲେ।

# କମ୍ପାନୀ ଫେବ୍ରିକେଶନ ୟାର୍ଡରେ ବିକ୍ଷୋଭ

କୁଜଙ୍ଗ,୧୯।୪(ଡି.ଏନ୍.ଏ.)



ଫେବ୍ରିକେସନ ୟାର୍ଡରେ ଯୁବକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାକୁ ଦାବି**

କମ୍ପାନୀରେ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ଦାବି କରି କମ୍ପାନୀ ଫେବ୍ରିକେସନ ୟାର୍ଡରେ ମଙ୍ଗଳବାର ହଜାର ହଜାର ଯୁବକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପରେ କାର୍ଯ୍ୟରତ ଠିକା କମ୍ପାନୀ ଟେକ୍ନୋମଣ୍ଟ ପ୍ରାଇଭେଟ ଲିମିଟେଡ କୁଜଙ୍ଗ ଅନ୍ତର୍ଗତ ପଥୁରିଆଠାରେ ଏକ ଫେବ୍ରିକେଶନ ୟାର୍ଡ କରିଛି। ଏଠାରେ ବଡ ବଡ କନ୍‌ଷ୍ଟ୍ରକ୍‌ସନ କାମର ଫେବ୍ରିକେସନ କାମ ହେବ। ଏନେଇ ବହୁ ସଂଖ୍ୟାରେ ଶ୍ରମିକଙ୍କ ଆବଶ୍ୟକତା ରହିଛି। ବିଶେଷକରି ୱେଲ୍‌ଡର, ରିଗର, ମେକାନିକାଲ ଇଂଜିନିୟର, କଟର ସମେତ ବିଭିନ୍ନ ମେକାନିକାଲ କାମ ପାଇଁ କୁଶଳୀ, ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ଆବଶ୍ୟକତା ରହିଛି । ଏଥିରେ କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ନ ଦେଇ ବାହାର ରାଜ୍ୟରୁ ଶ୍ରମିକ ଆଣି କାମ କରାଇବା ପାଇଁ ମସୁଧା କରିଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ଯୁବକମାନେ ଦୁଇଦିନ ହେବ ୟାର୍ଡ ନିକଟରେ ଧାରଣା ଦେଇଛନ୍ତି। ମଙ୍ଗଳବାର ଅଗପାଳ, ଜିଲାନାସି, ମଲ୍ଲାସାହି, ବାଗୋଇ, କୁଜଙ୍ଗ ଓ ବାଲିଆ ପଞ୍ଚାୟତରୁ ବହୁ ଯୁବକ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ କମ୍ପାନୀର ମାନବସମ୍ବଳ ଅଧିକାରୀ ଭରତ ଶେଖର ଷଡଙ୍ଗୀ ପହଞ୍ଚି ଦାବିପତ୍ର ନେବା ସହ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନାକରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କେତେଜଣ ବିକ୍ଷୋଭକାରୀ ଆନ୍ଦୋଳନରୁ ହଟିଯାଇଥିବାବେଳେ ଆଉ କେତେଜଣ ବସିରହିଛନ୍ତି।

ଏହି ବିକ୍ଷୋଭରେ ବାଲିଆ ପଞ୍ଚାୟତ ନାୟବ ସରପଞ୍ଚ ସମରେନ୍ଦ୍ର ପ୍ରଧାନ, ଭାଜପା ଯୁବମୋର୍ଚ୍ଚାର ଅକ୍ଷୟ କୁମାର ଦାସ, ପ୍ରଦୀପ ମହାପାତ୍ର, ଜିତେନ୍ଦ୍ର ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ୨୫ରେ ମେଡିକାଲ କଲେଜ ଦାବିରେ ପଦଯାତ୍ରା

କେନ୍ଦ୍ରାପଡ଼ା ଅଫିସ, ୧୯।୪

କେନ୍ଦ୍ରାପଡ଼ା ଜିଲାର ସ୍ୱାସ୍ଥ୍ୟସେବା ନିମ୍ନଗତିକୁ ଯାଇଛି। ସାଧାରଣ ଜନତା ବିଭିନ୍ନ ସମସ୍ୟାରେ ଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉପକୃତ ହୋଇପାରୁନାହାନ୍ତି। ମେଡିକାଲ କଲେଜ ସ୍ଥାପନ ଦ୍ୱାରା ଏହାର ସମାଧାନ ହୋଇପାରିବ। ଏହାକୁ ଭିତ୍ତି କରି ଆସନ୍ତା ୨୫ ତାରିଖରେ ଇଚ୍ଛାପୁରସ୍ଥ ରଥଦାଣ୍ଡରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପଦଯାତ୍ରା ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ସହରର ଜିଲା ବିକାଶ ସାମୁଖ୍ୟ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏ ସମ୍ପର୍କରେ ଆବାହକ ରମଣୀ ରଞ୍ଜନ ରାଉତରାୟ କହିଛନ୍ତି, ମେଡିକାଲ କଲେଜ ସ୍ଥାପନା ଦାବି ବହୁଦିନ ଧରି ହୋଇଆସୁଛି। ତେବେ ଏଥିନେଇ ରାଜ୍ୟ କିମ୍ବା କେନ୍ଦ୍ର ସରକାର କୌଣସି ଧ୍ୟାନ ଦେଉନାହାନ୍ତି। ଆର୍ଥିକ ବିକାଶ କ୍ଷେତ୍ରରେ ଢ଼େର ପଛୁଆ କେନ୍ଦ୍ରାପଡ଼ା ଜିଲାର ଲୋକ ଏବେ ସ୍ୱାସ୍ଥ୍ୟସେବା ପାଇବା ପାଇଁ କଟକ, ଭୁବନେଶ୍ୱରକୁ ଯାଉଛନ୍ତି। ସାଧାରଣ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନ ମିଳିବାରୁ ଆକାଳରେ ମୃତ୍ୟୁ ହେଉଛି। ଦୀର୍ଘଦିନର ଦାବିକୁ ଉପସ୍ଥାପନ ପାଇଁ ଏବେ ଜନ ଆନ୍ଦୋଳନ ସାହାରା ନିଆଯାଉଛି। ଏଥିପାଇଁ ଜିଲାର ସବୁବର୍ଗ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଏଥିରେ ପ୍ରଫୁଲ୍ଲ କୁମାର ଦାସ, ଗୟାଧର ଧଳ, ଫକୀର ଚରଣ ଖଟୁଆ, ବସନ୍ତ କୁମାର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ବୁଥ୍‌ସ୍ତରରୁ ସଙ୍ଗଠନକୁ ମଜଭୁତ କରାଯିବ



ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତାମାନେ।

କେନ୍ଦ୍ରାପଡା ଅଫିସ, ୧୯।୪

ତ୍ରିସ୍ତରୀୟ ପଞ୍ଚାୟତ ଓ ପୌରାଞ୍ଚଳ ନିର୍ବାଚନ ସରିଛି। ଏଥିରେ ଭାଜପା ଅଶାନୁରୂପକ ସଫଳତା ହାସଲ କରିନାହିଁ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଜିଲା ଭାଜପା ପକ୍ଷରୁ ଏକ ସମୀକ୍ଷା ବୈଠକ ଦୁହୁରିଆଠାରେ ଆୟୋଜିତ ହୋଇଥିଲା। ବରିଷ୍ଠ ନେତା ସୁନାକର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୁଥ୍‌ସ୍ତରରୁ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏ ସମ୍ପର୍କରେ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି ଯେ, କେନ୍ଦ୍ର ସରକାର ତୃଣମୂଳସ୍ତରର ଲୋକଙ୍କ ପାଇଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗତ ୭ ବର୍ଷ ଧରି ଜାରି ରଖିଛନ୍ତି। ମହିଳା ସଶକ୍ତିକରଣ, କର୍ମନିଯୁକ୍ତି ଆଶାୟୀଙ୍କୁ ଦକ୍ଷତା ତାଲିମଠାରୁ ଆରମ୍ଭ କରି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାକୁ ଉତ୍ସାହିତ କରିଛନ୍ତି। ଏଥିସହ କରୋନା ସଂକ୍ରମଣ ସମୟରେ ଭ୍ୟାକ୍ସିନ ଯୋଗାଣ, ଆର୍ଥିକ ଓ ଖାଦ୍ୟ ସାମଗ୍ରୀ ଯୋଜନା ଆଦି କାର୍ଯ୍ୟକାରୀ ହେଉଛି। କୃଷକଙ୍କ ପାଇଁ ବିଭିନ୍ନ ଯୋଜନା ଏବେ କାର୍ଯ୍ୟକାରୀ ହେଉଛି। ଉନ୍ନୟନ ମୂଳକ ଯୋଜନାକୁ ରାଜ୍ୟ ସରକାର ନାମ ବଦଳାଇ ବାହାବା ନେଉଛନ୍ତି। ପ୍ରକୃତ ପକ୍ଷେ ବୁଥସ୍ତରରେ ସଙ୍ଗଠନ ସୁଦୃଢ଼ ହେଲେ କେନ୍ଦ୍ର ସରକାରଙ୍କ ଜନହିତକାରୀ ଯୋଜନାଗୁଡିକ ସହ ତୃଣମୂଳସ୍ତରର ଲୋକ ସିଧାସଳଖ ଯୋଡି ହୋଇ ପାରିବେ। ଏଥିପାଇଁ ବୈଠକ ହୋଇଥିଲା ବୋଲି ଜିଲା ସଭାପତି ପଣ୍ଡା ସୂଚନା ଦେଇଛନ୍ତି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି, ବିଷ୍ଣୁ ଦାସ, ସମ୍ପାଦକ ଅଭିମନ୍ୟୁ ଗୋଚ୍ଛାୟତ, ବିକ୍ରମାଦିତ୍ୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବି

ନାଉଗାଁ,୧୯।୪(ସ୍ୱ.ପ୍ର.)

ନାଉଗାଁ ତହସିଲ ଅଧୀନ ତିରୁଣା ପଞ୍ଚାୟତ ଦହିପାଳ ମୌଜାର କେତେଜଣ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲକରି ରଖିଥିବା ନେଇ ତହସିଲଦାର ଜେ.କଳ୍ପନାଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ଦିଲୀପ କୁମାର କାଣ୍ଡି, ସମୀର କୁମାର କାଣ୍ଡି, ଯୋଗେଶ ମଲିକ, ପ୍ରମୋଦ ରାଉତ, ସୁକାନ୍ତ ମଲିକ, ଶରତ ଚନ୍ଦ୍ର ମଲିକ, ମନୋରମା ମଲିକ,ସରୋଜ କୁମାର ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, କେତେଜଣ ବ୍ୟକ୍ତି ଗ୍ରାମରେ ଥିବା ସରକାରୀ ଜମିକୁ ଜବରଦଖଲ କରି ସେଠାରେ ମାଟି ପକାଇ ପୋତି ଦେଇଛନ୍ତି। ମାଟି ପୋତିବା ଦ୍ୱାରା ବର୍ଷା ଦିନେ ଉଦ୍‌ବୃତ୍ତ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେବ। ଏଥିସହ ଉକ୍ତ ଜମି ଚାରଣ ଭୂମି ଭାବେ ବ୍ୟବହାର କରାଯାଏ। ଏହାକୁ ପୋତିବା ଦ୍ୱାରା ଚାରଣ ଭୂମି ହ୍ରାସ ପାଇବ। ଫଳରେ ଗୃହପାଳିତ ପ୍ରାଣୀ ଅସୁବିଧାର ସମ୍ମୁଖୀନ ହେବେ। ଏହାକୁ ଦୃଷ୍ଟିରେ ରଖି ଉକ୍ତ ଜମିରୁ ଜବରଦଖଲ ଉଚ୍ଛେଦ ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ଜେ.କଳ୍ପନା କହିଛନ୍ତି, ଉକ୍ତ ମୌଜାର ତଦନ୍ତ କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ମା’ ଛୁଆଳିଆ ପୀଠଠାରେ ବନ୍ଧୁମିଳନ

ପଟ୍ଟାମୁଣ୍ଡାଇ,୧୯।୪(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ କଲେଜର ୧୯୯୩ ବ୍ୟାଚ ଛାତ୍ରୀଛାତ୍ରଙ୍କ ୨ୟ ବାର୍ଷିକ ବନ୍ଧୁମିଳନ ମା’ ଛୁଆଳିଆ ପୀଠରେ ଅନୁଷ୍ଠିତ ହୋଇଯାଇଛି। ନୃସିଂହ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ତପନ ପାତ୍ର, ନିମାଇଁ ଦାଶ, ଉପେନ୍ଦ୍ର ନାୟକ, ରାମଚନ୍ଦ୍ର ରାଉତ, ଅନ୍ତର୍ଯ୍ୟାମୀ ବେଜ, ଶୁଭଦୀପ୍ତ ଗୁପ୍ତା, ମୃତ୍ୟୁଞ୍ଜୟ ପଣ୍ଡା, ବ୍ରଜେନ୍ଦ୍ର ସିଂହ, ରଘୁନନ୍ଦନ ପାତ୍ର, ଅନୁପମା ସିଂହ, ବସନ୍ତ ମଞ୍ଜରୀ ଦାସ, ବସନ୍ତ ଦାସ, ପ୍ରଭାସ ରଞ୍ଜନ ବେହୁରା ପ୍ରମୁଖ ଯୋଗଦେଇଥିଲେ। ସେମାନେ ବିଗତଦିନର କଲେଜ ଜୀବନର ସ୍ମୃତିଚାରଣ କରିଥଲେ। ଶେଷରେ ବିଶ୍ୱ ରଞ୍ଜନ ଭୂୟାଁ ଧନ୍ୟବାଦ ଦେଇଥିଲେ।

# ହିତାଧିକାରୀଙ୍କୁ ମିଳୁନି ରାଶନ ସାମଗ୍ରୀ

ରାଜନଗର, ୧୯।୪(ଡି.ଏନ.ଏ.)

**ଲାଇସେନ୍ସ ରେନ୍ୟୁଆଲ ପାଇଁ ରିଟେଲରଙ୍କ କଶରତ**

ରାଜନଗର ବ୍ଲକ ବେଲପାଳ, ନଗଡ଼ ଗାଁର କେତେଜଣ ହିତାଧିକାରୀ ଠିକ୍ ସମୟରେ ରାଶନ ସାମଗ୍ରୀ ମିଳୁନି ବୋଲି ଅଭିଯୋଗ କରିଛନ୍ତି। ଫେବୃୟାରୀ, ମାର୍ଚ୍ଚ ମାସର ରିଲିଫ ଚାଉଳ ମାର୍ଚ୍ଚ ୩୦ ତାରିଖ ସୁଦ୍ଧା ରାଜନଗର ବ୍ଲକରେ ବଣ୍ଟନ ସରିଛି। ଏପ୍ରିଲ ୭ ଓ ୧୧ ତାରିଖରେ ଫେବୃୟାରୀ ଓ ମାର୍ଚ୍ଚ ମାସର ରାଶନ ଚାଉଳ ସମସ୍ତ ରିଟେଲରଙ୍କ ପାଖରେ ପହଞ୍ଚି ସାରିଛି। ଏପରିସ୍ଥିତିରେ ବେଲପାଳ ରିଟେଲର ନିରଞ୍ଜନ ବିଶ୍ୱାଳ ହିତାଧିକାରୀଙ୍କୁ ଫେବୃୟାରୀ ଓ ମାର୍ଚ୍ଚର ରାଶନ ଚାଉଳ ଦେଉ ନ ଥିବା ନେଇ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ଓ ପ୍ରଶାସନକୁ ଜଣାଯାଇଥିଲେ ମଧ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏପରି କି ତାଙ୍କ ରିଟେଲର କାଉଣ୍ଟରକୁ ଚାଉଳ, ଗହମ ଓ କିରୋସିନ ପାଇଁ ଯାଇଥିବା ହିତାଧିକାରୀଙ୍କୁ ଗାଳିଗୁଲଜ କରନ୍ତି। ଗାଁର ଅଶୋକ ଦାସଙ୍କ ଅଭିଯୋଗ ମୁତାବକ, ତାଙ୍କୁ ଡିସେମ୍ବରରୁ କିରୋସିନ ମିଳିନାହିଁ। ତାଙ୍କ କାର୍ଡରେ ପରିବାର ସଦସ୍ୟ ୫ ଜଣଙ୍କ ନାଁ ଥିଲେ ମଧ ୪ ଜଣଙ୍କ ରାଶନ ଦିଆଯାଉଛି। ଫେବୃୟାରୀ, ମାର୍ଚ୍ଚର ଚାଉଳ ଏଯାଏଁ ମିଳିନାହିଁ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ବେଲପାଳ ଗାଁର ପ୍ରାୟ ୫୦ଜଣ ଲୋକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେଢ ଘଣ୍ଟା ଧରି ବସି ରହିଥିଲେ। ସେମାନେ କାହିଁକି ରିଟେଲର ନିରଞ୍ଜନଙ୍କ ରେନ୍ୟୁଆଲ ବନ୍ଦ କରାଯାଇଛି ବୋଲି ଲିଖିତ ଅଭିଯୋଗ କରିଥିଲେ। ମାତ୍ର ରିଟେଲରଙ୍କ ସହ ଆସିଥିବା କେତେଜଣ ହିତାଧିକାରୀ ଦୁଇମାସ ହେଲା ଆମେ ଚାଉଳ ପାଉନୁ, ରିଟେଲର ଅଧା ଚାଉଳ ଦେଉଛନ୍ତି ଓ ଅଧା ଦେଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସଙ୍କୁ ପଚାରିବାରୁ କାର୍ଯ୍ୟାଳୟ ସମ୍ମୁଖରେ ବସିଥିବା ହିତାଧିକାରୀ ଫେବୃୟାରୀ, ମାର୍ଚ୍ଚ ମାସର ଚାଉଳ ପାଇ ନ ଥିବା ନେଇ ଅଭିଯୋଗ କରିଛନ୍ତି। ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀଙ୍କ ଧାରଣା।

# ଖରାରେ ସିଝୁଛି ଆଳି, ଜନଜୀବନ ଅସ୍ତବ୍ୟସ୍ତ

ଆଳି,୧୯।୪(ଡି.ଏନ.ଏ.)




ଖରା ଯୋଗୁ ଆଳି ବଜାର ଶୂନ୍‌ଶାନ୍ ହୋଇଯାଇଛି।

ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ପରେ ରହୁଛି। ଢ଼ହଢ଼ହ ଖରାରେ ସିଝିବାରେ ଲାଗିଛି ସମଗ୍ର ଆଳି ଅଞ୍ଚଳ। ସକାଳ ୮ ଟା ପରେ ଅଞ୍ଚଳର ତାପମାତ୍ରା ବୃଦ୍ଧି ସହ ଝାଞ୍ଜି ପବନରେ ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ମୁଣ୍ଡଫଟା ଖରା ଯୋଗୁ ଦିନ ୧୦ ଟା ପରେ ଅଞ୍ଚଳର ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ହେଉଛି ଆଳି ବଜାର। ଏହି ବଜାର ଉପରେ ଅଞ୍ଚଳର ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟ ନିମନ୍ତେ ଆସିଥାନ୍ତି। ଅପରପକ୍ଷରେ ଆଳି ଅଞ୍ଚଳର ସମସ୍ତ ସରକାରୀ କାର୍ଯ୍ୟାଳୟ ସଦର ମହକୁମାରେ ଥିବାରୁ ଜରୁରୀ କାର୍ଯ୍ୟ ଥିବା ଲୋକ ଅଫିସକୁ ଆସିଥାନ୍ତି। ଅତି ଜରୁରୀ କାର୍ଯ୍ୟ ନ ପଡିଲେ ଲୋକମାନେ ଘରୁ ପଦାକୁ ଗୋଡ଼ କାଢୁନାହାନ୍ତି। ଯିଏ ବି ଘରୁ ବାହାରକୁ ଆସୁଛି ଟୋପି, ଓଦା ଗାମୁଛ ଦେଇ ଆସୁଥିବା ଦେଖିବାକୁ ମିଳୁଛି। ଏହି ଗରମ ଗୁଳୁଗୁଳି ସମୟରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଳି ବଜାରରେ ପାନୀୟ ଜଳର ସଙ୍କଟ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ବଜାରରେ ସ୍ୱଚ୍ଛ ପାନୀୟ ଜଳ ନ ଥିବାରୁ ବଜାରରେ ମିଳୁଥିବା ବେନାମୀ କମ୍ପାନୀରେ ପାଣି ପାଉଚ ଲୋକମାନଙ୍କ ତୃଷ୍ଣା ମେଣ୍ଟାଉଛି। ବ୍ଲକର ସମସ୍ତ ପଞ୍ଚାୟତରେ ଜଳଛତ୍ର ଖୋଲା ଯିବାକୁ ବ୍ୟବସ୍ଥା ଥିବା ବେଳେ କେତୋଟି ପଞ୍ଚାୟତକୁ ଛାଡି ଦେଲେ ଅନ୍ୟ ସ୍ଥାନରେ ଆଜି ପର୍ଯ୍ୟନ୍ତ ଜଳଛତ୍ର ଖୋଲାଯାଇନାହିଁ। ଅପରପକ୍ଷରେ କଟକ-ଚାନ୍ଦବାଲି ରାସ୍ତା ନବୀକରଣ ନିମନ୍ତେ ରାସ୍ତା କଡ଼ରେ ଥିବା ବଡ଼ ବଡ଼ ଗଛଗୁଡିକ କଟା ଯିବା ପରେ ରାସ୍ତାରେ ଯାତାୟାତ ବେଳେ ବାଟୋଇ ଟିଏ କେଉଁଠି ଆଶ୍ରା ପାଉନାହିଁ। ଏହି ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍‌ର ଲୁଚକାଳି ଖେଳ ଲୋକଙ୍କ କଷ୍ଟକୁ ଆହୁରି ଦ୍ୱିଗୁଣିତ କରିଛି। ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ କୋଟି କୋଟି ଟଙ୍କା ବ୍ୟୟରେ ବୃକ୍ଷରୋପଣ କରୁଥିବା ବେଳେ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାରେ ବୃକ୍ଷ ରୋପଣ କରାଗଲେ ରାସ୍ତାରେ ଯାତାୟତ ବେଳେ ଲୋକଟିଏ ଆଶ୍ରା ପାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ମଙ୍ଗଳବାର ଶ୍ରୀ ଶ୍ରୀଙ୍ଗେରି ଶାରଦା ପୀଠମ୍ ଦର୍ଶନ ବେଳେ ହାତୀଠାରୁ ଆଶୀର୍ବାଦ ନେଉଛନ୍ତି।

# ଓଡ଼ିଶା କଂଗ୍ରେସ ପାଇଁ ପି.କେ.ଙ୍କ ରଣନୀତି ନେଇ ଚର୍ଚ୍ଚା

- ସଭାପତିଙ୍କ ସହ ବିଧାୟକ ଦଳ ନେତାଙ୍କୁ ବଦଳାଯାଉ
- ଜଣେ ବିଧାୟକ ମଙ୍ଗ ନ ଧରିବା ଯାଏ ଅସନ୍ତୋଷ ରହିବ: ତାରା
- ମମିତା ମେହେର ଘଟଣାରେ ନରସିଂହଙ୍କ ପୁଅ ସ୍ପେଶାଲ ପିପି




ଭୁବନେଶ୍ୱର,୧୯।୪(ବ୍ୟୁରୋ)

ଓଡ଼ିଶାରେ କଂଗ୍ରେସର ସ୍ଥିତି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ନେତୃତ୍ୱ ସମସ୍ୟା ହିଁ ଏହାର ମୁଖ୍ୟ କାରଣ। ପ୍ରତିଟି ନିର୍ବାଚନରେ ଦଳ ଶୋଚନୀୟ ପରାଜୟବରଣ କରୁଛି। ଆଗକୁ ୨୦୨୪ ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ଦଳକୁ ପୁଣି ଥରେ ତୃଣମୂଳସ୍ତରରୁ ସଙ୍ଗଠିତ କରିବା ପାଇଁ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ଲକ୍ଷ୍ୟ ରଖିଛି। ଜାତୀୟ ରାଜନୀତିର ଷ୍ଟ୍ରାଟେଜି ମେକର ପ୍ରଶାନ୍ତ କିଶୋର(ପି.କେ.) ଓଡ଼ିଶାରେ କଂଗ୍ରେସର ସ୍ଥିତି ସୁଦୃଢ଼ କରିବା ପାଇଁ ହାଇକମାଣ୍ଡଙ୍କୁ କୁଆଡେ ରୋଡ୍‌ମ୍ୟାପ୍ ଦେଇଛନ୍ତି ବୋଲି କେତେକ ଜାତୀୟ ଗଣମାଧ୍ୟମରୁ ଜଣାପଡ଼ିଛି। ଓଡ଼ିଶାରେ କଂଗ୍ରେସ ଏକାକୀ ୨୦୨୪ ନିର୍ବାଚନ ଲଢ଼ିବ ବୋଲି ପ୍ରଶାନ୍ତ କୁଆଡେ ସୋନିଆ ଗାନ୍ଧୀଙ୍କୁ କହିଥିବା ନେଇ ବିଶେଷ ଆଲୋଚନା ଚାଲିଛି। ତେବେ ଏଭଳି ଖବର ଆସିବା ପରେ କଂଗ୍ରେସ ରାଜ୍ୟ ନେତୃତ୍ୱ ଖୁସି ହେବା ପରିବର୍ତ୍ତେ ନେତୃତ୍ୱକୁ ନେଇ ବିବାଦ ଆହୁରି ବଢ଼ିଯାଇଛି। ପିସିସି ସଭାପତି ପରିବର୍ତ୍ତନ ନେଇ ବର୍ତ୍ତମାନର ବିଧାୟକ ଏବଂ ପୁରୁଖାଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିବା ଭଳି ସ୍ଥିତି ଲକ୍ଷ୍ୟ କରାଯାଉଛି। ଏପରିକି କେବଳ ପିସିସି ସଭାପତି ନୁହେଁ ବରଂ ବିଧାୟକ ଦଳ ନେତାଙ୍କୁ ମଧ୍ୟ ବଦଳାଇବାକୁ ସ୍ୱର ଉଠିବା ଆରମ୍ଭ ହୋଇଛି।

ବିଧାୟକ ତାରାପ୍ରସାଦ ବାହିନିପତି କହିଛନ୍ତି, ପିସିସି ସଭାପତି ପରିବର୍ତ୍ତନ ସୁନିଶ୍ଚିତ। ବିଧାୟକମାନଙ୍କ ଭିତରୁ ଜଣଙ୍କୁ କାହାକୁ କରିବାକୁ ଆମେ ଦାବି କରୁଛୁ। ଯଦି ବିଧାୟକମାନଙ୍କ ଭିତରୁ କାହାକୁ ପିସିସି ସଭାପତି କରା ନ ଯାଏ ତେବେ ଆମର ଅସନ୍ତୋଷ ଜାରି ରହିବ। ଜଣେ ବିଧାୟକ ପିସିସି ସଭାପତି ହେଲେ ତାଙ୍କ ସହ ସମସ୍ତ ବିଧାୟକ ବୁଲିବେ ଓ ଦଳ ଦମ୍ ଦେଖାଇପାରିବ। ତାଙ୍କୁ କାର୍ଯ୍ୟକାରୀ ସଭାପତି ପଦ ଦିଆଗଲେ ସେ ଗ୍ରହଣ କରିବେ ନାହିଁ। ବିଧାୟକମାନଙ୍କ ସହ ଆଲୋଚନା କରି କ'ଣ କରାଯିବ ନିଷ୍ପତ୍ତି ନିଆଯିବ। ଯଦି ସେମାନଙ୍କ କଥା ନ ଶୁଣନ୍ତି ତେବେ ରାହୁଲ ଗାନ୍ଧୀଙ୍କୁ ଭେଟିବେ ବୋଲି ସେ କହିଛନ୍ତି।

ଏନେଇ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, କେବଳ ପିସିସି ସଭାପତି ନୁହେଁ କଂଗ୍ରେସ ବିଧାୟକ ଦଳ ନେତା ବି ବଦଳିବାର ଆବଶ୍ୟକତା ରହିଛି। ଏ କଥା ଦଳର ପ୍ରାୟ ଅଧିକାଂଶ ବିଧାୟକ କହୁଛନ୍ତି। ପିସିସି ସଭାପତି ଯିଏ ହୁଅନ୍ତୁ ନା କାହିଁକି, ଦଳର ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ଆମେ ତାକୁ ଗ୍ରହଣ କରିବୁ। ବିଧାୟକ ଅଧିରାଜ ପାଣିଗ୍ରାହୀ ନିଜର ପ୍ରତିକ୍ରିୟାରେ କହିଛନ୍ତି, ଏଥର ଜଣେ ବିଧାୟକ ପିସିସି ସଭାପତି ହେଲେ ଭଲ। କିନ୍ତୁ ବିଧାୟକଙ୍କ ସ୍ଥାନରେ ଅନ୍ୟ କାହାକୁ ଯଦି ହାଇକମାଣ୍ଡ ସଭାପତି କରନ୍ତି, ତେବେ ଆମେ ତାଙ୍କୁ ସମର୍ଥନ କରିବୁ। ଏହାସହ ବିଧାୟକ ଦଳ ନେତା ମଧ୍ୟ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି।

ମମିତା ମେହେର ଘଟଣାରେ ନରସିଂହ ମିଶ୍ରଙ୍କ ବଡ଼ପୁଅ କ'ଣ ପାଇଁ ସ୍ପେଶାଲ ପିପି (ପବ୍ଲିକ୍ ପ୍ରସିକ୍ୟୁଟର) ନିଯୁକ୍ତ ହେଲେ ଆମେ ଏ ନେଇ ସଙ୍ଗଠନରେ ଆଲୋଚନା କରିବୁ। ନରସିଂହ କଂଗ୍ରେସ ବିଧାୟକ ଦଳ ନେତା ଥିବା ବେଳେ ତାଙ୍କ ପୁଅ କେଉଁ ପରିସ୍ଥିତିରେ ଏବଂ କାହିଁକି ସ୍ପେଶାଲ ପିପି ହେଲେ ବୁଝାପଡୁନାହିଁ ବୋଲି ସେ କହିଛନ୍ତି।

ମମିତା ମେହେର ମାମଲାରେ ନରସିଂହ ମିଶ୍ର କହିଥିଲେ, ସେ ନ୍ୟାୟ ଦେବା ପାଇଁ କଳାକୋର୍ଟ ପିନ୍ଧିବେ। ଆଉ ଏବେ ମମିତାଙ୍କ ପାଇଁ କଳାକୋର୍ଟ ପିନ୍ଧିଛନ୍ତି। ତେବେ ତାଙ୍କ ପୁଅ ସରକାରଙ୍କ ପାଇଁ ଲଢୁଛନ୍ତି। ଗୋଟିଏ ପଟେ ନରସିଂହ ମମିତାଙ୍କୁ ନ୍ୟାୟ ଦେବା ଲାଗି ଲଢୁଥିବାବେଳେ ତାଙ୍କ ବଡ଼ପୁଅ ସ୍ପେଶାଲ ପିପି ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ କଂଗ୍ରେସ ନେତା ପ୍ରଶ୍ନ ଉଠାଇଥିବା ବେଳେ ବିଧାୟକ ସୁରେଶ ରାଉତରାୟ ମଧ୍ୟ ଏହାକୁ ନାପସନ୍ଦ କରିଛନ୍ତି। ଅନ୍ୟପକ୍ଷରେ ବିଧାୟକ ନରସିଂହ ଏହା ଉପରେ ପ୍ରତିକ୍ରିୟା ରଖି କହିଛନ୍ତି, ଆଇନ କହୁଛି ପବ୍ଲିକ୍ ପ୍ରସିକ୍ୟୁଟର ସରକାରଙ୍କ ଚାକର ନୁହନ୍ତି। ଏହି କେସ୍‌ରେ ବାପା ଏବଂ ପୁଅଙ୍କ ଲକ୍ଷ୍ୟ ଏକ। ଅପରାଧୀଙ୍କୁ ଦଣ୍ଡିତ କରିବା ହେଉଛି ସ୍ପେଶାଲ ପିପିର ଲକ୍ଷ୍ୟ। ମୋର ମଧ୍ୟ ଲକ୍ଷ୍ୟ ଯିଏ ଦୋଷୀ ତାକୁ ଦଣ୍ଡିତ କରାଯାଉ।

ଡ୍ରାଇଭରଙ୍କ ଆନ୍ଦୋଳନ

# ସରକାରଙ୍କ ଦୁର୍ବଳତା ଦର୍ଶାଇଲେ ବିରୋଧୀ

- ଲୋକଙ୍କୁ ଡରାଇବାକୁ ଏହା ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟ: ଭାଜପା
- ସରକାରଙ୍କୁ ଛି ଛି କରୁଛନ୍ତି ଜନସାଧାରଣ: କଂଗ୍ରେସ
- ଘଟଣା ସମ୍ପର୍କରେ ବିଳମ୍ବରେ ଜାଣିଲେ ସରକାର: ବିଜେଡି

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ରାଜ୍ୟ ଡ୍ରାଇଭର ମହାସଂଘ ପକ୍ଷରୁ ରାଜଧାନୀରେ କରାଯାଇଥିବା ଆନ୍ଦୋଳନ ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପୋଲିସ ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ଫେଲ ମାରିଲା। ତେବେ ଏହି ଘଟଣାକୁ ନେଇ ପୋଲିସ ଏବଂ ରାଜ୍ୟ ସରକାରଙ୍କୁ ବିରୋଧୀ ଟାର୍ଗେଟ କରିଛନ୍ତି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସରକାରଙ୍କ ବିଫଳତା ଗୋଟିଏ ଦିଗ ହୋଇଥିବା ବେଳେ ପ୍ରାୟୋଜିତ ଭାବେ ଏଭଳି ପରିସ୍ଥିତି ସୃଷ୍ଟି କରି ଲୋକଙ୍କୁ ଭୟଭୀତ କରାଇବା ଆଉ ଏକ ଦିଗ ଥିଲା। ପୋଲିସ ପ୍ରଶାସନ ସହିତ କେଉଁମାନଙ୍କ ସହଭାଗିତା ଏବଂ ସହଯୋଗ କାରଣରୁ ଏଭଳି ଘଟଣା ଘଟିଲା ସେମାନଙ୍କ ବିରୋଧରେ ଦଣ୍ଡ ବିଧାନ କରାଯିବାର ମଧ୍ୟ ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ସୋମବାର ନିଶ୍ଚିତଭାବେ ସରକାର ଦୁଇଟି ଜିନିଷରେ ଫେଲ୍ କରିଛି। କେତେ ଲୋକ ଆସିବେ ତାହା ଆକଳନ କରି ନ ପାରିବା ସାଙ୍ଗକୁ ପୋଲିସ ସେହି ଅନୁଯାୟୀ ମୁତୟନ କରିପାରିଲେ ନାହିଁ। ଜନସାଧାରଣ ସରକାରଙ୍କୁ ଛି ଛି କରିଛନ୍ତି। ଡ୍ରାଇଭରମାନେ ଠେଙ୍ଗା, କାତି, ଖଣ୍ଡା ଧରି ଯେମିତି ବୁଲିଲେ ଲୋକମାନେ ଏଥିଲାଗି ଭୟଭୀତ ମଧ୍ୟ ହୋଇଯାଇଛନ୍ତି ବୋଲି ତାରା କହିଛନ୍ତି।

ବିଜେଡି ନେତା ତଥା ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି, ସରକାର ଏନେଇ ଜାଣିପାରିଲେନାହିଁ। ଗୋଟିଏ ସଂଘ ଏଭଳି କରିବା କଥା ଖବର ପାଇବା ପରେ ରାତିରେ ଆସି ରାଜଧାନୀରେ ପହଞ୍ଚିଲି। ଆଇନ ଶୃଙ୍ଖଳା କଥା ଆମେ ଦେଖିବୁନାହିଁ ବରଂ ସେମାନଙ୍କ ଯାହା ଦାବି ଅଛି ସେକଥା ପୂରଣ ନେଇ ଆଲୋଚନା କଲୁ। ସେମାନେ ଆସି ତାଙ୍କ ଦାବି ସମ୍ପର୍କରେ ଜଣାଇବା ପରେ ନିଷ୍ପତ୍ତି ହୋଇଛି ବୋଲି ସେ କହିଛନ୍ତି।

## ODISHA PUBLIC SERVICE COMMISSION CUTTACK

**NOTICE**

No.3671/PSC, dt.19.4.22
(1R-70-21-22) (DR-V)

**Corrigendum to Notice No.3153/PSC. Dt.06.04.2022 for recruitment to the post of Assistant Professor, Geography.**

**No.D-21:** It is for information of all concerned that the PPSAN 00079643 which inadvertently found a place in the list vide notification No - 3153 / PSC, Dt.06.04.2022 is now removed from the list.

The candidature of PPSAN 00079643 is rejected on the ground that he remained **"absent"** on the day of verification.

**Sd./- Secretary**
OIPR-12002/11/0027/2223

## ODISHA PUBLIC SERVICE COMMISSION

**ADVERTISEMENT No. 02 of 2022-23**

**Recruitment to the Posts of Assistant Director of Textiles, Group-B of Odisha Textiles & Sericulture Service (Textile Cadre) under Handlooms, Textiles & Hanidcrafts Department.**

**WEBSITE: http://opsc.gov.in**

No. D-22: Online applications are invited from the prospective candidates through the proforma application to be made available on the Website of the Commission **(http://opsc.gov.in)** for recruitment to **03 (Three)** posts of **Assistant Director of Textiles, Group-B** of Odisha Textiles & Sericulture Service (Textile Cadre) under Handlooms, Textiles & Handicrafts Department carrying the pay at Level-10 of the Pay Matrix as per ORSP Rules, 2017 with usual Dearness and other allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition filed by the Handlooms, Textiles & Handicrafts Department, Government of Odisha, out of total 03 (02 - W) Posts, 02 (01 - W) Posts are for UR Category, 01 (01 - W) Post is for ST Category.
3. **AGE:** A candidate shall not ordinarily be below 21 (Twenty one) years and above 38 (Thirty eight) years of age as on the 1st day of August, 2022 i.e. he/she must have been born not earlier than 2nd August, 1984 and not later than 1st August, 2001.
4. **EDUCATIONAL QUALIFICATION:** A candidate must have posscssed.
   (i) Degree in Textile Technology, Spinning and Weaving from a recognized Institution; **OR**
   (ii) Degree in Textile Chemistry; **OR**
   (iii) Diploma in Textiles Technology/Handloom Technology from a recognized Institution with minimum practical experience of three years in the spinning/weaving Department of a Textile Mill or Handloom Industry or under the State Government.
5. **EXAMINATION FEE: No Examination Fee** is required to pay for applying or appearing in the recruitment as per "Odisha Discontinuance of payment of application and examination fees for recruitment to different Posts and Services in the State Government Rules, 2022".
6. **METHOD OF SELECTION:** In case of the number of eligible candidates **less than fifty**, the method of selection for recruitment to the posts will be made on the basis of **Career marking & Oral Test**.

In the event of the number of eligible candidates **exceeds fifty**, the selection of candidates for recruitment to the posts will be made on the basis of marks obtained in the **Written Test & Oral Test**.

The link for registration/re-registration and submission of Registered Online application shall be available **from 22.04.2022 to 23.05.2022**.

The candidates are advised to visit the website of the Commission at **http://opsc.gov.in** for detailed information for applying to the above post.

**CUTTACK**
**DATE: 19.04.2022**

**Sd./- SECRETARY**
**ODISHA PUBLIC SERVICE COMMISSION, CUTTACK**
OIPR-12002/11/0028/2223

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. MSM-PANTRYCAR-SBP-4-22

**କାର୍ଯ୍ୟର ନାମ :** ତିନି ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ସ୍ଥିତ କୋଚିଙ୍ଗ୍ ଡିପୋ ର ପ୍ୟାଣ୍ଟ୍ରି କାରଗୁଡ଼ିକର ରାଉଣ୍ଡ ଟ୍ରିପ୍ ସେଫ୍ ଟୁ ରନ୍ ସାର୍ଟିଫିକେସନ (Round Trip Safe to run Certification) ଏବଂ ସେଣ୍ଟ୍ରାଲାଇଜ୍ଡ ଗ୍ୟାସ୍ ସିଷ୍ଟମ୍ ର ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 30,82,128.00, EMD (ଟଙ୍କାରେ): 61,700/-, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି : 03 (ତିନି) ବର୍ଷ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.05.2022 ରିଖ 1100 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ ହେବ ।

ସିନିୟର୍ ଡିଭିଜନାଲ ମେକାନିକାଲ ଇଂଜିନିୟର, ସମ୍ବଲପୁର
PR-37/N/22-23

## ODISHA PUBLIC SERVICE COMMISSION CUTTACK

**NOTICE**

No.3676/PSC, dt.19.4.22
(1R-70-21-22) (DR-V)

**Corrigendum to Notice No.3149/PSC. Dt.06.04.2022 for recruitment to the post of Assistant Professor. Geography.**

**No.D-20:** It is for information of all concerned that the PPSAN 00094856 which inadvertently found a place in the rejection list vide notification No — 3149 /PSC, Dt.06.04.2022 is now removed from the list.

The candidate is allowed to face the interview on 26.04.2022 at 10.15 AM.

Further, the candidate is informed to go through the Notice No - 3153/ PSC, Dt.06.04.2022 published in the website of the Commission so as to bring the required documents for interview as mentioned there-in.

**Sd./- Secretary**
OIPR-12002/11/0026/2223

## IN THE DEBTS RECOVERY TRIBUNAL: CUTTACK

C-71, SECTOR-7, CDA, CUTTACK-753014
**O.A. No. 388/2019**

State Bank of India .....Applicant
Vs.
Sri Khirodananda Rath .....Defendants

To,
**Sri Khirodananda Rath**, aged about 41yrs., S/o- Late Sashi Bhusan Rath, C/o- Shrikanta Garabodu, Plot No. 4754, 1st Floor, Kunjapatna Sahi, P.O/P.S.: Old Town, Bhubaneswar-751002 and also at Duplex House No. 23, Arya Homes, At: Alarpur, Satyabhamapur, P.O.: Gadasrirampur, P.S.: Balianta, Dist.: Khorda-752100. Proprietor of M/s. Avinash Agency, Plot No. 123, Ashok Nagar, Unit-II, P.S.: Kharvel Nagar, Bhubaneswar-751009 ...Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **O.A. No. 388/2019** in the Debts Recovery Tribunal, Cuttack for a recovery of **Rs.45,35,595.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **23.05.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **4th day of month April of 2022.**

**By orders of this Tribunal**
**Sd/- Registrar**
**Debts Recovery Tribunal**

## PRE-BID Meeting

**FOR OUTSOURCING OF DIET SERVICE FOR DHH, SUNDARGARH**

Adv.No. 1599 /DHH/SNG Date:19.04.2022

**No.E-19:** The Agency/Firms/NGO's/SHG must be more than three years and proven experience of working in the related field for minimum of at least three years. It is mandatory that the Agency/Firms/NGO's should have valid GST/TAN/PAN/ EPF/ESI and other valid licence as per tender documents and should have an office in the Sundargarh District. Interested parties/ organizations / agencies are requested to attend the pre-bid meeting towards outsourcing of DIET service for DHH, Sundargarh, which is shecudlcd to be held on 29.04.2022 at 11 A.M. conference hall of CDM&PHO office, Sundargarh.The R.F.P. application format available in the website http://www.sundergarh.nic.in.

**Sd./- Chief District Medical & Public Health Officer, Sundargarh**
OIPR-10100/11/0004/2223

See Career Appointment on every Wednesday & Saturday

## ODISHA SPACE APPLICATIONS CENTRE (ORSAC)

Dept. of Science & Technology, Govt. of Odisha
Plot No.45/48,Jayadev Vihar,
Near Gopabandhu Academy of Administration,
Unit-16, Bhubaneswar-751 023

**TENDER NOTICE No. 05 / 2022**

Tender for Hiring of Vehicles

**No.CAD-217:** Sealed tenders are invited from reputed registered Travel Agents for empanelment to provide hired vehicles to ORSAC. Bidding firms should have capabilities along with adequate supply of vehicles in the concerned field. For details, please visit http://www.odisha.gov.in or http://www.orsac.gov.in or in the above office for the tender papers.

**CHIEF EXECUTIVE**
OIPR-28007/11/0003/2223

## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
OFFICE OF THE EXECUTIVE DIRECTOR, ZONAL OFFICE, BURLA
CIN:U40102OR2004SGC007553

No./ED/Publication/Gaz/706 Dated:13.04.2022
No. CAD-238

**NOTIFICATION**

In accordance with Section-164 of Indian Electricity Act,2003 and in exercise of the power conferred upon OPTCL vide Department of Energy, Government of Odisha Order No:2353-R&R-II-10.2006, dated the 9th March 2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution are published for general information. The Tentative estimated amount is Rs.28.27 Crores (Approx). This will develop quality power supply to Patnagarh and Kantabanjhi. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Executive Director, Zonal Office, Burla, OPTCL, Sambalpur-768006 within two months from the date of publication of this notification. Full Details of the scheme and plan may be seen in the office of the DGM(Elect), EHT(Const.) Division, Bolangir on any working day during office hours.

**Name of the Work:-** Construction of Proposed 132kV SC line on DC tower from existing 132/33kV Grid S/S at Patnagarh to existing 132/33kV Grid S/S, Kantabanjhi.

**Name of the Village in which the line will pass:**

**Tehsil:-**Patnagarh, R.I Circle- Patnagarh, Revenue Village: Patnagarh. **Tehsil:-** Patnagarh, R.I Circle- Kendumundi, Revenue Village: Chitadunguri, Bhaludarah, Manaipada, Ghuchepalli, Kadalimundi, Dandarabahal, Maghamara. **Tehsil:-** Belapada, R.I Circle- Sulekela, Revenue Village: Madhypura, Sulekela, Bangamundabahal, Dakara, Mundapal, Karlabahali. **Tehsil:-** Belapada, R.I Circle: Dhumabhata, Revenue Village: Bilaimara, Nagaphena, Dahimala, Dangaratala, Kurenbahal, Dhumabhata, Khalakhali, Hatakata. **Tehsil:-** Muribahal, R.I Circle- Godighat, Revenue Village: Andaladaraha, Jharabahali, Kurlubahal. **Tehsil:-** Kantabanjhi, R.I Circle: Kantabanjhi, Revenue Village: Buromala, Dangamara, Chatuanaka.

FIPR-07/2022-23
**Sd/- Sudipta Sengupta**
**Executive Director, Zonal Office Burla**
OIPR-04011/11/0010/2223

## ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିଃ
## ODISHA PISCICULTURE DEVELOPMENT CORPORATION LIMITED

(A Government of Odisha undertaking)

No.-710 Date: 19.04.2022

**REQUEST FOR PROPOSAL**

**SELECTION OF CAG EMPANELLED CHARTERED ACCOUNTANT FIRMS FOR COMPILATION OF ACCOUNTS OF 8 FILLING STATIONS, 23 GOVERNMENT HATCHERIES AND 1 NET MANUFACTURING UNIT FOR THE FY 2018-19, 2019-20 & 2020-21**

No.CAD-219:- OPDCL invites sealed proposals from eligible bidders to carry out compilation of accounts of 8 filling stations, 23 Government hatcheries and 1 net manufacturing unit. Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.fishfedodisha.in.

The bid calendars under the end to end process are:

| Sl. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 19th April 2022 |
| 2 | Last date for submission of bid | 27th April 2022, 5 P.M. |
| 3 | Date of opening of technical bid | 28th April 2022, 1 P.M. |
| 4 | Date of technical presentation | 29th April 2022, 4 P.M. (Tentative) |
| 5 | Date of opening of financial bid | 30th April 2022, 1 P.M. (Tentative) |

The proposal complete in all respects must reach the undersigned by **Speed Post/ Registered Post/Drop in the Tender Box** only latest by **27th April 2022, 5 P.M.** in a sealed envelope clearly mentioning on the top of it **"REQUEST FOR PROPOSAL – SELECTION OF CAG EMPANELLED CHARTERED ACCOUNTANT FIRMS FOR COMPILATION OF ACCOUNTS OF 8 FILLING STATIONS, 23 GOVERNMENT HATCHERIES AND 1 NET MANUFACTURING UNIT".**

The cost of document Rs. 1000/- + GST 18% = Rs. 1,180/- in shape of Banker's Cheque / DD in favour of MD OPDC Ltd drawn in any scheduled commercial; bank payable at Bhubaneswar.

The proposals received beyond the last date and time will be rejected. The authority reserves the right to reject any/ all proposals without assigning any reason thereof.

**Sd./- Managing Director**

CC: To the Notice Board of OPDC Ltd and webhosting of the same in fishfed website for wide publicity.
OIPR-06020/11/0001/2223

No. O-99

GOVERNMENT OF ODISHA

## OFFICE OF THE EXECUTIVE ENGINEER, R.W.S. & S. DIVISION, BHADRAK

E-mail: rwssdivisionbhadrak@gmail.com

**"e" PROCUREMENT NOTICE**

**Bid Identification No. RWSS (BDK) - 17/2022-23**

1. Name of the work : Execution of 01 (One) No. Clubbed up RPWS Scheme under Bonth block.
2. Total Number of work : 01 No. (One)
3. Estiamted Cost : Rs.394.58 lakhs
4. Class of Contractor : A & Special
5. Period of Completion : 11 Months

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Bhadrak | RWSS (BDK): 17/2022-23 | 22.04.2022 (From 10.00 A.M.) | 06.05.2022 upto 17.00 P.M. |

Further details can be seen from the e-procurement portal **"www.tendersodisha.gov.in"**. Subsequent corrigendum if required shall be appeared in the website only.

**Sd./- Executive Engineer**
**R.W.S.&S. Division, Bhadrak**
OIPR-25020/11/0002/2223

## GOVERNMENT OF ODISHA
## "e" PROCUREMENT NOTICE

**Bid Identification No. 02 of 2022-23**

No. O-92: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of percolation well in different villages of Balangir district.
2. Total No. of Work : 27 Nos.
3. Estmated Cost : Rs.72.93 and 97.24 lakh
4. Eligible Class of Contractor : "B & A Class" Contractor.
5. Period of Completion : Three Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 02 of 2022 - 23 | Dt.22.04.2022 at 11.00 hrs. | Dt.30.04.2022 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

**Sd./- 13.04.2022**
**Superintending Engineer**
**RWS&S Division, Balangir**
OIPR-25033/11/0002/2223

## OFFICE OF THE COLLECTOR & DISTRICT MAGISTRATE, DHENKANAL

**(Social Security Section)**
**EOI No.701/ Date 18.04.2022**

**Notice Inviting Expression of Interest for Selection of AGENCY for Operation and Management of 'Surakhya, Rehabilitation Centre for the beggars In Dhenkanal, Odisha**

**No.gg-03:** District Administration. Dhenkanal invites Proposals from reputed NGOs/Agencies for the operation and management of "Surakhya", rehabilitation centre for the beggars in Dhenkanal under SAHAYA Scheme as specified In this EOI Document. The detailed EOI document can be downloaded from the website link http://www.dhenkanal.nic.in with effect from dt 19.04.2022(4 PM) onwards.

The last date and time for submission of EOI document by speed post/ registered post/ courier/hand in all working days at the District Social Security Office, Dhenkanal up to 9.00 A.M of dt.30.04.2022. Based on the eligibility criteria as mentioned In the EOI, the applicant agency will be selected. Collector, Dhenkanal reserves the right to accept or reject any application without assigning any reason thereof.

**Sd./-Collector & District Magistrate, Dhenkanal**
OIPR-24066/11/0002/2223

## OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA

e-mail ID: sepwd_rgda@yahoo.com, Phone/Fax No. 06856-223049

No. B-56 **e-Procurement Notice**

**Bid Identification No. C.C.E. ( RAND B) RGDA - 01/2022-23 (Online)**

No. 399 **INVITATION FOR BIDS** Date: 16.04.2022

| | | | |
|---|---|---|---|
| 1. | The Chief Construction Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below. | | |
| 2. | Nature of work | : | Building work |
| 3. | No. of work | : | 01 (One) No. of work |
| 4. | Estimated Cost (Approximately) | : | Rs.250.58 lakh |
| 5. | Bid Cost | : | Rs.10,000/- (each) |
| 6. | Class of Contractor | : | "B" and "A" Class as per Financial eligibility |
| 7. | Availability of Bid documents in the website | : | 11.00 hrs. of Dt.25.04.2022 to 16.00 hrs. of Dt.10.05.2022 |
| 8. | Date of Opening of Bid | : | 11.00 hrs. of Dt.11.05.2022 |
| 9. | The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- Chief Construction Engineer**
**Rayagada (R&B) Circle, Rayagada**
OIPR-34154/11/0001/2223

## ସଂକ୍ଷେପରେ

### ପମ୍ପ ଦେବା ବେଳେ ଫାଟିଲା ଟ୍ରାକ୍ଟର ଚକା ଡ୍ରାଇଭର ମୃତ

ଆନନ୍ଦପୁର,୧୯।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଧୀନ ଶାସଙ୍ଗ ଛକ ନିକଟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପମ୍ପ ଦେବା ବେଳେ ଏକ ଟ୍ରାକ୍ଟର ଚକା ଫାଟିଯିବାରୁ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଧବ ଜେନା। ତାଙ୍କ ଘର ହାଟଡିହୀ ବ୍ଲକ ତରଭା ଗ୍ରାମରେ। ସୂଚନାଯୋଗ୍ୟ, ମାଧବ ଟ୍ରାକ୍ଟରରେ ପମ୍ପ ଦେବା ଲାଗି ଶାସଙ୍ଗ ଛକରେ ଥିବା ଏକ ମୋଟର ସାଇକେଲ ମରାମତି ଦୋକାନକୁ ଆସିଥିଲେ। ସେଠାରେ ପମ୍ପ ଦେବା ବେଳେ ହଠାତ୍ ଟ୍ରାକ୍ଟର ଚକା ଫାଟିଯାଇଥିଲା। ଫଳରେ ମାଧବ ଅଚେତ ହୋଇପଡିଥିଲେ। ଟ୍ରାକ୍ଟର ମାଲିକ ମଧ ଆହତ ହୋଇଥିଲେ। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଡ୍ରାଇଭର ମାଧବଙ୍କୁ ମୃତ ଘୋଷଣା କରିଥିଲେ। ନନ୍ଦିପଦା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଭାଜପା ଯୁବମୋର୍ଚ୍ଚାର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୧୯।୪(ବ୍ୟୁରୋ)-ଭାଜପା ଯୁବମୋର୍ଚ୍ଚାର ସାଙ୍ଗଠନିକ ଓ ରାଜନୈତିକ କାର୍ଯ୍ୟକଳାପକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଯୁବମୋର୍ଚ୍ଚା ପରିବେଶ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଭାବେ କ୍ରିଷ୍ଣା ମୁରାରୀ ସିଂହ, ସାମାଜିକ ଗଣମାଧମ ରାଜ୍ୟ ସହ-ସଂଯୋଜକ ଭାବେ ଅଶ୍ୱିନୀ ସାହୁ, କୃଷ୍ଣଚନ୍ଦ୍ର ଓଝା, ରବିନ୍ଦ୍ର ପୁହାଣ ଓ ଶୋଭ୍ଭ ଶର୍ମ୍ମା, ରାଜ୍ୟ ଗଣମାଧମ ସହ-ସଂଯୋଜକ ଭାବେ ଅଭିଜିତ୍ ମିଶ୍ର, ପ୍ରିୟଦର୍ଶିନି ଅର୍ଚ୍ଚନା ବାଗ୍ ଓ ବିକାଶ ପାଢ଼ୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅଞ୍ଜନ ପାଣି, ମାନସ ରଞ୍ଜନ ଦାସ, ସୁଧୀର କୁମାର ମଲ୍ଲିକ, ଲଳିତ କୁମାର ବେହେରା, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ମିଲନ ମୁଖୀ, ଗୋକୁଳା ନନ୍ଦ ବେହେରା, ଉତ୍ତମ ବିଶ୍ୱାଳ, ମହେଶରାୟ, ଆଦର୍ଶ ଜେନା, ସ୍ୱାଧୀନ ମହାନ୍ତି, ହୃଷିକେଶ ଗୋହିର, ସୁଧୀର ଦ୍ୱିବେଦୀ ମନୋନୀତ ହୋଇଛନ୍ତି। ବଣାଇ ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ଭାବେ ଶିବାନୀ ମାଝୀ ଓ ସହ ପ୍ରଭାରୀ ଭାବେ ଅଂଶୁଲ ପଟେଲ, ନୂଆପଡା ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ଭାବେ ନରସିଂହ ସିଂହ, ବାରିପଦା ସାଙ୍ଗଠନିକ ଜିଲ୍ଲା ସହ-ପ୍ରଭାରୀ ଭାବେ ପ୍ରଫୁଲ୍ଲ ସ୍ୱାଇଁ, କଟକ ସଦର ସହ-ପ୍ରଭାରୀ ଭାବେ ସୁଜିତ ସାହୁ, ଗଞ୍ଜାମ ଜିଲ୍ଲା ସହ-ପ୍ରଭାରୀ ପ୍ରତୀକ୍ଷା ଆଚାର୍ଯ୍ୟ ଏବଂ ଘୁମୁସୁର ସାଂଗଠନିକ ଜିଲ୍ଲା ସହ-ପ୍ରଭାରୀ ଭାବେ ସୁବ୍ରତ ବିଶ୍ୱାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଆଚାର୍ଯ୍ୟ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ରାଜ୍ୟ ସଭାପତି ସମୀର ମହାନ୍ତ ଏବଂ ଯୁବମୋର୍ଚ୍ଚା ରାଜ୍ୟ ପ୍ରଭାରୀ ତଥା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ରଙ୍କ ଅନୁମୋଦନ କ୍ରମେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ରାଜ୍ୟ କମିଟିରେ ଏହି ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି।

# ମେ'ରେ ଦୁର୍ଘଟଣା ଅଡିଟ୍

- ବର୍ଷକୁ ଯାଉଛି ୫ ହଜାର ଜୀବନ
- ୧୦ ଜିଲା ସର୍ବାଧିକ ଦୁର୍ଘଟଣାପ୍ରବଣ
- ସୁପ୍ରିମକୋର୍ଟ କମିଟିଙ୍କ ଉଦ୍‌ବେଗ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ଓଡ଼ିଶାରେ ନିୟନ୍ତ୍ରଣକୁ ଆସୁନାହିଁ ସଡ଼କ ଦୁର୍ଘଟଣା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଓଡ଼ିଶାରେ ଦୁର୍ଘଟଣା ଏବଂ ତତ୍‌ଜନିତ ମୃତ୍ୟୁରେ ଅଙ୍କୁଶ ଲାଗିପାରୁନାହିଁ। ବେପରୁଆ ଗାଡ଼ିଚାଳନା ପାଇଁ ଅକାଳରେ ଝରିପଡୁଛି ଜୀବନ, ଯାହାକୁ ନେଇ ଚିନ୍ତା ବଢ଼ିଛି। ସିଆଇଡି ଓ କ୍ରାଇମବ୍ରାଞ୍ଚ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୦ ତୁଳନାରେ ରାଜ୍ୟରେ ୭.୨୪% ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବୃଦ୍ଧି ପାଇଛି। ୨୦୨୦ରେ ୧୦,୯୮୪ଟି ସଡ଼କ ଦୁର୍ଘଟଣାରେ ୪,୭୩୮ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୨୧ରେ ୧୦,୯୮୪ଟି ସଡ଼କ ଦୁର୍ଘଟଣାରେ ଯାଇଥିଲା ୫ ହଜାର ୮୧ ଜଣଙ୍କ ଜୀବନ। ୨୦୧୪ରେ ଦୁର୍ଘଟଣାରେ ୩,୯୩୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୨୧ରେ ଏହା ୫,୦୮୧କୁ ବୃଦ୍ଧିପାଇଛି। ସୁପ୍ରିମକୋର୍ଟ କମିଟି ୨୦୧୪ରୁ ୨୦୨୦ ମଧ୍ୟରେ ସଡ଼କ ଦୁର୍ଘଟଣା ୫୦% ହ୍ରାସ କରିବାକୁ ପରାମର୍ଶ ଦେଇଥିବା ବେଳେ ଏହି ସମୟ ମଧ୍ୟରେ ରାଜ୍ୟରେ ୨୯% ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବୃଦ୍ଧି ପାଇଛି। ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ପକ୍ଷରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟ ସରକାରଙ୍କ ସହ ଏନେଇ



ଆଲୋଚନା କରାଯାଇଛି। ରାଜ୍ୟରେ ବଢୁଥିବା ସଡ଼କ ଦୁର୍ଘଟଣା ମୃତ୍ୟୁକୁ ନେଇ କମିଟି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କମିଟି ସୁପାରିସ ଅନୁଯାୟୀ ରାଜ୍ୟରେ ଠିକ୍ ଢଙ୍ଗରେ ସଡ଼କ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି କି ନାହିଁ ସେ ନେଇ ଅଡିଟ କରାଯିବ। ନୂଆଦିଲ୍ଲୀସ୍ଥିତ ଇଣ୍ଟିଗ୍ରେଟେଡ୍ ମଲ୍‌ଟିମୋଡାଲ ଟ୍ରାନ୍‌ଜିଟ ସିଷ୍ଟମ (ଡିଆଇଏମ୍‌ଟିଏସ୍) ଦ୍ୱାରା ଏହି ଅଡିଟ ହେବ। ଆସନ୍ତା ମେ' ମାସରେ ଡିଆଇଏମ୍‌ଟିଏସ୍ ରାଜ୍ୟର ପ୍ରମୁଖ ଦୁର୍ଘଟଣା ପ୍ରବଣ ରାସ୍ତାଗୁଡ଼ିକର ଅଡିଟ୍ କରିବ ବୋଲି ଜଣାପଡ଼ିଛି।

ହେଲ୍‌ମେଟ ନ ପିନ୍ଧିବାରୁ ରାଜ୍ୟରେ ୪୧% ମୃତ୍ୟୁ ହେଉଥିବା ବେଳେ ଦ୍ରୁତବେଗରେ ଗାଡ଼ିଚାଳନା ଯୋଗୁ ୬୯% ଏବଂ ୨୦% ହିଟ୍ ଆଣ୍ଡ୍ ରନ୍ ଦୁର୍ଘଟଣା ଘଟୁଛି। ବ୍ଲାକ୍‌ସ୍ପଟଗୁଡ଼ିକରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଯାଜପୁର, ରାୟଗଡା, ମୟୂରଭଞ୍ଜ, ଝାରସୁଗୁଡ଼ା, ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା ଜିଲାରେ ଦୁର୍ଘଟଣା ହାର ଅଧିକ। ଉପରୋକ୍ତ ଜିଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ଜିଲାରେ ବାର୍ଷିକ ୧୦୦ରୁ ଉର୍ଦ୍ଧ୍ୱ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ବିଶ୍ୱ ବ୍ୟାଙ୍କ ସର୍ଭେ ୨୦୨୦ ଅନୁଯାୟୀ ଭାରତରେ ୭୬.୨ ପ୍ରତିଶତ ୧୮ରୁ ୪୫ ବର୍ଷର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଏଥିଯୋଗୁ ୫୦ ପ୍ରତିଶତ ମହିଳା ଘର ଚଳାଇବା ନେଇ ଭୟଙ୍କର ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସଡ଼କ ଦୁର୍ଘଟଣା ଯୋଗୁ ଦେଶକୁ ବାର୍ଷିକ ଜିଡିପିର ୩.୧୪ ପ୍ରତିଶତ ଆର୍ଥିକ କ୍ଷତି ଭୋଗିବାକୁ ପଡୁଛି। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମାଇବା ପାଇଁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ପରିବହନ ବିଭାଗ ତରଫରୁ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଠନ କରାଯାଇଛି । ଏମାନଙ୍କୁ ଫାଷ୍ଟ ରେସ୍ପଣ୍ଡର ଟ୍ରେନିଂ ଦିଆଯାଇଛି। ଯାନଚାଳକମାନଙ୍କ ପାଇଁ ରିଫ୍ରେଶର ଟ୍ରେନିଂ କରାଯାଉଛି । ବ୍ଲାକ୍ ସ୍ପଟ୍‌ଗୁଡ଼ିକୁ ସେଭ୍ ଲାଇଫ୍ ଫାଉଣ୍ଡେଶନ ଦ୍ୱାରା ସର୍ଭେ କରାଯାଇ ତ୍ରୁଟି ସୁଧାରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସମେତ ପରିବହନ କମିଶନର, ଗୃହ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବମାନେ ଯୋଗ ଦେଇଥିଲେ।

# ୧୫ ଜୁନିୟର ଆସିଷ୍ଟାଣ୍ଟ ପଦବୀରେ ହେବ ନିଯୁକ୍ତି

- ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ
- ପରୀକ୍ଷାର୍ଥୀଙ୍କୁ ଦେବାକୁ ପଡିବନି ଫି'

କଟକ ଅଫିସ,୧୯।୪

ଜୁନିୟର ଆସିଷ୍ଟାଣ୍ଟ ପଦବୀରେ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଗ୍ରୁପ୍-ସିର ୧୫ ପଦବୀ ପାଇଁ ଆବେଦନକାରୀ ଆବେଦନ କରିପାରିବେ ବୋଲି ବିଜ୍ଞପ୍ତରେ ଉଲ୍ଲେଖ ରହିଛି। ଯୋଗ୍ୟ ଆବେଦନକାରୀଙ୍କୁ ଏଥିପାଇଁ ଅନ୍‌ଲାଇନରେ ଆବେଦନ କରିବାକୁ ପଡ଼ିବ। ଏପ୍ରିଲ୍ ୨୨ରୁ ମେ' ୨୩ ତାରିଖ ପର୍ଯ୍ୟନ୍ତ ଆବେଦନ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଓପିଏସ୍‌ସି ୱେବ୍‌ସାଇଟ୍ www.opsc.gov.inରେ ଏନେଇ ଲିଙ୍କ୍ ଉପଲବ୍ଧ ହେବ। ଏହି ପଦବୀ ପାଇଁ ୪୦୦ ମାର୍କର ପ୍ରତିଯୋଗିତାମୂଳକ ପରୀକ୍ଷା କରାଯିବ। ଏଥିସହିତ ଆବେଦନକାରୀଙ୍କୁ ୫୦ ମାର୍କର ସ୍କିଲ୍ ଟେଷ୍ଟ ଦେବାକୁ ପଡ଼ିବ। ଏହି ପରୀକ୍ଷା ପାଇଁ କୌଣସି ବର୍ଗର ଆବେଦନକାରୀଙ୍କୁ ପରୀକ୍ଷା ଫି' ଦେବାକୁ ପଡ଼ିବ ନାହିଁ। ଏହି ପରୀକ୍ଷାକୁ ଫି' ମୁକ୍ତ କରିବାକୁ ଓପିଏସ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି ପରୀକ୍ଷା କଟକ, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରେ କରାଯିବ। ତେବେ ପରୀକ୍ଷା କେବେ ହେବ, ତାହା ପରୀକ୍ଷାର କିଛି ଦିନ ପୂର୍ବରୁ ଜଣାଇ ଦିଆଯିବ। ୧୫ଟି ଜୁନିୟର ଆସିଷ୍ଟାଣ୍ଟ ପଦବୀ ମଧ୍ୟରୁ ୬ଟି ଅଣସଂରକ୍ଷିତ ରହିଥିବାବେଳେ ଗୋଟିଏ ଏସ୍‌ଇବିସି, ୩ଟି ଏସ୍‌ସି ଓ ୫ଟି ଏସ୍‌ଟି ପାଇଁ ସଂରକ୍ଷିତ ରହିଛି। ଏଥିସହ ଏହି ପଦବୀ ମଧ୍ୟରୁ ୪ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ଆଶାୟୀ ପ୍ରାର୍ଥୀ ଯେକୌଣସି ବିଶ୍ୱବିଦ୍ୟାଳୟରୁ ପାଠ୍ୟକ୍ରମରେ ସ୍ନାତକ ଡିଗ୍ରୀ ହାସଲ କରିବା ସହ କମ୍ପ୍ୟୁଟର ଚାଳନାରେ ଦକ୍ଷତା ଥିବା ଆବଶ୍ୟକ। ୨୧ରୁ ୩୮ ବର୍ଷର ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ। ଏଥିସହ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ ବୟସ ସୀମାରେ ଛାଡ଼ କରାଯିବ।

# ବଦଳିଲେ ତଦନ୍ତକାରୀ ଅଧିକାରୀ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ଭୁବନେଶ୍ୱର ବଡ଼ଗଡ଼ ଥାନା ପୋଲିସ ହେପାଜତରେ ସନ୍ଦିଗ୍ଧ ପ୍ରଦୀପ ସାହୁଙ୍କ ମୃତ୍ୟୁ ଘଟଣାରେ ମଙ୍ଗଳବାର ତଦନ୍ତକାରୀ ଅଧିକାରୀ ସଞ୍ଜୀବ କୁମାର ବେହେରାଙ୍କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ମାନବ ଅଧିକାର ସୁରକ୍ଷା ସେଲ୍ (ଏଚ୍‌ଆର୍‌ପିସି)ର ଜଣେ ଅଧିକାରୀ ପ୍ରମୋଦ କୁମାର ପଟ୍ଟନାୟକଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ପ୍ରଦୀପଙ୍କୁ ହାଜତରେ ପୋଲିସ ପିଟିପିଟି ମାରିଦେଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ତେଣୁ ଘଟଣାର ସତ୍ୟାସତ୍ୟ ନିମନ୍ତେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଗାଇଡ୍‌ଲାଇନ ଅନୁସାରେ ତଦନ୍ତ କରାଯିବ। ପ୍ରଦୀପ କେତେବେଳେ ଅସୁସ୍ଥତା ଅନୁଭବ କଲେ, କେତେବେଳେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା ଓ କିପରି ମୃତ୍ୟୁ ଘଟିଲା ପ୍ରଭୃତି ସଂକ୍ରାନ୍ତରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ସମ୍ପୃକ୍ତ ଏଚ୍‌ଆର୍‌ପିସି ଅଧିକାରୀଙ୍କୁ କୁହାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ, ପାରିପାର୍ଶ୍ୱିକ ସ୍ଥିତି, ବୟାନ ଏବଂ ଅନ୍ୟାନ୍ୟ ତଥ୍ୟ ଆଧାରରେ ଏହି ତଦନ୍ତ କରାଯିବ। ଜଣେ ଅତିରିକ୍ତ ଡିସିପି ର୍ୟାଙ୍କର ଅଧିକାରୀ ଏହାର ତଦାରଖ କରି ରିପୋର୍ଟ ଦେବେ। ଏଥିସହ ପୋଲିସ ପକ୍ଷରୁ ମଧ ତଦନ୍ତ ରିପୋର୍ଟ ଦିଆଯିବ। ଏହାପରେ ଜିଲାପାଳ ଓ ଡିସିପିଙ୍କ ମିଳିତ ଦସ୍ତଖତରେ ୪୮ଘଣ୍ଟା ମଧ୍ୟରେ ଏନ୍‌ଏଚ୍‌ଆର୍‌ସିକୁ ଏହି ରିପୋର୍ଟ ପ୍ରଦାନ କରାଯିବ।



ମୃତ ପ୍ରଦୀପ ସାହୁ ଓରଫ୍ ଦେବେନ୍ଦ୍ର ଚୌଧୁରୀ

ସୂଚନାଯୋଗ୍ୟ, ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଜିଲା ବାଲିପାଟପୁର ଥାନା ଅଧୀନ ଭୂଷଣ୍ଡପୁର ଗ୍ରାମର ପ୍ରଦୀପ ସାହୁ (୫୬) ଏକ ସାଇକେଲ୍ ଧରି ରବିବାର ରାତିରେ ବ୍ରହ୍ମେଶ୍ୱର ଅଞ୍ଚଳରେ

### ଭୁବନେଶ୍ୱରରେ ହାଜତ ମୃତ୍ୟୁ ଘଟଣା

- ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ ଅନୁସାରେ ତଦନ୍ତ ହେବ

ସନ୍ଦେହଜନକ ଅବସ୍ଥାରେ ବୁଲୁଥିଲେ। ସେ ପାଟ୍ରୋଲିଂ ଟିମ୍‌କୁ ଦେଖି ଦୌଡ଼ିବାରୁ ସାଇକେଲ ଚୋରି ସନ୍ଦେହରେ ତାଙ୍କୁ ଥାନାକୁ ଅଣାଯାଇ ପଚରାଉଚରା କରାଯାଉଥିଲା। ଏହି ସମୟରେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୯/୨୦୨୨) ରୁଜୁ କରାଯାଇଥିଲା। ଅନ୍ୟପକ୍ଷରେ ପ୍ରଦୀପଙ୍କୁ ପୋଲିସ ପିଟି ପିଟି ମାରିଦେଇଥିବା ତାଙ୍କ ସ୍ତ୍ରୀ ବନିତା ଚୌଧୁରୀ ଅଭିଯୋଗ କରିଥିଲେ। ଏ ନେଇ ସୋମବାର ଭାରତୀୟ ବିକାଶ ପରିଷଦ ପକ୍ଷରୁ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେହିଭଳି ବନିତା ଚୌଧୁରୀ ଓ ମନୋରମା ସାହୁ ନାମ୍ନୀ ଦୁଇ ମହିଳା ନିଜକୁ ପ୍ରଦୀପଙ୍କ ସ୍ତ୍ରୀ ବୋଲି ଦାବି କରି ମୃତଦେହ ନେବାକୁ ଅଡ଼ି ବସିଥିଲେ। ଏପରି କି ଏହାକୁ ନେଇ କ୍ୟାପିଟାଲ ହସ୍ପିଟାଲ ଶବ ବ୍ୟବଚ୍ଛେଦ ଗୃହ ଆଗରେ ଉଭୟଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ମୃତକଙ୍କ ନାମକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବାରୁ ପୋଲିସ ତଦନ୍ତ କରିଥିଲା। ପ୍ରଦୀପ ନାମ ବଦଳାଇ ଦେବେନ୍ଦ୍ର ଚୌଧୁରୀ ପରିଚୟରେ ଭୁବନେଶ୍ୱରରେ ରହୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।


**OFFICE OF THE SUPERINTENDING ENGINEER**
**ANANDAPUR BARRAGE DIVISION, SALAPADA**
**QUOTATION CALL NOTICE No. ABD - 02/2022-23**

No. A-68: Sealed quotations are invited in the prescribed format from Travel Agencies/Tour Operators/Individual vehicle owners having valid uptodate PAN/GST Registration Number for providing 1 No. of vehicles for engagement in the Office of the Chief Construction Engineer, ABP, Salapada on monthly rent basis. The details of terms & conditions for the above service along with the application form of quotation containing General Bid Information and other documents will be available in the Office of the Superintending Engineer, Anandapur Barrage Division, Salapada or can be downloaded from the State Government website **www.odisha.gov.in/www.dowrodisha.gov.in** from 20.04.2022 to 29.04.2022 upto 11.30 A.M. The authority reserves the right to cancel the quotation without assigning any reason thereof.

**Sd./- Superintending Engineer**
**Anandapur Barrage Division, Salapada**
OIPR-32177/11/0002/2223



**Odisha Mining Corporation Ltd.**
**(A Gold Category State PSU)**
**Registered Office : OMC House, Bhubaneswar – 751001, India**
**Tel: 0674-2377400/2377401, Fax: 0674-2396889, 2391629,**
**https://omcltd.in, CIN: U13100OR1956SGC000313**

OMC | ODISHA NEW OPPORTUNITIES | Mining Happiness

**No. 6337/OMC/ 2022**
**Date: 19/04/2022**

**NOTICE**

Pursuant to the Advertisement No. 65/OMC dated 04.01.2022 and Computer Based Test (CBT) conducted on 17.03.2022, the Computer Proficiency Test (CPT) shall be conducted for the post of Jr. Accountant. A notice containing details of Application Sequence No., Roll No. & Name of the provisionally shortlisted candidates to appear the Computer Proficiency Test (CPT) has been displayed in OMC website (https://omcltd.in).

Further, the Document Verification of the provisionally shortlisted candidates for the post of Electrician- III shall be conducted **on 02.05.2022 at OMC House, OMC Ltd (Adjacent to State Assembly), Bhubaneswar-751001**. For this purpose, a notice containing details of Application Sequence No., Roll No. & name of the provisionally shortlisted candidates has been displayed in OMC website (https://omcltd.in).

**Sd/- General Manager (P&A)**

**NB: Candidates are advised to check the OMC website (https://omcltd.in) regularly for further updates**


## ପ୍ରଥମ ପୃଷ୍ଠାରୁ...

### ଦୁର୍ଘଟଣା ପରେ ପିଟି...

ଆନନ୍ଦପୁର ଅଞ୍ଚଳର ସତ୍ୟ ନାରାୟଣ ନନ୍ଦ (୪୫)ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ କର୍ମଚାରୀ ଉତ୍ତରପ୍ରଦେଶର ଫୁଲଚନ୍ଦ୍ର ଶର୍ମାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମୃତଦେହ ରଖି ୩ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ବାଙ୍ଗିରିପୋଷି ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ା ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଅନ୍ୟପକ୍ଷରେ ମେଗା ଜଳସେଚନ ପ୍ରକଳ୍ପ କର୍ମଚାରୀଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଲୋକଙ୍କୁ ପୋଲିସ ଖୋଜୁଥିବାରୁ ସ୍ଥାନୀୟ ଗ୍ରାମ ପୁରୁଷଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି।

### ସୋନପୁର ୪୪.୪ ...

ବେଳେ ଟିଟିଲାଗଡ ୪୩.୫, ବୌଦ୍ଧ ୪୩, ଅନୁଗୋଳ ୪୩.୧, ବାରିପଦା ୪୧, ଝାରସୁଗୁଡା ୪୨.୮, କେନ୍ଦୁଝର ୪୦.୨, ସମ୍ବଲପୁର ୪୨.୪, ସୁନ୍ଦରଗଡ ୪୨.୫, ହୀରାକୁଦ ୪୧.୬, ତାଳଚେର ୪୦.୪, ଭଦ୍ରକ ୪୦, ଢେଙ୍କାନାଳ ୪୦, ଦେବଗଡ ୪୨, ବରଗଡ ୪୦.୫, ନୂଆପଡା ୪୧, ଖୋର୍ଦ୍ଧା ୪୦, ପାରଳାଖେମୁଣ୍ଡି ୪୧ ଏବଂ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

### ସୋଡ଼ା, ରଙ୍ଗରେ ପ୍ରସ୍ତୁତ ...

ଗ୍ରାମରେ ଥିବା ପ୍ୟାକିଂ ସେଣ୍ଟରକୁ ପଠାଉଥିଲେ। ସେଠାରେ ନାମୀଦାମୀ କମ୍ପାନୀର ସର୍ଫ ଏକ୍ସେଲ ରାପରରେ ପ୍ୟାକିଂ କରାଯାଇ ବିକ୍ରି ପାଇଁ ବଜାରକୁ ପଠାଯାଉଥିଲା। ପରେ ପୋଲିସ ଉକ୍ତ ପ୍ୟାକିଂ ସେଣ୍ଟର ଉପରେ ମଧ ଚଢ଼ାଉ କରିଥିଲା। ଲୁଗା ସଫା ସୋଡ଼ା, ରଙ୍ଗ ଓ କେମିକାଲ ମିଶାଇ ଏହି ସାମଗ୍ରୀ ପ୍ରସ୍ତୁତ କରାଯାଉଥିବା ଏସିପି ଜୋନ୍-୧ ଶୁଭନାରାୟଣ ମୁଦୁଲି କହିଛନ୍ତି।

### କେନ୍ଦୁପତ୍ର ସଂଗ୍ରହ ...

କରାଯାଇଛି। ଏହାଦ୍ୱାରା ୮ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ଅନ୍ୟାନ୍ୟ କର୍ମଚାରୀ ଉପକୃତ ହେବେ। କେନ୍ଦୁପତ୍ର ତୋଳାଳିଙ୍କ ମଧ୍ୟରୁ ଅଧିକାଂଶ ଜନଜାତି ମହିଳା। ସେମାନଙ୍କ ଆର୍ଥିକସ୍ଥିତି ସୁଧାରିବାକୁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ସରକାର କେନ୍ଦୁପତ୍ର ବ୍ୟବସାୟର ସମସ୍ତ ଲାଭାଂଶକୁ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ କଲ୍ୟାଣ କ୍ଷେତ୍ରରେ ବିନିଯୋଗ କରୁଛନ୍ତି।

### ପୋଲିସକୁ ଦୋଷ ...

ଲୋକସେବା ଭବନ ଏବଂ ବିଧାନସଭା ଭିତରେ ପଶିବେ। ୪୦ହଜାରରୁ ଉର୍ଦ୍ଧ୍ୱ ଡ୍ରାଇଭର ଏହି ବିକ୍ଷୋଭରେ ସାମିଲ ହେବାକୁ ଆସୁଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ସମ୍ଭାବନା ରହିଛି। ଡ୍ରାଇଭରମାନେ ଉଗ୍ର ହୋଇଥିବାବେଳେ ସେମାନଙ୍କ କାର୍ଯ୍ୟକଳାପ ଆକଳନ କରାଯାଇପାରିବ ନାହିଁ। ତେଣୁ ସେମାନେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ଅଛି। ତେଣୁ ସମ୍ପୂର୍ଣ୍ଣ ସଜାଗ ରହିବା ଆବଶ୍ୟକ। ଘଟଣା ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ଗୋଇନ୍ଦା ନିଜ ରିପୋର୍ଟରେ ଦର୍ଶାଇ ଦେଇଥିଲା। ହେଲେ ଏତେସବୁ ପରେ ମଧ ଗୋଇନ୍ଦା ରିପୋର୍ଟର କିଛି ମାନେ ରହିଲା ନାହିଁ। ଯାହା ହେବ ବୋଲି ସେମାନେ ରିପୋର୍ଟ ଦେଇଥିଲେ ସବୁକିଛି ସେହିପରି ଘଟିଲା ହେଲେ କମିଶନରେଟ ପୋଲିସ ଏହାକୁ ରୋକିବାରେ ବିଫଳ ହେଲା। କୁହାଯାଉଛି, ଡ୍ରାଇଭରମାନଙ୍କ ହାତରେ ଠେଙ୍ଗା, ବାଡ଼ି ଦେଖି ପୋଲିସ ଡରିକି ଖସିଲା ଭଳି ରହିଲା। ପୋଲିସ କାମ ସବୁ ଡ୍ରାଇଭରମାନେ କରି ଚାଲିଲେ। ତେବେ ଡ୍ରାଇଭରମାନେ ଆନ୍ଦୋଳନ କରିବା ସମୟରେ ବହୁ ସାଧାରଣ ଲୋକଙ୍କୁ ହଇରାଣ କରିଥିବାବେଳେ ଅନେକଙ୍କୁ ମାଡ଼ ମାରିବା ସହ ସେମାନଙ୍କ ଗାଡ଼ି ଭାଙ୍ଗି ଦେଇଛନ୍ତି। ଏନେଇ ବିଭିନ୍ନ ଥାନାରେ ୪ଟି ମାମଲା ରୁଜୁ ହୋଇଛି।

ଏହି ଘଟଣାକୁ ନେଇ ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ଗୋଇନ୍ଦା ରିପୋର୍ଟ ଯଦି ରାତି ୧୧ଟାରେ ଆସିବ ଏବଂ ସକାଳ ୭ଟାରେ ଆନ୍ଦୋଳନ ହେବ, ତେବେ କ'ଣ କରାଯିବ। ଗୋଇନ୍ଦା ରିପୋର୍ଟ ଡିସିପିଙ୍କ ନିକଟକୁ ଆସିଥାଏ। ଡ୍ରାଇଭରମାନେ ଆନ୍ଦୋଳନ କରିବା ଦ୍ୱାରା କ'ଣ ହୋଇଛି ବୁଝି ହେଉନି। ୭ ହଜାର ନବ ନିର୍ମାଣ କୃଷକ ସଙ୍ଗଠନ ସଦସ୍ୟ ବିଗତ ଦିନରେ ଆସିଥିଲେ,

Santosh Kumar Mahakud (Dist. President), **Boudh**-(250) led by Bipin Behari Brahma, **Puri**- (1000) led by Budhia Mohapatra(President), **Nayagarh**-(150) led by Abakas Kathua, **Koraput** (300) led by Dillip Kumar Jena (President), **Nabarangpur** ((80) led by Dillip Kumar suna (president), Subham Rao (Scy.), **Rayagada**- (500) led by Jitendra Naik (President), Birendra Turuk (Secy.), **Malkangiri** (100) led by Chittaranjan Behera (President), Saroj Debnath (Vice-President), **Sambalpur** (800) led by Mb Malana (President) Dayanidhi Biswal (Secy.), **Jharsuguda** (100) led by Sonu Suna (President), **Sundargarh** (5000) led by Shanosh Jura (President), Bishnu Charan Swain, **Keonjhar (5000)** led by Harihar Mahanta (President) , **Ganjam**- (500) led by Babu Khan (Dist. President), **Gajapati** (300) led by Santosh Kumar Pujari (Secy.), are likely to participate in the above agitation. The members will come to BBSR on 17.04.2022 night by availing bus/train and shall halt at BBSR by own arrangement. On 18.04.2022 they have programme to stage demonstration at Lower PMG, BBSR for fulfillment of their demands. Previously they had staged demonstration at BBSR on 29.10.2021 for fulfillment of their above demands, but as alleged till date their demands have not been considered. They have threatened that if their demands are not considered at Lower PMG, they will split of into small groups and may force their entry into the residence of Hon'ble CM, Odisha, Residence of Hon'ble Transport Minister, Assembly hall, State Secretariat, etc. to put forth their grievances there inviting embarrassment for the administration. More than **40,000** agitators are expected to participate in the agitation. Due to huge gathering law and order situation cannot be ruled out. As the drivers are unruly, quite aggressive and unpredictable, they may indulge in illegal activities. Law & order situation is highly anticipated. On the above backdrop, request to remain extremely alert to the development, adequate precautionary and preventive measures may please be taken to contain the activities of the Mahasangha members to ward off any eventuality. **Para**. For Zonal S.B Officers only. They are advised to collect and cater intelligence pertaining to no. of participants from their jurisdiction, the name of their leaders, their plans and programmes on SB point of view to concerned Law & Order authorities well in advance under intimation to this Office. Matter urgent.

Superintendent of Police
Special Branch, Odisha, BBSR

ସେମାନଙ୍କୁ ଅଟକାଯାଇଥିଲା ଫଳରେ ସବୁ ମୁଖ୍ୟ ଏନ୍‌ଏଚ୍ ୫ଘଣ୍ଟା ଲେଖା ବନ୍ଦ ହୋଇଥିଲା, ହେଲେ କାଲି ସେଭଳି କିଛି ହୋଇ ନାହିଁ। ଡ୍ରାଇଭରମାନେ ଖାକିରେ ଥିଲେ ପୋଲିସ ମଧ ଖାକିରେ ଥିଲେ ସେଥିଲାଗି କୁହାଯାଉଛି ଯେ, ପୋଲିସ ନ ଥିଲେ। ସେମାନେ ନବୀନ ନିବାସ, ଲୋକସେବା ଭବନ, ବିଧାନସଭା, ମନ୍ତ୍ରୀଙ୍କ ଘରେ ପଶିଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେମାନେ ଯେତେ ଗାଡ଼ିରେ ଆସିଥିଲେ ସେସବୁ ଯଦି ଯାଞ୍ଚ କରାଯାଇଥାନ୍ତା, ତେବେ ଗୋଟିଏ ଗାଡିକୁ ୫ ମିନିଟ ସର୍ବନିମ୍ନ ଲେଖା ନେଇଥିଲେ କେତେ ସମୟ ଯାଇଥାନ୍ତା। ସେମାନେ ଗୋଟିଏ ଦୁଇଟା ଗାଡ଼ି ଭାଙ୍ଗିଛନ୍ତି, ଅଧିକ କିଛି କ୍ଷତି ହୋଇନି ବୋଲି ସୌମେନ୍ଦ୍ର କହିଛନ୍ତି। ଅପରପକ୍ଷରେ ଏକାଧିକ ସ୍ଥାନରେ ଏଭଳି ଘଟଣା ଦେଖିବାକୁ ମିଳିଥିବାବେଳେ ମାତ୍ର ୪ଟି ମାମଲା କମିଶନରେଟ ପୋଲିସ ରୁଜୁ କରିଥିବା ଡିସିପି ଉମାଶଙ୍କର ଦାଶ କହିଛନ୍ତି। ଯେଉଁମାନଙ୍କ ଗାଡ଼ି ଭାଙ୍ଗିଛି ସେମାନଙ୍କୁ ଅଭିଯୋଗ କରିବାକୁ କୁହାଯାଇଛି। କିଛି ସ୍ଥାନରେ ଡ୍ରାଇଭରମାନେ ରାସ୍ତା ଅବରୋଧ ସାଙ୍ଗକୁ ହିଂସା ଘଟାଇବା ସହ ପୋଲିସକୁ ହଇରାଣ କରିଛନ୍ତି। ଲୋକମାନଙ୍କୁ ଠେଲାପେଲା କରିଛନ୍ତି ସେସବୁର ଭିଡିଓ ସଂଗ୍ରହ ଚାଲିଛି। ଆଇନକୁ ହାତକୁ ନେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉମାଶଙ୍କର କହିଛନ୍ତି।


**ADVERTISEMENT**
**ODISHA STATE MARITIME MUSEUM, JOBRA, CUTTACK - 753007**
**CONTRACTUAL EMPLOYMENT NOTICE**
**Notice No. OSMM/01 (CONTR.)/2022**

No. A-69: Applications are invited for the following contractual posts from citizens of India, upon fulfilling the requisite qualifications / eligibility criteria as mentioned below on prescribed format. Applications duly completed in all respect along with all the requisite documents, duly self-attested and affidavit thereof should be addressed to **"The Superintending Engineer, Mahanadi South Division-I Cum Member Secretary, OSMM, Cantonment Road, Cuttack -753001"** and sent by Regd. Post / Speed post or submitted in person dropping in the designated sealed box kept in the office of the Superintending Engineer, Mahanadi South Division-I, Cantonment Road, Cuttack - 753001.

| Sl. No. | Post | No. of Post | Category | Remuneration /Month (in Rs.) | Minimum Educational Qualification | Minimum Experience in relevant field | Age Limit |
|---|---|---|---|---|---|---|---|
| 1 | Curator (General) | 1 | UR | 30000 | M.A. in History with specialization in Culture, Art & Archeology/Odisha History | Min. 3 years | |
| 2 | Asst. Curator (General) | 2 | - do - | 20000 | Same as Sl. 1 | Min. 2 years | |
| 3 | Asst. Curator (Technical) | 1 | - do - | 20000 | Diploma/Degree in Civil Engg. with Computer Knowledge | Min. 7 years | Asst. Engineer & above person with in the age of 65 yrs. |
| 4 | Store Keeper | 1 | - do - | 10000 | Graduation in any Discipline with knowledge of Computer | Min. 2 years | |
| 5 | Care Taker | 1 | - do - | 10000 | - do - | Min. 2 years of working in Institution | |
| 6 | Asst. Librarian cum Media Centre In-charge | 1 | - do - | 10000 | B.Lab., Science with knowledge of Computer | Min. 2 years of working in library | |
| 7 | Account Assistant | 1 | - do - | 9500 | Graduation in any Discipline with Knowledge of Computer | Min. 2 years in Auditing, Accounting | |
| 8 | Electrician | 1 | - do - | 8750 | ITI in Electrical Trade | Min. 3 years | |
| 9 | Computer Programmer-cum-Assistant | 2 | - do - | 8880 | Graduation in any Discipline with MCA | Min. 3 years | |
| 10 | Gallery Attendant (Tech.) | 3 | - do - | 8000 | ITI/Diploma (Mech.) | Min. 3 years | Knowledge in Hindi & Odia |
| 11 | Gallery Attendant (Non-Tech.) | 6 | - do - | 8000 | Graduation in History, Culture | Min. 3 years | Knowledge in Hindi & Odia |

**Note:-** All the posts are contractual for a period of 1(one) year only. The number of vacancies are provisional and can be modified at any stage of recruitment process. The appointment is purely temporary and can not be claimed for regularization. The authority reserves all the rights in respect of the recruitment.
All other details can be seen on the website **www.odishastatemaritimemuseum.org.in**.

**Sd./- Superintending Engineer,**
**Mahanadi South Division No I, Cuttack**
OIPR-32024/11/0001/2223

# ସୂର୍ଯ୍ୟମୁଖୀରେ ପତ୍ରଚିତା ରୋଗ ନିୟନ୍ତ୍ରଣ

ସୂର୍ଯ୍ୟମୁଖୀ ଚାଷରେ ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ । କଳଙ୍କି ରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ସକାଶେ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ୍ତୁ । ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ।



# ଆଳୁ ଅମଳ ପରେ...

ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକିପାରିବେ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ, ଯେପରି କି ଆଳୁ କଟି ନ ଯାଏ। ଯଦି କାଁ ଭାଁ କିଛି ଆଳୁ କଟିଯାଏ କିମ୍ବା ଆଘାତ ପାଏ, ସେଗୁଡ଼ିକୁ ଅଲଗା କରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ। ଆଳୁ ଖୋଳିବା ପରେ ତାହାକୁ ବାୟୁ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ ।



# ଅଧିକ ଅମଳକ୍ଷମ ସୋରିଷ

ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ଲାଗି ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ସକାଶେ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. - ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରଡିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



# ନଳିତା: ବୁଣିବା ପୂର୍ବରୁ...



ନଳିତା ଶେଷ ଓଡ଼ ଚାଷରେ ଅର୍ଥାତ ପିତା ନଳିତାରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ମଧୁର ନଳିତାରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ । ନଳିତା ବୁଣିବା ପାଇଁ ମାଟିକୁ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଧାଡ଼ିରେ ବୁଣିଲେ ନିର୍ବାଚିତ କିସମରୁ ହେକ୍ଟର ପ୍ରତି ୭.୫ କି.ଗ୍ରା. ପିତା ନଳିତା ବା ୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ । ଛଟାବୁଣା କରୁଥିଲେ ହେକ୍ଟର ପ୍ରତି ୧୦ କି.ଗ୍ରା. ପିତା ନଳିତା ବା ୭.୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ । ମଧୁର ନଳିତା ୨୫ ସେ.ମି. x ୧୦ ସେ.ମି. ବ୍ୟବଧାନ ଓ ପିତା ନଳିତା ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୨ ଗ୍ରାମ୍ କାର୍ବୋକ୍ସିନ୍ ସହିତ ଥିରାମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।

# ଡାଲିଜାତୀୟ ଫସଲ ସମ୍ପର୍କରେ..



ଡାଲିଜାତୀୟ ଫସଲ ଚାଷ କରୁଥିଲେ ପ୍ରଥମେ ଜମିକୁ ଭଲ ଭାବରେ ଚାଷକରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ୧ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% X ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ବିଷ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲରେ ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

# ଚାଷୀଙ୍କ ପାଇଁ

- ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ସମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଉପାଡ଼ି ଦିଅନ୍ତୁ।
- ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ସମୟ। ଜମିକୁ ଭଲଭାବରେ ଚାଷକରି ଏହି ଫସଲ ଲଗାନ୍ତୁ। ସବୁ ସମୟରେ ଏହିଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବ୍ୟବହାର କରନ୍ତୁ।
- ଚିନାବାଦାମ ଅମଳଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ । ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।



- ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛି ଦିଅନ୍ତୁ ।
- ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତ କରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ ।
- ଛତୁଚାଷୀମାନେ ମନେରଖନ୍ତୁ ଏବେ ଛତୁଘର ବିଶୋଧନ କରି ପାଳଛତୁ ଚାଷ ଆରମ୍ଭ କରିଦିଅନ୍ତୁ ।

# ଫଳଚାଷ



ଡ. ପରେଶ କୁମାର ପଣ୍ଡା

ଫଳଚାଷ ବହୁ ପୁରାତନ ସମୟରୁ ହୋଇଆସୁଛି । ଏପରିକି ୩୫୦୦ ବର୍ଷ ତଳୁ ଲୋକମାନେ ବିଭିନ୍ନ ପ୍ରକାର ଫଳଚାଷ କରୁଥିବା ଅନେକ ପ୍ରମାଣ ମିଳୁଛି। ଆମ ରାଜ୍ୟରେ ବିଶେଷ କରି ଆମ୍ବ, ନଡ଼ିଆ, ପିଜୁଳି ଓ ପଣସ ଉତ୍ପାଦିତ ହୋଇଥାଏ। ଏହିସବୁ ଫଳ

ଫଳବଗିଚାଗୁଡ଼ିକରେ ମହୁ ଚାଷ କରି ଅଧିକ ଲାଭବାନ୍ ହେବାର ସୁଯୋଗ ରହିଛି। ଫଳଚାଷ ହେଉଥିବା ଅଞ୍ଚଳରେ ନାନା ପ୍ରକାର ଶିଳ୍ପ ପ୍ରତିଷ୍ଠା କରି ବହୁ ଲୋକଙ୍କୁ ନିଯୁକ୍ତି ଦିଆଯାଇପାରେ। ଫଳଗଛ ବୟସ୍କ ହେଲେ, ତା' କାଠରୁ ଆସବାବପତ୍ର ତିଆରି ହୁଏ ଏବଂ ଡାଳପତ୍ରକୁ ଜାଳେଣି ରୂପେ ବ୍ୟବହାର କରାଯାଇଥାଏ। ଆହୁରି ମଧ୍ୟ ଫଳକୁ ସଂରକ୍ଷଣ କରି ରଖିପାରିଲେ ବର୍ଷର ଯେକୌଣସି ସମୟରେ ତାହାକୁ ବଜାରକୁ ପଠାଯାଏ ଓ ଭଲ ରୋଜଗାର ହୋଇଥାଏ।

"ଉଦ୍ୟାନ ଫସଲଗୁଡ଼ିକୁ ଥରେ ଲଗାଇଲେ ବେଶିଦିନ ରହିପାରେ। ତେଣୁ ତାହାର ପରିଚାଳନା ସହଜ ଓ କମ୍ ବ୍ୟୟସାପେକ୍ଷ ହୋଇଥାଏ। ଅନେକ ଅଞ୍ଚଳରେ ଲୋକ ଫଳ ଓ ପନିପରିବା ପରିବହନ ପାଇଁ ଅନେକ ଯାନବାହନ ଦରକାର ହେଉଥିବାରୁ ଲୋକଙ୍କୁ କର୍ମନିଯୁକ୍ତି ଦିବସ ଅଧିକ ମିଳିଥାଏ। ସୁତରାଂ, ଉଦ୍ୟାନ ଫସଲ ବିଲ ଫସଲଠାରୁ ଅଧିକ ଲାଭଦାୟକ।"

ଉଦ୍ୟାନ ଫସଲଗୁଡ଼ିକୁ ଥରେ ଲଗାଇଲେ ବେଶିଦିନ ରହିପାରେ। ତେଣୁ ତାହାର ପରିଚାଳନା ସହଜ ଓ କମ୍ ବ୍ୟୟସାପେକ୍ଷ ହୋଇଥାଏ। ଅନେକ ଅଞ୍ଚଳରେ ଲୋକ ଫଳ ଓ





ସଂରକ୍ଷିତ ହୋଇରହେ। ଅଧିକନ୍ତୁ, ଫଳଗଛ ମରୁଡ଼ି ସହିପାରେ। ତେଣୁ ଖାଦ୍ୟ ନିରାପତ୍ତା ପାଇଁ ସେସବୁ ଅଞ୍ଚଳରେ ଆମ୍ବ, ପିଜୁଳି, ଡାଳିମ୍ବ,ସୀତାଫଳ ଓ ଲେମ୍ବୁ ଇତ୍ୟାଦିର ବ୍ୟବସାୟିକ ଫଳଚାଷ ବ୍ୟାପକସ୍ତରରେ କରାଯାଇପାରିବ।

**ବନ୍ୟାଞ୍ଚଳରେ ଫଳଚାଷ :** ବନ୍ୟାପ୍ଲାବିତ ଅଞ୍ଚଳରେ ନଡ଼ିଆ, ଆମ୍ବ, ପିଜୁଳି ଓ ଅମୃତଭଣ୍ଡା ଇତ୍ୟାଦି ଚାଷକଲେ ସେଥିରୁ ଭଲ ଆୟ ମିଳିଥାଏ। ବାଡ଼ିବଗିଚାରେ କିଛି ଫଳଗଛ ଲଗାଇଥିଲେ, ସେଥିରୁ ହେଉଥିବା ଆୟରେ ବୃଦ୍ଧାବସ୍ଥାରେ ଯେନତେନ ପ୍ରକାରେ ଚାଷୀମାନେ ଚଳିଯାଆନ୍ତି।

ପନିପରିବା ପରିବହନ ପାଇଁ ଅନେକ ଯାନବାହନ ଦରକାର ହେଉଥିବାରୁ ଲୋକଙ୍କୁ କର୍ମନିଯୁକ୍ତି ଦିବସ ଅଧିକ ମିଳିଥାଏ। ସୁତରାଂ, ଉଦ୍ୟାନ ଫସଲ ବିଲ ଫସଲଠାରୁ ଅଧିକ ଲାଭଦାୟକ।

**ଗ୍ରୀଷ୍ମ ମଣ୍ଡଳୀୟ ଫଳ :** ଆମ ରାଜ୍ୟରେ ପ୍ରାୟତଃ ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁ ହୋଇଥିବାରୁ ଆମ୍ବ, ନଡ଼ିଆ, ପଣସ, କଦଳୀ, ସପୁରି, କାଜୁବାଦାମ, ଅମୃତଭଣ୍ଡା, ପିଜୁଳି ଫଳଚାଷ ଭଲ ହୋଇଥାଏ। ଉଦ୍ୟାନ ଫସଲ ବ୍ୟବସାୟିକ ଭିତ୍ତିରେ କରିବା ପୂର୍ବରୁ କେଉଁ ପ୍ରକାର ଫସଲ କରାଯିବ ଓ କେଉଁ ସ୍ଥାନରେ କରାଯିବ ତାହା ନିରୂପଣ କରିବାକୁ ହୁଏ।

ବିଶେଷକରି କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ରାୟଗଡ଼ା, ଫୁଲବାଣୀ ଏବଂ ସୁନ୍ଦରଗଡ଼ ଜିଲାରେ ଅଧିକ ଚାଷ ହୋଇଥାଏ। ଆହୁରି ମଧ୍ୟ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ରାୟଗଡ଼ା, କୋରାପୁଟ ଏବଂ ବାଲେଶ୍ୱର ଜିଲାରେ କଦଳୀଚାଷ ; ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର ଜିଲାରେ ସପେଟା ; ଅନୁଗୋଳ ଜିଲାରେ ଲିଚୁଚାଷ ଖୁବ୍ ଲୋକପ୍ରିୟ। ଆମ ରାଜ୍ୟରେ ମୋଟ ୩,୪୦, ୪୮୦ ହେକ୍ଟର ଫଳଚାଷ ଅଞ୍ଚଳ ଓ ୨୪, ୦୨,୩୦୦ ମେଟ୍ରିକ ଟନ୍ ଫଳ ଉତ୍ପାଦନ ହେଉଛି।

ଆମ ଦେଶରେ ନାନା ପର୍ବପର୍ବାଣିରେ ବିଭିନ୍ନ ପ୍ରକାର ଫଳ ପୂଜାରେ ଲାଗିଥାଏ। ଏଥିରେ ବିଭିନ୍ନ ପ୍ରକାର ଧାତବ ଲବଣ ଓ ଭିଟାମିନ୍ ରହିଥାଏ, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଆବଶ୍ୟକ। ଫଳଗଛର ଚେର, ମୂଳ, ପତ୍ର ଏବଂ ଛେଲି ଇତ୍ୟାଦିକୁ ଔଷଧ ରୂପେ ବ୍ୟବହାର କରାଯାଏ। ଫଳଚାଷ ଖୁବ୍ ଲାଭଜନକ, ଫଳଗୁଡ଼ିକରେ ଜୈବିକ ଅମ୍ଳ ରହିଥାଏ। ଫଳ ଖାଇଲେ ହଜମ ଶକ୍ତି ବଢ଼ିଯାଏ ଏବଂ ଭୋକ ଠିକ୍ ସମୟରେ ହୋଇଥାଏ। ଫଳରସ ରୋଗୀମାନଙ୍କ ପାଇଁ ଖୁବ୍ ଉପକାରୀ। ବ୍ୟବହାର କରାଯାଇପାରିବ।

ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତି ଦିନକୁ ୮୫ ଗ୍ରାମ ଫଳ ଖାଇବା ଆବଶ୍ୟକ। ରୋଗ ହେଲେ ଆମ ଦେଶର ଲୋକମାନେ ଫଳକୁ ପଥ୍ୟ ହିସାବରେ ଖାଇଥାଆନ୍ତି। ଭିଟାମିନ୍ 'ଏ' ଅଭାବରୁ ଅନ୍ଧାରକଣା, ଭିଟାମିନ୍ 'ବି' ଅଭାବରୁ ବେରିବେରି ଓ ପେଲେଗ୍ରା ରୋଗ ହୁଏ। ଭିଟାମିନ୍ 'ସି' ଅଭାବରୁ ସ୍କର୍ଭି ରୋଗ ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଅମୃତଭଣ୍ଡା, ଆମ୍ବ, କମଳା, ଗାଜର ପ୍ରଭୃତିରୁ ଯଥେଷ୍ଟ ପରିମାଣର ଭିଟାମିନ୍ 'କେ' ମିଳିଥାଏ। କାଜୁବାଦାମ, ସେଓ, ନାସ୍‌ପାତିରୁ ଭିଟାମିନ୍ 'ବି' ମିଳିଥାଏ। କମଳା, ଲେମ୍ବୁ, ଅଁଳା, ପିଜୁଳି ପ୍ରଭୃତିରୁ ଭିଟାମିନ୍ 'ସି' ପ୍ରଚୁର ପରିମାଣରେ ମିଳିଥାଏ। ତା'ସହ ପନିପରିବା ଏବଂ ଫଳରୁ ବିଭିନ୍ନ ଧାତବ ଲବଣ ମିଳିଥାଏ। ଏଥିଲାଗି ଖରାଦିନେ ଥଣ୍ଡା ଫଳରସ ପିଇଲେ ଶରୀର ସୁସ୍ଥ ରହେ। ମନୁଷ୍ୟ ଶରୀରର ବିକାଶ ପାଇଁ ସ୍ରଷ୍ଟା ବିଭିନ୍ନ ଖାଦ୍ୟପଦାର୍ଥ ସୃଷ୍ଟି କରିଛନ୍ତି। ଏହି ପରିପ୍ରେକ୍ଷୀରେ କଞ୍ଚାଫଳ ଶରୀର ପାଇଁ ନିହାତି ଜରୁରୀ। ଏଥିରେ ଥିବା ପୋଷକ ତତ୍ତ୍ୱ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। କଞ୍ଚାଫଳ ସେବନ ଦ୍ୱାରା ମୋଟାପଣରୁ କେତେକାଂଶରେ ରକ୍ଷା ମିଳିଥାଏ। ଜଣେ ସୁସ୍ଥ ମଣିଷ ପ୍ରତ୍ୟହ ସକାଳେ କଞ୍ଚାଫଳ ସେବନ କଲେ ସମ୍ପୂର୍ଣ୍ଣ ନୀରୋଗ ଜୀବନ ବିତାଇପାରିବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଦର୍ଶାଇଛନ୍ତି।

ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ୍ୟ ସେହିପରି ଲାଭଜନକ। ଏକ ଏକର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ପ୍ରାୟ ୧୫୦-୨୨୦ କୁଇଣ୍ଟାଲ ଫଳ ମିଳେ ଯାହାର ମୂଲ୍ୟ ଅତିକମ୍‌ରେ ୧.୫ ଲକ୍ଷ ଟଙ୍କା ହେବ। ସେହିପରି ଏକ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ଼ ଓ ନଡ଼ିଆର ଦାମ୍ ବାବଦରେ ପ୍ରାୟ ୨ଲକ୍ଷ ଟଙ୍କା ମିଳିଥାଏ। ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ରୋଷେଇ ଯୋଗୁ ଭିଟାମିନ୍ ହ୍ରାସ ପାଏ। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ।

**ମରୁଡ଼ି ଅଞ୍ଚଳରେ ଫଳଚାଷ :** ଆମ ରାଜ୍ୟ ଫଳଚାଷ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ପ୍ରାୟ ୬୦ ଭାଗ ଜମିରେ ଜଳସେଚନର ସୁବିଧା ନାହିଁ। ପୁଣି ସେହି ସବୁ ପାହାଡ଼ିଆ ଅଞ୍ଚଳରେ ଫଳଚାଷ ଭଲ ହୁଏ। ଫଳଗଛ ଲଗାଇବା ଦ୍ୱାରା ମାଟିରେ ପାଣି ସଞ୍ଚୟ ହେବା ସହ ଉର୍ବରିଆ ମାଟି



**ସୁସ୍ଥ ପରିବେଶ :** ଫଳଚାଷ ରାଜ୍ୟରେ ଚାଷୀମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ସହ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

**ଅମଳ ଓ ବିପଣନ :** ପରିବା ପାଇଁ ବ୍ୟବହୃତ ଫଳ କଞ୍ଚା ଅବସ୍ଥାରେ ତୋଳାଯାଏ। ପାକଳ ଫଳକୁ ତୋଳି କାଗଜରେ ମୋଟାକରି ଗୁଡ଼ାଇ କାଠ କିମ୍ବା ପ୍ଲାଷ୍ଟିକ ଝୁଡ଼ିରେ ପ୍ୟାକିଂ କରି ଯଥା-ଜଳବାୟୁ ଓ ମୃତ୍ତିକା, ଗମନାଗମନ ସୁବିଧା, ବିଜୁଳି ଓ ଜଳସେଚନ ସୁବିଧା, ଆଖପାଖରେ ଶୀତଳଭଣ୍ଡାରର ସୁବିଧା, ଶ୍ରମିକ ମିଳିବା ଏବଂ ବାଡ଼ବନ୍ଦୀ (ସବୁଜ ବାଡ଼ ଯଥା-କଣ୍ଟାସିରିସ, ବିଲାତିକଣ୍ଟା, ବିଲାତି କଇଁଆ, କରୋନ୍ଦା) ଇତ୍ୟାଦି।

(କ୍ରମଶଃ...)

-ବ୍ଲକ୍ କୃଷି ଅଧିକାରୀ, ଯାଜପୁର
ମୋ : ୭୨୦୫୦୯୬୦୮୦

# ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଦମନ

ବର୍ତ୍ତମାନ ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ଡାଲୁଅଧାନରେ କାଣ୍ଡବିନ୍ଧା



ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ସକାଶେ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ଲାଗି ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଆରସିବିକୁ ବିଜୟୀ କଲେ ଡୁ'ପ୍ଲେସି, ହାଜେଲଉଡ୍

ମୁମ୍ବାଇ,୧୯।୪

ଅଧିନାୟକ ଫାଫ ଡୁ'ପ୍ଲେସିଙ୍କ ୯୬ ରନ୍‌ର ଇନିଂସ ପରେ ଜୋଶ ହାଜେଲଉଡ୍‌ଙ୍କ ଦମଦାର ବୋଲିଂ ଯୋଗୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ୧୮ ରନ୍‌ରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସକୁ ହରାଇ ଦେଇଛି। ଏହି ବିଜୟ ଯୋଗୁ ଆରସିବି ୭ ମ୍ୟାଚ୍‌ରୁ ୧୦ ପଏଣ୍ଟ ସହ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଲକ୍ଷ୍ନୌ (୮ ପଏଣ୍ଟ) ୭ ମ୍ୟାଚ୍‌ରୁ ୩ୟ ପରାଜୟ ସହ ଚତୁର୍ଥ ସ୍ଥାନରେ ରହିଛି।

ଟସ୍ ଜିତି ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ ବୋଲିଂ ନିଷ୍ପତ୍ତି ନେଇଥିଲେ, ଯାହାକୁ ସଠିକ୍ ପ୍ରମାଣ କରି ଦେଖାଇଥିଲେ ଦୁଶମନ୍ଥା ଚମିରା। ସେ ପ୍ରଥମ ଓଭରରେ ଅନୁଜ ରାଓ୍ୱତ (୪) ଏବଂ ବିରାଟ କୋହଲିଙ୍କୁ ପ୍ୟାଭିଲିଅନ ପଠାଇଥିଲେ। ଫର୍ମରେ ନ ଥିବା କୋହଲି ଖାତା ଖୋଲିବା ପୂର୍ବରୁ ପ୍ରଥମ ବଲରେ ହିଁ ଆଉଟ୍ ହୋଇଥିଲେ। ତା' ପରେ ଗ୍ଲେନ ମ୍ୟାକ୍ସୱେଲ (୨୩ ରନ୍, ୩ ଚୌକା ଓ ୧ ଛକା) ଓ ସୁୟଶ ପ୍ରଭୁଦେଶାଇ (୧୦)ଙ୍କ ଉଇକେଟ ପଡ଼ିଯିବାରୁ ଆରସିବି ୬୪ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। କିନ୍ତୁ ଶାହବାଜ ଅହମ୍ମଦ(୨୬)ଙ୍କ ସହ ମିଶି ଅଧିନାୟକ ଡୁପ୍ଲେସି ୫ମ ଉଇକେଟ ପାଇଁ ଦଳୀୟ ସ୍କୋରରେ ୭୦ ରନ୍ ଯୋଡ଼ିଥିଲେ। ଶେଷ ୫ ଓଭରରେ ଡୁ'ପ୍ଲେସି ଓ ଦୀନେଶ କାର୍ତ୍ତିକ(୧୩*) ୪୯ ରନ୍ ଯୋଡ଼ିଥିଲେ। ଫଳରେ ଆରସିବି ୨୦ ଓଭରରେ ୬ ଉଇକେଟ ହରାଇ ୧୮୧ ରନ୍ କରିଥିଲା। ଅନ୍ତିମ ଓଭରରେ ଆଉଟ୍ ହୋଇଥିବା ଡୁ'ପ୍ଲେସି ୬୪ ବଲରେ ୯୬ ରନ୍ କରିଥିଲେ। ତାଙ୍କ ଇନିଂସରେ ସାମିଲ ଥିଲା ୧୧ ଚୌକା ଓ ୨ ଛକା। ଲକ୍ଷ୍ନୌ ପକ୍ଷରୁ ଜାସନ ହୋଲ୍ଡର ଓ ଚମିରା ୨ ଲେଖାଏ ଉଇକେଟ ନେଇଥିବା ବେଳେ କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଉଇକେଟ ହାତେଇଥିଲେ।

ଜବାବରେ ଲକ୍ଷ୍ନୌ ଆରମ୍ଭରୁ କ୍ୱିଣ୍ଟନ ଡି'କକ୍ (୩) ଓ ମନୀଷ ପାଣ୍ଡେ (୬)ଙ୍କ ଉଇକେଟ ହରାଇଥିଲା। ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା(୪୨ ରନ୍, ୫ ଚୌକା ଓ ୨ ଛକା)ଙ୍କ ସହ ମିଶି

## ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୧୮ ରନ୍‌ରେ ପରାସ୍ତ

ଅଧିନାୟକ ଲୋକେଶ ରାହୁଲ (୩୦) ଦଳୀୟ ସ୍ଥିତି ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ହେଲେ ଦୁହିଁଙ୍କ ଉଇକେଟ ପଡ଼ିବା ପରେ ଅନ୍ୟ କୌଣସି ବ୍ୟାଟର ଆରସିବି ବୋଲରଙ୍କ ଆଗରେ ତିଷ୍ଠି ପାରି ନ ଥିଲେ। ଫଳରେ ଲକ୍ଷ୍ନୌ ୨୦ ଓଭରରେ ୮ ଉଇକେଟ ହରାଇ ୧୬୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଆରସିବି ପାଇଁ ଜୋଶ ହାଜେଲଉଡ୍ ୪ ଓ ହର୍ଷଲ ପଟେଲ ୨ଟି ଏବଂ ମହମ୍ମଦ ସିରାଜ ଏବଂ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୮୧/୬(ଫାଫ ଡୁ'ପ୍ଲେସି ୯୬, ଶେହବାଜ ଅହମ୍ମଦ ୨୬, ଜାସନ ହୋଲ୍ଡର ୨/୨୫, ଦୁଶମନ୍ଥା ଚମିରା ୨/୩୧)। ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୧୬୩/୮ (କ୍ରୁନାଲ ପାଣ୍ଡ୍ୟା–୪୨, କେ.ଏଲ୍. ରାହୁଲ–୩୦, ମାର୍କସ ଷ୍ଟୋଇନିସ୍–୨୪, ଜୋସ୍ ହାଜେଲଉଡ୍–୪/୨୫, ହର୍ଷଲ ପଟେଲ–୨/୪୭)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଫାଫ୍ ଡୁ'ପ୍ଲେସି।

## ଆଇପିଏଲ୍-୧୫

### ଆଜିର ମ୍ୟାଚ

**ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗ୍ସ**

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୬ | ୫ | ୧ | ୧୦ | +୦.୩୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୭ | ୫ | ୨ | ୧୦ | +୦.୨୫୧ |
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୮ | +୦.୩୮୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୭ | ୪ | ୩ | ୮ | +୦.୧୨୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୪ | ୨ | ୮ | -୦.୦୭୭ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୧୬୦ |
| ପଞ୍ଜାବ କିଙ୍ଗ୍ସ | ୬ | ୩ | ୩ | ୬ | +୦.୧୦୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୩ | ୨ | ୪ | +୦.୨୧୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୬ | ୧ | ୫ | ୨ | -୦.୬୩୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୦ | ୬ | ୦ | -୧.୦୪୮ |







## ସଂକ୍ଷେପରେ

### ବଜାରରେ ଦମ୍ପତିଙ୍କ ଗଣ୍ଡଗୋଳ, ଥାନାରେ ମାମଲା

**ପାଣିକୋଇଲି,୧୯।୪(ଡି.ଏନ.ଏ.):** ପାଣିକୋଇଲି ବଜାରର ଯାଜପୁରରୋଡ୍ ରାସ୍ତାରେ ମଙ୍ଗଳବାର ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏନେଇ ଥାନାରେ ଏକ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଭଦ୍ରକ ଜିଲା ଭଣ୍ଡାରୀ ପୋଖରୀ ଥାନା ସାରୋ ଗ୍ରାମର ଶେଷଦେବ ଦାସ ୬ ବର୍ଷ ତଳେ କୁଆଖିଆ ଥାନା ପାରିକଇଞ୍ଚ ମସୁରପୁର ଗ୍ରାମର ବିଦ୍ୟାଧର ମଲ୍ଲିକଙ୍କ ଝିଅ ରଶ୍ମିରେଖାଙ୍କୁ ପ୍ରେମ ବିବାହ କରିଥିଲେ। ରଶ୍ମିରେଖା ଏକ ଫାଇନାନ୍ସ କମ୍ପାନୀରେ ଚାକିରି କରନ୍ତି। ତେବେ ସେହି କମ୍ପାନୀର ଜଣେ ଯୁବକଙ୍କ ସହ ରଶ୍ମିରେଖାଙ୍କ ସମ୍ପର୍କ ଥିବା ନେଇ ୬ମାସ ହେଲା ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଜାରି ରହିଥିଲା। ରଶ୍ମିରେଖା ଭଣ୍ଡାରୀପୋଖରୀ ଥାନାରେ ଶେଷଦେବଙ୍କ ବିରୋଧରେ ଅଭିଯୋଗ ପରେ ଯୌତୁକ ନିର୍ଯାତନା ନେଇ ଏକ ମାମଲା ରୁଜୁ ହୋଇଛି। ମାତ୍ର ରଶ୍ମିରେଖାଙ୍କ କାର୍ଯ୍ୟକଳାପ ଉପରେ ଶେଷଦେବଙ୍କ ସନ୍ଦେହ ରହିଥିଲା। ମଙ୍ଗଳବାର ରଶ୍ମିରେଖା ଘରୁ କୋର୍ଟ ଯିବା ବାହାନାରେ ବାହରିଥିଲେ। ଶେଷଦେବ ତାଙ୍କୁ ବସ୍‌ରେ ଆଣି ବସାଇଥିଲେ। ତେବେ ତାଙ୍କର ସନ୍ଦେହହେବାରୁ ସେ ରଶ୍ମିରେଖାଙ୍କ ପିଛା କରିଥିଲେ। ପାଣିକୋଇଲି ବଜାରର ଯାଜପୁରରୋଡ୍ ରାସ୍ତାରେ ରଶ୍ମିରେଖା ଫୋନରେ କାହା ସହ କଥା ହେଉଥିଲେ। ସେହି ସମୟରେ ଶେଷଦେବ ସନ୍ଦେହ କରୁଥିବା ଯୁବକ ଏକ ବାଇକରେ ଆସିଥିଲେ। ଫଳରେ ଶେଷଦେବ ଉତକ୍ଷିପ୍ତ ହୋଇ ରଶ୍ମିରେଖାଙ୍କ ମୋବାଇଲ ଛଡ଼ାଇନେବା ସହ ତାଙ୍କୁ ଚାପୁଡ଼ା ମାରିଥିଲେ। ଘଟଣାସ୍ଥଳରେ ବହୁଲୋକ ରୁଣ୍ଡ ହେବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇଥିଲା। ଏନେଇ ଏକ ମାମଲା ନଂ.୮୮/୨୨ ରୁଜୁ ହୋଇଛି।

### ବୈରୀ ଥାନା ପକ୍ଷରୁ ଜଳଛତ୍ର

**ଛତିଆ,୧୯।୪(ଡି.ଏନ.ଏ.):** ବୈରୀ ଥାନା ପୋଲିସ ପକ୍ଷରୁ ଏକ ଜଳଛତ୍ର ଖୋଲାଯାଇଛି। ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ପଥିକଙ୍କ ତୃଷା ନିବାରଣ ପାଇଁ ସୋଲର ଛକରେ ମଙ୍ଗଳବାର ଏହି ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଥାନା ଆଇଆଇସି ସଙ୍ଘମିତ୍ରା ନାୟକ ଯୋଗଦେଇ ଜଳଛତ୍ର କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏସ୍‌ଆଇ ସୁବ୍ରତ ସାହୁ, ଜହର ଆବିଦିନ, ନିରଞ୍ଜନ ବେହେରା, ଅଶରଫ ଅଲ୍ଲି, ଅକ୍ଷୟ ବେହେରା, ଦିଲୀପ ନାୟକ, ସୋଲର ସରପଞ୍ଚ ବିଜୟ ସ୍ୱାଇଁ, ସାମାଜିକ କର୍ମୀ ଗଙ୍ଗାଧର ଦାସ ଓ ମାଧବାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଦଶାଶ୍ୱମେଧ ଘାଟ ସଫେଇ ପାଇଁ ବୈଠକ

**ଯାଜପୁର ଟାଉନ,୧୯।୪(ଡି.ଏନ.ଏ.):** ଯାଜପୁରର ବୈତରଣୀ ଦଶାଶ୍ୱମେଧ ଘାଟକୁ ପିଣ୍ଡ, ଶ୍ରାଦ୍ଧ ଓ ବୁଡ ପକାଇବା ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଶହ ଶହ ଲୋକେ ଆସିଥାନ୍ତି। ଏହି ଘାଟଟି ଅପରିଷ୍କାର ଓ ଅପରିଚ୍ଛନ୍ନ ଭାବେ ଥିବାରୁ ଶ୍ରଦ୍ଧାଳୁମାନେ ଅସନ୍ତୋଷ ପ୍ରକାଶ କରିଥାନ୍ତି। ତେଣୁ ଏହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ବୈତରଣୀ ପଣ୍ଡା ସମିତି ସଦସ୍ୟମାନେ ଅଣ୍ଟା ଭିଡିଛନ୍ତି। ଏଥିପାଇଁ ପଣ୍ଡା ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପନଗରପାଳ ସନ୍ତୋଷ ମଲ୍ଲିକ, ସମରଜିତ ମହାନ୍ତି, ଉମାକାନ୍ତ ପରିଡା, ଧର୍ମେନ୍ଦ୍ର ରାଉତ, ସୁଶାନ୍ତ ଖୁଣ୍ଟିଆଙ୍କ ସମେତ ପଣ୍ଡା ସମିତିର ସଦସ୍ୟମାନେ ଉପସ୍ଥିତ ରହି ଦଶାଶ୍ୱମେଧ ଘାଟକୁ କିପରି ପରିଷ୍କାର ପରିଚ୍ଛନ୍ନ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

# ପ୍ରଦୂଷଣର ବିଷ ଢୋକୁଛନ୍ତି ଧୂଳିଗଡ଼ବାସୀ

**ଯାଜପୁର ଅଫିସ,୧୯।୪**

କଳିଙ୍ଗନଗର ଶିଳ୍ପ ପ୍ରଦୂଷଣର ଭୟାବହତା ଏବେ ଗ୍ରାମବାସୀଙ୍କୁ କବଳିତ କରିଛି। ସିମେଣ୍ଟ କାରଖାନା ଏବଂ ରେଲୱେ ସାଇଡିଂ ଘେରରେ ରହି ଦିନ କାଟୁଥିବା ଏହି ଗ୍ରାମବାସୀ ନାନା ରୋଗରେ ପୀଡ଼ିତ ହେଉଛନ୍ତି। ପ୍ରଦୂଷଣ ପ୍ରଭାବରେ ଗାଁର ପାଣି, ପବନ, ମୃତ୍ତିକା ସବୁ ବିଷ ପାଲଟିଛି। ସ୍ୱଚ୍ଛ ପାଣି ଟୋପାଏ ପାଇବା ଉପରୋକ୍ତ ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇଛି। ଏହାର ପ୍ରତିକାର ପାଇଁ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। କୌଣସି ଶିଳ୍ପ ସଂସ୍ଥା ପ୍ରଦୂଷଣ ନିୟମ ଓ ଗାଇଡ୍‌ଲାଇନ୍‌କୁ ମାନୁ ନ ଥିବାରୁ ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ମର୍ମରେ ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ସେମାନେ ଦର୍ଶାଇଛନ୍ତି, କଳିଙ୍ଗନଗରରେ ଥିବା ଛୋଟ ବଡ଼ କଳ କାରଖାନା ଓ ରେଲୱେ ସାଇଡିଂରୁ ନିର୍ଗତ ହେଉଥିବା ଜିଙ୍କ୍‌ର ଗୁଣ୍ଡ, କୋଇଲା, କ୍ରୋମାଇଟ୍ ଓ ଲୁହାପଥର ଗୁଣ୍ଡ ସହିତ ଧୂଳି, ଧୂଆଁ ପରିବେଶକୁ


ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଏସ୍‌ଏଚ୍‌ଜି ମହିଳା।

ପ୍ରଦୂଷଣ କରୁଛି। ଧୂଳିଗଡ଼ ପଞ୍ଚାୟତ ଅନ୍ତର୍ଗତ ମାନପୁରଠାରେ ଥିବା ରେଲୱେ ସାଇଡିଂ ନିକଟରେ ରହୁଥିବା ବାସିନ୍ଦାମାନେ କଳକାରଖାନାରେ ଦିନ ମଜୁରିଆଭାବେ କାମ କରିଥାନ୍ତି। ଏହା ନିକଟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଛି। ଟ୍ରକଗୁଡ଼ିକୁ ଠିକ୍ ଭାବେ ମାଲ୍‌କୁ ସିଲ୍ କରୁନାହାଁନ୍ତି। ସେଥିରୁ ବହୁ ପରିମାଣ ବିଷାକ୍ତ ଧୂଳି ଉଡି ଗ୍ରାମ ଏବଂ ବିଦ୍ୟାଳୟର ପରିବେଶକୁ ଦୂଷିତ କରୁଛି। କୌଣସି ଶିଳ୍ପ ସଂସ୍ଥା ବା ରେଲୱେ ସାଇଡିଂ ଚଳାଉଥିବା ପରିବହନ ଠିକାଦାର ରାସ୍ତାରେ ସାମାନ୍ୟ ପାଣି ପକାଉ ନାହାନ୍ତି କି ଗଛ ଲଗାଉ ନାହାଁନ୍ତି। ଏହାର ପ୍ରଭାବରେ

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଏସ୍‌ଏଚ୍‌ଜି ମହିଳା

ନିକଟସ୍ଥ ଧୂଳିଗଡ଼ ପଞ୍ଚାୟତର ମାନପୁର, ନୀଳପଦା, ଧପଙ୍କି, ମୁଣ୍ଡା ସାହି, ସୁଆଁଲ ଆଦି ଗ୍ରାମର ଜନବସତି ସହିତ ସମ୍ପୃକ୍ତ ରେଲୱେ ସାଇଡିଂରେ ବାସ କରୁଥିବା ବସ୍ତି ବାସିନ୍ଦାମାନେ ଗଭୀର ଭାବେ ପ୍ରଭାବିତ ହେଉଛନ୍ତି। ସେଠାରେ ଥିବା କୁଅ, ପୋଖରୀ, ଘର ଅଗଣା, ବଗିଚା ଏବଂ ସ୍କୁଲ୍ ପ୍ରାଙ୍ଗଣରେ ଧୂଳି ଉଡ଼ି ଆସ୍ତରଣ ସୃଷ୍ଟି କରିଛି। ଏହାସହ ଖାଦ୍ୟ, ପାନୀୟ ମଧ୍ୟ ବ୍ୟବହାର ଅନୁପଯୋଗୀ ହେଉଛି। ଏହି ସବୁ କାରଣରୁ ଗତ କିଛି ବର୍ଷ ମଧ୍ୟରେ ଶତାଧିକ ଲୋକ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ପ୍ରାଣ ହରାଇଛନ୍ତି। ଜଣ୍ଡିସ୍, ଯକ୍ଷ୍ମା, କ୍ୟାନସ୍‌ର ଓ ଚର୍ମ ରୋଗ ଭଳି ମାରାତ୍ମକ ବ୍ୟାଧି ବଢ଼ିବାରେ ଲାଗିଛି। ଓଭର ଲୋଡ଼ିଂ କରି ମାଲବାହୀ ହାଇୱା, ଟ୍ରକ୍ ଓ ଡ଼ମ୍ପରଗୁଡ଼ିକୁ ବେପରୁଆ ଭାବେ ଯାଉଥିବା ବେଳେ ରାସ୍ତା ମଝିରେ ମାଲ୍ ଖସି ଧନ, ଜୀବନ ନଷ୍ଟ ହେଉଛି। ଯଦି ଏହାର ପ୍ରତିକାର ନ ହୁଏ ତେବେ ଧୂଳିଗଡ଼ ପଞ୍ଚାୟତର ଉପରୋକ୍ତ ଗ୍ରାମଗୁଡ଼ିକ ଧ୍ୱଂସ ହେବ ବୋଲି ମହିଳାମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ପୂର୍ବତଟ ରେଳପଥ ଅଧୀନ ସୁକିନ୍ଦା ରେଲୱେ ସାଇଡିଂରେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନକୁ ଉଲ୍ଲଂଘନ କରୁଥିବା ଅଭିଯୋଗରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)ରେ ଏକ ମାମଲା (ନମ୍ବର ୩୪/୨୦୨୦) ରୁଜୁ ହୋଇଥିଲା। ଏହି ମାମଲା ଉପରେ ଏନ୍‌ଜିଟି ଯାଜପୁର ଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) କର୍ତ୍ତୃପକ୍ଷଙ୍କୁ ନେଇ ଏକ ତିନି ଜଣିଆ ତଦନ୍ତ ଟିମ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏହି ରେଲୱେ ସାଇଡିଂରେ ପ୍ରତ୍ୟହ ୧୮,୫୪୭ ମେଟ୍ରିକ ଟନ ଖଣିଜ ଦ୍ରବ୍ୟ ଲୋଡିଂ ଓ ଅନ୍‌ଲୋଡିଂ ହେଉଛି। ଏଥିପାଇଁ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟ ଶତପ୍ରତିଶତ ହେବା କଥା। କିନ୍ତୁ ଏସ୍‌ପିସିବିର ବିଫଳତା ଯୋଗୁ ପ୍ରଦୂଷଣରେ ଆଖପାଖ ଅଞ୍ଚଳବାସୀ ବହୁ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇ ଆସୁଛି। ତେବେ ପ୍ରଶାସନ ପକ୍ଷରୁ ଚଞ୍ଚକତା କରି ରିପୋର୍ଟ ଦେଇଥିବାରୁ ଉକ୍ତ ଏନଜିଟି ମାମଲା ଦବି ଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ମହିଳାଙ୍କ ଉପରେ ଚଢ଼ିଗଲା ଟ୍ରକ୍

**କାଳିଆପାଣି,୧୯।୪(ଡି.ଏନ.ଏ.)**

କାଳିଆପାଣି ଥାନା ଟମକା-ମଙ୍ଗଳପୁର ଅର୍ଦ୍ଧନିର୍ମିତ ରାସ୍ତାର ଟାଟା ବଜାର ଅଞ୍ଚଳରେ ଟ୍ରକ୍ ଚକାତଳେ ଚାପିହୋଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟମକା ଥାନା ଓସ୍ତପାଳ ଗ୍ରାମର ସୂର୍ଯ୍ୟମଣି ଜେନାଙ୍କ ସ୍ତ୍ରୀ ମଞ୍ଜୁଲତା(୪୭)। ମଙ୍ଗଳବାର ମଞ୍ଜୁଲତା ତାଙ୍କ ପୁଅ ଗଗନଙ୍କ ସହ ବାଇକ୍‌ରେ ଢେଙ୍କାନାଳ ଜିଲାର କାଠପାଳକୁ ଯାଉଥିଲେ। ତେବେ ଟମକା-ମଙ୍ଗଳପୁର ରାସ୍ତାର ଜନଗହଳିପୂର୍ଣ୍ଣ ଟାଟା ବଜାର ଅଞ୍ଚଳରେ ନିର୍ମାଣାଧୀନ କଂକ୍ରିଟ ରାସ୍ତାରେ ଉପରକୁ ବାହାରି ଥିବା ରଡ଼ରେ ମଞ୍ଜୁଲତାଙ୍କ ଶାଢ଼ି ଲାଗିଯିବାରୁ ସେ ରଡ୍ ଉପରେ ପଡ଼ି ଯାଇଥିଲେ। ଏକ ରଡ଼ ମଞ୍ଜୁଲତାଙ୍କ ମୁଣ୍ଡରେ ଗଳିଯିବାରୁ ସେ ରାସ୍ତା ତଳକୁ ଖସି ପଡ଼ିଥିଲେ। ଏହି ସମୟରେ ଅପର ପାର୍ଶ୍ୱରୁ ଆସୁଥିବା ଏକ ଟ୍ରକ୍‌ର ପଛ ଚକା ମଞ୍ଜୁଲତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଲୋକେ ପହଞ୍ଚି ଉଭୟଙ୍କୁ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ପ୍ରଦାନ କରିବାକୁ ବିଭିନ୍ନ କମ୍ପାନୀର ସହାୟତା ଲୋଡିଥିଲେ। ହେଲେ ତାହା ମିଳି ପାରି ନ ଥିଲା। ଖବର ପାଇ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

# ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ସିଂହପୁର,୧୯।୪(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ମୁଖ୍ୟବକ୍ତା ପ୍ରଶିକ୍ଷଣର ଜିଲା ସମନ୍ୱୟକାରୀ ଅଖିଳ ରଞ୍ଜନ ପାଢ଼ୀ, ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ସାମଲ, ସଂଯୋଜିକା ଅଧ୍ୟାପିକା ରୁପାଲୀ ମହାରଣା ଓ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କ ଆତ୍ମସୁରକ୍ଷା ସମ୍ପର୍କରେ ଆଲୋକପାତ


ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀ।

କରିଥିଲେ। ଯୁକ୍ତ ୨ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ, ନୃତ୍ୟ ଓ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯାଇଥିଲା। ଗତ ୮ ତାରିଖଠାରୁ ଏହି ଶିବିର ଚାଲିଥିଲା।

# ପରୀକ୍ଷା କେନ୍ଦ୍ର ଚୟନକୁ ନେଇ ଅସନ୍ତୋଷ

**ଚଣ୍ଡିଖୋଲ ୧୯।୪(ଡି.ଏନ.ଏ.)**

ମାଟ୍ରିକ ପରୀକ୍ଷା ପାଇଁ କେନ୍ଦ୍ର ସ୍ଥିର ହୋଇଗଲାଣି। ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଛି ଯେ, ଯେଉଁ ପିଲାମାନେ ଯେଉଁ ସ୍କୁଲରେ ପାଠ ପଢୁଥିବେ ସେମାନେ ସେଠାରେ ହିଁ ପରୀକ୍ଷା ଦେବେ। ତେବେ ସେଠାରେ ଶିକ୍ଷକ ଅଦଳବଦଳ ହେବେ। ଅନ୍ୟ ବିଦ୍ୟାଳୟର ଶିକ୍ଷକମାନେ ପରୀକ୍ଷା ନିୟନ୍ତ୍ରଣ କରିବେ। ତେବେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ର ଚୟନକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଏକ ବେସରକାରୀ ବିଦ୍ୟାଳୟ ହୋଇଥିଲାବେଳେ ନିକଟରେ ଥିବା ପରୀକ୍ଷା କେନ୍ଦ୍ରରେ ପରୀକ୍ଷା କରିବାକୁ ଅନୁମତି ନ ଦେଇ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ବିଦ୍ୟାଳୟଠାରୁ ୮କି.ମି. ଦୂର କୃଷ୍ଣପୁର ଶାସନ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ସ୍ଥିର କରାଯାଇଛି। ଯାହାକୁ

### ବିଦ୍ୟାଳୟଠାରୁ ୮ କି.ମି. ଯାଇ ପିଲା ଦେବେ ପରୀକ୍ଷା

ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଥାଉ କି ଏହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ପୂର୍ବରୁ ବିଦ୍ୟାଳୟଠାରୁ ଅଧ କି.ମି. ଦୂର ବାଲିଚନ୍ଦ୍ରପୁର ସରକାରୀ ବିଦ୍ୟାଳୟରେ ପରୀକ୍ଷା ଦେଉଛନ୍ତି। ଏପରିକି ବିଦ୍ୟାଳୟଠାରୁ ୧ କି.ମି. ଦୂର ପତ୍ରାଜପୁର ସରକାରୀ ବିଦ୍ୟାଳୟ, ୨ କି.ମି. ଦୂର ଚାରିନଙ୍ଗଳ ସରକାରୀ ବିଦ୍ୟାଳୟରେ ପରୀକ୍ଷା ଦେଇଥାନ୍ତି। ଦୀର୍ଘ ୫ ବର୍ଷ ହେବ ସେମାନଙ୍କର ଏହି ୩ଟି ବିଦ୍ୟାଳୟରେ ପରୀକ୍ଷା ହୋଇଆସୁଛି। ତେବେ ଚଳିତ ଥର ପରୀକ୍ଷା କେନ୍ଦ୍ର କୃଷ୍ଣପୁର ଶାସନ ବିଦ୍ୟାଳୟକୁ କରାଯିବା ପରେ ଅସନ୍ତୋଷ ଦେଖାଦେଇଛି। କୃଷ୍ଣପୁର ଶାସନ ବିଦ୍ୟାଳୟଟି ବାଲିଚନ୍ଦ୍ରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରୁ ଦୂରରେ ଅବସ୍ଥିତ। ଏଠାକୁ ଯିବାକୁ ହେଲେ ପିଲାମାନଙ୍କୁ ୫୩ ନଂ. ଜାତୀୟ ରାଜପଥ ଦେଇ ଅତିକ୍ରମ କରିବାକୁ ପଡିବ। ଜାତୀୟ ରାଜପଥ ଅତିକ୍ରମ କରିବା ପରେ ଗ୍ରାମ୍ୟ ରାସ୍ତାରେ ୪ କି.ମ. ପୁଣି ଯିବାକୁ ପଡ଼ିବ। ଛାତ୍ରୀଛାତ୍ରମାନେ ଏହି ସ୍ଥାନକୁ ଯିବା କଷ୍ଟକର। ଚଳିତବର୍ଷ ଏହି ଶିଶୁ ବିଦ୍ୟାମନ୍ଦିରର ୧୦୩ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ ବୋଲି ଫର୍ମ ପୂରଣ କରିଛନ୍ତି। ଏତେ ପିଲାଙ୍କୁ ଧରି ଦୀର୍ଘ ୮ କି.ମି. ଯାତୟାତ କରିବା କଷ୍ଟକର ବ୍ୟାପାର ବୋଲି ବିଦ୍ୟାଳୟ ପକ୍ଷରୁ ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ପାଦକଙ୍କ ନିକଟରେ ଗତ ୧୩ ତାରିଖରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପରେ ମଧ୍ୟ ପରୀକ୍ଷା କେନ୍ଦ୍ରର ପରିବର୍ତ୍ତନ ନ ହେବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ବୋର୍ଡ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ପଞ୍ଚାୟତ ଉନ୍ନୟନ ପାଣ୍ଠି ଲୁଟିବାକୁ ପ୍ରୟାସ

**ବରୀ,୧୯।୪(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନ ପୂର୍ବରୁ ବରୀ ବ୍ଲକ୍ ଅଧୀନ ୨୯ ପଞ୍ଚାୟତକୁ ସରକାରଙ୍କ ପକ୍ଷରୁ ପଞ୍ଚମ ଅର୍ଥ କମିଶନ ଓ ପଞ୍ଚଦଶ ଅର୍ଥ କମିଶନଙ୍କଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ଅର୍ଥ ଗଚ୍ଛିତ ରହିଥିଲା। ଫଳରେ ଆଦର୍ଶ ଆଚରଣବିଧି ଲାଗୁ ହେବା ପୂର୍ବରୁ ସରପଞ୍ଚମାନେ ଅତ୍ୟନ୍ତ ତରବରିଆଭାବେ ଅନୁମୋଦିତ ହୋଇଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାଦେଶ ନିଜ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ପ୍ରଦାନ କରିଥିଲେ। ମାତ୍ର ଆଦର୍ଶ ଆଚରଣବିଧି ଲାଗୁହେବା ଓ ପଞ୍ଚାୟତସ୍ତରରେ ଶାସକ ଦଳର ଦୁଇ ପାରସ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବିଧାୟିକା ସୁନନ୍ଦା ଦାସ ଓ ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ମଧ୍ୟରେ ଲଢ଼େଇ ଯୋଗୁ କାର୍ଯ୍ୟାଦେଶ ଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ହୋଇପାରି ନ ଥିଲା।

ପରବର୍ତ୍ତୀ ସମୟରେ ଅଧିକାଂଶ ସରପଞ୍ଚ ପଦବୀ ସଂରକ୍ଷଣ ଯୋଗୁ ପୁନଶ୍ଚ ନିର୍ବାଚନ ଲଢିବାର ସୁଯୋଗ ପାଇ ନ ଥିଲେ। ତେଣୁ ନିଜର ସ୍ଥିତି ଜାହିର କରିବାକୁ ପକ୍ଷ ପରିବର୍ତ୍ତନ କରିଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ସରପଞ୍ଚମାନେ ଗତ ମାର୍ଚ୍ଚ ୧୦ ତାରିଖରୁ ନୂତନ ଭାବେ ନିର୍ବାଚିତ ହୋଇଥିବା ସରପଞ୍ଚମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କିନ୍ତୁ ଏବେ ବିଗତ ଦିନରୁ ସେମାନଙ୍କ ଜମା ବହିରେ ଗଚ୍ଛିତ ଥିବା ଅର୍ଥକୁ ପୂର୍ବରୁ ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡ଼ିକ ଉପରେ ଖର୍ଚ୍ଚ କରାଯାଇଛି ବୋଲି ଦର୍ଶାଇ ନିଜନିଜ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ଉଠାଇ ନେବାର ପ୍ରୟାସ ଜାରି ରଖିଛନ୍ତି ବୋଲି ଅଭିଯୋଗ ହୋଇଛି।

ପୂର୍ବରୁ ପଞ୍ଚାୟତସ୍ତରରେ ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ବିଡିଓ ତଦନ୍ତ ପରିସରକୁ ଆଣୁଥିଲେ। କିନ୍ତୁ ନିର୍ବାଚନ ପରେ ସମ୍ପୃକ୍ତ ପୂର୍ବତନ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ପ୍ରତି ବିଡିଓଙ୍କ ଦୁର୍ବଳତା ଯୋଗୁ ସରକାରଙ୍କ ପକ୍ଷରୁ ଆସିଥିବା କୋଟିକୋଟି ଟଙ୍କାର ଦୁର୍ନୀତି ହେବାକୁ ଯାଉଛି ବୋଲି କେତେଜଣ ନବ ନିର୍ବାଚିତ ସରପଞ୍ଚ ଓ ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ଲକ୍‌ସ୍ତରୀୟ କର୍ମଚାରୀମାନେ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ତେବେ ନିର୍ବାଚନ ପୂର୍ବରୁ କେଉଁ ଯୋଜନାରେ କେତେ ଅର୍ଥ ଗଚ୍ଛିତ ଥିଲା ଏବଂ ନିର୍ବାଚନ ପରେ କେଉଁ ପ୍ରକଳ୍ପଗୁଡିକ ଅନୁମୋଦିତ ହୋଇ ବକେୟା ଅର୍ଥ ପଇଠ କରାଯାଉଛି ତାହା ଜିଲା ପ୍ରଶାସନ ତରଫରୁ ତଦନ୍ତ କରାଯାଇ ପଦକ୍ଷେପ ନିଆଗଲେ ମିଳିମିଶି ଲୁଟିବା ଉପରେ ରୋକ ଲଗାଯାଇ ପାରିବ ବୋଲି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ପାଣିକୋଇଲି ଛକରେ ସିରିଜ ଦୁର୍ଘଟଣା

**ପାଣିକୋଇଲି,୧୯।୪(ଡି.ଏନ.ଏ.)**

### କାର, ବୁଲେଟକୁ ଧକ୍କା ଦେଲା ଟ୍ରକ୍

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଛକରେ ମଙ୍ଗଳବାର ଭୋର ସାଢ଼େ ୫ଟାରେ ସିରିଜ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଦ୍ୱାରା ଇନୋଭା ଓ ବୁଲେଟ ଆରୋହୀ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ଅଳ୍ପକେ ସମସ୍ତେ ବର୍ତ୍ତି ଯାଇଛନ୍ତି। ଟ୍ରକ୍‌ଟି ଦୁର୍ଘଟଣା ଘଟାଇ ଫୁଟପାଥ ଉପରକୁ ଚଢିଯିବା ଯୋଗୁ ନିଶ୍ଚିନ୍ତ ମୃତ୍ୟୁରୁ ରକ୍ଷା ମିଳିଛି।

ସୂଚନା ମୁତାବକ, ଯାଜପୁର ରୋଡ୍ ପଟୁ ଏକ ଇନୋଭା ଆସୁଥିବାବେଳେ ପାଣିକୋଇଲି ଛକ ପାଖରେ ପାରାଦୀପ ଅଭିମୁଖେ ଯାଉଥିବା ଏକ ଲୁହାପଥର ବୋଝେଇ ୧୬ ଚକିଆ ଟ୍ରକ ଦ୍ରୁତଗତିରେ


ବୁଲେଟ ଉପରେ ଟ୍ରକ୍‌ର ଆଗ ଚକା ଚଢ଼ିଯାଇଛି।


ଟ୍ରକ୍ ଧକ୍କାରେ କାର୍ ପଛ ଭାଙ୍ଗିଯାଇଛି।

ଆସି ଇନୋଭାକୁ ପଛରୁ ଧକ୍କା ଦେଇଥିଲା। ପରେ ଟ୍ରକଟିକୁ ଚାଳକ ବାମ ପଟକୁ କାଟି ଦେବାରୁ ଏକ ବୁଲେଟ ସହ ଧକ୍କା ହୋଇଥିଲା। ବୁଲେଟକୁ ଧକ୍କା ଦେଇ ରାସ୍ତା କଡ ଫୁଟପାଥ ଉପରେ ଟ୍ରକର ବାମ ଚକ ଚଢିଯିବାରୁ ଗାଡିଟି ଅଟକି ରହିଥିଲା। ଇନୋଭା ପଛ ଭାଙ୍ଗିଥିବା ବେଳେ ଆଗ ଡାହାଣ ଚକା ତଳେ ବୁଲେଟ ରହିଯାଇଥିଲା। ଫଳରେ ବୁଲେଟ ଆରୋହୀ ଓ ଇନୋଭାର ୪ ଜଣ ନିଶ୍ଚିନ୍ତ ମୃତ୍ୟୁରୁ ରକ୍ଷା ପାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ପାଣିକୋଇଲି ପୋଲିସ ପହଞ୍ଚି ଗାଡ଼ି ୩ଟିକୁ ଜବତ କରି ତଦନ୍ତ ଜାରି ରଖିବା ସହ ଟ୍ରକ୍ ଚାଳକଙ୍କୁ ଅଟକ ରଖିଛି।

# ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଜେନାପୁର,୧୯।୪(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାହାଣୀ ଡିହ ପଞ୍ଚାୟତ ଚାରଗୋଠ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟର ମୁଖପତ୍ର ପାଦୁକା ଲୋକାର୍ପିତ ହୋଇଛି। ଏଥିସହିତ ବିଦ୍ୟାଳୟ ପରିସରରେ ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଡ. ଆମ୍ବେଡକର, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହାକୁ ବରିଷ୍ଠ ସ୍ତମ୍ଭକାର ତଥା ରାଷ୍ଟ୍ରୀୟ ଲୋକମଣ୍ଡଳ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ପ୍ରେମାନନ୍ଦ ଓଝା, ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ନିକୁଞ୍ଜ ମହାନ୍ତି, ଅତିରିକ୍ତ ଶିକ୍ଷାଧିକାରୀ ପଦ୍ମନାଭ ସେଠୀ, ଅଧ୍ୟାପକ ଡ. ଦିଲୀପ କୁମାର ନାୟକ, ସାମାଜିକ କର୍ମୀ ଅନିଲ କୁମାର


ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଦାସ, ପ୍ରଧାନଶିକ୍ଷକ ପ୍ରକାଶ କୁମାର ନାୟକ, ରଘୁନାଥ ରାଉତ, ଜିଲା ପରିଷଦ ସଦସ୍ୟା ପ୍ରଣତୀ ଲେଙ୍କା, ସ୍ଥାନୀୟ ସରପଞ୍ଚ ରୁବୁଲି ସାମଲ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିଗୁଡ଼ିକରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ ପୌରୋହିତ୍ୟ କରିଥିବାବେଳେ ବୃନ୍ଦାବନ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିଲୀପ କୁମାର ବଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ଚିତ୍ରାଙ୍କନ, ପ୍ରବନ୍ଧ, ସାଧାରଣଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀ ଓ ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁଚାରୁପେ ଶିକ୍ଷକ ମହେଶ୍ୱର ମଲ୍ଲିକ, କାର୍ତ୍ତିକ ଚନ୍ଦ୍ର ଜେନା, ସୁଜାତା ରାଉତ ଓ କାର୍ତ୍ତିକ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ଖୋଜି ପାଉନାହିଁ ପୋଲିସ

**ଧର୍ମଶାଳା,୧୯।୪(ଡି.ଏନ.ଏ.)**

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

ଧର୍ମଶାଳା ଥାନା ପାଟପୁର ପଞ୍ଚାୟତ ପାଣିମୁହାଣି ଗ୍ରାମର ବିଜୟ ନାୟକଙ୍କ ସ୍ତ୍ରୀ ବିନି ନାୟକ (୫୧)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ୮ଦିନ ବିତି ସାରିଲାଣି। ହେଲେ ପୋଲିସ ଏ ପର୍ଯ୍ୟନ୍ତ ଏହାର ଖିଅ ପାଇ ପାରୁନାହିଁ। ଫଳରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ବିଜୟଙ୍କ ସହ ତାଙ୍କ ପଡ଼ୋଶୀଙ୍କ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଲାଗି ରହିଥିଲା। ତେବେ ଗତ ୯ ତାରିଖ ରାତିରେ ପଡ଼ୋଶୀ ଆସି ବିଜୟ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବିନିଙ୍କ ମୃତ୍ୟୁ ହୋଇଥିବା ବିଜୟ ଅଭିଯୋଗ କରିଥିଲେ। ଏଥିରେ ତାଙ୍କର ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେ ନିଜେ ଆହତ ହୋଇ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ତେବେ ପୂର୍ବରୁ ଗଛ କଟାକୁ କେନ୍ଦ୍ରକରି ବିଜୟ ଓ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏନେଇ କୋଟପୁର ଫାଣ୍ଡିରେ ଉଭୟ ପକ୍ଷରୁ ମାମଲା ହୋଇଥିଲା। ସେହି ଘଟଣାକୁ କେନ୍ଦ୍ରକରି ୯ ତାରିଖ ରାତିରେ ୪/୫ଜଣ ଯୁବକ ତାଙ୍କ ଘରେ ପଶି ଏଭଳି କାଣ୍ଡ ଭିଆଇଥିବା ବିଜୟ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଏହି ଆକ୍ରମଣରେ ବିଜୟ ଏବଂ ମୃତ ମହିଳାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବା ଦେଖିବାକୁ ମିଳିଥିଲା। କୋଟପୁର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା। ଅନ୍ୟପଟେ ଅଭିଯୋଗ ଆଧାରରେ ପୋଲିସ ଗ୍ରାମର ୪ଜଣ ଯୁବକଙ୍କୁ ଥାନାରେ ଅଟକ ରଖିଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟରେ ମହିଳାଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଛି। ତାଙ୍କ ଶରୀର ବାହାରେ କିମ୍ବା ଭିତରେ କୌଣସି ପ୍ରକାର କ୍ଷତ ନ ଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୋଲିସ ଅଟକ ରଖିଥିବା ଯୁବକଙ୍କୁ ଛାଡ଼ିଦେଇଛି। ତେଣୁ ମୃତ୍ୟୁର କାରଣ ଜାଣିବା ପାଇଁ ପୋଲିସ ମୃତ ମହିଳାଙ୍କ ଭିସେରା ପରୀକ୍ଷା ଲାଗି ପଠାଇଛି। ତେବେ ମୃତ ମହିଳାଙ୍କ ସ୍ୱାମୀ ବିଜୟଙ୍କ ଉପରେ ପୋଲିସର ସନ୍ଦେହହେବାରୁ ତାଙ୍କୁ ଥାନାକୁ ଡାକି ପଚରାଉଚରା କରି ଛାଡ଼ି ଦେଇଛି। ପୋଲିସର ପଚରା ଉଚରାରେ ବିଜୟ ନିଜର ପୂର୍ବ ଅଭିଯୋଗ ଉପରେ ଦୃଢ଼ ରହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ କରାଯାଉଥିବା ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ କହିଛନ୍ତି, ତଦନ୍ତ ଜାରି ରହିଛି। ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

**୨୪ରୁ ଗଡ଼ିବ ମହିପୁରକୁ ପାସେଞ୍ଜର ଟ୍ରେନ**

**ନୟାଗଡ଼ ଅଫିସ:** ୨୪ ତାରିଖରୁ ଭୁବନେଶ୍ୱରରୁ ନୟାଗଡ଼ ଷ୍ଟେଶନ ଦେଇ ମହିପୁରକୁ ଗଡ଼ିବ ପାସେଞ୍ଜର ଟ୍ରେନ । ଭୁବନେଶ୍ୱରରୁ ପୂର୍ବାହ୍ନ ୯.୨୫ରୁ ପାସେଞ୍ଜର ଟ୍ରେନ ବାହାରି ପୂର୍ବାହ୍ନ ୧୧.୪୫ରେ ମହିପୁରରେ ପହଞ୍ଚିବ । ସେହିପରି ମହିପୁରରୁ ଅପରାହ୍ନ ୩.୩୫ରୁ ଭୁବନେଶ୍ୱରରେ ସନ୍ଧ୍ୟା ୬.୧୫ରେ ପହଞ୍ଚିବ । ପୂର୍ବରୁ ମହିପୁରକୁ ପାସେଞ୍ଜର ଟ୍ରେନ ଯାଉଥିଲା । କରୋନା କଟକଣା ଯୋଗୁ ତାହା ବନ୍ଦ ଥିଲା ।



## ସଂକ୍ଷେପରେ

### ଆଜି ମେଗା ସ୍ୱାସ୍ଥ୍ୟମେଳା

**ଖଣ୍ଡପଡ଼ା,୧୯।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟରେ ବୁଧବାର ପୂର୍ବାହ୍ନ ୮ଟାରୁ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହେବ। ଜନସାଧାରଣ ବହୁ ସଂଖ୍ୟାରେ ମେଗାସ୍ୱାସ୍ଥ୍ୟ ମେଳାରେ ଯୋଗଦେଇ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଖଣ୍ଡପଡ଼ା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡା ଓ କୋଭିଡ ଯତ୍ନ କେନ୍ଦ୍ରର ମୁଖ୍ୟ ଡା. ପ୍ରଦୀପ କୁମାର ପାଇକରାୟ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ସ୍ୱାସ୍ଥ୍ୟମେଳାରେ ଅଭିଜ୍ଞ ଡାକ୍ତରମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ବୋଲି ସୂଚନା ମିଳିଛି।

### ବାର୍‌ହା ଆକ୍ରମଣରେ ମହିଳା ଗୁରୁତର



**ଦଶପଲ୍ଲା,୧୯।୪(ଡି.ଏନ୍.ଏ.):** ମଙ୍ଗଳବାର ଦଶପଲ୍ଲା ବ୍ଲକ୍, ଟାକରା ପଞ୍ଚାୟତ ଅନ୍ତର୍ଗତ ପାନାବାରୀ ଗ୍ରାମର କୋକିଳ ପ୍ରଧାନ(୬୫) ବାର୍‌ହା ଆକ୍ରମଣରେ ଆହତ ହୋଇଛନ୍ତି। ସେ ଦିନ ପ୍ରାୟ ୧୧ଟା ସମୟରେ ଗ୍ରାମ ନିକଟସ୍ଥ ନାଳକୁ ଗାଧୋଇ ଯାଇଥିଲେ। ସେଠାରେ ଥିବା ଏକ ବୁଦାମୂଳେ ଲୁଚି ରହିଥିବା ଜଙ୍ଗଲୀ ଦନ୍ତା ବାରହା ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଏହି ଘଟଣା ପରେ କୋକିଳ ସେଠାରେ ଚେତାଶୂନ୍ୟ ହୋଇ ପଡିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପାହାଡ଼ିଆ ରାସ୍ତାରେ ୧୦ କିଲୋମିଟର ଭାରକରି ବୁଗୁଡ଼ା କଲୋନୀକୁ ଆଣିଥିଲେ। ସେଠାରୁ ଏକ ଅଟୋ ରିକ୍ସାରେ ନିଆଯାଇ ତାଙ୍କୁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ କହିଛନ୍ତି। ହେଲେ ଅର୍ଥାଭାବରୁ ପରିବାର ଲୋକେ ତାଙ୍କୁ ନୟାଗଡ଼ ଡାକ୍ତରଖାନାକୁ ନେଇ ନ ପାରି ବୁଗୁଡ଼ା କଲୋନୀ ଗ୍ରାମରେ ରଖି ଅର୍ଥ ଯୋଗାଡ଼ରେ ଲାଗିଛନ୍ତି। ବୁଧବାର ତାଙ୍କୁ ନୟାଗଡ଼ ଡାକ୍ତରଖାନା ନିଆଯିବ ବୋଲି କୋକିଳଙ୍କ ପୁଅ ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ମା'ନାରାୟଣୀଙ୍କ ପୀଠରେ ସଫେଇ କାର୍ଯ୍ୟକ୍ରମ



**ଖଣ୍ଡପଡ଼ା,୧୯।୪(ସ୍ୱ.ପ୍ର.):** ମା'ନାରାୟଣୀଙ୍କ ପୀଠ ପରିସରକୁ ଭାଜାପା କର୍ମକର୍ତ୍ତା,କର୍ମୀ ଓ ସାମାଜିକ କର୍ମୀମାନେ ସଫେଇ କରିଛନ୍ତି। ଭାଜପା ପକ୍ଷରୁ ସାରା ଦେଶରେ ସାମାଜିକ ନ୍ୟାୟପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସାମାଜିକ କର୍ମୀ ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ସେଚ୍ଛାସେବୀମାନେ ମନ୍ଦିର ପରିସରରୁ ଅଳିଆ,ଆବର୍ଜନା ସଫା କରିଥିଲେ। ଏଥିରେ ଭାଜପା ନୟାଗଡ଼ ଜିଲା ଉପସଭାପତି ପ୍ରଦୋଷ ପଟ୍ଟନାୟକ, ଖଳିସାହି ମଣ୍ଡଳ ସଭାପତି ଭରତ ବିଶ୍ୱାଳ, ହିମାଂଶୁ ଶେଖର ପରିଡ଼ା, ରବିନାରାୟଣ ସାହୁ ,ବୃନ୍ଦାବନ ସାହୁ ,ସୁଧିର ରାଉତ, ମାୟାଧର ସ୍ୱାଇଁଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ଯୁବକ ସାମିଲ ହୋଇଥିଲେ।

# ଲଙ୍କାପୋଡ଼ି ଯାତ୍ରା ଉଦ୍‌ଯାପିତ

" ଦଶପଲ୍ଲାର ପ୍ରସିଦ୍ଧ ପର୍ବ ଲଙ୍କାପୋଡ଼ି ଯାତ୍ରା। ରାମାୟଣର କଥାବସ୍ତୁକୁ ନେଇ ମୁକ୍ତ ରଙ୍ଗମଞ୍ଚରେ ଏହି ଯାତ୍ରା କାହିଁ କେଉଁ କାଳରୁ ମଞ୍ଚସ୍ଥ ହୋଇ ଆସୁଛି। ଏଥିରେ ଅଭିନୟ କରୁଥିବା କଳାକାରମାନେ ନିଜ ଚରିତ୍ର ଅନୁଯାୟୀ କାଷ୍ଠ ମୁଖା ପରିଧାନ କରିଥାନ୍ତି। ସେଥିପାଇଁ ଏହି ରାମଲୀଳାକୁ କାଷ୍ଠମୁଖାଧାରୀ ରାମଲୀଳା କୁହାଯାଏ। ଆଧୁନିକ ଯନ୍ତ୍ରପାତି ବ୍ୟବହାର ନ କରି ଖୋଳ,ଗିନି, ବାଦ୍ୟଯନ୍ତ୍ରମାଧମରେ ଗୀତ ଓ ନୃତ୍ୟ ଆକାରରେ ରାମଲୀଳା ପରିବେଷଣ ହୋଇଥାଏ।

**ନୟାଗଡ଼ ଅଫିସ/ଦଶପଲ୍ଲା, ୧୯।୪(ଡି.ଏନ୍.ଏ.)**





୩୫ ଫୁଟ୍ ଉଚ୍ଚ କାଠନିର୍ମିତ ରାବଣଙ୍କ ସହିତ ଶ୍ରୀରାମଙ୍କ ଯୁଦ୍ଧ ହେଉଥିବା ଦୃଶ୍ୟ।

- ଦଶପଲ୍ଲାର କାଷ୍ଠମୁଖା ରାମଲୀଳା
- ରାବଣ ବଧ ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ
- ୩୫ ଫୁଟ୍ ଉଚ୍ଚ କାଷ୍ଠ ରାବଣର ମୁହଁ ବକ୍ର ହୁଏ

ମଙ୍ଗଳ ରାତି ବୁଧ ପାହାନ୍ତିରେ ଲଙ୍କାପୋଡ଼ି ଯାତ୍ରାରେ ରାବଣ ବଧ ପାଇଁ ଦଶପଲ୍ଲା ଉତ୍ସବମୁଖର ହୋଇଉଠିଥିଲା। କରୋନା ଯୋଗୁ ୨ବର୍ଷ ହେଲା ଏହି ଯାତ୍ରା ବନ୍ଦ ରହିଥିଲା। ଏଣୁ ଚଳିତ ବର୍ଷ ଲଙ୍କାପୋଡ଼ି ଯାତ୍ରା ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଲଙ୍କାପୋଡ଼ି ଯାତ୍ରାରେ କାଷ୍ଠ ମୁଖାଧାରୀ ରାମଲୀଳା ତିନୋଟି ମଞ୍ଚରେ ମଞ୍ଚସ୍ଥ ହୋଇଥିଲା। ପ୍ରଥମେ ମୁଖ୍ୟ ମଞ୍ଚରେ ଇନ୍ଦ୍ରଜିତ ବଧର ଦୃଶ୍ୟ ଦେଖିବାକୁ ମିଳିଥିଲା। ଇନ୍ଦ୍ରଜିତ୍ ଦିବ୍ୟରଥ ଓ ଅସ୍ତ୍ର ନିମନ୍ତେ ଯଜ୍ଞ କରୁଥିବା ବେଳେ ଲକ୍ଷ୍ମଣ ଅତର୍କିତ ଆକ୍ରମଣ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହୁଏ। ଲକ୍ଷ୍ମଣ ଇନ୍ଦ୍ରଜିତକୁ ବଧ କରିଥିଲେ। ରାବଣ ପୁତ୍ର ଇନ୍ଦ୍ରଜିତ୍ ମୃତ୍ୟୁରେ ମ୍ରିୟମାଣ ହୋଇ ଉଠନ୍ତି। ଲକ୍ଷ୍ମଣଙ୍କୁ ବ୍ରହ୍ମାସ୍ତ୍ର ପ୍ରୟୋଗ କରି ଅଚେତ କରନ୍ତି। ପ୍ରଭୁ ରାମଚନ୍ଦ୍ରଙ୍କ ଶିବିରରେ ଦୁଃଖର ଲହରୀ ଖେଳିଯାଏ। ବୈଦ୍ୟ ଶୁଷେଣଙ୍କ ପରାମର୍ଶରେ ହନୁମାନ ଗନ୍ଧମାର୍ଦ୍ଦନ ପର୍ବତରୁ ବିଶଲ୍ୟକରଣୀ ଆଣିବାକୁ ଯାନ୍ତି। ବାଟରେ ବାଧାବିଘ୍ନ ସହ୍ୟକରି ଗଛ ଚିହ୍ନି ନପାରି ପର୍ବତର ଏକ ଖଣ୍ଡ ଧରି ଆସନ୍ତି। ବାଟରେ ଅଯୋଧା ପଡ଼େ। ଭରତଙ୍କ ବାଟୁଳିରେ ମୁର୍ଚ୍ଛାଗତ ହୁଅନ୍ତି ହନୁମାନ। ସେଠାରେ ଭରତ ସବୁକଥା ଜାଣିବା ପରେ ଶୋକ କରନ୍ତି। ପୁନଶ୍ଚ ହନୁମାନ ପର୍ବତ ଧରି ଲଙ୍କା ଆଗମନ ବେଳେ ରାବଣ ସେନା ପଠାଇ ପ୍ରତିରୋଧ କରି ବତଫଳହୁଏ। ଶେଷରେ ଅମୃତ ତୂଲ୍ୟ ସଂଜିବନୀ ସଂସ୍ପର୍ଶରେ ଆସି ଲକ୍ଷ୍ମଣ ସୁସ୍ଥ ହୁଅନ୍ତି। ମୁଖ୍ୟ ମଞ୍ଚ ରାମ ଓ ରାବଣ ସମର ଆରମ୍ଭ ହୋଇ ସୁବଳ ଗିରୀ ମଞ୍ଚ (ଗଣେଶ ବଜାର) ପର୍ଯ୍ୟନ୍ତ ଆସନ୍ତି। ଠୁଳଜଙ୍ଘ ବଧ ହୋଇଥାଏ। ରାମଚନ୍ଦ୍ରଙ୍କ ପାଇଁ ଦେବରାଜ ମାତଳି ବିଜୟାରଥ ପ୍ରେରଣ କରନ୍ତି। ଗୋଟାଏ ଦିଗରେ ଦିବ୍ୟ ରଥରେ ରାମଲକ୍ଷ୍ମଣ ଓ ଅନ୍ୟପଟରେ ପୁଷ୍ପକ ବିମାନରେ ରାବଣଙ୍କ ମଧରେ ଲଢ଼େଇ ଚାଲେ। ଢ଼ୋଲ,ନିଶାଣ ଚାଙ୍ଗୁ,ମହୁରୀ,ଝାଞ୍ଜପରି ବହୁ ପାରମ୍ପରିକ ବାଦ୍ୟ ବାଜୁଥିବାବେଳେ ରାମ ରାବଣ ଘମାଘୋଟ ଲଢ଼େଇ ଅଧ କି.ମି. ଲଙ୍କାଗଡ଼ ମଞ୍ଚ ପର୍ଯ୍ୟନ୍ତ ଚାଲେ। ଏଠାରେ ଶ୍ରୀରାମ ବ୍ରହ୍ମଅସ୍ତ୍ର ପ୍ରୟୋଗ କରି ରାବଣକୁ ନିଧନ କରିବା ପରେ ଏକ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ ହୁଏ। ତେବେ ରାବଣ ନିହତ ପରେ ପୁଣି ବ୍ରହ୍ମାସ୍ତ୍ରଫେରିଆସେ। ରାବଣନିହତ ପରେ ୩୫ଫୁଟ ଉଚ୍ଚର କାଷ୍ଠ ରାବଣର ମୁଖା ବକ୍ର କରାଯାଏ। ପରେ ଆତସବାଜୀ ପ୍ରଦର୍ଶନ ହୁଏ। ଅନେକ ମାନସିକଧାରି ସେମାନଙ୍କ ଯାଚଞ୍ଚା ବାଣ ଫୁଟାଇଥିଲେ। ଆତସବାଜୀ ପ୍ରଦର୍ଶନ ପରେ ବିଭୀଷଣଙ୍କ ସିଂହାସନ ଆରୋହଣ ପର୍ବ ଶେଷହୁଏ। ସୀତାଙ୍କ ଅଗ୍ନି ପରୀକ୍ଷା ଦିଅନ୍ତି। ଶେଷରେ ବିଭୀଷଣଙ୍କ ଅନୁରୋଧକ୍ରମେ ଶ୍ରୀରାମ ଲକ୍ଷ୍ମଣ ସୀତା ବାନର ସେନା ପୁଷ୍ପକ ଯାନରେ ବସି ଅଯୋଦ୍ଧା ଗମନ କରିଥିଲେ। ଏହି ଦୃଶ୍ୟ ଅତିବ ମନୋହର। ଚାରିଆଡେ ଖୁସିର ପରିବେଶ। ଦଶପଲ୍ଲା ସହର ସେହି ସମୟରେ ପାଲଟି ଯାଏ ଅଯୋଦ୍ଧା। ହଜାର ହଜାର ଦର୍ଶକ ସମାବେଶ ଓ ଉପରେ ପୁଷ୍ପକ ବିମାନ ଗମନ ଏକ ସ୍ୱର୍ଗୀୟ ବାତାବରଣ ସୃଷ୍ଟି କରିଥିଲା।

## ୪୦ କୋଟି ଟଙ୍କା ଆତ୍ମସାତ୍‌ର ତଦନ୍ତ ହେଲାନି

**ନୟାଗଡ଼ ଅଫିସ,୧୯।୪**

- ୧୧ଦିନରେ କଂଗ୍ରେସର ରିଲେ ଅନଶନ
- ଡିଏଫ୍‌ଓ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଛି ଆନ୍ଦୋଳନ

ନୟାଗଡ଼ ବନଖଣ୍ଡରେ ବିଭିନ୍ନ ଯୋଜନାରେ ୪୦କୋଟି ଟଙ୍କାର ସରକାରୀ ଅନୁଦାନ ଆତ୍ମସାତ୍ ହୋଇଥିବାର ଅଭିଯୋଗ ଉଠିଛି। ଏହାର ତଦନ୍ତ ଦାବି କରି ନୟାଗଡ଼ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ରିଲେ ଅନଶନ ଚାଲୁ ରହିଛି। ରିଲେ ଅନଶନରେ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ, ପିସିସି ସମ୍ପାଦକ ହୁସେନ ଖାଁ, ସୂଚନା ଅଧିକାର କର୍ମୀ କେଶବ ମହାକୁଡ଼ ସାମିଲ ହୋଇଛନ୍ତି। ଇତି ମଧ୍ୟରେ ଆନ୍ଦୋଳନ୧୧ଦିନରେ ପହଞ୍ଚିଥିବାବେଳେ ରିଲେ ଅନଶନର ଅଭିଯୋଗକୁ ବନବିଭାଗ ଅଣଦେଖା କରୁଥିବା ଅଭିଯୋଗ ହେଉଛି। କଂଗ୍ରେସର ଅଭିଯୋଗ ଅନୁସାରେ ୫ବର୍ଷରେ ନୟାଗଡ଼ ବନଖଣ୍ଡକୁ ଆସିଥିବା ୭୫ କୋଟି ଅନୁଦାନରୁ ପ୍ରାୟ ୪୦ କୋଟି ଟଙ୍କା ଆତ୍ମସାତ୍ କରାଯାଇଛି। ଜିଲାର ବିଭିନ୍ନ ରେଞ୍ଜ ମାନଙ୍କରେ ବନୀକରଣ,ଚାରାରୋପଣ, ଜଙ୍ଗଲ ସୁରକ୍ଷାପାଇଁ ୧୫କୋଟି ଟଙ୍କାର ସରକାରୀ ଅନୁଦାନ ପ୍ରତି ବର୍ଷ ଆସୁଛି। ଏହି ଅନୁଦାନ ପିଡବ୍ଲୁଡି କୋର୍ଡଅନୁସାରେ ଟେଣ୍ଡର ମାଧ୍ୟମରେ ଖର୍ଚ୍ଚ କରାଯିବାର ବିଭାଗୀୟ ନିର୍ଦ୍ଦେଶନାମା ରହିଛି। ତେବେ ଏହି ଅନୁଦାନ ଖର୍ଚ୍ଚରେ ଅନିୟମିତତା ଚାଲିଛି। ଏହି ଅନୁଦାନ ୫ ବର୍ଷରେ ୭୫କୋଟି ଟଙ୍କା ଆସିଛି। ଯାହା ତଦନ୍ତସାପେକ୍ଷ। ଏନେଇ ବିଭିନ୍ନ ସମୟରେ ଅଭିଯୋଗ କଲେ ମଧ୍ୟ ତଦନ୍ତ ହେଉ ନାହିଁ ବୋଲି ଅଭିଯୋଗ ଉଠିଛି। ବିଭାଗୀୟ ଅଧିକାରୀ,କର୍ମଚାରୀ ଏଥିରେ ସଂପୃକ୍ତି ଥିବାରୁ ଏହାର ତଦନ୍ତକୁ ଶୀତଳ ଭଣ୍ଡାରକୁ ଫୋପାଡ଼ି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି।

## ଖର୍ଚ୍ଚ ହେଉଛି ଟଙ୍କା, ସୁଧୁରୁ ନାହିଁ ରାସ୍ତା

**ଖଣ୍ଡପଡ଼ା,୧୯।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଂଘାପଡ଼ା-ସମ୍ବରବିନ୍ଧା ରାସ୍ତାର ନବୀକରଣ ଓ ମରାମତି ବାବଦରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ସେହି ରାସ୍ତାର ଅବସ୍ଥା ସୁଧୁରୁ ନାହିଁ। ନିମ୍ନମାନର କାମ ଯୋଗୁ ମରାମତିର କିଛିଦିନ ପରେ ଉକ୍ତ ରାସ୍ତାରୁ ଚିପ୍‌ସ ଉଠିଯାଉଛି। ଧିରେ ଧିରେ ସେହି ରାସ୍ତା ଖାଲଖମାରେ ପରିଣତ ହେଉଛି। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ଗତ ମାର୍ଚ୍ଚରେ ଉକ୍ତ ରାସ୍ତାର ମରାମତି ବାବଦରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ହେଲେ କେବଳ ରାସ୍ତା ଉପରେ ତାଳି ପକାଯାଇ ଅନୁଦାନ ଅର୍ଥକୁ ହରିଲୁଟ୍ କରାଯାଇଥିବା ଅଭିଯୋଗ ହେଉଛି।

ପ୍ରତିବର୍ଷ ରାସ୍ତା ପାର୍ଶ୍ୱରୁ ଅନାବନା ଗଛଲତା ସଫା କରାଯିବା ସହିତ ମରାମତି କରାଯାଉଛି। ହେଲେ ଉକ୍ତ ରାସ୍ତାର ଅବସ୍ଥାରେ ସୁଧାର ଆସୁନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ଇତିମଧ୍ୟରେ ପୂର୍ତ୍ତବିଭାଗ ଅଧୀନରୁ ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ହସ୍ତାନ୍ତର ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଉକ୍ତ ରାସ୍ତାର ନବୀକରଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିବା ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ତେବେ ଉକ୍ତ ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅର୍ନ୍ତଭୁକ୍ତ ହେବା ପରେ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ଅତି ତରବରିଆ ଭାବେ ଉକ୍ତ ରାସ୍ତା ମରାମତି କରି ଅନୁଦାନ ଅର୍ଥ ଆତ୍ମସାତ୍ ପାଇଁ ମସୁଧା ଚଳାଇଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଯୋଗଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

## ନୀଳମାଧବ କଲେଜରେ ଆତ୍ମ ସୁରକ୍ଷା ତାଲିମ

**ଖଣ୍ଡପଡ଼ା,୧୯।୪(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ଏକ ଆତ୍ମ ସୁରକ୍ଷା ତାଲିମ ଶିବିର ସୋମବାର ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଯୁବାନୀତି-୨୦୧୩ ଅନୁଯାୟୀ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ,ଭୁବନେଶ୍ୱର ନିର୍ଦ୍ଦେଶିତ ତଥା ଇଟାମାଟି ଶିକ୍ଷା ଓ ବୈଷୟିକ କନିଷ୍ଠ ମହାବିଦ୍ୟାଳୟ(ନୋଡାଲ କଲେଜ) ତତ୍ତ୍ୱାବଧାନରେ ଏହି ୮ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହେବ। ଏଥିରେ +୨ ପ୍ରଥମ ବର୍ଷ କଳା,ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ୧୧୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ହିମାଂଶୁ ଶେଖର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅଧାପିକା କଲ୍ୟାଣୀ ପଣ୍ଡା ଶିବିର ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧାପିକା, ଅଧାପକ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଛାତ୍ରୀମାନେ ଆତ୍ମ ସୁରକ୍ଷା କୌଶଳ ତାଲିମ ନେଉଛନ୍ତି।

## ଜାନକୀଙ୍କୁ ଉଦ୍ଧାର ପାଇଁ ପ୍ରଭୁଙ୍କ ଯୁଦ୍ଧଂଦେହି ଡାକରା



ଯୁଦ୍ଧ କ୍ଷେତ୍ରକୁ ବାହାରିଛନ୍ତି ଶ୍ରୀରାମ ଓ ଲକ୍ଷ୍ମଣ।

**ଓଡ଼ଗାଁ,୧୯।୪(ସ୍ୱ.ପ୍ର.)**

**ଶ୍ରୀରାମ ନବମୀ ଯାତ୍ରାର ନବମ ସନ୍ଧ୍ୟା**

ଓଡ଼ଗାଁରେ ଚାଲିଥିବା ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ମଙ୍ଗଳବାର ନବମ ସନ୍ଧ୍ୟା ବେଶରେ ପ୍ରଭୁ ଲଙ୍କାଯାତ୍ରା କରିବାକୁ ଯୁଦ୍ଧଂଦେହି ଡାକରା ଦେଇଛନ୍ତି। ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଭକ୍ତ ଓ ଭଗବାନ ଉକ୍ତିକୁ ଚରିତାର୍ଥ କରିଛନ୍ତି। ବେନି ଭାଇ କାଣ୍ଡ କୋଦଣ୍ଡ ଧରି ପରମ ଭକ୍ତ ହନୁମାନ ଓ ଯୁବରାଜ ଅଙ୍ଗଦଙ୍କ କାନ୍ଧରେ ବସି ଯୁଦ୍ଧଯାତ୍ରାରେ ବାହାରି ଥିବା ଦୃଶ୍ୟ ଶ୍ରଦ୍ଧାଳୁଙ୍କୁ ଉଲ୍ଲସିତ କରିଛି। ପ୍ରଭୁଙ୍କ ଉଭୟ ପାର୍ଶ୍ୱରେ ଅଷ୍ଟ ସେନାଧକ୍ଷ ସମର ସଜ୍ଜାରେ ଦଣ୍ଡାୟମାନ। ପ୍ରଭୁଙ୍କ ଲଙ୍କା ଯାତ୍ରା ସହିତ ମାତା ଜାନକୀ ଉଦ୍ଧାର ହେବା ସୁନିଶ୍ଚିତ। ମହାପ୍ରତାପୀ ଦଶାନନ ରାବଣର ଅନ୍ତ ହିଁ ହୋଇଛି। ପ୍ରଭୁ ଜାନକୀଙ୍କୁ ଉଦ୍ଧାର କରିବା ପୂର୍ବକ ବିଭୀଷଣଙ୍କୁ ଲଙ୍କାଧିପତିଙ୍କ ଆସନରେ ଅଧିଷ୍ଠିତ କରି ଶ୍ରୀରାମ ଅନୁରୂପ ବନ୍ଧୁତ୍ୱର ଦିଗ୍ ଦର୍ଶନ ଦେବା ସହିତ ରଘୁବୀର ଅଯୋଧ୍ୟା ଫେରିବେ। ଅନ୍ୟପକ୍ଷେ ରାବଣ ପୋଡ଼ି କମିଟି ତରଫରୁ ବିଳମ୍ବିତ ରାତିରେ ଯୁଦ୍ଧା ଯାତ୍ରାର ଏକ ବିରାଟ ପଟୁଆର ସହିତ ମୁକ୍ତ ମଞ୍ଚରେ ରାମ ରାବଣ ଯୁଦ୍ଧ ଏବଂ ରାବଣ ପୋଡ଼ି ଓ ଆତସବାଜି ସମାରୋହ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ଦେଖିବାକୁ ଗାଁ ଗହଳିରୁ ବହୁ ସଂଖ୍ୟାରେ ଲୋକେ ସମାଗମ ହୋଇଛି। ବୁଧବାର ଚଳିତ ବର୍ଷର ଅନ୍ତିମ ସନ୍ଧ୍ୟା ବେଶ ଦର୍ଶନରେ ରଘୁକୁଳ ତିଳକଙ୍କ ରାଜାଭିଷେକ ଅନୁଷ୍ଠିତ ହେବ। ଏଥିନିମନ୍ତେ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସେଦିନ ଶ୍ରୀରାମଙ୍କୁ ମହାଆଡମ୍ବର ସହକାରେ ଅଭିଷେକ କରାଯିବ। ଶ୍ରୀଜୀଉଙ୍କୁ ମୂଲ୍ୟବାନ ଅଳଙ୍କାର ଓ ବେଶରେ ସଜ୍ଜିତ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।




## ସଂକ୍ଷେପରେ

### ପଞ୍ଚାନନ ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା



ଦାରିଙ୍ଗବାଡ଼ି,୧୯।୪(ଡି.ଏନ.ଏ)- ଦାରିଙ୍ଗବାଡ଼ି ବ୍ଲକ ସୋନପୁର ପଞ୍ଚାନନ ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଚାଲିଛି। ସୋମବାର କଳସଯାତ୍ରା କରାଯିବା ସହ ଜଳଯଜ୍ଞ କରାଯାଇ ଇନ୍ଦ୍ରପୁଜନ କରାଯାଇଥିଲା। ଶତାଧିକ ମହିଳା କଳସରେ ଜଳ ଉଠାଇ ଶୋଭାଯାତ୍ରାରେ ମନ୍ଦିର ପ୍ରାଙ୍ଗଣକୁ ଆଣିଥିଲେ। ମଙ୍ଗଳବାର ପ୍ରତିଷ୍ଠା ପାଇଁ ନାମଯଜ୍ଞ ସହ ଅନ୍ନ, ଘୃତ, ଜ୍ଞାନ, ଦୀପଯଜ୍ଞ ଆଦି କରାଯାଇଥିଲା। ବୁଧବାର ଏହି କାର୍ଯ୍ୟକ୍ରମର ଉଦଯାପିତ ହେବ। ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ପହଞ୍ଚି ମହାଦେବଙ୍କୁ ଦର୍ଶନ କରିଥିଲେ। ଦୁର୍ଗମ ଅଞ୍ଚଳ ଭାବେ ଜଣାଶୁଣା ସୋନପୁରର ବିକାଶ ପାଇଁ ବିଧାୟକ ଅଞ୍ଚଳବାସୀଙ୍କୁ ସହଯୋଗ କରିଆସୁଛନ୍ତି।

### ଆମ୍ବେଦକର ଜୟନ୍ତୀ ଉଦ୍‌ଯାପିତ

ଭଞ୍ଜନଗର,୧୯।୪(ଡି.ଏନ.ଏ.)- ଭାରତରତ୍ନ ବାବାସାହେବ ଡକ୍ଟର ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ଉଦଯାପନୀ ସମାରୋହ ରାଜ୍ୟ ଅନୁସୂଚିତ ଜାତି ଓ ଉପଜାତି ଶିକ୍ଷକ କଲ୍ୟାଣ ମହାସଂଘ ତରଫରୁ ଭଞ୍ଜନଗର ସ୍ଥିତ କୋର୍ଟ ଲାଇବ୍ରେରୀ ହଲଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗର ବିଇଓ ଏସ. ଧନଞ୍ଜୟ, କେଏସୟୁବି କଲେଜ ପୂର୍ବତନ ଅଧକ୍ଷ କୃତିବାସ ବିଶ୍ୱାଳ, ଉପଖଣ୍ଡ ଲୋକ ସୂଚନା ଅଧିକାରୀ ଗୌରୀ ଶଙ୍କର ଶତପଥୀ, ତନରଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୂର୍ଯ୍ୟ ନାରାୟଣ ସେଠୀଙ୍କ ସମେତ ରାଜ୍ୟ ସଭାପତି ବଶୀଂଧର ନାୟକ, ଉପଦେଷ୍ଟା ପ୍ରସନ୍ନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାବା ସାହେବଙ୍କ ସମ୍ବନ୍ଧରେ ଆଲୋଚନା କରିଥିଲେ । ସୁନନ୍ଦା ବେହେରା ପ୍ରାରମ୍ଭିକ ସଂଗୀତ ଗାନ କରିଥିବା ବେଳେ ସଂପାଦକ କାଳୀ ଚରଣ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବଂଶୀଧର ଦଣ୍ଡିଆ, ରମେଶ ଚନ୍ଦ୍ର ବେହେରା, କୈଳାସ ପ୍ରଧାନ, ତ୍ରିନାଥ ବେହେରା, ଅଶ୍ୱିନୀ ବେହେରା, ଗଜେନ୍ଦ୍ର ସେଠୀ, କାଳୀ ଚରଣ ସେଠୀ, ଅରୁଣ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

### ପୃଥକ୍ ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ଦିଗପହଣ୍ଡି,୧୯।୪(ଡି.ଏନ.ଏ.)-ଦିଗପହଣ୍ଡି ଥାନା ଅଞ୍ଚଳର ପୃଥକ୍ ସ୍ଥାନରେ ମଙ୍ଗଳବାର ଦୁର୍ଘଟଣା ଘଟି ୩ ଜଣ ଗୁରୁତର ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମର ଏଲ୍.ସନ୍ତୋଷ ରେଡ୍ଡୀ। ଗୁରୁତର ଯଶିପୁର ଗ୍ରାମର ପି.କୃଷ୍ଣ ରେଡ୍ଡୀ, ବଜାପଲ୍ଲୀର ଏଲ୍.ସନ୍ତୋଷ ରେଡ୍ଡୀ ଓ ରମ୍ଭା ଥାନା କଣ୍ଟିଆପଲ୍ଲୀର ସରୋଜ ରେଡ୍ଡୀ। ସନ୍ତୋଷ ଓ ତାଙ୍କ ସାଙ୍ଗ ଏଲ୍.ସନ୍ତୋଷ ଦୁହେଁ ବାଇକ୍ ଯୋଗେ ବାସୁଦେବପୁରରୁ ବାହାରି ଅନଙ୍ଗପୁର ଜନସେବା କେନ୍ଦ୍ରକୁ ଆସିଥିଲେ। ସେଠାରେ ଗୋଲ୍‌ଡେନ୍ ଲେଣ୍ଡ ଟଙ୍କା ଉଠାଣ ପାଇଁ ଆଧାରକାର୍ଡ ଦରକାର ପଡିବାରୁ ଦୁହେଁ ପୁଣି ଗ୍ରାମକୁ ଫେରିବା ବେଳେ ଗାଁ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଶାଗୁଆନ୍ ଗଛକୁ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ଏଲ୍ .ସନ୍ତୋଷଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସାଙ୍ଗ ଏଲ୍.ସନ୍ତୋଷ ଗୁରୁତର ହୋଇଥିଲେ। ସେହିପରି ବି.ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ଗାଇଗୁହାଳଠାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଚାଳକ ପି.କୃଷ୍ଣ ରେଡ୍ଡୀ ଓ ସରୋଜ ରେଡ୍ଡୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଛି।

### ଯୁବତୀଙ୍କୁ ବଳାତ୍କାର, ଯୁବକ ଅଟକ

ଗୋପାଳପୁର,୧୯।୪(ଡି.ଏନ.ଏ.)- ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ରଖି ବଳାତ୍କାର କରି ଗର୍ଭବତୀ କରିବା ଘଟଣା ନେଇ ଗୋଳନ୍ଥରା ଥାନାରେ ସୋମବାର ଅଭିଯୋଗ ହୋଇଛି। କେ.ନୂଆଗାଁ ଥାନାଞ୍ଚଳର ଯୁବତୀ ସେହି ଗ୍ରାମର ଯୁବକ କେ.ସନ୍ତୋଷ ପାତ୍ରଙ୍କ ସହ ଗତ ଦୁଇ ବର୍ଷ ତଳେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ ସନ୍ତୋଷ ଯୁବତୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଏକାଠି ରହୁଥିଲେ। ଇତିମଧ୍ୟରେ ଯୁବତୀ ଗର୍ଭବତୀ ହୋଇଥିବା ଜଣାପଡ଼ିଛି। ସନ୍ତୋଷ ଯୁବତୀଙ୍କ ଗର୍ଭ ନଷ୍ଟ କରିବା ପାଇଁ ଉଦ୍ୟମ କରିଥିଲେ। ଶେଷରେ ସନ୍ତୋଷ ଯୁବତୀଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ଏନେଇ ଯୁବତୀ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୨୩/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଯୁବତୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତର ମଇନା କରାଯିବା ସହ ବିଚାରପତିଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇଥିବା ନେଇ ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

# ଆକାଂକ୍ଷୀ ଜିଲାର କାର୍ଯ୍ୟ ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

## ରାଜ୍ୟ ସରକାରଙ୍କୁ ପ୍ରଶଂସା

ପାରଳାଖେମୁଣ୍ଡି,୧୯।୪(ଡି.ଏନ୍.ଏ.)

କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଓ ଜଳଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ମଙ୍ଗଳବାର ଦିନିକିଆ ଗସ୍ତରେ ଆସି ଗଜପତି ଆକାଂକ୍ଷୀ ଜିଲା ପାଇଁ ଆସିଥିବା ସରକାରୀ ଅନୁଦାନ ଓ କେନ୍ଦ୍ରୀୟ ଯୋଜନାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ସେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପୂର୍ବାହ୍ନରେ ବିଶ୍ୱନାଥ ରେସିଡେନ୍ସି ଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେଇ ସେଠାରେ ଦଳର ସ୍ଥିତି ସମ୍ପର୍କରେ ଭାଜପା ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲା ପ୍ରଶାସନର ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ବୈଠକରେ ଯୋଗ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗୀୟ




ସମୀକ୍ଷା ବୈଠକରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାର ବିକାଶ ଦିଗରେ ପ୍ରଶାସନ ଭଲ କାମ କରୁଛି। ପାନୀୟ ଜଳ ଓ ରାସ୍ତା ନିର୍ମାଣ ଆଦି ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ଶତକଡା ୪ରୁ ୪୦ଭାଗ ଅଭିବୃଦ୍ଧି ଘଟାଇଛନ୍ତି। ଏହି ସଫଳତା ପାଇଁ ରାଜ୍ୟ ସରକାର ପ୍ରଶଂସନୀୟ ବୋଲି କେନ୍ଦ୍ରମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ। ପ୍ରଧାନମନ୍ତ୍ରୀ ଦେଶରେ ୧୧୨ଟି ଜିଲାର ବିକାଶ ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଏହିସବୁ ଜିଲାର ବିକାଶ ପାଇଁ କ'ଣ ସବୁ ଆବଶ୍ୟକ ସେ ବିଷୟରେ ଆଲୋଚନା ଓ ତଥ୍ୟ ନେବାକୁ କେନ୍ଦ୍ରମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଥିଲେ। ସମୀକ୍ଷା ବେଳେ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ମୋହନା ବିଧାୟକ ଦାସରଥୀ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଗୋଷାଣୀ ବ୍ଲକ କେରାଣ୍ଡି ପଞ୍ଚାୟତ ପରିଦର୍ଶନ ପରେ ଫେରିଯାଇଛନ୍ତି।

# ପାନୀୟ ଜଳ ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ



ପାଣି ସମସ୍ୟା ଜଣାଇବାକୁ ଆସିଥିବା ଗ୍ରାମବାସୀ।

ପାରଳାଖେମୁଣ୍ଡି,୧୯।୪(ଡି.ଏନ୍.ଏ.)

ଗଜପତି ଜିଲା ଗୁମ୍ମା ବ୍ଲକ କୁଜାସିଂ ପଞ୍ଚାୟତ ଗିରାମଣ୍ଡଳସାହି ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ଗ୍ରାମବାସୀ ପାରଳାଖେମୁଣ୍ଡି ଆସି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗାଁରେ ଏକ ସୌରଚାଳିତ ନଳକୂପ ସ୍ଥାପନ ନିମନ୍ତେ ନିବେଦନ କରିଛନ୍ତି। ଗ୍ରାମରେ ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଝରଣା ପାଣିକୁ ସେମାନେ ପାନୀୟ ଜଳ ଭାବେ ବ୍ୟବହାର କରନ୍ତି। ଖରାଦିନେ ଝରଣା ଶୁଖିଗଲେ ଚୁଆ ଖୋଳିବାକୁ ପଡ଼େ। ନଚେତ ପାଣି ପାଇଁ ଗାଁଠାରୁ ବହୁ ଦୂରକୁ ଯିବାକୁ ପଡ଼େ। ତେଣୁ ଗାଁରେ ସୌରଚାଳିତ ନଳକୂପ ସ୍ଥାପନ କରିବାକୁ ମାନୁଏଲ ମଣ୍ଡଳ, ଜୁନାଥ ଗମାଙ୍ଗ, ଜାଡିଆ ଗମାଙ୍ଗ, ଇସ୍ରାଏଲ ମଣ୍ଡଳ, ଜଇନୋ ମଣ୍ଡଳ, ଲାକିଆ ମଣ୍ଡଳ ପ୍ରମୁଖ ନିବେଦନ କରିଛନ୍ତି।

# ୪୮ ଘଣ୍ଟା ପରେ ମୃତଦେହ ବ୍ୟବଚ୍ଛେଦ

- ଆଇଆର୍‌ଇ ପ୍ଲାଣ୍ଟରେ ମହିଳା ଶ୍ରମିକ ମୃତ ଘଟଣା
- ମିଳିଲା କ୍ଷତିପୂରଣ ପ୍ରତିଶ୍ରୁତି, ଆନ୍ଦୋଳନ ପ୍ରତ୍ୟାହୃତ

ଛତ୍ରପୁର,୧୯।୪(ଡି.ଏନ.ଏ)

ଛତ୍ରପୁର ଉପକଣ୍ଠ ଭାରତୀୟ ବିରଳ ମୃତ୍ତିକା ଲିମିଟେଡ (ଆଇଆର୍‌ଇଏଲ୍) ପ୍ଲାଣ୍ଟ ପରିସରରେ ରବିବାର ଦୁର୍ଘଟଣାରେ ଠିକା ମହିଳା ଶ୍ରମିକ ମାଟିଖାଲ ଗାଁର ରମା ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ କ୍ଷତିପୂରଣ ଦାବି ନେଇ ଆନ୍ଦୋଳନ ଚାଲିଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା। କମ୍ପାନୀ କ୍ଷତିପୂରଣ ପ୍ରତିଶ୍ରୁତି ଦେବାପରେ ୪୮ ଘଣ୍ଟା ପରେ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅପରାହ୍ନରେ ଗାଁ ମଶାଣୀରେ ତାଙ୍କର ଦାହ ସଂସ୍କାର କରାଯାଇଛି।

ସୂଚନାଯୋଗ୍ୟ, କ୍ଷତିପୂରଣ ଦାବି ନେଇ ଗାଁ ଲୋକ ଆନ୍ଦୋଳନ ଚଳାଇଥିବା ଓ ପରିବାର କେହି ନ ଯିବାରୁ ଛତ୍ରପୁର ହସ୍ପିଟାଲରେ ରମାଙ୍କ ମୃତଦେହ ରହିଥିଲା । ଏପଟେ ବାରମ୍ବାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା ବିଫଳ ହେବା ପରେ ସୋମବାର ତ୍ରିପାକ୍ଷିକ ବୈଠକ ପ୍ଲାଣ୍ଟ ପରିସରରେ ହୋଇଥିଲା । ଏଥିରେ ଅତିରିକ୍ତ ଏସପି ଠାକୁର ପ୍ରସାଦ ପାତ୍ର, ଛତ୍ରପୁର ଉପଜିଲାପାଳ ନିଳମାଧବ ଭୋଇ,



କ୍ଷତିପୂରଣ ଲାଗି ପ୍ରତିଶ୍ରୁତି ପତ୍ର ପ୍ରଦାନ କରାଯାଉଛି।

ଏସଡିପିଓ ଗୌତମ କିଷାନ, ତହସିଲଦାର ପ୍ରକାଶ ଚନ୍ଦ୍ର ଦାଶ, ଆନ୍ଦୋଳନକାରୀଙ୍କ ପ୍ରତିନିଧି ଭାବେ ଓକିଲ ପି.ଧର୍ମା ରେଡ୍ଡୀ, ଭାଗୀରଥି ବେହେରା, ବାଦଲ ବେହେରା, ନାଏବ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ଏନ୍.ୱାର୍ଦ୍ଧ ରାଜୁଲୁ ରେଡ୍ଡୀ, ନିଳାଦ୍ରୀ ପ୍ରଧାନ, ଛତ୍ରପୁର,ଚମାଖଣ୍ଡି ଓ ଗଞ୍ଜାମ ଥାନା ଅଧିକାରୀ ଏବଂ ଆଇଆରଇ କମ୍ପାନୀ ଅଧିକାରୀ ଉପସ୍ଥିତ ଥିଲେ । ରମାଙ୍କ ଦୁଇ ଅନାଥ ଶିଶୁଙ୍କୁ କ୍ଷତିପୂରଣ ବାବଦରେ ୧୯ଲକ୍ଷ ୫୦ ହଜାର ଟଙ୍କା, ପେନସନ୍ , ପିଲାଙ୍କ ପାଠପଢା ବ୍ୟବସ୍ଥା ସହ ଭରଣପୋଷଣ ନେଇ ଆଇଆରଇ କମ୍ପାନୀ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା । ଏହାପରେ ୩୧ ଘଣ୍ଟା ଧରି ଚାଲିଥିବା ଆନ୍ଦୋଳନ ସୋମବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଥିଲା । ରାତି ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ କରା ନ ଯାଇ ମଙ୍ଗଳବାର ପୂର୍ବାହ୍ନରେ ବ୍ୟବଚ୍ଛେଦ ହୋଇଛି ।

### ଦିବ୍ୟାଙ୍ଗଙ୍କ ଅଭିଯୋଗ ଶୁଣାଣି

କୁକୁଡ଼ାଖଣ୍ଡି,୧୯।୪

କୁକୁଡ଼ାଖଣ୍ଡି ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରୁ ମଙ୍ଗଳବାର ଭିନ୍ନକ୍ଷମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ପରେ ସର୍ବସାଧାରଣଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ କୁକୁଡ଼ାଖଣ୍ଡି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ 'ଦିବ୍ୟାଙ୍ଗଜନ ସମାଧାନ' ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷଠାରେ ଅଭିଯୋଗ ପାଇଁ ଆସିଥିବା ସମସ୍ତ ଭିନ୍ନକ୍ଷମଙ୍କ ଅଭିଯୋଗମାନ ଶୁଣିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଜି.ପ୍ରଶାନ୍ତ କୁମାର ରାଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିନା ଅନୁମତିରେ ଗାତ ଖୋଳୁଛି ଟେଲିକମ କମ୍ପାନୀ

ଫୁଲବାଣୀ ଅଫିସ,୧୯।୪

ଫୁଲବାଣୀ ମ୍ୟୁନିସିପାଲିଟି ଅଞ୍ଚଳରେ ଏକ ଘରୋଇ ପ୍ରମୁଖ ଟେଲିକମ କମ୍ପାନୀ ବେଆଇନ ଭାବେ ରାସ୍ତା ଖୋଳି ପୋଲ ପକାଉଛି। ପୌର ପରିଷଦର ଅଗୋଚରରେ ଏହା କରାଯାଉଛି । ଏହି କମ୍ପାନୀ ଫୁଲବାଣୀ ସହରରେ ଫାଇବର କେବୁଲ ବିଛାଇବା ଲାଗି ସହରର ଗଳିକନ୍ଦିରେ ବିନା ଅନୁମତିରେ ପୋଲ ପୋତୁଛି । ରାସ୍ତାର ଓସାର କମ ଥିବା ବେଳେ ରାସ୍ତା କଡ଼ରେ ଯେଉଁ ପୋଲ ପୋତା ଯାଉଛି ତାହା ଆହୁରି ଅଣଓସାରିଆ ହେଉଛି। ଫଳରେ ଗାଡ଼ି ଚଳାଚଳରେ ବାଧା ଉପୁଜିବା ନେଇ ଅସନ୍ତୋଷ ସୃଷ୍ଟି ହୋଇଛି । ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣିନାହାନ୍ତି କି କମ୍ପାନୀ ପକ୍ଷରୁ କେହି କୌଣସି ଅନୁମତି ନେଇ ନ ଥିବା କହିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ୩ ବର୍ଷ ପରେ ମିଳିଲା ଶିଶୁଙ୍କୁ ପୋଷାକ

## ଅଙ୍ଗନୱାଡି କର୍ମୀ ଅନୁପସ୍ଥିତ, କେନ୍ଦ୍ରରେ ତାଲା

ଛତ୍ରପୁର,୧୯।୪(ଡି.ଏନ.ଏ)

ଛତ୍ରପୁର ଏନଏସିର ବିଭିନ୍ନ ୱାର୍ଡରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କୁ ପୋଷାକ ମିଳିପାରୁ ନ ଥିଲା । ସ୍ଥାନୀୟ ଲୋକଙ୍କ ଅନୁରୋଧକ୍ରମେ ୯ ନଂ. ୱାର୍ଡ କାଉନସିଲର ପ୍ରୀତିଛନ୍ଦା ସାମଲଙ୍କ ପ୍ରଚେଷ୍ଟାରେ ମଙ୍ଗଳବାର ଉକ୍ତ ୱାର୍ଡର ଅଙ୍ଗନୱାଡି ଶିଶୁଙ୍କୁ ପୋଷାକ ବଣ୍ଟାଯାଇଛି। ବିଭାଗୀୟ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୋଷାକ ବଣ୍ଟା ଯାଉଥିବାବେଳେ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ଦେଖା ମିଳି ନ ଥିଲା । ଏପରିକି ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଥିବାରୁ ଅନ୍ୟ ଏକ ଗୃହରେ ପୋଷାକ ବଣ୍ଟନ ହୋଇଥିଲା । ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସାଧନ ଚନ୍ଦ୍ର ଦାଶ, ସିଡିପିଓ



ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଶିଶୁଙ୍କୁ ପୋଷାକ ବଣ୍ଟାଯାଉଛି।

କ୍ରିଷ୍ଣା କୁମାରୀ ନନ୍ଦ, ଛତ୍ରପୁର ଏନଏସି ନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁ, ଏନଏସି ଉପାଧ୍ୟକ୍ଷ ଜି.ପାପା ରାଓ, ସ୍ଥାନୀୟ କାଉନସିଲର ପ୍ରୀତିଛନ୍ଦା ସାମଲ, ୧୦ ନମ୍ବର ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, କେ.ଚନ୍ଦ୍ରଶେଖର ରେଡ୍ଡୀ, ପ୍ରଦୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏନଏସିର ଅନ୍ୟ ୧୩ଟି ୱାର୍ଡରେ ଥିବା ଅଙ୍ଗନୱାଡିକେନ୍ଦ୍ରର ଶିଶୁମାନଙ୍କୁ ମଧ ପୋଷାକ ବଣ୍ଟନ ହେବ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ, ୯ ନମ୍ବର ୱାର୍ଡ ଅଙ୍ଗନୱାଡିକେନ୍ଦ୍ରର ଶିଶୁଙ୍କୁ ଗୋଟିଏ ବର୍ଷର ପୋଷାକ ମିଳିଥିଲା ବେଳେ ଆହୁରି ୨ ବର୍ଷର ବାକି ରହିଛି । ଏସଏଚଜିଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକକୁ ଅଙ୍ଗନୱାଡିକର୍ମୀ ବିରୋଧ ସହ ଅସହଯୋଗ କରାଯାଉଥିବାରୁ ଏଭଳି ଅବ୍ୟବସ୍ଥା ଲାଗି ରହିଛି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କାଶୀନଗର,୧୯।୪

କାଶୀନଗର ବ୍ଲକ ବୁଦୁରା ଗ୍ରାମପଞ୍ଚାୟତଠାରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଓ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ପି ଜୟରାମ ଶତପଥୀ, ପିଡି ଡିଆର୍‌ଡିଏ ମହେଶ୍ୱର ଚନ୍ଦ୍ର ନାୟକ, ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା, ଉପାଧ୍ୟକ୍ଷା ଏସ.କଲ୍ୟାଣୀ, ସରପଞ୍ଚ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ୩୫ ଜଣଙ୍କ ଅଭିଯୋଗ ଶୁଣିବାକୁ ପାଇଥିଲେ। ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ତରଫରୁ ଆଶାବାଡ଼ି, ବସ ପାସ୍, ଲେବର କାର୍ଡ, ଟ୍ରାଇ ସାଇକେଲ, ଅନ୍ଧବାଡ଼ି ଭଳି ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା। ବୁଦୁରା ଗ୍ରାମର ସରପଞ୍ଚ ସଞ୍ଜୟ କୁମାର ମିଶ୍ର ପରିଚାଳନା କରିଥିଲେ।

# ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ନିମ୍ନମାନର

ଆର.ଉଦୟଗିରି,୧୯।୪(ଡି.ଏନ.ଏ.)

ମୋହନା ବ୍ଲକର ଅଡବା, ବିରିକୋଟ ଓ କାଟମାରେ ଅଞ୍ଚଳରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ନିମ୍ନମାନର ହେଉଛି। ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିରାଜ ଅଧିକାରୀ (ବୈଷୟିକ) ଏସବୁ ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ବେଳେ ନିମ୍ନମାନର କାର୍ଯ୍ୟ ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସୁଧାରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକର ଦୁର୍ଗମ ଅଞ୍ଚଳରେ ହେଉଥିବା ବିଦ୍ୟାଳୟ ରୁପାନ୍ତରିତ କାର୍ଯ୍ୟକୁ ୫-ଟି ସଚିବ ପରିଦର୍ଶନ କରିବାକୁ ଦାବି ହେଉଛି। ଏଥିସହ କାର୍ଯ୍ୟର ତଦନ୍ତ କରି ଏଥିରେ ଯେଉଁ ଅଧିକାରୀ ସମ୍ପୃକ୍ତ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ମଧ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ସେହିପରି ଆର.ଉଦୟଗିରି ଓ ନୂଆଗଡ ବ୍ଲକରେ ହେଉଥିବା ସ୍ମାର୍ଟ ସ୍କୁଲ କାମକୁ ମଧ ତଦନ୍ତ କରିବା ଆବଶ୍ୟକ ହୋଇପଡିଛି।

# ଆତ୍ମ ସୁରକ୍ଷା ତାଲିମ ଶିବିର

ଆସିକା,୧୯।୪(ଡି.ଏନ.ଏ.)

ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ସୋମବାରଠାରୁ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । କଲେଜ ଅଧକ୍ଷ ଗଣେଶ୍ୱର ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଓମ ନାରାୟଣ ରାଓ, କଲେଜ ପରିଚାଳନା କମିଟିର ସଦସ୍ୟ ତାରିଣୀ ସେନାପତି ପ୍ରମୁଖ ଯୋଗଦେଇ ବାଳିକାମାନଙ୍କ ନିମନ୍ତେ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ପୂର୍ବରୁ ତାଲିମ ପ୍ରାପ୍ତ କଲେଜର ଛାତ୍ରୀ ସଂଗୀତା ନାୟକ, ଚାନ୍ଦିନୀ ପ୍ରଧାନ, ସଙ୍ଗୀତା ମହାରଣା ତାଲିମ ପ୍ରଦାନ କରୁଛନ୍ତି । କାର୍ଯ୍ୟକ୍ରମକୁ ଅଧ୍ୟାପିକା ଲିନା ଲିନିଅନ ସଂଯୋଜନା କରିଥିଲା ବେଳେ ଉର୍ମିଳା ମୁଦୁଲି, ଯଶସ୍ୱୀ ମଲିକ, ଗୋପିନାଥ କର ପ୍ରମୁଖ ଉପସ୍ଥିତ ଥିଲେ ।

### ମେଗା ସ୍ୱାସ୍ଥ୍ୟ ମେଳା ପ୍ରସ୍ତୁତି

ଶେରଗଡ,୧୯।୪(ଡି.ଏନ.ଏ.)- ଶେରଗଡ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା ଟାକରଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଗାମୀ ୨୪ତାରିଖରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ଶାନ୍ତ ଦେବୀ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ୨୨ ପଞ୍ଚାୟତର ରୋଗୀମାନେ କିପରି ଯୋଗଦାନ କରିବେ ଏ ଦିଗରେ ଆଲୋଚନା କରାଯାଇଥିଲା।

# ୧୮ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ହାଇକୋର୍ଟରେ ଖାରଜ

କଟକ ଅଫିସ,୧୯।୪

ଗୁଣିଗାରେଡ଼ି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବା ଅଭିଯୋଗରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ୧୮ଜଣଙ୍କୁ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମୁଖ୍ୟବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଆବେଦନକାରୀଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ନ ଥିବା ଦର୍ଶାଇ ନିମ୍ନ ଅଦାଲତଙ୍କ ଆଦେଶକୁ ଖାରଜ କରିଛନ୍ତି। କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅନ୍ତର୍ଗତ ଡୁଗୁରିପରି ଗ୍ରାମର ପ୍ରଦୀପ ମଲ୍ଲିକ ୧୯୯୮ ନଭେମ୍ବର ୧୧ ତାରିଖରେ ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଗାଁ ମୁଣ୍ଡ କୁଅ ନିକଟରେ ଏକ ବୈଠକ ବସିଥିଲା। ଯେଉଁଥିରେ ପ୍ରଦୀପଙ୍କ ମୃତ୍ୟୁ ପାଇଁ ସେହି ଗ୍ରାମର ଚନ୍ଦ୍ରଶେଖର ପ୍ରଧାନଙ୍କୁ ଦାୟୀ କରାଯାଇଥିଲା। ପ୍ରଦୀପଙ୍କୁ ଚନ୍ଦ୍ରଶେଖର ଗୁଣି କରି ମାରିଦେଇଥିବା କିଛି ଗ୍ରାମବାସୀ ଅଭିଯୋଗ କରିଥିଲେ। କିନ୍ତୁ ଏହି ବୈଠକ

**ଜି. ଉଦୟଗିରି ଚନ୍ଦ୍ରଶେଖର ହତ୍ୟା ମାମଲା**

ବିନା ସହମତିରେ ଶେଷ ହୋଇଥିଲା। ସେହି ରାତି ପ୍ରାୟ ୯ଟା ସମୟରେ ଗ୍ରାମର ପ୍ରାୟ ୧୫ରୁ ୨୦ଜଣ ଲୋକ ଚନ୍ଦ୍ରଶେଖରଙ୍କ ଘରେ ପଶି ତାଙ୍କୁ ଘରୁ ଭିଡ଼ି ଆଣି ଆକ୍ରମଣ କରିଥିଲେ। ଯେଉଁଥିରେ ଚନ୍ଦ୍ରଶେଖରଙ୍କ ମୃତ୍ୟୁ ହୋଇଥିଲା। ହେଲେ ପୋଲିସ ତାଙ୍କ ମୃତଦେହ ଜବତ କରିପାରି ନ ଥିଲା। ଫଳରେ ଏହି ଘଟଣାର କୌଣସି ମେଡିକାଲ ପ୍ରମାଣ ମଧ ପୋଲିସ ପାଖରେ ନ ଥିଲା। ଫରେନ୍‌ସିକ ପ୍ରମାଣ ମଧ କିଛି ରହି ନ ଥିଲା। ଏନେଇ ଏକ ହତ୍ୟା ମାମଲା ରୁଜୁ କରାଯାଇ ୧୮ଜଣଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର ଶୁଣାଣି କରି କନ୍ଧମାଳ-ବୌଦ୍ଧ ସେସନ୍ସ ଜଜ୍ ୨୦୦୧ ମସିହାରେ ସମସ୍ତ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ଅଦାଲତଙ୍କ ଉକ୍ତ ରାୟ ବିରୋଧରେ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା

ଆସିକା,୧୯।୪(ଡି.ଏନ.ଏ.)

ଆସିକା ବ୍ଲକ ଖାରିଆ ପଞ୍ଚାୟତ ଅନ୍ତର୍ଗତ ଟେକନିକାଲ ହାଇସ୍କୁଲ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଏନ୍‌ଏସି ଇଲାକାର ୯୧୭ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ୭ ଜଣଙ୍କୁ ଚକ୍ଷୁ ଅପରେଶନ ଲାଗି ପଠାଯାଇଥିଲା। ଶିବିରରେ କରୋନା ଟିକା ମଧ ଦିଆଯାଇଥିଲା। ଏହି ଅବସରରେ ବିଜେଡି ପକ୍ଷରୁ ଆୟୋଜିତ ଏକ ରକ୍ତଦାନ ଶିବିରରେ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବାଲିସିରା



ସ୍ୱାସ୍ଥ୍ୟମେଳାରେ ଉପସ୍ଥିତ ଅତିଥିମାନେ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡା. ଏମ.ଭି.କେ. ଅଶୋକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ବାଲିସିରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟକ୍ରମ ପରିଚାଳିକା ସାଗରିକା ମିଶ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିକା ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ବିଡିଓ ରୋଶନ ଶତପଥୀ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜିଲା ସଂଯୋଜକ ସୁବାସ ମହାରଣା, ବ୍ଲକ ବିଜେଡି ସଭାପତି ରାଜେଶ ପଟ୍ଟନାୟକ, ମହିଳା ବିଜେଡି ସଭାପତି ମିଲି ଗୌଡ, ବ୍ଲକ ଯୁବ ବିଜେଡି ସଭାପତି ଶିବ ନାହାକ, ବରିଷ୍ଠ ଯୁବ ନେତା ଭଗବାନ ସାହୁ, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ସାମିଲ ଥିଲେ।

### ନିଃଶୁଳ୍କ ଆମ୍ବୁଲାନ୍ସ ସେବା ସମର୍ପିତ

ଆସିକା,୧୯।୪(ଡି.ଏନ.ଏ.)- ଆସିକା ବ୍ଲକ ମେଗା ସ୍ୱାସ୍ଥ୍ୟମେଳା ଅବସରରେ ଖାରିଆ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ସାହୁଙ୍କ ପରିବାର ପକ୍ଷରୁ ଏକ ଆମ୍ବୁଲାନ୍ସ ପଞ୍ଚାୟତକୁ ପ୍ରଦାନ କରାଯାଇଥିଲା । ସରପଞ୍ଚ ସାହୁଙ୍କ ଶାଶୁ ପଦ୍ମାବତୀ ସାହୁ ଓ ସ୍ୱାମୀ ବରିଷ୍ଠ ଯୁବ ନେତା ଭଗବାନ ସାହୁଙ୍କ ଉପସ୍ଥିତିରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହି ଆମ୍ବୁଲାନ୍ସ ଗାଡିକୁ ସବୁଜ ପତାକା ଦେଖାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ । ଏହି ଆମ୍ବୁଲାନ୍ସ ନିଃଶୁଳ୍କ ସେବା ପ୍ରଦାନ ଲାଗି ଲକ୍ଷ୍ୟ ରଖାଯାଇଥିବା ଯୁବନେତା ସାହୁ ସୂଚନା ଦେଇଛନ୍ତି । ସରପଞ୍ଚଙ୍କ ପରିବାରର ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି ।